# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୧/୨୦୨୪ (୧୬ ପୃଷ୍ଠା) | Bhubaneswar, Thursday, March 21/2024 | Page 16 | ₹ 7.00

୫୦ଶ ଭାଗ ୧୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 118 | ମୂଲ୍ୟ ₹୭/-




**ଦବଙ୍ଗ ଗର୍ଲଙ୍କ ଗାଉଁଲି ଅବତାର**

ବଲିଉଡ୍ ଅଭିନେତ୍ରୀ ତଥା ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କୁ ଖୁବ୍‌ଶୀଘ୍ର ଏକ ନୂଆ ସିନେମାରେ ଗାଉଁଲି ମହିଳା ଭୂମିକାରେ ଦେଖିବାକୁ ମିଳିବ । ୧୫

୧୪ **ଡାନି ଆଲ୍‌ଭ୍ସଙ୍କୁ ଜାମିନ**

ବ୍ରାଜିଲ ଫୁଟବଲ ଷ୍ଟାର ଡାନି ଆଲ୍‌ଭ୍ସଙ୍କୁ ନାଇଟ୍‌କ୍ଲବ ବଳାତ୍କାର ମାମଲାରେ ଜାମିନ ପ୍ରଦାନ କରିଛନ୍ତି ସ୍ପେନ୍‌ର ଏକ କୋର୍ଟ।





ରଙ୍ଗଭରି ଏକାଦଶୀ ଅବସରରେ ବୁଧବାର ଉତ୍ତରପ୍ରଦେଶର ମଥୁରାରେ 'ଲାଠମାର ହୋଲି' ଉତ୍ସବ ପାଳନ ବେଳେ ଜଣେ ମହିଳା ପୋଲିସ କର୍ମଚାରୀମାନଙ୍କୁ ଲାଠିମାଡ଼ କରୁଛନ୍ତି।

# ୧%ଙ୍କ ପାଖରେ ୪୦%

**୨୦୦୦ ମସିହା ପରଠାରୁ ଭାରତରେ ଆର୍ଥିକ ଅସମାନତା ବଢ଼ିବାରେ ଲାଗିଛି। ମାତ୍ର ୧ ପ୍ରତିଶତ ବିତ୍ତଶାଳୀ ଦେଶର ୨୨.୬% ଆୟ କରୁଥିବାବେଳେ ସେମାନଙ୍କ ହାତରେ ମୋଟ ଜନସଂଖ୍ୟାରୁ ୪୦.୧% ଧନ ରହିଛି। 'ଇନ୍‌କମ୍ ଆଣ୍ଡ ୱେଲ୍‌ଥ ଇନ୍‌ଇକ୍ୱାଲିଟି ଇନ୍ ଇଣ୍ଡିଆ, ୨୦୨୨-୨୩: ଦି ରାଇଜ୍ ଅଫ୍ ବିଲିଓନୟାର ରାଜ୍' ଶୀର୍ଷକ ରିପୋର୍ଟରେ ଏହି ବିଷୟ ପ୍ରକାଶ ପାଇଛି। ଥୋମାସ୍ ପିକେଟି (ପ୍ୟାରିସ୍ ସ୍କୁଲ୍ ଅଫ୍ ଇକୋନୋମିକ୍ସ ଆଣ୍ଡ ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲାବ୍), ଲୁକାସ୍ ଚ୍ୟାନେଲ୍ (ହାର୍ଭାର୍ଡ କେନେଡି ସ୍କୁଲ ଆଣ୍ଡ ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲାବ୍) ଏବଂ ନୀତୀନ କୁମାର ଭାରତୀ (ନ୍ୟୁୟର୍କ ୟୁନିଭର୍ସିଟି ଆଣ୍ଡ ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲାବ୍) ପକ୍ଷରୁ ମିଳିତ ଗବେଷଣା ପରେ ଉକ୍ତ ରିପୋର୍ଟ ପ୍ରକାଶ କରାଯାଇଛି।**

- **ଭାରତରେ ସର୍ବୋଚ୍ଚ ସ୍ତରରେ ଆର୍ଥିକ ଅସମାନତା**
- **ବ୍ରିଟିଶ୍‌ରାଜ୍‌କୁ ବଳିଯାଇଛି ମୋଦିଙ୍କ ବିଲିଅନେୟାର ରାଜ୍: କଂଗ୍ରେସ**

**ନୂଆଦିଲ୍ଲୀ,୨୦।୩(ପି.ଟି.)**

ଫରାସୀ ଅର୍ଥନୀତିଜ୍ଞ ଥୋମାସ ପିକେଟିଙ୍କ ଅଧକ୍ଷତାରେ ସଦ୍ୟ ପ୍ରକାଶିତ ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲାବ୍ ରିପୋର୍ଟ ଅନୁସାରେ ୨୦୧୪-୧୫ରୁ ୨୦୨୨-୨୩ ମଧ୍ୟରେ ଆୟ ଅସମାନତା ସବୁଠୁ ଅଧିକ ବଢ଼ିଥିଲା। ଏଥିଲାଗି ଦେଶର ଟିକସ ବ୍ୟବସ୍ଥାର ନୀତିଗୁଡ଼ିକୁ ଦାୟୀ କରାଯାଉଛି। ନେଟ୍ ୱେଲ୍‌ଥ ଦୃଷ୍ଟିରୁ ଦେଖିଲେ ଭାରତୀୟ ଆୟ କର ବ୍ୟବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ ହୋଇପାରେ। ୨୦୨୨-୨୩ ସୁଦ୍ଧା ଶୀର୍ଷ ୧ ପ୍ରତିଶତ ଧନୀ ବ୍ୟକ୍ତିଙ୍କ ଆୟ ଓ ଧନର ଅଂଶ (୨୨.୬% ଓ ୪୦.୧%) ରହିଥିଲା। ଏହି କ୍ଷେତ୍ରରେ ଆମେରିକା ଭଳି ବିକଶିତ ଦେଶକୁ ମଧ୍ୟ ଭାରତ ପଛରେ ପକାଇଦେଇଛି। ଅସମାନତାରେ ଦକ୍ଷିଣ ଆଫ୍ରିକା, ବ୍ରାଜିଲ ଓ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଭାରତଠାରୁ ପଛରେ ରହିଛନ୍ତି। ରିପୋର୍ଟରେ ଆହୁରି କୁହାଯାଇଛି ଯେ, ୧୯୬୧ରୁ ଏଭଳି ତଥ୍ୟ ଉପରେ ୱାର୍ଲ୍ଡ ଇନ୍‌ଇକ୍ୱାଲିଟି ଲାବ୍ ପକ୍ଷରୁ ଅଧ୍ୟୟନ କରାଯାଇଆସୁଛି। ତଦନୁସାରେ ଏହା ହେଉଛି ଭାରତର ଆର୍ଥିକ ଅସମାନତା କ୍ଷେତ୍ରରେ ସବୁଠୁ ଉଦ୍‌ବେଗଜନକ ସ୍ଥିତି।

ଭାରତର ଆଧୁନିକ ପୁଞ୍ଜିପତି ବର୍ଗଙ୍କ 'ବିଲିଓନେୟାର ରାଜ୍' ଉପନିବେଶବାଦୀଙ୍କ 'ବ୍ରିଟିଶ୍ ରାଜ'କୁ ବଳିଯାଇଛି। ଆୟ ଓ ସମ୍ପତ୍ତି ଅଳ୍ପ କେତେଜଣ ପୁଞ୍ଜିପତିଙ୍କ ହାତରେ କେନ୍ଦ୍ରୀଭୂତ ହେବା ଫଳରେ ସମାଜ ଓ ସରକାର ଉପରେ ହିସାବ ବହିର୍ଭୂତ ପ୍ରଭାବ ପଡ଼ିବ। ବୈଶ୍ୱିକୀକରଣର ଲାଭ ଉଠାଇବା ପାଇଁ ଭାରତକୁ ଟିକସ ଓ ଆୟ କ୍ଷେତ୍ରରେ ସନ୍ତୁଳନ ଆଣିବାକୁ ପଡ଼ିବ। ଏଥିସହ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୋଷଣଯୁକ୍ତ ଆହାର କ୍ଷେତ୍ରରେ ପୁଞ୍ଜିନିବେଶ ବଢ଼ାଇବା ଜରୁରୀ। ଏପରି କରାଗଲେ କେବଳ ଧନୀଙ୍କ ହାତକୁ ଧନ ନ ଯାଇ ଅସ୍ୱଚ୍ଛଳ ବର୍ଗର ଲୋକେ ମଧ୍ୟ ଉନ୍ନତି କରିବେ ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଯଦି ୨୦୨୩ ଆର୍ଥିକବର୍ଷ ସମୟରେ ଦେଶର ୧୬୭ ସବୁଠୁ ଧନୀ ପରିବାରର ନେଟ୍ ୱେଲ୍‌ଥ ଉପରେ ୨% 'ସୁପର ଟ୍ୟାକ୍ସ' ଲଗାଯାଏ, ତେବେ ତହିଁରୁ ଭାରତର ମୋଟ ଆୟରେ ୦.୫% ରାଜସ୍ୱ ଅଭିବୃଦ୍ଧି ଘଟିବ। ଅସମାନତା ବିରୋଧରେ ଲଢ଼େଇ ପାଇଁ ଏହା ସହାୟକ ହେବ ବୋଲି ଏଥିରେ ଦର୍ଶାଯାଇଛି।

ଏନେଇ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ବର୍ତ୍ତମାନ ମୋଦିଙ୍କ ବିଲିଓନେୟାର ରାଜ୍ ବ୍ରିଟିଶ ରାଜ୍ ବେଳର ଅସମାନତାକୁ ମଧ୍ୟ ଟପିଯାଇଛି। କାରଣ ପ୍ରଧାନମନ୍ତ୍ରୀ ନିଜ ବନ୍ଧୁମାନଙ୍କୁ ଅନୁଗ୍ରହ ଦେଖାଇ ଭାଜପାର ନିର୍ବାଚନୀ ପ୍ରଚାର ଲାଗି ପାଣ୍ଠି ବଢ଼ାଇଚାଲିଛନ୍ତି। ମୋଦି ସରକାରଙ୍କ ଆର୍ଥିକ ନୀତିଗୁଡ଼ିକ ବିଲିଓନେୟାର ସୃଷ୍ଟି ଉପରେ ଆଧାରିତ। ଅଳ୍ପ କେତେକ କର୍ପୋରେଟ୍ ହାଉସ୍‌କୁ ବଡ଼ ବଡ଼ ଠିକା ଦିଆଯାଉଛି। ଏପରି କି ସରକାର ସର୍ବସାଧାରଣ ସମ୍ପତ୍ତିଗୁଡ଼ିକୁ ମଧ୍ୟ ରିହାତି ଦରରେ ସେମାନଙ୍କୁ ଟେକି ଦେଉଛନ୍ତି। ଏହା ସରକାରଙ୍କ 'ଚାନ୍ଦା ଦିଅ, ଧନ୍ଦା ନିଅ' ଯୋଜନା ବୋଲି ଜୟରାମ ସମାଲୋଚନା କରିଛନ୍ତି।

# ୪୦ ଟଙ୍କା ପାଇଁ ଦୋକାନୀଙ୍କୁ ହତ୍ୟା



ବିଜୟ ପଣ୍ଡା

**ଭଦ୍ରକ,୨୦।୩(ସନାତନ ରାଉତ)**

ମାତ୍ର ୪୦ ଟଙ୍କା ପାଇଁ ଯୁକ୍ତିତର୍କ ଓ ପରେ ଆକ୍ରମଣ, ଶେଷରେ ଗ୍ରାହକଙ୍କ ଧକ୍କାରେ ଜଣେ ଦୋକାନୀଙ୍କର ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ପୌରପାଳିକାର ଚରମ୍ପା ପଥରଆଡ଼ିରେ। ମୃତକ ହେଲେ ସାବରଙ୍ଗ ଥାନା ବଣିଆଁ ଗ୍ରାମର ବିଜୟ କୁମାର ପଣ୍ଡା(୫୨)। ଘଟଣାରେ ପୋଲିସ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବିଜୟ ପଥରଆଡ଼ି ବଜାରରେ ଏକ ତେଜରାତି ଦୋକାନ କରିଥିଲେ। ସବୁଦିନ ପରି ବୁଧବାର ସକାଳେ ଦୋକାନ ଖୋଲିବା ପରେ ପୌରପାଳିକା ୨ ନଂ. ୱାର୍ଡର କାମେଶ ପରିଡ଼ା ସଉଦା ନେବା ପାଇଁ ଦୋକାନକୁ ଆସିଥିଲେ। ସଉଦା ବାବଦକୁ ୧୮୦ ଟଙ୍କା ☞ପୃଷ୍ଠା-୧୧

# ଫତେଗଡ଼ ନୂଆ ରାମମନ୍ଦିରରୁ ଚୋରି

**ଭାପୁର,୨୦।୩ (ଭରତ କୁମାର ବେହେରା)**

- **ଠାକୁରଙ୍କ ଅଙ୍ଗବସ୍ତ୍ର,ସୁନାରୁପା ଗହଣା ସମେତ ଦାନବାକ୍ସ ନେଇଗଲେ**
- **୮ ଲକ୍ଷ ଟଙ୍କା,୧୫ଲକ୍ଷ ଟଙ୍କାର ସାମଗ୍ରୀ ଚୋରି ଅଭିଯୋଗ**



ନୟାଗଡ଼ ଜିଲା ଫତେଗଡ଼ସ୍ଥିତ ଶ୍ରୀରାମ ପାହାଡ଼ ଚୂଡ଼ାରେ ନବ ନିର୍ମିତ ଶ୍ରୀରାମ ମନ୍ଦିରରୁ ମଙ୍ଗଳବାର ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କା, ଠାକୁରଙ୍କ ଅଙ୍ଗବସ୍ତ୍ର ସମେତ ସୁନା ଓ ରୁପା ଗହଣା ଏବଂ ଦାନ ବାକ୍ସ ଚୋରି ହୋଇଯାଇଛି। ଏ ସଂକ୍ରାନ୍ତରେ ଫତେଗଡ଼ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାକୁ ନେଇ ଶ୍ରଦ୍ଧାଳୁ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତ ଜାନୁଆରୀ ୨୨ ଅର୍ଥାତ୍ ଯେଉଁଦିନ ଅଯୋଧ୍ୟାରେ ରାମଲାଲଙ୍କ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଥିଲା ସେଦିନ ନୟାଗଡ଼ ଜିଲା ଫତେଗଡ଼ ଥାନ ଅଧୀନ ଫତେଗଡ ପାହାଡ଼ ଉପରେ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ହୋଇଥିଲା। ସେଥିପାଇଁ ଏହି ଶ୍ରୀରାମ ମନ୍ଦିରକୁ ରାଜ୍ୟରେ ଦ୍ୱିତୀୟ ଅଯୋଧ୍ୟା ଭାବେ ଶ୍ରଦ୍ଧାଳୁମାନେ ଗ୍ରହଣ କରିଛନ୍ତି। ଉକ୍ତ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ସେଦିନଠାରୁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ତେବେ ମଙ୍ଗଳବାର ବିଳମ୍ବିତ ରାତିରେ ☞ପୃଷ୍ଠା-୧୧

# ପଞ୍ଚଲିଙ୍ଗେଶ୍ୱରଙ୍କ ଦାନହୁଣ୍ଡିରୁ ଚୋରି




**ନୀଳଗିରି, ୨୦।୩ (ପ୍ରଶାନ୍ତ କୁମାର ବିଶ୍ୱାଳ)**

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ଦାନହୁଣ୍ଡିରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ହୁଣ୍ଡିବାକ୍ସରେ ଗତ ୪ମାସର ଦାନରାଶି ରହିଥିଲା। ପଞ୍ଚଲିଙ୍ଗେଶ୍ୱର ଫାଟକ ଖୋଲିବା ପରେ ଚୋରି ହୋଇଥିବା ଜଣାପଡିଥିଲା। ଏ ସମ୍ପର୍କରେ ମନ୍ଦିର କର୍ତ୍ତୃପକ୍ଷ ନୀଳଗିରି ପୋଲିସକୁ ଅବଗତ କରାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଭଳି ଘଟଣା ପୂର୍ବରୁ ମଧ୍ୟ ଘଟିଥିବା ବେଳେ ଏହି ଘଟଣା ଆଗକୁ ପୁନରାବୃତ୍ତି ନ ହେବା ଲାଗି ହୁଣ୍ଡି ବାକ୍ସ ନିକଟରେ ସିସିଟିଭି ଲଗାଇବା ଓ ପଞ୍ଚଲିଙ୍ଗେଶ୍ୱରଠାରେ ବ୍ୟାପକ ପୋଲିସ ମୁତୟନ ଓ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହୋଇଛି।

# ନବୀନ ପ୍ରଥମ, ଦୀପାଳି ଦ୍ୱିତୀୟ ଧନୀ ବିଧାୟକ

**ଏଡିଆର ରିପୋର୍ଟ**

**ଭୁବନେଶ୍ୱର,୨୦।୩(ଅନିଲ ଦାସ)**

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସବୁଠୁ ଧନୀ ବିଧାୟକ। ତାଙ୍କ ସମ୍ପତ୍ତିର ମୂଲ୍ୟ ୬୩ କୋଟି ଟଙ୍କା ବୋଲି ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର୍) ପକ୍ଷରୁ ବୁଧବାର ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଡିଆର୍ ଓଡ଼ିଶା ଇଲେକ୍ସନ ୱାଚ୍ ସହ ମିଶି ୨୦୧୯ ବିଧାନସଭା ନିର୍ବାଚନ ଏବଂ ଏହା ପରେ ହୋଇଥିବା ଉପନିର୍ବାଚନ ବେଳେ ସମସ୍ତ ବିଧାୟକ ପ୍ରାର୍ଥୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠକୁ ବିଶ୍ଳେଷଣ କରି ଏହି ରିପୋର୍ଟ ପ୍ରସ୍ତୁତ କରିଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ଥାବର ସମ୍ପତ୍ତିର ମୂଲ୍ୟ ୬୩ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ଜାପାନରେ ସରସ୍ୱତୀ**

# 'ଏକାକୀ ଲଢ଼ିଲେ ସରକାର ଗଢ଼ିବା ପାଇଁ ଲଢ଼ିବୁ'

**ଭୁବନେଶ୍ୱର,୨୦।୩(ଅନିଲ ଦାସ)**



ଅମିତ୍ ଶାହା

**ଶାହା କହିଲେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନେବେ ମେଣ୍ଟ ନିଷ୍ପତ୍ତି**

ରାଜ୍ୟରେ ସମ୍ଭାବ୍ୟ ବିଜେଡି-ଭାଜପା ମେଣ୍ଟକୁ ନେଇ ଦ୍ୱନ୍ଦ୍ୱ ଜାରିରହିଛି। ଉଭୟ ଦଳ ଏ ନେଇ ସ୍ପଷ୍ଟ କରୁ ନ ଥିଲେ ମଧ୍ୟ ଆଗାମୀ ଦିନରେ ମେଣ୍ଟ ହେବାକୁ ଯାଉଥିବା କିଛିମାତ୍ରାରେ ସ୍ପଷ୍ଟ ହେବାରେ ଲାଗିଛି । ବିଜେଡିର ବରିଷ୍ଠ ନେତା ତଥା ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମେଣ୍ଟ ସମ୍ପର୍କରେ ପରୋକ୍ଷ ସୂଚନା ଦେଇଥିବାବେଳେ ଭାଜପାର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ମେଣ୍ଟ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇନାହାନ୍ତି।

ନୂଆଦିଲ୍ଲୀଠାରେ ବୁଧବାର ଏକ ଜାତୀୟ ଗଣମାଧ୍ୟମ କନ୍‌କ୍ଲେଭରେ ଯୋଗ ଦେଇ ଶାହା କହିଛନ୍ତି ଯେ ଓଡ଼ିଶାରେ ଏକାଠି ଲଢ଼ିବୁ କିମ୍ବା ଏକା ଲଢ଼ିବୁ ତାହା ସ୍ଥିର ହୋଇନି। ମାତ୍ର ଏକାକୀ ଲଢ଼ିଲେ ରାଜ୍ୟରେ ସରକାର ଗଢ଼ିବା ପାଇଁ ହିଁ ଲଢ଼ିବୁ। ଓଡ଼ିଶାରେ ମେଣ୍ଟ ହେବ କି ନାହିଁ ସେ ନେଇ କିଛି ଚୂଡ଼ାନ୍ତ ହୋଇନି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏ ନେଇ ନିଷ୍ପତ୍ତି ନେବେ। ତେବେ ଏହା ନିଶ୍ଚିତ ଯେ ଓଡ଼ିଶାରେ ଆମର ସ୍ଥିତି ଅଧିକ ସୁଦୃଢ଼ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଓଡ଼ିଶା ଲୋକଙ୍କ ଭଲପାଇବା ଅଛି। ଦଳର କର୍ମକର୍ତ୍ତା ଉତ୍ସାହ, ବିନମ୍ରତାର ସହ ଏହାକୁ ସ୍ୱୀକାର କରୁଛନ୍ତି ଓ ଅନୁଭବ ମଧ୍ୟ କରୁଛନ୍ତି। ତେଣୁ ଉଭୟ ବିଧାନସଭା ଓ ଲୋକ ସଭା ନିର୍ବାଚନ ଫଳାଫଳ ବହୁତ ଭଲ ହେବ। ନିର୍ବାଚନୀ ପଣ୍ଡିତମାନଙ୍କ ଗଣନାଠୁ ବହୁ ଅଧିକ ସିଟ୍ ପାଇବୁ।

ତେବେ ବିଜେଡି ସହ ମେଣ୍ଟକୁ ନେଇ ଶାହା କହିଛନ୍ତି, କିଛି ବି ହୋଇପାରେ। ଆମେ ଏକାଠି ଲଢ଼ିବୁ କି ଏକାକୀ ଲଢ଼ିବୁ ତାହା ପ୍ରଥମେ ସ୍ଥିର ହୋଇଯାଉ। ଯଦି ମିଶିକି ଲଢ଼ିବୁ, ବିଜୁବାବୁ ନେତା। ସ୍ୱାଭାବିକ ଭାବେ ଆମେ ସହଯୋଗୀ ଭଳି ଲଢ଼ିବୁ। ଯଦି ଏକାକୀ ଲଢିବୁ ତା'ହେଲେ ସରକାର ଗଠନ କରିବାକୁ ହିଁ ଲଢ଼ିବୁ। ମେଣ୍ଟ ସର୍ବଦା ଆବଶ୍ୟକତା ଆଧାରରେ ହୁଏନି। ବହୁତ ଦଳ ଦେଶ ସ୍ୱାର୍ଥରେ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଥାନ୍ତି। ଧାରା-୩୭୦ ଉଚ୍ଛେଦ, ଜିଏସ୍‌ଟି ଓ ନିର୍ବାଚନ ବଣ୍ଡ ଆଦି ପ୍ରସଙ୍ଗରେ ବି ସମର୍ଥନ ମିଳିଛି। କଂଗ୍ରେସ ମଧ୍ୟ ନିର୍ବାଚନ ବଣ୍ଡ ଆଗତ ବେଳେ ବିରୋଧ କରି ନ ଥିଲା। ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ରାଷ୍ଟ୍ରୀୟ ହିତରେ ରାଜନୈତିକ ଦଳଗୁଡ଼ିକ ସରକାରଙ୍କୁ ସମର୍ଥନ ଦେଇଥାନ୍ତି। ଏହା ହେଉଛି ଗଣତନ୍ତ୍ରର ସୌନ୍ଦର୍ଯ୍ୟ।

ଶାହାଙ୍କ ଏଭଳି ବୟାନ ମେଣ୍ଟ ଚର୍ଚ୍ଚାକୁ ଅଧିକ ରହସ୍ୟଘେରକୁ ଟାଣି ନେଇଛି। ସୂଚନାଯୋଗ୍ୟ ଯେ ମଙ୍ଗଳବାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପାଣ୍ଡିଆନ ମେଣ୍ଟ ସମ୍ପର୍କରେ ମତ ରଖି କହିଥିଲେ ଯେ ରାଜ୍ୟରେ ସରକାର ଗଢ଼ିବା ପାଇଁ ବିଜେଡିକୁ ଭାଜପାର ସହାୟତା ଆବଶ୍ୟକତା ନାହିଁ କିମ୍ବା କେନ୍ଦ୍ରରେ ସରକାର ଗଢ଼ିବା ପାଇଁ ଭାଜପାକୁ ବିଜେଡିର ଆବଶ୍ୟକତା ନାହିଁ। ମେଣ୍ଟ ହେବ କି ନ ହେବ ତାହା ସ୍ପଷ୍ଟ କରି ନ ଥିଲେ ମଧ୍ୟ ବୃହତ୍ତର ସ୍ୱାର୍ଥ ଉଦ୍ଦେଶ୍ୟରେ ଦେଶର ଦୁଇ ମହାନ୍ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଠି ହେବାକୁ ଚାହାନ୍ତି, ଯାହାକି ରାଜନୀତିଠାରୁ ଉର୍ଦ୍ଧ୍ୱରେ ଏବଂ ଏହା ହିଁ ରାଷ୍ଟ୍ରନୀତି ବୋଲି ସେ କହିଛନ୍ତି। ମେଣ୍ଟକୁ ନେଇ ଯାହା ହେବ ତାହା ସମସ୍ତେ ଜାଣିବା ବୋଲି ପାଣ୍ଡିଆନ କହିଛନ୍ତି।

ବିଜେଡି ଓ ଭାଜପା ମଧ୍ୟରେ ସମ୍ଭାବ୍ୟ ମେଣ୍ଟ ଚର୍ଚ୍ଚା ଯୋଗୁ ଗତ ପ୍ରାୟ ୧୫ ଦିନରୁ ଉର୍ଦ୍ଧ୍ୱ ସମୟ ଧରି ରାଜ୍ୟରେ ରାଜନୈତିକ ଅଚଳାବସ୍ଥା ଲାଗି ରହିଛି। ଲୋକ ସଭା ଓ ରାଜ୍ୟ ସଭା ନିର୍ବାଚନ ଘୋଷଣା ପରେ ମଧ୍ୟ ରାଜନୈତିକ ଉଷ୍ମତା ଦେଖିବାକୁ ମିଳୁନାହିଁ। ସମ୍ଭାବ୍ୟ ମେଣ୍ଟକୁ ନେଇ ଦୁଇ ଦଳର ନେତା ଓ କର୍ମୀମାନେ ମଧ୍ୟ ଦ୍ୱନ୍ଦ୍ୱରେ ରହିଛନ୍ତି।

# ମାର୍ଚ୍ଚର ସର୍ବୋଚ୍ଚ ତାପମାତ୍ରାରେ ରେକର୍ଡ ହ୍ରାସ

**ଭୁବନେଶ୍ୱର,୨୦।୩(ଅନିଲ ଦାସ)**

- **୨୨° ସେଲ୍‌ସିୟସ ତଳେ ରାଜ୍ୟର ୧୨ ସ୍ଥାନ**
- **ଝଡ଼ବର୍ଷା: ରବି ଫସଲ, ଜନଜୀବନ ପ୍ରଭାବିତ**

ଦୁଇଦିନ ପୂର୍ବରୁ ଥିଲା ପ୍ରଚଣ୍ଡ ଗ୍ରୀଷ୍ମ। ହେଲେ ମଙ୍ଗଳବାର ଓ ବୁଧବାର ହୋଇଥିବା ଝଡ଼ବର୍ଷା ଯୋଗୁ ହଠାତ୍ ରାଜ୍ୟରେ ଡିସେମ୍ବର ଭଳି ଶୀତ ଅନୁଭୂତ ହୋଇଛି। ଜଳବାୟୁର ଏଭଳି ପରିବର୍ତ୍ତନ ପାଣିପାଗ ବିଶାରଦଙ୍କୁ ଚକିତ କରିଦେଇଛି। ମାର୍ଚ୍ଚ ମାସର ଦୈନିକ ସର୍ବୋଚ୍ଚ ତାପମାତ୍ରାରେ ସର୍ବକାଳୀନ ରେକର୍ଡ ହ୍ରାସ ହୋଇଛି। ବୁଧବାର ରାଜ୍ୟର ୧୨ ସ୍ଥାନର ସର୍ବୋଚ୍ଚ ତାପମାତ୍ରା ୨୨° ସେଲ୍‌ସିୟସ ତଳେ ରହିଛି। ଢେଙ୍କାନାଳ ସର୍ବୋଚ୍ଚ ତାପମାତ୍ରା ସବୁଠୁ କମ୍ ୧୮.୯ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି।

ଝାଡ଼ଖଣ୍ଡ, ଓଡ଼ିଶା ଏବଂ ଆନ୍ଧ୍ର ଉପକୂଳରେ ସୃଷ୍ଟି ହୋଇଥିବା ଟ୍ରଫ୍‌ଲାଇନ ଯୋଗୁ ରାଜ୍ୟରେ ଗତ ଦୁଇଦିନ ଧରି କୋହଲା ପବନ ସାଙ୍ଗକୁ ପ୍ରବଳ ବର୍ଷା ହୋଇଛି। ଏହାର ପ୍ରଭାବରେ ସର୍ବୋଚ୍ଚ ତାପମାତ୍ରା ୧୦ରୁ ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଯାଇଛି। ପୁରୀ, ଭୁବନେଶ୍ୱର, କଟକ, ଚାନ୍ଦବାଲି, ବାରିପଦା ଭଳି କେତେକ ସ୍ଥାନରେ ମାର୍ଚ୍ଚ ମାସର ତାପମାତ୍ରା ସର୍ବକାଳୀନ ରେକର୍ଡ ଭାଙ୍ଗିଦେଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ପୁରୀରେ ୧୯୮୯ରେ ସର୍ବୋଚ୍ଚ ତାପମାତ୍ରା ୨୬.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ୨୦୨୪ ମାର୍ଚ୍ଚ ୨୦ ତାରିଖରେ ୨୦.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ୧୮୮୯ରୁ ଏହା ୧୩୪ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି। ସେହିପରି କଟକରେ ମାର୍ଚ୍ଚ ୨୦ ତାରିଖରେ ଦିନର ସର୍ବୋଚ୍ଚ ତାପମାତ୍ରା ୨୦ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୧୯୭୦ ଏହି ମାସରେ ୨୩.୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା। ଏଠାରେ ୧୯୦୨ ମସିହା ପରଠାରୁ ୧୨୧ ବର୍ଷର ସର୍ବକାଳୀନ ରେକର୍ଡ ହୋଇଛି।

ଅନ୍ୟପକ୍ଷରେ ଚାନ୍ଦବାଲିରେ ୧୯୭୦ ମାର୍ଚ୍ଚରେ ସର୍ବୋଚ୍ଚ ତାପମାତ୍ରା ୨୨.୯ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୨୦୨୪ ମାର୍ଚ୍ଚ ୨୦ ତାରିଖରେ ୨୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି, ଯାହାକି ୧୯୫୧ରୁ ୭୨ ବର୍ଷର ରେକର୍ଡ ଭାଙ୍ଗିଛି। ସେହିପରି ବାରିପଦାରେ ୧୯୭୦ ମାର୍ଚ୍ଚରେ ୨୨.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ୨୦୨୪ ମାର୍ଚ୍ଚ ୨୦ରେ ୨୦.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଏହା ୧୯୫୫ରୁ ୬୮ ବର୍ଷର ରେକର୍ଡ ଭାଙ୍ଗିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ନୟାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୧୯ ଡିଗ୍ରୀ ତଳକୁ ଖସିଆସି ସର୍ବକାଳୀନ ରେକର୍ଡ କରିଥିବା ବେଳେ ପାରାଦୀପ ୨୦.୭, ଗୋପାଳପୁର ୧୯.୨, ବାରିପଦା ୨୦.୪, ଭଦ୍ରକ ୨୦.୫, ଯାଜପୁର ୨୦, ବାଲେଶ୍ୱର ୨୧ ଏବଂ ଢେଙ୍କାନାଳରେ ସର୍ବୋଚ୍ଚ ତାପମାତ୍ରା ୧୮.୯ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ରେକର୍ଡ ସୃଷ୍ଟି କରିଛି।

କାଳବୈଶାଖୀ ପ୍ରଭାବରେ ରାଜ୍ୟର ଉପକୂଳ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି । ଦାରିଙ୍ଗବାଡ଼ିରେ ସର୍ବାଧିକ ୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେର ୬୫, ଢେଙ୍କାନାଳ ୪୯.୬, ବୌଦ୍ଧ ୪୭.୮, ଅନୁଗୋଳ ୪୫, ଫୁଲବାଣୀ ୪୧.୨, ଟିଟିଲାଗଡ଼ ୪୨, ବୌଦ୍ଧ ୪୦, ସୋନପୁର ୪୦, ଭଦ୍ରକ ୪୬.୨, ☞ପୃଷ୍ଠା-୧୧



ଭୂବିଜ୍ଞାନ ମନ୍ତ୍ରୀ କିରେନ୍ ରିଜିଜୁ ବୁଧବାର କେନ୍ଦ୍ର ସରକାରଙ୍କ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ପଶୁପତି କୁମାର ପାରସଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଗ୍ରହଣ କରିଥିଲେ। ଏନ୍‌ଡିଏ ଗୋଟିଏ ହେଲେ ଆସନ ନ ଦେବାରୁ ଲୋକ ଜନଶକ୍ତି ପାର୍ଟି ନେତା ପାରସ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଥିଲେ।

## ସଂକ୍ଷେପରେ

### ପୁଟିନ୍, ଜେଲେନ୍‌ସ୍କିଙ୍କୁ ଫୋନ୍ କଲେ ମୋଦି

**ନୂଆଦିଲ୍ଲୀ,୨୦।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କୁ ଫୋନ୍ କରି କଥା ହୋଇଛନ୍ତି। ପ୍ରଧାନମନ୍ତ୍ରୀ ପ୍ରଥମେ ପଞ୍ଚମ ଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ପୁଟିନ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ। ରୁଷିଆ-ୟୁକ୍ରେନ୍ ସଂଘର୍ଷର ସମାଧାନ ପାଇଁ ଆଲୋଚନା ଓ କୂଟନୀତି ହିଁ ଉପଯୁକ୍ତ ମାଧ୍ୟମ ବୋଲି ମୋଦି ନିଜ ଆଭିମୁଖ୍ୟ ଦୋହରାଇଥିଲେ। ରୁଷିଆ-ଭାରତ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ସମେତ କେତେକ ଆଞ୍ଚଳିକ ଓ ବୈଶ୍ୱିକ ପ୍ରସଙ୍ଗ ଉପରେ ଦୁଇନେତା ଆଲୋଚନା କରିଥିବା ଜଣାପଡ଼ିଛି। ଏହା ପରେ ମୋଦି ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ କଲ୍ କରି କହିଥିଲେ, ସଂଘର୍ଷର ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଭାରତ ସବୁ ପ୍ରକାର ଉଦ୍ୟମକୁ ସହଯୋଗ କରିବ। ଦ୍ୱିପାକ୍ଷିକ ସହଭାଗିତାକୁ ଉଭୟେ ଗୁରୁତ୍ୱ ଦେଇଥିବା ମୋଦି ଏକ୍ସ’ରେ ସୂଚନା ଦେଇଛନ୍ତି।

### ସଦ୍‌ଗୁରୁଙ୍କ ମସ୍ତିଷ୍କ ଅସ୍ତ୍ରୋପଚାର



ସଦ୍‌ଗୁରୁ ଜଗ୍‌ଗି ବାସୁଦେବ

**ନୂଆଦିଲ୍ଲୀ,୨୦।୩:** ଆଧ୍ୟାତ୍ମିକ ଗୁରୁ ସଦ୍‌ଗୁରୁ ଜଗ୍‌ଗି ବାସୁଦେବଙ୍କର ଜରୁରୀ ମସ୍ତିଷ୍କ ଅସ୍ତ୍ରୋପଚାର କରାଯାଇଥିବା ବୁଧବାର ଦିଲ୍ଲୀର ଇନ୍ଦ୍ରପ୍ରସ୍ଥ ଆପୋଲୋ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ସଦ୍‌ଗୁରୁଙ୍କ ମସ୍ତିଷ୍କରୁ ରକ୍ତସ୍ରାବ ହେବାରୁ ଗତ ୧୭ ତାରିଖରେ ଅସ୍ତ୍ରୋପଚାର କରାଯାଇଥିଲା। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସୁଛି ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୬୬ ବର୍ଷୀୟ ସଦ୍‌ଗୁରୁ ହେଉଛନ୍ତି ଈଶା ଫାଉଣ୍ଡେଶନ୍‌ର ପ୍ରତିଷ୍ଠାତା। ସେ ‘ସେଭ୍ ସଏଲ୍’ ଏବଂ ‘ରିଅଲିଟି ଫର୍ ରିଭର୍ସ’ ଭଳି ପରିବେଶ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି।

# ୫ ହଜାର ମାଗିଲେ, ୨ ଭାଇଙ୍କୁ ମାରିଲେ

## ୟୁପିରେ ଚାଞ୍ଚଲ୍ୟ

**ହତ୍ୟାକାଣ୍ଡ ପରେ ବାରିକଙ୍କୁ ଏନ୍‌କାଉଣ୍ଟର**

**ପୋଲିସକୁ ରିପୋର୍ଟ ତଲବ**



ସାଜିଦ୍



ବଦାୟୁଁରେ ପୋଲିସ ଏନ୍‌କାଉଣ୍ଟର ବେଳର ଦୃଶ୍ୟ।

**ବଦାୟୁଁ,୨୦।୩**

ଉତ୍ତର ପ୍ରଦେଶର ବଦାୟୁଁରେ ଜଣେ ବାରିକ ୨ ନାବାଳକଙ୍କୁ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ତାଙ୍କ ଆକ୍ରମଣରେ ମୃତକଙ୍କ ଆଉ ଜଣେ ଭାଇ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହତ୍ୟାର କିଛି ଘଣ୍ଟା ମଧ୍ୟରେ ପୋଲିସ ୨୨ ବର୍ଷୀୟ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର କରି ମାରିଦେଇଛି। ଏହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିବାବେଳେ ବିରୋଧୀ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ଭାଜପା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ପୋଲିସ ଉପଯୁକ୍ତ ଭାବେ ଦାୟିତ୍ୱ ତୁଲାଇଥିଲେ ୨ ଭାଇଙ୍କ ଜୀବନ ବଞ୍ଚାଯାଇ ପାରିଥାନ୍ତା। କିନ୍ତୁ ନିଜ ଦୁର୍ବଳତା ଲୁଚାଇବା ପାଇଁ ଏନ୍‌କାଉଣ୍ଟର କରିଛି।

ବଦାୟୁଁର ବାବା କଲୋନିରେ ସେଲୁନ୍ ଖୋଲିଥିବା ସାଜିଦ୍ ମଙ୍ଗଳବାର ରାତି ୮ଟାରେ ପଡ଼ୋଶୀ ବିନୋଦଙ୍କୁ ୫,୦୦୦ ଟଙ୍କା ମାଗିବା ପାଇଁ ତାଙ୍କ ଘରକୁ ଯାଇଥିଲେ। ବିନୋଦ ଘରେ ନ ଥିବାରୁ ତାଙ୍କ ସ୍ତ୍ରୀ ସଙ୍ଗୀତା ସାଜିଦ୍‌ଙ୍କୁ ଟଙ୍କା ଦେଇ ଚା’ ତିଆରି କରିବା ପାଇଁ ରୋଷେଇ ଘରକୁ ଯାଇଥିଲେ। ଏହି ସମୟରେ ସାଜିଦ୍ ଦ୍ୱିତୀୟ ମହଲାକୁ ଯାଇ ଲାଇଟ୍ ବନ୍ଦ କରିଦେଇଥିଲେ। ସେଠାରେ ଥିବା ବିନୋଦଙ୍କ ବଡ଼ ପୁଅ ଆୟୁଷ (୧୨)ଙ୍କୁ ତାଙ୍କ ମା’ଙ୍କ ବ୍ୟୁଟି ପାର୍ଲର ଦେଖାଇବାକୁ କହିଥିଲେ। ପରେ ୩ ଭାଇ ଆୟୁଷ, ଆହାନ (୮) ଓ ୟୁବରାଜ (୧୦)ଙ୍କୁ ସେ କୁରାଢ଼ିରେ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଆୟୁଷ ଓ ଆହାନଙ୍କ ମୃତ୍ୟୁ ଘଟିଥିବାବେଳେ ଲହୁଲୁହାଣ ଅବସ୍ଥାରେ ୟୁବରାଜଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସିଭିଲ୍ ଲାଇନ୍ ଥାନା ଅଧୀନ ମଣ୍ଡି ଫାଣ୍ଡିରୁ ଅଳ୍ପ କିଛି ଦୂରରେ ଏହି ଘଟଣା ଘଟିଛି। ସାଜିଦ୍ ଏହି କାଣ୍ଡ ଭିଆଇବା ପରେ ନିଜ ଭାଇ ଜାଭେଦ୍‌ଙ୍କ ସହ ଏକ ବାଇକ୍‌ରେ ଫେରାର ହୋଇଯାଇଥିଲେ। ପୋଲିସ କର୍ମଚାରୀମାନେ ସାଜିଦ୍‌ଙ୍କୁ ଧରିବାକୁ ଗଲାବେଳେ ସେ ସେମାନଙ୍କ ଉପରକୁ ଗୁଳି କରିଥିଲେ। ପୋଲିସ ସାଜିଦ୍‌ଙ୍କ ଭାଇ ଜାଭେଦ୍‌ଙ୍କୁ ଧରିବାକୁ ସକ୍ଷମ ହୋଇନାହିଁ। ମାମଲାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଜିଲା ମାଜିଷ୍ଟ୍ରେଟ୍ ମନୋଜ କୁମାର ପୋଲିସକୁ ୧୫ ଦିନ ଭିତରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର କହିଛନ୍ତି, ବ୍ୟକ୍ତିଗତ ଶତ୍ରୁତା କାରଣରୁ ଏହି ଘଟଣା ଘଟିଛି। ଏଥିରେ ସାମ୍ପ୍ରଦାୟିକ ଦିଗ ନାହିଁ। ସ୍ଥିତି ଉପରେ ନଜର ରଖାଯାଇଛି। ସୋସିଆଲ ମିଡିଆ ସେଲ୍ ମଧ୍ୟ ଅନୁଧ୍ୟାନ କରୁଛି।

### କଂଗ୍ରେସରେ ମିଶିଲେ ଦାନିସ୍ ଅଲୀ



**ନୂଆଦିଲ୍ଲୀ,୨୦।୩**

ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ନିଲମ୍ବିତ ଏମ୍‌ପି ଦାନିସ୍ ଅଲୀ ବୁଧବାର ଦଳ ତ୍ୟାଗକରି କଂଗ୍ରେସରେ ସାମିଲ ହୋଇଛନ୍ତି। ଦେଶର ବର୍ତ୍ତମାନ ସ୍ଥିତିକୁ ଦେଖି ବିଭାଜନବାଦୀ ଶକ୍ତିଗୁଡ଼ିକ ବିରୋଧରେ ଲଢ଼ିବା ଲାଗି ସେ ସର୍ବପୁରାତନ ଦଳରେ ଯୋଗଦେଇଥିବା କହିଛନ୍ତି। ପ୍ରକାଶ ଯେ, ଉତ୍ତର ପ୍ରଦେଶର ଆମ୍‌ରୋହା ଏମ୍‌ପି ଦାନିସ୍‌ଙ୍କୁ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ସୁପ୍ରିମୋ ମାୟାବତୀ ନିଲମ୍ବନ କରିଥିଲେ। ସେ ନିଜ ସଂସଦୀୟ ଆସନରୁ କଂଗ୍ରେସ ଟିକେଟରେ ଲଢ଼ିପାରନ୍ତି ବୋଲି କୁହାଯାଉଛି।

### ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ: ନାମାଙ୍କନ ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୨୦।୩:** ଏପ୍ରିଲ ୧୯ରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିଦିନ ୨୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୦୨ ସଂସଦୀୟ ଆସନରେ ଭୋଟ ଗ୍ରହଣ କରାଯିବା ନେଇ ଏକ ବିଜ୍ଞପ୍ତି ଜାରି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଅରୁଣାଚଳ ପ୍ରଦେଶର ୨ ଆସନ, ଆସାମ ୫, ବିହାର ୪, ଛତିଶଗଡ଼ ୧, ମଧ୍ୟପ୍ରଦେଶ ୬, ମହାରାଷ୍ଟ୍ର ୫, ମଣିପୁର ୨, ମେଘାଳୟ ୨, ମିଜୋରାମ ୧, ନାଗାଲାଣ୍ଡ ୧, ରାଜସ୍ଥାନ ୧୨, ସିକିମ ୧, ତାମିଲନାଡୁ ୩୯, ତ୍ରିପୁରା ୧, ଉତ୍ତର ପ୍ରଦେଶ ୮, ଉତ୍ତରାଖଣ୍ଡ ୫, ପଶ୍ଚିମବଙ୍ଗ ୩, ଆଣ୍ଡାମାନ ଓ ନିକୋବର ୧, ଜମ୍ମୁ-କଶ୍ମୀର ୧ ଏବଂ ପଣ୍ଡିଚେରୀର ଗୋଟିଏ ଆସନରେ ନିର୍ବାଚନ ଅନୁଷ୍ଠିତ ହେବ। ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ମାର୍ଚ୍ଚ ୨୭। ତେବେ ବିହାରରେ ଏକ ପର୍ବ ଥିବାରୁ ସେଠାର ୪ ଆସନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ମାର୍ଚ୍ଚ ୨୮ ଧାର୍ଯ୍ୟ କରାଯାଇଛି।

### ଝିଅକୁ ବୟଫ୍ରେଣ୍ଡ୍ ସହ ଦେଖି ହତ୍ୟାକଲେ ମା’

**ହାଇଦ୍ରାବାଦ,୨୦।୩**

ହାଇଦ୍ରାବାଦର ଇବ୍ରାହିମ୍‌ପଟନମ୍‌ରେ ଜଣେ ମହିଳା ବୁଧବାର ନିଜ ୧୯ ବର୍ଷୀୟା ଝିଅଙ୍କୁ ତାଙ୍କ ବୟଫ୍ରେଣ୍ଡଙ୍କ ସହ ଦେଖିବା ପରେ ତଣ୍ଟି ଚିପି ହତ୍ୟା କରିଛନ୍ତି। ଜଙ୍ଗାମ୍ମା ଅପରାହ୍ନରେ ଖାଇବା ପାଇଁ ନିଜ ଘରକୁ ଫେରିଥିଲେ। ଘରେ ଝିଅ ଭାର୍ଗବୀଙ୍କ ସହ ତାଙ୍କ ବୟଫ୍ରେଣ୍ଡଙ୍କୁ ଦେଖିଥିଲେ। ବୟଫ୍ରେଣ୍ଡଙ୍କୁ ଘରୁ ବିଦାକରିବା ପରେ ଏକ ଶାଢ଼ିରେ ଭାର୍ଗବୀଙ୍କ ତଣ୍ଟିକୁ ଭିଡ଼ି ହତ୍ୟା କରିଥିଲେ। ଭାର୍ଗବୀଙ୍କ ନାବାଳକ ଭାଇ ଝରକା ଦେଇ ଏହା ଦେଖିବା ପରେ ନିଜ ମା’ଙ୍କ ବିରୋଧରେ ପୋଲିସରେ ଏତଲା ଦେଇଥିଲେ।



### ରାମଲାଲାଙ୍କ ଦର୍ଶନ କଲେ ପ୍ରିୟଙ୍କା, ନିକ୍

**ଅଯୋଧ୍ୟା,୨୦।୩**

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଓ ତାଙ୍କ ସ୍ୱାମୀ ତଥା ଆମେରିକୀୟ ସିଙ୍ଗର୍ ନିକ୍ ଜୋନାସ୍ ବୁଧବାର ଅଯୋଧ୍ୟା ରାମମନ୍ଦିରରେ ପ୍ରଭୁ ରାମଲାଲାଙ୍କ ଦର୍ଶନ କରିଛନ୍ତି। ଏହି ହାଇପ୍ରୋଫାଇଲ ଦମ୍ପତି ଦର୍ଶନ ବେଳେ ୨ ବର୍ଷର ଝିଅ ମାଲତି ମାରିଏ ଜୋନାସ୍‌ଙ୍କୁ ମଧ୍ୟ ସାଙ୍ଗରେ ନେଇଥିଲେ। ପ୍ରିୟଙ୍କା ଏକ ହଳଦିଆ ଶାଢ଼ି ପିନ୍ଧିଥିବାବେଳେ ନିକ୍ ଏକ କୁର୍ତ୍ତା ସେଟ୍ ପିନ୍ଧିଥିଲେ। ପ୍ରଭୁଙ୍କୁ ଦର୍ଶନ ପରେ ଝିଅଙ୍କୁ ଧରି ମନ୍ଦିର ପୂଜାରୀ ଓ ନିଜ ସୁରକ୍ଷା କର୍ମୀମାନଙ୍କ ସହ ଦୁହେଁ ଫଟୋ ପାଇଁ ପୋଜ୍ ଦେଇଥିଲେ। ଗତ ଜାନୁଆରୀ ୨୨ରେ ରାମମନ୍ଦିରରେ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କରାଯିବା ପରେ ଏହା ହେଉଛି ପ୍ରିୟଙ୍କା ଓ ନିକ୍‌ଙ୍କ ପ୍ରଥମ ଅଯୋଧ୍ୟା ଗସ୍ତ।

# ଅନ୍ଧାରରେ ପଥ ଦେଖାଏ କବିତା

## ଆଜି ବିଶ୍ୱ କବିତା ଦିବସ




ଏହି ଦିବସ ପାଳନ କରିବାର ଉଦ୍ଦେଶ୍ୟ ହେଉଛି କବିମାନଙ୍କୁ ସମ୍ମାନ ଦେବା, କବିତା ପାଠ କରିବାର ମୌଖିକ ପରମ୍ପରାକୁ ପୁନର୍ଜୀବିତ କରିବା ଏବଂ କବିତାକୁ ପ୍ରୋତ୍ସାହିତ କରିବା। ଏହା ବ୍ୟତୀତ ଥିଏଟର, ନୃତ୍ୟ, ସଙ୍ଗୀତ ଏବଂ ଚିତ୍ରାଙ୍କନ ପରି ଅନ୍ୟାନ୍ୟ କଳା ମଧ୍ୟରେ କବିତାର ଦୃଷ୍ଟିଭଙ୍ଗୀକୁ ବଢ଼ାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ। କବିତା କବିର ମନର ଭାବନାକୁ ସୁନ୍ଦର ଭାବରେ ପରିପ୍ରକାଶ କରିଥାଏ। ଯେତେ ବି ଅନ୍ଧାର ହେଉ ନା କାହିଁକି କବିତା ତା’ର ରାସ୍ତା ତିଆରି କରେ। ସେଥିପାଇଁ ଜାତୀୟ ଆୟୋଗ, ଏନ୍‌ଜିଓ ତଥା ସରକାରୀ, ବେସରକାରୀ ଅନୁଷ୍ଠାନ ଯଥା ବିଦ୍ୟାଳୟ, କବି ତଥା ଲେଖକ ଗୋଷ୍ଠୀ, ପ୍ରକାଶନ ଗୃହ, ସାଂସ୍କୃତିକ ଗୋଷ୍ଠୀ, ସଂଗ୍ରହାଳୟ ସକ୍ରିୟ ଅଂଶଗ୍ରହଣ କରି ବିଶ୍ୱ କବିତା ଦିବସ ପାଳନ କରିଥାନ୍ତି।

ମିଳିତ ଜାତିସଂଘର ଶିକ୍ଷା ବୈଜ୍ଞାନିକ ଏବଂ ସାଂସ୍କୃତିକ ସଂଗଠନ (ୟୁନେସ୍କୋ) ଦ୍ୱାରା ବିଶ୍ୱ କବିତା ଦିବସକୁ ପ୍ରଥମେ ୧୯୯୯ରେ ପ୍ୟାରିସ୍‌ରେ ଅନୁଷ୍ଠିତ ୩୦ ତମ ସାଧାରଣ ସମ୍ମିଳନୀରେ ବିଶ୍ୱ କବିତା ଦିବସ ଭାବରେ ଗ୍ରହଣ କରାଯାଇଥିଲା ଏବଂ କବିତା ଅଭିବ୍ୟକ୍ତି ମାଧ୍ୟମରେ ଭାଷା ବିବିଧତାକୁ ସମର୍ଥନ କରିବା ଏବଂ ଲୋପ ପାଇବାକୁ ଯାଉଥିବା ଭାଷାକୁ ସୁରକ୍ଷା ଦେବା।

ୟୁନେସ୍କୋ ରେକର୍ଡ ଅନୁଯାୟୀ, ମୋରୋକନ୍ ଜାତୀୟ ଆୟୋଗ ହିଁ ଅନ୍ତର୍ଜାତୀୟ କବିତା ଦିବସ ଘୋଷଣା କରିବାକୁ ଅନୁରୋଧ କରିଥିଲା। ଏହାଦ୍ୱାରା ୟୁନେସ୍କୋର ମହାନିର୍ଦ୍ଦେଶକ କବି, ଲେଖକ, ପେନ୍ ଇଣ୍ଟରନ୍ୟାଶନାଲର ସଦସ୍ୟ, ଲେଖକମାନଙ୍କର ଏକ ସଙ୍ଗଠନ ଏବଂ ବିଭିନ୍ନ ଅଣ-ସରକାରୀ ସଂଗଠନ (ଏନ୍‌ଜିଓ) ଏବଂ ୟୁନେସ୍କୋ ସହିତ ଜଡିତ କବିତା କେନ୍ଦ୍ରଗୁଡ଼ିକ ସହିତ ଏକ ଅନ୍ତର୍ଜାତୀୟ ପରାମର୍ଶ ଆହ୍ୱାନ କରିଥିଲେ। ୟୁନେସ୍କୋ ଅନୁଭବ କରିଥିଲା ଯେ, ବିଶ୍ୱ କବିତା ଦିବସ ପାଳନ କରିବା ଦ୍ୱାରା ଆଞ୍ଚଳିକ, ଜାତୀୟ ତଥା ଅନ୍ତର୍ଜାତୀୟ କବିତାର ଗତିବିଧିକୁ ଚିହ୍ନିବାରେ ସାହାଯ୍ୟ କରିବ। ଏହା ଭାଷାଭିତ୍ତିକ ବିବିଧତାକୁ ପ୍ରୋତ୍ସାହନ ଦେବ ଏବଂ ଯୁବକମାନଙ୍କୁ ସେମାନଙ୍କର ମାତୃଭାଷାରେ କବିତା ଲେଖିବାକୁ ଉତ୍ସାହିତ କରିବ। ଏହା ପରବର୍ତ୍ତୀ ସମୟରେ ସଂସ୍କୃତି ସଂରକ୍ଷଣ କରିବାରେ ସାହାଯ୍ୟ କରିବ।

### ସୋସିଆଲ ମିଡିଆ କବିତା...

**ଭୁବନେଶ୍ୱର,୨୦।୩(ଶର୍ମିଷ୍ଠା ପାଣିଗ୍ରାହୀ)**

କବିତା, କେବେ ସେ ତରୁଣ ମନର ଭାବନାର କଥା, ଆଉ କେବେ ମନ ଭିତରେ ଥିବା ଶବ୍ଦଗୁଡ଼ିକର ବନ୍ୟା। ବେଳେବେଳେ ଯାହା ସିଧାସଳଖ କହିବାକୁ ମନ ସାହସ କରେନି, ତାହା କବିତା ମାଧ୍ୟମରେ ପରିପ୍ରକାଶ କରାଯାଏ। କବିତା ପାଲଟିଯାଏ ଯୋଗାଯୋଗର ଏକ ମାଧ୍ୟମ। କବିତାଟିଏ ଶୁଣି ଶ୍ରୋତାଙ୍କ ମୁଖରୁ ୱା...ୱା... ବାହାରିଗଲେ ସମ୍ପୂର୍ଣ୍ଣ ହୋଇଯାଏ କବିର ଦିନ। କବିତା ପାଇଁ ନିର୍ଦ୍ଦିଷ୍ଟ ପରିସୀମା ନ ଥାଏ। କାନ୍ଥ, ବାଡ଼ରୁ ନେଇ ଅସଂଖ୍ୟ ତାରା, ଅସୀମ ଆକାଶ ଯାଏ ପରିବ୍ୟାପ୍ତ କବିର କବିତା। କବିତା କେବେ କେଉଁଠି ବି ଲେଖିହୁଏ, କାହାକୁ ଦେଖି ମଧ୍ୟ ଲେଖାଯାଇପାରେ। ଆଗରୁ ଆମେ ବହି, ପତ୍ରିକା, ଖବରକାଗଜରେ କବିତା ପଢୁଥିଲେ। ହେଲେ ଏବେ ସୋସିଆଲ ମିଡ଼ିଆ ପାଲଟିଛି ଯୁବପିଢ଼ିଙ୍କ ପାଇଁ କବିତା ଲେଖିବାର ବଡ଼ ପ୍ଲାଟ୍‌ଫର୍ମ। ଏହାଦ୍ୱାରା ସେମାନେ ସମାଜରେ ଏକ ସୁନ୍ଦର ପରିଚୟ ପାଇବା ସହ ପ୍ରଶଂସା ସାଉଣ୍ଟୁଛନ୍ତି। ମାର୍ଚ୍ଚ ୨୧କୁ ବିଶ୍ୱ କବିତା ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ସୋସିଆଲ ମିଡ଼ିଆ କବିତାକୁ ନେଇ ‘ଧରିତ୍ରୀ’ ପକ୍ଷରୁ ସ୍ୱତନ୍ତ୍ର ଉପସ୍ଥାପନା।

**ସର୍ଜନାତ୍ମକ କ୍ଷେତ୍ରରେ ଯୁବପିଢ଼ିଙ୍କୁ ଉତ୍ସାହିତ କରିବାର ମାଧ୍ୟମ**



ସାମ୍ପ୍ରତିକ ସମୟରେ ସୋସିଆଲ ମିଡ଼ିଆରେ ଅନେକ କବିତା ଲେଖା ହେଉଥିବାର ଦେଖାଯାଏ। ଯଦିଓ ବହି କିମ୍ବା ପତ୍ରିକାରେ କବିତାଟିଏ ପ୍ରକାଶିତ ହେବା ଏବଂ ଅନ୍ୟ କାହାର କବିତାଟିଏ ଖବରକାଗଜରୁ ପଢିବାର ଏକ ସ୍ୱତନ୍ତ୍ର ମାଧୁର୍ଯ୍ୟ ରହିଛି, କିନ୍ତୁ ସୋସିଆଲ ମିଡ଼ିଆରେ ଲେଖା ହେଉଥିବା କବିତା ସବୁ ଯେ ନିକୃଷ୍ଟ ଧରଣର ଏହା କୁହାଯାଇ ନ ପାରେ। ନୂଆ କରି କବିତା ଲେଖୁଥିବା ସ୍ରଷ୍ଟାଟିକୁ ସୋସିଆଲ ମିଡ଼ିଆ ଗୋଟେ ବୃହତ୍ତର ପାଠକ ଗୋଷ୍ଠୀ ପାଖରେ ପହଞ୍ଚିବାରେ ସହାୟକ ହେଉଛି। ସୁତରାଂ ସୋସିଆଲ ମିଡ଼ିଆ ସାହିତ୍ୟ ସୃଷ୍ଟିରେ ଅନ୍ତରାୟ ନୁହେଁ, ବରଂ ଯୁବପିଢିକୁ ସର୍ଜନାତ୍ମକ କ୍ଷେତ୍ରରେ ଉତ୍ସାହିତ କରିବାର ମାଧ୍ୟମ ପାଲଟିଛି।

**-ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ, ଯୁବ କବି**

**ସମ୍ପାଦିତ ଲେଖା ଛାଡ଼ିବା ଉଚିତ**



ସୋସିଆଲ ମିଡିଆ ବହୁତ ଭଲ ପ୍ଲାଟଫର୍ମ। ଡିଜିଟାଲ ଯୁଗରେ ଏହାଏକ ବଡ଼ ପ୍ଲାଟ୍‌ଫର୍ମ। ଯୁବପିଢ଼ି ସାହିତ୍ୟରୁ ଦୂରେଇ ଯାଉଥିବା ବେଳେ ସୋସିଆଲ ମିଡ଼ିଆ ପୁଣିଥରେ ରାହା ଦେଖାଇଛି। ସମସ୍ତେ ନିଜ ଭାବନା ବ୍ୟକ୍ତ କରିପାରୁଛନ୍ତି। ବିଶେଷକରି ଯୁବପିଢ଼ିଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ସୁଯୋଗ। ମାତ୍ର ଆମେ ସମସ୍ତଙ୍କ ପାଖେ ପରିପ୍ରକାଶ କରିବା ଆଗରୁ ଏକ ସମ୍ପାଦିତ ଲେଖା ଛାଡ଼ିବାର ଆବଶ୍ୟକତା ରହିଛି। ଆମ ଲେଖା ଯେମିତି ସାହିତ୍ୟ ସର୍ଜନାକୁ କ୍ଷତି ନ ପହଞ୍ଚାଉ ସେ ଉପରେ ଧ୍ୟାନ ଦେବା ଉଚିତ।

**-ଡିଲେଶ୍ୱର ରଣା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଯୁବକବି**

**ସହଜରେ ଶୀଘ୍ର ଅଧିକ ପାଠକଙ୍କ ପାଖରେ ପହଞ୍ଚି ହେଉଛି**



ସାମାଜିକ ଗଣମାଧ୍ୟମ ଆସିବା ପରେ ଯୁବପିଢ଼ି ବେଶି ସକ୍ରିୟ ରହୁଛନ୍ତି। ବିଶେଷକରି ସାହିତ୍ୟ କ୍ଷେତ୍ରରେ ସେମାନେ ସହଜରେ ପାଠକଙ୍କ ପାଖରେ ପହଞ୍ଚିବାରେ ସଫଳ ହୋଇପାରୁଛନ୍ତି। କଲେଜ ପଢୁଥିବା ପିଲାଙ୍କର ସାହିତ୍ୟ ସର୍ଜନା କ୍ଷେତ୍ରରେ ଆଗ୍ରହ ଥାଏ। ମାତ୍ର ତାହା ଆଗରୁ ଦେଖାଯାଉ ନ ଥିଲା। ଲେଖାଟିଏ ପ୍ରକାଶ କରିବାକୁ ହେଲେ ସମ୍ପାଦକଙ୍କ ପାଖକୁ ପଠାଇବାକୁ ପଡୁଥିଲା। କେବେ ପ୍ରକାଶ ପାଇବ ଅପେକ୍ଷା କରିବାକୁ ପଡ଼ିଥିଲା। ହେଲେ ଏବେ ସେ ସବୁର ସମସ୍ୟା ନାହିଁ। ଏହି ଲମ୍ବା ପ୍ରକ୍ରିୟାକୁ ଆଉ ଅପେକ୍ଷା କରିବାକୁ ପଡୁନି। ସହଜରେ ଓ ସାଙ୍ଗେସାଙ୍ଗେ ଅଧିକ ସଂଖ୍ୟକ ପାଠକ ପାଖରେ ଲେଖା ପରିପ୍ରକାଶ କରିବାର ମାଧ୍ୟମ ପାଲଟିଛି।

**-ଅଂଶୁମାନ ସାହୁ, ଯୁବ କବି**

## ଫୁର୍‌ସତ୍

# କରନ୍‌ଙ୍କ ପାଦ ଛୁଇଁଲେ ସାମନ୍ଥା



ସାମନ୍ଥା ରୁଥ୍ ପ୍ରଭୁ

**ମୁମ୍ବାଇ:** ସାଉଥ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ନିଜ ଅଭିନୟ ମାଧ୍ୟମରେ ଏକ ସତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କେବଳ ଅଭିନୟ ନୁହେଁ, ବ୍ୟକ୍ତିଗତ ଜୀବନରେ ବି ସେ ବେଶ ସରଳ। ଜୁନିୟର ହୁଅନ୍ତୁ କି ସିନିୟର ସମସ୍ତଙ୍କୁ ସେ ସମ୍ମାନ ଦିଅନ୍ତି। ନିକଟରେ ଏକ ଇଭେଣ୍ଟରେ ଏହାର ନିଚ୍ଛକ ଉଦାହରଣ ଦେଖିବାକୁ ମିଳିଥିଲା। ସେ ଏହି ଇଭେଣ୍ଟରେ ପ୍ରଯୋଜକ ତଥା ନିର୍ଦ୍ଦେଶକ କରନ ଜୋହରଙ୍କ ପାଦ ଛୁଇଁଥିଲେ। ଆମାଜନ ପ୍ରାଇମ ସିରିଜ ‘ସିଟାଡେଲ: ହନି ବନି’ ର ଲଞ୍ଚ ଇଭେଣ୍ଟକୁ ହୋଷ୍ଟ କରୁଥିବା କରନ ଜୋହର କଳାକାରଙ୍କୁ ମଞ୍ଚରେ ଡାକିଥିଲେ। ଏହି ସମୟରେ ସେ ସମସ୍ତଙ୍କୁ ଆଲିଙ୍ଗନ କରିଥିଲେ। ତେବେ ଏହି ସମୟରେ ସାମନ୍ଥା ହଠାତ୍ କରନ ଜୋହରଙ୍କ ପାଦ ଛୁଇଁ ଆଶୀର୍ବାଦ ଲୋଡିଥିଲେ। ଅଭିନେତ୍ରୀଙ୍କ ଏଭଳି ଆଚରଣ ଦେଖି କରଣ ଜୋହର ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ‘ନା’ କହି ନିଜ ଗୋଡ଼କୁ ପଛକୁ ଟାଣି ନେଇଥିଲେ। ପ୍ରାଇମ ଭିଡିଓରେ ‘ସିଟାଡେଲ: ହନି ବନି’ ପ୍ରସାରିତ ହେବ। ଏହାର ପ୍ରଯୋଜନା କରିଛନ୍ତି ରାଜ ଓ ଡିକେ। ଏଥିରେ ବରୁଣ ଧାୱନ ଏବଂ ସାମନ୍ଥା ରୁଥ୍ ପ୍ରଭୁ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏମାନଙ୍କ ବ୍ୟତୀତ କେ.କେ ମେନନ, ସିମରନ, ସୋହମ ମଜୁମଦାର, ଶିବକିତ ପରିହାର, କାଶବୀ ମଜୁମଦାର, ସାକିବ ସଲିମ ଓ ସିକନ୍ଦର ଖେରଙ୍କୁ ସହାୟକ ଭୂମିକାରେ ଦେଖିବାକୁ ମିଳିବ।




# ହାତୀ ଭାଙ୍ଗିଲା କାନ୍ଥ, ୭ ବର୍ଷର ବାଳକ ମୃତ

ଢେଙ୍କାନାଳ,୨୦।୩(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା କପିଳାସ ରେଞ୍ଜ୍ ଶୋରିଷିଆପଦା ପଞ୍ଚାୟତର ରଗଡି ସାହିରେ ପଶି ଏକ ଗୋଠଛଡ଼ା ଦନ୍ତାହାତୀ ବୁଧବାର ଭୋର ସମୟରେ ତପନ ହେମ୍ବ୍ରମଙ୍କ ଘର କାନ୍ଥ ଭାଙ୍ଗି ଦେବାରୁ ଉକ୍ତ କାନ୍ଥପଡ଼ି ତପନଙ୍କ ପୁଅ ଆକାଶ ହେମ୍ବ୍ରମ୍ (୭)ଙ୍କ ମୃତ୍ୟୁ ଘଟିଛି। ଏହି ଅଭାବନୀୟ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣାରୁ ଜଣାପଡିଛି, ଭୋର ସମୟରେ ଏକ ଗୋଠଛଡ଼ା ଦନ୍ତାହାତୀ ଶୋରିଷିଆପଦା ପଞ୍ଚାୟତ ରଗଡିସାହିରେ ପଶିଯାଇଥିଲା। ହାତୀଟି ତପନ ହେମ୍ବ୍ରମଙ୍କ ଆଜବେଷ୍ଟସ ଘରର କାନ୍ଥକୁ ଶୁଣ୍ଢରେ ପେଲି ଭାଙ୍ଗି ଦେବାରୁ ସେହି ଘରେ ଶୋଇଥିବା ପୁଅ ଆକାଶଙ୍କ ଉପରେ ତାହା ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଆକାଶଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଖବରପାଇ କପଳାସ ରେଞ୍ଜ୍ ଅଧିକାରୀ ତରୁଣ ମହାନ୍ତିଙ୍କ ସମେତ ବନ କର୍ମଚାରୀ ଓ ଗଁଦିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ମୃତ ଆକାଶଙ୍କ ପରିବାରକୁ ବନବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି କପିଳାସ ରେଞ୍ଜର ସୂଚନା ଦେଇଛନ୍ତି। ଏହି ଗୋଠଛଡା ଦନ୍ତାହାତୀଟି ଉକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟ କରୁଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ବନବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

# ବାଇକ୍ ଡିକିରୁ ୫.୬ଲକ୍ଷ ଲୁଟ

ବ୍ରହ୍ମପୁର, ୨୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଜୟପ୍ରକାଶ ନଗର ଛକରୁ ବୁଧବାର ଦିନ ଦ୍ୱିପ୍ରହରରେ ବ୍ୟାଙ୍କ ସମ୍ମୁଖରେ ଥିବା ବାଇକ୍ ଡିକିରୁ ୫.୬ ଲକ୍ଷ ଟଙ୍କା ଲୁଟ ହୋଇଛି। ଲୁଟର ଶିକାର ହୋଇଥିବା ଗୋଳନ୍ଥରା ଥାନା ସୁନାଦେଇ ଗ୍ରାମର କୃଷ୍ଣ ମହାରଣା ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କୃଷ୍ଣଙ୍କ ସହିତ ଥିବା ଅନ୍ୟ ୨ ଜଣଙ୍କୁ ପଚରାଉଚରା କରୁଛି। ଲୁଟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପ୍ରକାଶ ଯେ, ପ୍ଲଟ ବ୍ୟବସାୟୀ କୃଷ୍ଣଙ୍କର ନିଷ୍ଟ ଇଞ୍ଜିନିୟରିଂ କଲେଜ ନିକଟରେ ଥିବା ୧୮ ଶହ ବର୍ଗଫୁଟର ଜମିକୁ ଶାସନପଦର ଗ୍ରାମର ସନ୍ତୋଷ କୁମାର ନାୟକ କିଣିଥିଲେ। ଜମି ବାବଦ ଟଙ୍କା ଦେବା ପାଇଁ ସେ କୃଷ୍ଣଙ୍କୁ ଜୟପ୍ରକାଶ ନଗର ଛକରେ ଥିବା ଆକ୍ସିସ ବ୍ୟାଙ୍କକୁ ଡାକିଥିଲେ। ସନ୍ତୋଷ ଓ ତାଙ୍କ ବନ୍ଧୁ ସ୍ୱରୂପ କୁମାର ନାୟକ ବ୍ୟାଙ୍କ ଭିତରେ ଥିବାବେଳେ କୃଷ୍ଣ ସେଠାରେ ପହଞ୍ଚିଥିଲେ। ସନ୍ତୋଷ ବ୍ୟାଙ୍କରୁ ୫ ଲକ୍ଷ ୬୦ ହଜାର ଟଙ୍କା ଉଠାଇ କୃଷ୍ଣଙ୍କୁ ଦେଇଥିଲେ। କୃଷ୍ଣ ନିଜ ବାଇକ୍ (ନଂ.ଓଆର ୦୭ ୱାଇ ୪୨୭୯ ) ଡିକିରେ ସବୁ ଟଙ୍କା ରଖି ଚାବି ପକାଇଥିଲେ। ପରେ ସମସ୍ତେ ନିକଟ ଦୋକାନକୁ ଚା' ପିଇବା ପାଇଁ ଯାଇଥିଲେ। ସେଠାରୁ ଆସିବା ପରେ ବାଇକ୍ ଡିକି ଖୋଲାଥିବା ଓ ସେଥିରେ ଟଙ୍କା ନ ଥିବା କୃଷ୍ଣ ଦେଖିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସେଠାରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଜଣେ ଯୁବକ ଗାଡି ନିକଟକୁ ଆସି ଡିକି ଖୋଲି ଟଙ୍କା ବ୍ୟାଗ୍‌କୁ ନେଇ ଯାଇଥିବା ଦେଖାଯାଇଥିଲା। ନିକଟରେ ଅନ୍ୟ ଜଣେ ଯୁବକ ବାଇକ ଷ୍ଟାର୍ଟ କରି ବସିଥିବା ବେଳେ ଲୁଟେରା ଜଣଙ୍କ ସେଥିରେ ବସି ଚମ୍ପଟ ମାରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି।

# ଜାତୀୟ ଅଭିଲେଖାଗାର ପୂର୍ବାଞ୍ଚଳ କ୍ଷେତ୍ର ମୁଖ୍ୟ ହେଲେ ସତ୍ୟ ନାରାୟଣ ମିଶ୍ର

ଭୁବନେଶ୍ୱର,୨୦।୩(ଶର୍ମିଷ୍ଠା ପାଣିଗ୍ରାହୀ)



ଗବେଷକ, ଐତିହାସିକ ତଥା ସ୍ତମ୍ଭକାର ଡ. ସତ୍ୟନାରାୟଣ ମିଶ୍ର ହେଲେ ଜାତୀୟ ଅଭିଲେଖାଗାର ପୂର୍ବାଞ୍ଚଳ କ୍ଷେତ୍ର ଭୁବନେଶ୍ୱର ଶାଖାର ମୁଖ୍ୟ। ଜାତୀୟ ଅଭିଲେଖାଗାର ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ଅଭିଲେଖାଗାର ଭୁବନେଶ୍ୱର ଶାଖା ଅଧୀନରେ ପୂର୍ବାଞ୍ଚଳ କ୍ଷେତ୍ରର ୧୨ଟି ରାଜ୍ୟ ରହିଛି। ଡ. ମିଶ୍ର ଅଭିଲେଖାଗାର ସହାୟକ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଆସୁଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମ୍‌ଏ, ଏମ୍‌ଫିଲ୍., ପିଏଚ୍‌ଡି. ସହ ଡି. ଲିଟ୍. ଉପାଧି ଅର୍ଜନ କରିଛନ୍ତି। ତାଙ୍କ ଦ୍ୱାରା ରଚିତ ଅନେକ ପୁସ୍ତକ ଓ ଗବେଷଣାତ୍ମକ ସନ୍ଦର୍ଭ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରକାଶ ପାଇଛି। ସେ ଓଡ଼ିଶାର ବିଭିନ୍ନ ପ୍ରମୁଖ ଓଡ଼ିଆ ଖବରକାଗଜର ସମ୍ପାଦକୀୟ ପୃଷ୍ଠାରେ ସ୍ତମ୍ଭ ଲେଖିଆସୁଛନ୍ତି। ଜାତୀୟ ଅଭିଲେଖାଗାରର ଗବେଷଣାତ୍ମକ ଚିନ୍ତାଧାରା ତଥା ଯୁବ ଗବେଷକମାନଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ସେ ଆଶାବାଦୀ ଅଛନ୍ତି। ଅଭିଲେଖାଗାରର ଗବେଷଣାତ୍ମକ ଗୁଣାତ୍ମକ ମାନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏହା ଅଧିକ ଉପଯୋଗ କରିବାକୁ ସେ ନିବେଦନ କରିଛନ୍ତି।

# ଦିଲ୍ଲୀ ଆୟକର ନିର୍ଦ୍ଦେଶାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିଲା

ଭୁବନେଶ୍ୱର,୨୦।୩
(ଅନୁରାଧା ମହାରଣା)

**ନିର୍ବାଚନରେ କଳାଧନ କାରବାର ରୋକିବ**

ନିର୍ବାଚନରେ କଳାଧନ କାରବାର ରୋକିବାରେ ଭାରତୀୟ ନିର୍ବାଚନ ଆୟୋଗଙ୍କୁ ସହାୟତା କରିବା ପାଇଁ ଆୟକର ନିର୍ଦ୍ଦେଶାଳୟ (ତଦନ୍ତ) ଦିଲ୍ଲୀ କ୍ଷେତ୍ରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଏହି କଣ୍ଟ୍ରୋଲ ରୁମ୍ ଦିଲ୍ଲୀରେ ଆଦର୍ଶ ଆଚରଣ ବିଧିର ସମଗ୍ର ଅବଧିରେ ଅର୍ଥାତ୍ ସାଧାରଣ ନିର୍ବାଚନ ୨୦୨୪ ଘୋଷଣା ତାରିଖଠାରୁ ନିର୍ବାଚନ ସରିବା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ। ନୂଆଦିଲ୍ଲୀସ୍ଥିତ ସିଭିକ୍ ସେଣ୍ଟରର ବ୍ଲକ୍-ସି ଅନ୍ତର୍ଗତ ତଳମହଲାର ରୁମ ନଂ. ୧୭ରେ ଏହି ନିୟନ୍ତ୍ରଣ କକ୍ଷ ରହିଛି। କୌଣସି ବ୍ୟକ୍ତି ଲୋକସଭା ସାଧାରଣ ନିର୍ବାଚନ ୨୦୨୪ ସଂକ୍ରାନ୍ତରେ ଦିଲ୍ଲୀ ମଧ୍ୟରେ ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷର ସନ୍ଦେହଜନକ କାରବାର/ବଣ୍ଟନ ଇତ୍ୟାଦି ସମ୍ପର୍କରେ ଆୟକର ବିଭାଗ ସହିତ ଯୋଗାଯୋଗ କରି ସୂଚନା ଦେଇପାରିବେ। ଏଥିପାଇଁ ଟୋଲ ଫ୍ରି ନମ୍ବର ୧୮୦୦୧୧୨୩୦୦ କିମ୍ବା ୦୧୧-୨୩୨୩୨୩୧୨/୩୧/୬୭/୭୬ କିମ୍ବା ୯୮୬୮୧୬୮୬୮୨ରେ ନାଗରିକମାନେ ଯୋଗାଯୋଗ କରିପାରିବେ। ସୂଚନାଦାତାଙ୍କ ପରିଚୟ ଗୋପନ ରଖାଯିବ। ନିୟନ୍ତ୍ରଣ କକ୍ଷକୁ କଲ୍ କରୁଥିବା ବ୍ୟକ୍ତିମାନଙ୍କୁ କୌଣସି ବ୍ୟକ୍ତିଗତ ବିବରଣୀ, ଯେପରିକି ନାମ କିମ୍ବା ପରିଚୟର ଅନ୍ୟ ବିବରଣୀ ପ୍ରକାଶ କରିବାକୁ ପଡିବ ନାହିଁ। ଏଥିସହ ଆଦର୍ଶ ଆଚରଣ ବିଧି ସମୟରେ ନିର୍ବାଚନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ବେହିସାବ ନଗଦ ଟଙ୍କା, ବହୁମୂଲ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଜିନିଷର କାରବାର ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶାଳୟ ପକ୍ଷରୁ ଅନେକ ବ୍ୟବସ୍ଥା କରିଥିବା ସୂଚନା ଦିଆଯାଇଛି।

# ପୋଷ୍ଟର, ପାମ୍ଫଲେଟ୍ ମୁଦ୍ରଣ ଉପରେ କଟକଣା

କଟକ,୨୦।୩ (କାର୍ତ୍ତିକ ସାହୁ)

ନିର୍ବାଚନ ପାଇଁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ନିର୍ବାଚନୀ ପୋଷ୍ଟର ଓ ପାମ୍ଫଲେଟ୍ ମୁଦ୍ରଣ ଉପରେ ଭାରତୀୟ ନିର୍ବାଚନ କମିଶନ କେତେକ ନିୟମାବଳୀ ଜାରି କରିଛନ୍ତି। ନିର୍ବାଚନ ସମ୍ପର୍କିତ ସମସ୍ତ ପୋଷ୍ଟର କିମ୍ବା ପାମ୍ଫଲେଟ୍‌ର ସମ୍ମୁଖ ଭାଗରେ ମୁଦ୍ରଣକାରୀ ସଂସ୍ଥାର ନାମ ଓ ଠିକଣା ମୁଦ୍ରିତ ରହିବା ବାଧ୍ୟତାମୂଳକ କରାଯାଇଛି। କୌଣସି ବ୍ୟକ୍ତି ନିର୍ବାଚନ ପୋଷ୍ଟର ବା ପାମ୍ଫଲେଟ ମୁଦ୍ରଣ କରିବାକୁ ଚାହୁଁଥିଲେ ସେଥିରେ ମୁଦ୍ରଣକାରୀ ସଂସ୍ଥାର ପରିଚୟ ଥିବା ସତ୍ୟପାଠ, ତାଙ୍କର ଦସ୍ତଖତ ଏବଂ ସେହି ସତ୍ୟତାକୁ ସମର୍ଥନ କରୁଥିବା ଦୁଇ ଜଣ ବ୍ୟକ୍ତି(ଯେଉଁମାନେ ତାଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିବେ)ଙ୍କ ପ୍ରତିସ୍ୱାକ୍ଷର ରହିଥିବା ଆବଶ୍ୟକ। ଦସ୍ତାବିଜ୍ ମୁଦ୍ରିତ ହେବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ସତ୍ୟପାଠର ନକଲ ସହିତ ଦସ୍ତାବିଜ୍‌ର ଏକକିତା ନକଲ ମୁଦ୍ରଣକାରୀ ସଂସ୍ଥା ସହ ଜିଲାପାଳଙ୍କ ନିକଟକୁ ପଠାଯିବା ଆବଶ୍ୟକ। ନିୟମାବଳୀର ଖିଲାପକାରୀଙ୍କୁ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ। ଏଥିସହ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ଛାପା ଗଣମାଧ୍ୟମରେ କୌଣସି ରାଜନୈତିକ ଦଳ ଓ ନେତାଙ୍କ ସପକ୍ଷ ବା ବିପକ୍ଷରେ ପ୍ରକାଶ ପାଉଥିବା ବିଜ୍ଞାପନ କିମ୍ବା ନିର୍ବାଚନ ସମ୍ପର୍କିତ ଘଟଣାରେ ସମ୍ପୃକ୍ତ ସଂସ୍ଥାର ନାମ, ଠିକଣା ରହିବା ବାଧ୍ୟତାମୂଳକ କରାଯାଇଛି।




**ଆଜିର ମନ୍ତବ୍ୟ**

"ଦାରିଦ୍ର୍ୟ ଓ ଅସମାନତା ହ୍ରାସ କରି ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ହେଲେ ଭାରତକୁ ୮% ହାରରେ ଅଭିବୃଦ୍ଧି ଆବଶ୍ୟକ।

– କ୍ରିଷ୍ଣାମୂର୍ତ୍ତି ଭେଙ୍କଟ ସୁବ୍ରମଣ୍ୟମ୍, ଆଇଏମ୍ଏଫ୍‌ରେ ଭାରତର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅନ୍ତର୍ଜାତୀୟ କବିତା ମେଳା, ସ୍ଥାନ: ରେଡକ୍ରସ ଭବନ, ସମୟ: ସକାଳ ୯ଟା।
- ୱାର୍ଲ୍ଡ ଡାଉନ ସିଣ୍ଡ୍ରୋମ ଡେ' ପାଳନ, ସ୍ଥାନ: ବିଷ୍ଣୁ ମନ୍ଦିର ପରିସର, ଶହୀଦ ନଗର ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ କବିତା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ମଦନପୁର, ସମୟ: ପୂର୍ବାହ୍ନ ୧୧ଟା।
- ବୃନ୍ଦାବନ ଗୁରୁକୁଳ ପକ୍ଷରୁ ବୃନ୍ଦାବନ ମହୋତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା।
- ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପାର୍ଟି ଅଫିସ, ସତ୍ୟ ନଗର, ସମୟ: ମଧ୍ୟାହ୍ନ ୧୨ଟା।
- ଭାରତ ପରିବାର ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ, ସ୍ଥାନ: ମହାବୋଧି ସୋସାଇଟି ଅଫ ଇଣ୍ଡିଆ ଓଡ଼ିଶା ସେଣ୍ଟର, ୟୁନିଟ୍-୯, ସମୟ: ସନ୍ଧ୍ୟା ୬ଟା।
- ଉତ୍ତର ପୁରୁଷ ନାଟକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୦।

## ପୁରୀ

- କର୍ଣ୍ଣେଇ ଦିବସ ଉପଲକ୍ଷେ ଉତ୍ସବ, ସ୍ଥାନ: ହରଚଣ୍ଡି ସାହି ସରସ୍ୱତୀ ଶିଶୁ ମନ୍ଦିର, ପୁରୀ, ସମୟ: ସକାଳ ୮ଟା।
- ବିଶ୍ୱ କବିତା ଦିବସ ଅବସରରେ କବିତା ଆସର, ସ୍ଥାନ: ସଙ୍ଗୀତ ପରିଷଦ ପରିସର, ଷ୍ଟେସନ ରୋଡ଼, ପୁରୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଭଗତ ବାସୁଦେବଙ୍କ ପ୍ରାଙ୍ଗଣରେ ଅଖଣ୍ଡ ଅଷ୍ଟପ୍ରହର ନମଯଜ୍ଞ ମହୋତ୍ସବ ଓ ନଗର କୀର୍ତ୍ତନ, ସ୍ଥାନ: କାଶିଆ ଶାଶନ, ବଳଙ୍ଗା, ସମୟ: ସନ୍ଧ୍ୟା ୭ଟା।
- ରଙ୍ଗଶାଳା ପକ୍ଷରୁ ୧୪ତମ ଜାତୀୟ ନାଟକ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୭ଟା ୪୫।

## ଖୋର୍ଦ୍ଧା

- ୫୫ତମ ଅଷ୍ଟପ୍ରହର ନାମଯଜ୍ଞର ନଗର କୀର୍ତ୍ତନ, ସ୍ଥାନ: ଶ୍ରୀଭଗବତ ମନ୍ଦିର ପରିସର, ନୂଆସାହି, ବୋଲଗଡ଼, ସମୟ: ସକାଳ ୯ଟା।
- ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ:ପି.ଏନ୍ କଲେଜ ନିକଟ ଖେଳପଡିଆ, ବୋଲଗଡ଼, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ସମ୍ମିଳନୀ ଦ୍ୱିତୀୟ ଦିବସ(ଆରଟିପିଏଏ ଏମ୍-୨୦୨୪ ), ସ୍ଥାନ: ପିଜି କାଉନସିଲ୍ ହଲ ଏଫ୍ ଏମ୍ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତ୍ରିଦିବସୀୟ ଚଉଦମାଦଳ ହରିନାମ ସଂକୀର୍ତ୍ତନ, ସ୍ଥାନ: ବାସୁଳୀ ପଡିଆ, ଭୋଗରାଇ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ଅଷ୍ଟପ୍ରହର ନାମ ସଙ୍କୀର୍ତ୍ତନ ଓ ପ୍ରସାଦ ସେବନ, ସ୍ଥାନ:ବଡ଼ସାହି ବ୍ଲକ ମାରକୁଣ୍ଡି, ସମୟ:ଅପରାହ୍ନ ୧ଟା।
- ଫଗୁ ଦଶମୀ ଦୋଳଯାତ୍ରା ଉତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ଉଦଳା ବ୍ଲକ ଅଧୀନ ଡିହିରାକୁଳ, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ମୁନ୍‌ସୀ ମେଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ଭଣ୍ଡାରିପୋଖରୀ ଥାନା ପରିସର, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ କେଶରୀ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ହେମପଦ୍ମ ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ପୂର୍ବତନ ପିପିସି ସଭାପତି ଜୟଦେବ ଜେନାଙ୍କ ବାସଭବନରେ କଂଗ୍ରେସର କର୍ମୀ ସମ୍ମିଳନୀ, ସ୍ଥାନ : ଶଙ୍ଖଣା, ହାଟଡିହୀ, ସମୟ : ପୂର୍ବାହ୍ନ ୧୦ ଟା।
- ବାବା ବଳିଆଙ୍କ ବାରୁଣୀ ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ବାତୋ, ଘଷିପୁରା, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ସ୍କାଉଟ ଗାଇଡ୍‌ର ୩୬ ତମ ଜିଲା କ୍ୟାମ୍ପୋରି ଉଦ୍‌ଘାଟନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ରାଇସୁଆଁ, କେନ୍ଦୁଝର, ସମୟ: ଅପରାହ୍ନ ୩ ଟା।

## ବ୍ରହ୍ମପୁର

- ନିଷ୍ଟ ପକ୍ଷରୁ ସଂକଳ୍ପ-୨୦୨୪, ସ୍ଥାନ: ନିଷ୍ଟ ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା୩୦।
- ରୟାଲ ଫାର୍ମାସୀ କଲେଜର ବାର୍ଷିକୋତ୍ସବ, ସ୍ଥାନ:ଅନ୍ଧପସରା ରୋଡ,
- ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ନାମଯଜ୍ଞ ଉଦ୍‌ଯାପନ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଭୂଷଣ୍ଡପାଳ, ସମୟ: ସକାଳ ୬ଟା।
- ରାମେଶ୍ୱର ମହାଦେବ ଓ ମା' କାଳୀଙ୍କ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଆସିକା ଚିନିଶିଳ୍ପ ନୂଆଗାଁ, ସମୟ: ସକାଳ ୮ଟା।
- ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ଆଇଟିଆଇ, ସମୟ: ସକାଳ ୮ଟା।
- ବିଶ୍ୱ ବନ ଦିବସ ପାଳନ,ସ୍ଥାନ: ଭଞ୍ଜନଗର ନର୍ସରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ ଦିବସ, ସ୍ଥାନ: ଘୁମୁସର ଦକ୍ଷିଣ ବନଖଣ୍ଡ ସୋରଡା ନର୍ସରୀ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ବନ ଦିବସ ପାଳନ, ସ୍ଥାନ: ଆସିକା ବ୍ଲକ ଭେଟନଈ ଭୀମସେନ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା ।
- ଚିନ୍ମୟ ମିଶନ ପକ୍ଷରୁ ଗୀତା ଶ୍ରବଣ ସାଧନା କାର୍ଯ୍ୟକ୍ରମ, ସ୍ଥାନ: ଚିନ୍ମୟ ମିଶନ ଆଶ୍ରମ, ଆସିକା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ବିଶ୍ୱ ଜଙ୍ଗଲ ଦିବସ ପାଳନ, ସ୍ଥାନ: ଫରେଷ୍ଟ ପାର୍କ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର

- ବାବା ବୈଦ୍ୟନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଉମରକୋଟ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ବନ କର୍ମଚାରୀ, ବନ ସଂରକ୍ଷଣ ସମିତିକୁ ଉତ୍ତମ ସେବା ପୁରସ୍କାର, ସ୍ଥାନ: ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## ସମ୍ବଲପୁର

- ଅଷ୍ଟପ୍ରହର ନାମଯଜ୍ଞ ସକାଶେ କଳସ ଯାତ୍ରା, ସ୍ଥାନ: ନାକଟିଦେଉଳ ପଥୁରିଆ ଗ୍ରାମ, ସମୟ: ସକାଳ ୭ଟା ।
- ହନୁମାନ ଓ ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସାନକୁଣ୍ଡେସର ଗ୍ରାମ, ସମୟ: ସକାଳ ୭ଟା ।
- ବୁର୍ଲା ସଦେଇପାଲି ବାସିନ୍ଦାଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ବ୍ୟବସାୟୀ ବିପିନ ବିହାରୀ ନାଥଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଗୋଶାଳା ଛକ, ସମୟ: ପୂର୍ବାହ୍ନ ୧୦ଟା ।
- ମହିଳା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭତରା ଜଗନ୍ନାଥ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ବଲାଙ୍ଗୀର

- ଲୋଇସିଂହା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପନୀ ସମାରୋହ, ସ୍ଥାନ: ମହାବିଦ୍ୟାଳୟ ଲେକଚରର୍ ହଲ, ସମୟ: ସକାଳ ୯ଟା ୩୦।
- ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ତରଫରୁ ପରିବେଶ ସଚେତନତା ଶିବିର, ସ୍ଥାନ: ଖପ୍ରାଖୋଲ ବ୍ଲକ ହରିଶଙ୍କର ପୀଠ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟାବାଞ୍ଜି ଶ୍ରୀମଦ୍ ଭାଗବତ କମିଟି ଦ୍ୱାରା ସାମୂହିକ ବ୍ରତୋପନୟନ ଅବସରରେ ସର୍ବସାଧାରଣଙ୍କ ପାଇଁ ଅନ୍ନପ୍ରସାଦ ସେବନ, ସ୍ଥାନ: ଶ୍ରୀରାଧାମାଧବ ମନ୍ଦିର (ମାତା ମନ୍ଦିର), କଣ୍ଟାବାଞ୍ଜି, ସମୟ: ଅପରାହ୍ନ ୧ଟା।
- ବିଶ୍ୱ କବିତା ଦିବସ ଉପଲକ୍ଷେ ବହୁଭାଷୀ କବିତା ସମ୍ମେଳନ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା ୩୦।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁରରେ ସାମୁହିକ ବ୍ରତୋପନୟନ, ସ୍ଥାନ: ସୁବର୍ଣ୍ଣମେରୁ ଶୈବପୀଠ ପରିସର, ସମୟ: ସକାଳ ୭ଟା।
- ଷୋହଳ ପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା, ସ୍ଥାନ: ଡୁଙ୍ଗୁରିପାଲି ବ୍ଲକ ବୈଦୁପାଲି ଗାଁ ଗଣ୍ଡାପଡା ନାମଯଜ୍ଞ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବରଗଡ଼

- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଅବସରରେ ବୈଠକୀ କୀର୍ତ୍ତନ, ସ୍ଥାନ: ଚର୍ଦ୍ଦାପାଲି ମହିମା ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ପୋଲିଂ, ପ୍ରିଜାଇଡ଼ିଂ ଅଧିକାରୀଙ୍କୁ ନିର୍ବାଚନୀ ପ୍ରଶିକ୍ଷଣ, ସ୍ଥାନ: ପଦ୍ମପୁର ଅଞ୍ଚଳ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ପଗାରପାଣି, ଖାରବନ୍ଧ, ସମୟ: ମଧ୍ୟାହ୍ନ ୧୨ଟା।
- ଲୋକ ମହୋତ୍ସବ, ସ୍ଥାନ: ଚର୍ଦ୍ଦାପାଲି ମହିମା ଆଶ୍ରମ, ସମୟ: ରାତି ୯ଟା।

## ରାଉରକେଲା

- ରାଉରକେଲା କୁଡ଼ମାଲି ସାଂସ୍କୃତିକ ଆଖଡ଼ା ପକ୍ଷରୁ ଜାତୀୟ କର୍ମଶାଳା, ସ୍ଥାନ: ସେକ୍ଟର-୨ ସାହାନାଇ ମଣ୍ଡପ, ସମୟ: ସକାଳ ୯ଟା।
- ବସନ୍ତ ମହୋତ୍ସବ ଉଦ୍‌ଯାପିତ, ସ୍ଥାନ: ଛେଣ୍ଡ ମ୍ୟୁଜିକ ସର୍କଲ, ସମୟ: ଅପରାହ୍ନ ୫ଟା।
- ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ବିଶ୍ୱ କବିତା ଦିବସ, ସ୍ଥାନ: ସେକ୍ଟର-୭, ସମୟ: ଅପରାହ୍ନ ୫ଟା ୩୦।
- ଆର୍‌ସିସିଆଇ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୯ ଆପୋଲୋ ହସ୍ପିଟାଲ, ସମୟ: ସନ୍ଧ୍ୟା ୬ଟା ୩୦।
- ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୩୦।
- ଆଦର୍ଶ ପାଠାଗାର ପକ୍ଷରୁ ମାସିକ ସାହିତ୍ୟ ଆସର, ସ୍ଥାନ: ସେକ୍ଟର-୫, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ନାମ ସଂକୀର୍ତ୍ତନ, ସ୍ଥାନ:ବଡ଼ଗାଁ ବ୍ଲକ ସାଲେପାଲି ଗ୍ରାମ କୀର୍ତ୍ତନ ମଣ୍ଡପ, ସମୟ:ସକାଳ ୮ ଟା।
- ଶ୍ରମଦାନ ମାଧ୍ୟମରେ ଔଷଧୀୟ ଉଦ୍ୟାନ ସଞ୍ଜିବନୀ ବାଟିକାର ଉନ୍ନତିକରଣ,ସ୍ଥାନ: ସୁନ୍ଦରଗଡ ସଞ୍ଜିବନୀ ବାଟିକା, ସମୟ : ସକାଳ ୮ଟା।
- ଜିଲା ସ୍ତରୀୟ ବିଶ୍ୱ ବନ ଦିବସ ପାଳନ ସମାରୋହ, ସ୍ଥାନ: ସୁନ୍ଦରଗଡ ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।
- ୨୬ତମ ଅଷ୍ଟପ୍ରହରୀ ନାମ ଯଜ୍ଞ ପାଇଁ କଳସ ଶୋଭାଯାତ୍ରା, ଶୁଭାଧିବାସ, ସ୍ଥାନ: ଇବ୍ ନଗର, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ମହାବିଷ୍ଣୁ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ ପୂଜା, ସ୍ଥାନ: ରିଆମାଳ ବ୍ଲକର ରେଙ୍ଗଲବାହାଲ, ସମୟ: ସକାଳ ୭ଟା।
- ମହାବିଷ୍ଣୁ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ ବିଶେଷ କାର୍ଯ୍ୟକ୍ରମ ବୈଠକୀ କୀର୍ତ୍ତନ, ସ୍ଥାନ: ରିଆମାଳ ବ୍ଲକର ରେଙ୍ଗଲବାହାଲ, ସମୟ: ସକାଳ ୮ଟା।
- ମହାବିଷ୍ଣୁ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ ଦେବପୂଜନ, ପ୍ରସାଦ ସେବନ, ସମୟ: ମଧ୍ୟାହ୍ନ ୧୨ଟା।
- ଦୋଳ ଉତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ହାତୀଶାଳ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ସାଧାରଣ ନିର୍ବାଚନ ପାଇଁ ପୋଲିଂ ୨, ୩, ୪ ଅଧିକାରୀଙ୍କ ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓ ସରକାରୀ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଧାକୃଷ୍ଣଙ୍କ ଫଗୁ ମହୋତ୍ସବ ଆରମ୍ଭ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଖାଦ୍ୟ ବ୍ୟବସାୟୀଙ୍କ ପଞ୍ଜୀକରଣ ମେଳା, ସ୍ଥାନ: ଖଡ଼ିଆଳ ବଦ୍ରି ନାରାୟଣ ମ୍ୟାରେଜ ପେଲେସ ଜଗନ୍ନାଥ ମନ୍ଦିର ୱାର୍ଡ ନଂ. ୮, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: କୋମନା ବ୍ଲକ ରେଙ୍ଗାବାହାଲ ଗାଁ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ବୌଦ୍ଧ ବ୍ଲକ କମିରା ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: କମିରା, ସମୟ: ସକାଳ ୬ଟା।
- ବୌଦ୍ଧ ବ୍ଲକ ଚଣ୍ଡିତଳ ଗ୍ରାମରେ ପ୍ରଥମ ସାମ୍ବତ୍ସରିକ ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ଚଣ୍ଡିତଳ ଗ୍ରାମ, ସମୟ: ସକାଳ ୬ଟା ।
- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତ ତବଡା ଗ୍ରାମରେ ଶିବ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ:ତବଡା ଶିବ ମନ୍ଦିର, ସମୟ : ସକାଳ ୯ଟା ।
- କଣ୍ଟାମାଳ ବ୍ଲକ ଘଣ୍ଟାପଡାସ୍ଥିତ ମାଲପଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ସ୍ଥାନ: ମାଲପଡା ଗ୍ରାମ୍ୟ ମଣ୍ଡପ , ସମୟ: ସକାଳ ୯ଟା ।
- ବୌଦ୍ଧ ବ୍ଲକ ଅଁଳାପାଲିରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ତୃତୀୟ ଦିବସ , ସ୍ଥାନ: ଅଁଳାପାଲି , ସମୟ: ସନ୍ଧ୍ୟା ୭ଟା ।
- ବୌଦ୍ଧ ବ୍ଲକ ବହିରାରେ ଧନୁଯାତ୍ରା ମହୋତ୍ସବ ଓ କଂସ ଦରବାରର ତୃତୀୟ ଦିବସ, ସ୍ଥାନ: ବହିରା ଉଚ୍ଚ ବିଦ୍ୟାଳୟ ପଡିଆ, ସମୟ: ସନ୍ଧ୍ୟା ୭ଟା ।

## ଢେଙ୍କାନାଳ

- ପ୍ରଥମ ଶହୀଦ ବୀର ବାଜି ରାଉତ ମହୋତ୍ସବ, ସ୍ଥାନ: ଢେଙ୍କାନାଳ ବାଜିଚୌକ, ସମୟ: ସନ୍ଧ୍ୟା ୭ଟା।
- ୪୭ତମ ରାମଚରିତ ମାନସ ପାରାୟଣର ୯ମ ଦିବସ, ସ୍ଥାନ: ଢେଙ୍କାନାଳ ଯାଉଁଳି ପୋଖରୀ ମଠ, ସମୟ: ସନ୍ଧ୍ୟା ୭ଟା।

## ଅନୁଗୋଳ

- ବାର୍ଷିକ ଦ୍ୱାଦଶୀ ମେଳଣ ଯାତ୍ରା ଉତ୍ସବ, ସ୍ଥାନ: କଣିହାଁ ବ୍ଲକ ଦେଉଳିଁ ଗ୍ରାମ, ସମୟ: ସକାଳ ୯ ଟା।
- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନଜନିତ ସେକ୍ଟର ଅଧିକାରୀ, ସ୍ଥାନ: ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ଓଡ଼ିଶା ନଦୀ ସମ୍ମିଳନୀ, ସ୍ଥାନ:ହୋଟେଲ ଆଶିୟାନା ହିଲ ଭିୟୁ, ସମୟ: ପୂର୍ବାହ୍ନ ୧୦ ଟା ।
- ରିଇଟି କମିଟି ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ଜିଲାପାଳଙ୍କ ସାଧାରଣ ନିର୍ବାଚନ ନେଇ ବିଭିନ୍ନ ବୁଥ୍ ସଂକ୍ରାନ୍ତୀୟ କ୍ଷେତ୍ରୀୟ ସ୍ଥିତି ଅନୁଧ୍ୟାନ: ସ୍ଥାନ: ଜଗତ୍‌ସିଂହପୁର ଜିଲା: ସମୟ: ପୂର୍ବାହ୍ନ ୧୦ଟା।
- ସ୍ରିଷ୍ଟି ଆଖି ହସ୍ପିଟାଲ ପକ୍ଷରୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର, ସ୍ଥାନ: ବାଲିଝରା ଗଣପତି ଶିଶୁ ବିଦ୍ୟାମନ୍ଦିର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ମୈନାକ ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ ଋତୁ ଉପରେ କବିତା ଆସର,ସ୍ଥାନ: ସାକ୍ଷରତା ସମିତି ପରିସର, ମଧୁବନ ପାରାଦୀପ, ସମୟ: ଅପରାହ୍ନ ୪ ଟା।

## ନୟାଗଡ଼

- ରାମଚରିତ ମାନସ ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ପଶ୍ଚିମମୁଖା ହନୁମାନ ମନ୍ଦିର, ଖଣ୍ଡପଡ଼ା, ସମୟ: ସକାଳ ୮ଟା।
- ବିଶ୍ୱଶାନ୍ତି ଯଜ୍ଞର ଜଳଯାତ୍ରା, ସ୍ଥାନ: ନୟାଗଡ଼ ବ୍ଲକ୍ ଭାଟସାହିର ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ସକାଳ ୮ଟା।
- ନୀଳମାଧବ ଜୀଉ ପୀଠରେ ଦୋଳ ପରିକ୍ରମା, ସ୍ଥାନ: କଣ୍ଟିଲୋ ଦୟଣାଚୋରି ବଗିଚା, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ୩୧ତମ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀ ରଘୁନାଥଜୀଉ ପୀଠ, ସନ୍ଥପଡ଼ା ଓ ଗୋବିନ୍ଦପୁର, ରାଜନଗର, ସମୟ:ସକାଳ ୬ଟା।
- ମହିମା ସନ୍ଥଙ୍କ ଅଖଣ୍ଡ ବ୍ରହ୍ମଧ୍ୱନୀ ଯଜ୍ଞ, ସ୍ଥାନ: ପେଣ୍ଠ ବେଳାଭୂମି, ରାଜନଗର, ସମୟ: ସକାଳ ୮ଟା।
- ବାବା ମଣିକେଶ୍ୱର କ୍ରିକେଟ୍ କ୍ଲବ ପକ୍ଷରୁ ଦକ୍ଷିଣା ପ୍ରିମିୟର ଲିଗ୍, ସ୍ଥାନ:ଦକ୍ଷିଣା କ୍ରିକେଟ୍ ଗ୍ରାଉଣ୍ଡ, ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ବନ ଦିବସ ପାଳନ, ସ୍ଥାନ: ରାଜନଗର ବନଖଣ୍ଡ ପାର୍କ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚମ ବାର୍ଷିକ ସାଗରବେଳା ମହୋତ୍ସବ, ସ୍ଥାନ:ପେଣ୍ଠ ବେଳାଭୂମି, ରାଜନଗର, ସମୟ:ଅପରାହ୍ନ ୪ଟା।
- ରାଧାକାନ୍ତଜୀଉ ନାଟ୍ୟ ପରିଷଦର ନାଟକ ଉତ୍ସବ, ସ୍ଥାନ:ନୋଳସାହି, ରାଜନଅର ମେଳଣ ପଡ଼ିଆ, ଡେରାବିଶ, ସମୟ:ସନ୍ଧ୍ୟା ୬ଟା।
- ପଲ୍ଲି ପ୍ରଗତି ଯୁବକ ସଂଘ ପକ୍ଷରୁ ମା' ବଜ୍ରବୁଢ଼ୀ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା, ସ୍ଥାନ: ତେରଗାଁ, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା,ସ୍ଥାନ : ନୀଳାଚଳ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ଭୀମ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ୯ମ ଦିନ, ସ୍ଥାନ : କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ବ୍ୟାସନଗର ପ୍ରିମିୟର ଲିଗ୍‌ର ଫାଇନାଲ ମ୍ୟାଚ୍, ସ୍ଥାନ : ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପଡ଼ିଆ,ସମୟ : ସନ୍ଧ୍ୟା ୬ଟା।
- ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ୧୨୪ ତମ ମେଳଣ ଉତ୍ସବ,ସ୍ଥାନ:ବ୍ୟାସନଗର ଚାନ୍ଦମା ୧୧ ନମ୍ବର ୱାର୍ଡ,ସମୟ : ରାତି ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ସ୍ୱଗୃହୀ କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ଲୋକପ୍ରିୟତା, ଜନସମର୍ଥନ ଓ କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ। ବିଭିନ୍ନ ଦିଗରେ ଖର୍ଚ୍ଚ ପରିମାଣ ବଢ଼ିଯିବ। ଭ୍ରମଣହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଶିଳ୍ପ ବାଣିଜ୍ୟରେ ଉନ୍ନତି, କଳା ସାହିତ୍ୟରେ ପ୍ରଶଂସା ଏବଂ ସଂଗଠନ ଓ ରାଜନୀତି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ।

**ବୃଷ** – ରାଶ୍ୟାଧିପତି ଶନି ସଂଯୁକ୍ତ ରହିଥିବାରୁ ଆଳସ୍ୟ ଅନୁଭବ କରିବେ ଓ କାମ କରିବାକୁ ଆଦୌ ଇଚ୍ଛା ହେବନାହିଁ। ନିର୍ମାଣ କାମ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ। ପିଲାଙ୍କ କଥା ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ।

**ମିଥୁନ** – ବାଣୀକାରକ ଗ୍ରହ ବୁଧ ପାପଯୁକ୍ତ ହେତୁ ବନ୍ଧୁ ଗହଣରେ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ। ବିଶିଷ୍ଟ ବ୍ୟକ୍ତିଙ୍କ ଗହଣରେ ସମ୍ମାନିତ ହେବାର ସୌଭାଗ୍ୟ ପାଇବେ। ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ପୁରାତନ ରୋଗପୀଡ଼ା ଅନୁଭବ କରିବେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ କରିବେ।

**କର୍କଟ** – ଶୁଭଚନ୍ଦ୍ରଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବ ଏବଂ ଲୋକପ୍ରିୟତା ହାସଲ କରିବେ। ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ମିତ୍ରମାନେ ପ୍ରଶଂସା ଗାଇ ବୁଲିପାରନ୍ତି। ବନ୍ଧୁଙ୍କ ସହାୟତାରେ କଳା, ସାହିତ୍ୟ ଓ କ୍ରୀଡ଼ା ପ୍ରଭୃତିରେ ମନୋରଞ୍ଜନ ପ୍ରୀତିପ୍ରଦ ହେବ। ବାଣିଜ୍ୟ, ବ୍ୟବସାୟ ସମ୍ପର୍କିତ କେତେକ କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ସିଂହ** – ଦୁଃସ୍ଥାନରେ ଦ୍ୱିତୀୟାଧିପତି ଥିବାରୁ ନିକଟ ଅତୀତର ଘଟଣାଗୁଡ଼ିକର ସମୀକ୍ଷା କରିବେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣସୂତ୍ରରେ ଅର୍ଥଲାଭ କରିବା ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ରଚନାତ୍ମକ କାର୍ଯ୍ୟ, କଳା, କ୍ରୀଡ଼ା, ଚଳଚ୍ଚିତ୍ର ଓ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** – ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆଜି ବନ୍ଧୁଙ୍କ ସାହାଯ୍ୟ ଲାଭକରି କର୍ମକ୍ଷେତ୍ରର ସମସ୍ୟା ସମାଧାନ କରିବେ। ଆବଶ୍ୟକତା ପୂରଣ କ୍ଷେତ୍ରରେ ପାରିବାରିକ ଖର୍ଚ୍ଚ ପରିମାଣ ହଠାତ୍ ବୃଦ୍ଧି ପାଇବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ ହଠାତ୍ ବାହାରକୁ ଯିବାକୁ ପଡ଼ିପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**ତୁଳା** – ଅନୁକୂଳ ଗ୍ରହସ୍ଥିତିରୁ ଆଜିର ସକାଳୁଆ ଯାତ୍ରା ପ୍ରାୟତଃ ଶୁଭପ୍ରଦ ହେବ। ପରିବାରରେ ଭାବପ୍ରବଣ ବଶତଃ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁନାହିଁ। କର୍ମକ୍ଷେତ୍ରର ପରିସ୍ଥିତି ଗମ୍ଭୀର ରହିବ। ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କରି ପ୍ରିୟକଥା ମାଧ୍ୟମରେ ସମସ୍ୟା ସମାଧାନ କରିବେ।

**ବିଛା** – ଚତୁର୍ଥସ୍ଥ ଶନି ଓ ମଙ୍ଗଳଙ୍କ ଦୃଷ୍ଟି କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବା ସାଙ୍ଗକୁ ଲୋକସମ୍ପର୍କ ବୃଦ୍ଧି ପାଇବ। ବନ୍ଧୁଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ।

**ଧନୁ** – ଗ୍ରହ ଦୁଃସ୍ଥିତିର ପ୍ରଭାବରେ ଅତୀତ ଘଟଣାକୁ ନେଇ ମନ ଭାରାକ୍ରାନ୍ତ ରହିବ। ପୂର୍ବ ଘଟଣାକୁ କେନ୍ଦ୍ରକରି ମନରେ କିଛି ଭୟ ଓ ଆଶଙ୍କା ଜାଗ୍ରତ ହୋଇପାରେ। ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରିପାରିବେ ନାହିଁ। ଆନୁଷ୍ଠାନିକ କାର୍ଯ୍ୟରେ ଯୋଗଦେଇ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ।

**ମକର** – ତୃତୀୟାଧିପ ଚତୁର୍ଥ କେନ୍ଦ୍ରରେ ଥିବାରୁ ସ୍ଥଗିତ କାମ ପୂରଣ ସକାଶେ ବନ୍ଧୁ ସାହାଯ୍ୟ କରିପାରନ୍ତି। ଭ୍ରାତୃ ସମ୍ପର୍କରେ ବ୍ୟତିକ୍ରମ ଦେଖାଦେବ। ପରିବାରର ଖର୍ଚ୍ଚ ବୃଦ୍ଧି ନିୟନ୍ତ୍ରଣ ପାଇଁ ନୂଆ ନୂଆ ଯୋଜନା ଚିନ୍ତା କରିପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାଧାନ ଦିଗରେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିପାରନ୍ତି।

**କୁମ୍ଭ** – ଆଜି ପରିବାର ମଧ୍ୟରେ ହସଖୁସିର ବାତାବରଣରୁ ମନ ହାଲୁକା ରହିବ। ରାହୁଯୁକ୍ତ ସପ୍ତମାଧିପତି ରବି ହେତୁ ତରବରିଆ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ। ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ନ ପାଇବାରୁ ମନରେ ସରସତା ରହିବ ନାହିଁ।

**ମୀନ** – କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ପ୍ରକାଶ କରି ଅଯଥା କଷ୍ଟ ଅନୁଭବ କରିବେ। ଚତୁର୍ଥାଧିପତିଙ୍କ ଦୁର୍ବଳତା କାରଣରୁ ସାମାଜିକସ୍ତରରେ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିପାରେ। ବନ୍ଧୁଙ୍କ ମେଳରେ ଗାମ୍ଭୀର୍ଯ୍ୟ ରକ୍ଷାକରି ସମାଲୋଚିତ ହୋଇପାରନ୍ତି। ସନ୍ତାନଙ୍କ ବୈବାହିକ ସମ୍ବନ୍ଧ ପରିପ୍ରେକ୍ଷୀରେ ଆଲୋଚନା ହୋଇପାରେ।

ଆଜି ମାର୍ଚ୍ଚ ୨୧ ତାରିଖ, ବିଶ୍ୱ କାବ୍ୟ ଦିବସ, ବିଶ୍ୱ ବର୍ଣ୍ଣବୈଷମ୍ୟ ଉନ୍ମୂଳନ ଦିବସ, ବିଶ୍ୱ ଜଙ୍ଗଲ ଓ ବନୀକରଣ ଦିବସ, ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ଗୁରୁବାର, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୩ମି. ଗତେ ଘ.୦୭।୨୯ମି. ମଧ୍ୟେ, ଘ.୧୦।୪୧ମି. ଗତେ ଘ.୦୧।୦୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୪ମି. ଗତେ ଘ.୦୨।୫୪ମି. ମଧ୍ୟେ ରାହୁକାଳ।

# ସରିଲା ଯୁକ୍ତ୨ ପରୀକ୍ଷା: ଶୁକ୍ରବାରରୁ ମୂଲ୍ୟାୟନ

## କପିକରି ଧରାପଡ଼ିଛନ୍ତି ୬୪୯ ଛାତ୍ରୀଛାତ୍ର

ଭୁବନେଶ୍ୱର, ୨୦।୩(ଅସମାପିକା ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ବୁଧବାର ଶେଷ ହୋଇଛି। ପରୀକ୍ଷାରେ ମୋଟ ୬୪୯ ଛାତ୍ରୀଛାତ୍ର କପି କରି ଧରାପଡ଼ିଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାରଠାରୁ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଖାତାଦେଖା ହେବ। ପ୍ରଥମ ପର୍ଯ୍ୟାୟରେ ୨୨ରୁ ଏପ୍ରିଲ ୨ ପର୍ଯ୍ୟନ୍ତ ପ୍ରାୟ ୬,୫୦୦ ଶିକ୍ଷକ ଖାତା ଦେଖିବାକୁ ନିୟୋଜିତ ହୋଇଛନ୍ତି। ସେହିପରି ଏପ୍ରିଲ ୪ରୁ ୧୫ ପର୍ଯ୍ୟନ୍ତ ପ୍ରାୟ ୪ହଜାର ଶିକ୍ଷକ ଖାତାଦେଖିବେ। ଚଳିତବର୍ଷ ମଧ୍ୟ ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନରେ ଖାତାଦେଖା ହେବ। କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଖାତା ଅନ୍‌ଲାଇନରେ ଓ ଧନ୍ଦାମୂଳକ ଶିକ୍ଷାର ମୂଲ୍ୟାୟନ ଅଫ୍‌ଲାଇନରେ ହେବ। ନିର୍ଦ୍ଧାରିତ ସମୟ ସୁଦ୍ଧା ମୂଲ୍ୟାୟନ ପ୍ରକ୍ରିୟା ସାରି ମେ' ୧୫ ମଧ୍ୟରେ ଫଳ ପ୍ରକାଶ କରିବାକୁ ପରିଷଦ ଲକ୍ଷ୍ୟ ରଖିଛି। ଚଳିତ ବର୍ଷ ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ପରୀକ୍ଷା ନିୟନ୍ତ୍ରକ ଅଶୋକ କୁମାର ନାୟକ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଚଳିତବର୍ଷ ୩ଲକ୍ଷ ୮୬ହଜାର ୨୫୦ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ତେବେ ପଦାର୍ଥ ବିଜ୍ଞାନ ପରୀକ୍ଷା ପ୍ରଶ୍ନପତ୍ରରେ ସିଲାବସ୍ ବାହାରୁ ପ୍ରଶ୍ନପତ୍ର ଆସିଥିବା ନେଇ ଛାତ୍ରୀଛାତ୍ରମାନେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଯାଞ୍ଚ କରି ଟଏସ୍ ଡେଫିସିଟ୍ ବା ବିକଳ୍ପ ଅଭାବ ଥିବା ପରିଷଦ ଜାଣିବାକୁ ପାଇଥିଲା। ଯେଉଁ ଛାତ୍ରୀଛାତ୍ର ସେହି ପ୍ରଶ୍ନକୁ ଲେଖିଥିବେ ବା ଲେଖିବାର ପ୍ରୟାସ କରିଥିବେ ସେମାନଙ୍କୁ ସର୍ବାଧିକ ୧୯ମାର୍କ ଗ୍ରେସ୍ ଦିଆଯିବ ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରକାଶ କରିଛନ୍ତି। ହେଲେ ପ୍ରଶ୍ନପତ୍ର ସିଲାବସ୍ ବାହାରୁ ଆସିଥିବାରୁ ଅଯଥା ସମୟ ଅପଚୟ ନ କରିବା ପାଇଁ ବହୁ ପରୀକ୍ଷାର୍ଥୀ ଉତ୍ତର ଲେଖିନାହାନ୍ତି। ତେଣୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ଦେବା ପାଇଁ ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ଦାବି କରୁଛନ୍ତି।

# ଏଟିଏମ୍ କାର୍ଡ ବଦଳାଇ ୧୭ ହଜାର ନେଇଗଲେ

ଗମ୍ଭାରୀମୁଣ୍ଡା,୨୦।୩(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ଖୁଣ୍ଟପଲ୍ଲୀ ଗ୍ରାମର ମକଦ୍ଦମ ଜେନାଙ୍କ ଏଟିଏମ୍ କାର୍ଡ ବଦଳାଇ ଜଣେ ଦୁର୍ବୃତ୍ତ ୧୭ହଜାର ଟଙ୍କା ନେଇଯାଇଥିବା ବୁଧବାର ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଆକାଉଣ୍ଟରେ କେତେ ଟଙ୍କା ଅଛି ଜାଣିବା ପାଇଁ ମକଦ୍ଦମ ବାଣପୁର ଷ୍ଟେଟବ୍ୟାଙ୍କ ଶାଖାର ଏଟିଏମ୍‌କୁ ଯାଇଥିଲେ। ଏଟିଏମ୍ କାର୍ଡ ବ୍ୟବହାର ଜାଣି ନ ଥିବାରୁ ଉକ୍ତ ଏଟିଏମ୍‌ରେ ଜଣେ ବ୍ୟକ୍ତିଙ୍କୁ ମକଦ୍ଦମ ତାଙ୍କ କାର୍ଡ ଦେଇ ବାଲାନ୍ସ ଚେକ୍ କରିବାକୁ କହିଥିଲେ। ମାତ୍ର ସେହି ବ୍ୟକ୍ତି ଅନ୍ୟ ଏକ ଏଟିଏମ୍ କାର୍ଡ ମକଦ୍ଦମଙ୍କୁ ଦେଇ ଟଙ୍କା ବାହାରୁ ନାହିଁ କହି ପଳାଇଥିଲେ। ପରେ ନିଜ ସମ୍ପର୍କୀୟ ଆସିବାରୁ ମକଦ୍ଦମ ଉକ୍ତ ଏଟିଏମ୍ କାର୍ଡଟିକୁ ଦେଇ ବାଲାନ୍ସ ଚେକ୍ କରିବାକୁ କହିଥିଲେ। କାର୍ଡଟି ମକଦ୍ଦମଙ୍କର ନୁହେଁ ବୋଲି ଜଣାପଡ଼ିବା ସହ ତାଙ୍କ ଆକାଉଣ୍ଟରୁ ୧୭ହଜାର ଟଙ୍କା ଉଠା ହୋଇଥିବା ମେସେଜ ଆସିଥିଲା। ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ।

# ୱାର୍ ରୁମ୍ କରି ବିଭିନ୍ନ ଯୋଜନାର ତଥ୍ୟ ନିଅ

## କୋରାପୁଟ, ନବରଙ୍ଗପୁର ଲୋକ ସଭା ଆସନ ସମେତ ବିଧାନସଭା ନିର୍ବାଚନମଣ୍ଡଳୀକୁ ନେଇ ବିଜେଡିର ସମୀକ୍ଷା

ଭୁବନେଶ୍ୱର, ୨୦।୩(ସୁନିତ୍ ମିଶ୍ର)

ପୁରୀ ଏବଂ କେନ୍ଦ୍ରାପଡ଼ା ଲୋକ ସଭା ଆସନ ଓ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ର ନେଇ ନିକଟରେ ବିଜେଡି ଶୀର୍ଷ ନେତୃତ୍ୱ ନବୀନ ନିବାସରେ ସମୀକ୍ଷା କରିଥିବା ବେଳେ ବୁଧବାର ଆଉ ୨ ଲୋକସଭା ଆସନ ଅନ୍ତର୍ଗତ ନେତାଙ୍କ ସହ ଦଳ ବୈଠକ କରିଛି। ଲୋକ ସଭା ଆସନ ୱାରି ଦଳ ପକ୍ଷରୁ ସମୀକ୍ଷା କରାଯାଉଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜେଡିରେ ଏଭଳି ଢଙ୍ଗରେ କସରତ ଜାରି ରହିଛି। ବୁଧବାର କୋରାପୁଟ ଓ ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ଏହାର ଅନ୍ତର୍ଗତ ବିଧାନସଭା କ୍ଷେତ୍ରଗୁଡ଼ିକରେ ଦଳର ସାଙ୍ଗଠନିକ ସ୍ଥିତି ବିଷୟରେ ଆଲୋଚନା କରାଯାଇଛି।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନରେ ପ୍ରଥମେ କୋରାପୁଟ ଏବଂ ଅପରାହ୍ନରେ ନବରଙ୍ଗପୁର ଲୋକ ସଭା ଆସନ ଏବଂ ଏହା ଅଧୀନରେ ଥିବା ବିଧାନସଭା କ୍ଷେତ୍ରଗୁଡ଼ିକ ସମ୍ପର୍କରେ ସମୀକ୍ଷା କରାଯାଇଛି। ବିଜେଡିକୁ କିଭଳି ଆସନ୍ତା ନିର୍ବାଚନରେ ଅଧିକ ସଫଳତା ମିଳିବ, ସେନେଇ ବୈଠକରେ ଗୁରୁତ୍ୱ ଦିଆଯାଇଛି। ଏହାସହ ସବୁ ବିଧାନସଭା କ୍ଷେତ୍ରୱାରି ଦଳ ତରଫରୁ ୱାର୍ ରୁମ୍ ପ୍ରସ୍ତୁତ କରି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଟେଲିଫୋନ କରି କଥା ହେବାକୁ କୁହାଯାଇଛି। ଏହାସହ କେଉଁମାନେ କେଉଁ ଯୋଜନା ପାଇଛନ୍ତି, କେଉଁମାନେ କିଛି ପାଇବାରୁ ବଞ୍ଚିତ ଅଛନ୍ତି ଆସନ୍ତା ୧୫ ଦିନ ମଧ୍ୟରେ ତା'ର ତାଲିକା ପ୍ରସ୍ତୁତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ଏହାସହ କେଉଁ ଆସନରେ ଯଦି କିଛି ନେତାମାନଙ୍କ ମଧ୍ୟରେ ମତଭେଦ ରହିଛି ତାକୁ ମଧ୍ୟ ଏହି ଅବସରରେ ଦୂରକରିବାକୁ ଚେଷ୍ଟା କରାଯାଉଛି। ଏହି ନିର୍ବାଚନମଣ୍ଡଳୀଗୁଡିକରେ ସାମ୍ପ୍ରତିକ ସ୍ଥିତି ଦଳର କିଭଳି ରହିଛି ଏବଂ ଆଗକୁ ରଣନୀତି କ'ଣ ରହିବ, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ତୁରନ୍ତ ନିର୍ବାଚନମଣ୍ଡଳୀକୁ ଯାଇ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୦୧୯ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନରେ କଂଗ୍ରେସ ବିଜୟୀ ହୋଇଥିଲା। ଏଥର ବିଜେଡି କିପରି ସେଠାରେ ଭଲ ପ୍ରଦର୍ଶନ କରିବ, ସେନେଇ ମାନସମନ୍ଥନ ହୋଇଛି। ସେହିପରି ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ଦଳର ରଣନୀତି ବିଷୟରେ ଆଲୋଚନା ହୋଇଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କୋରାପୁଟ ଓ ନବରଙ୍ଗପୁର ଜିଲା ପର୍ଯ୍ୟବେକ୍ଷକ ଉପସ୍ଥିତ ଥିଲେ।



ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ(ଡାହାଣରୁ ଦ୍ୱିତୀୟ) ଓ ଫିଲ୍ଡିଂ କୋଚ୍ ଆର. ଶ୍ରୀଧର(ଡାହାଣରୁ ପ୍ରଥମ) ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିବା ଅବସରରେ ଉପସ୍ଥିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଏବଂ ଏମ୍‌ଜିଏମ୍ ଗ୍ରୁପ୍‌ର ସିଏମ୍‌ଡି ପଙ୍କଜ ଲୋଚନ ମହାନ୍ତି(ବାମରୁ ଦ୍ୱିତୀୟ)।

# ରବିଚାଷ ପାଇଁ ଚାଷୀ ପଞ୍ଜୀକରଣ ୮୩,୬୫୭ ହ୍ରାସ

ଯାଜପୁର,୨୦।୩(ହର୍ଷବର୍ଦ୍ଧନ ବେହେରା)

- ପୋକ ଲାଗି ଧାନଗଛ ନଷ୍ଟ, ଚିନ୍ତାରେ ଚାଷୀ
- ୨୦୨୩ ରବିରେ ୧୪୧୪୬୧ ଚାଷୀ ନାମ ପଞ୍ଜୀକରଣ କରିଥିଲେ
- ୨୦୨୪ ମାର୍ଚ୍ଚ ୧୬ ସୁଦ୍ଧା ୫୭୮୦୪ ଜଣଙ୍କ ନାମ ପଞ୍ଜୀକରଣ
- ଯାଜପୁରକୁ ମିଶାଇ ୧୭ ଜିଲାରେ ଏପରି ସ୍ଥିତି
- ଜଳାଭାବ, ପ୍ରଶାସନିକ ଅବହେଳା ପ୍ରମୁଖ କାରଣ

ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ରହୁ ନ ଥିବା ଚଳିତ ରବିରତୁ କୃଷକଙ୍କ ନାମ ପଞ୍ଜୀକରଣରୁ ସ୍ପଷ୍ଟ ହୋଇଛି। ଗତ କୃଷି ବର୍ଷ ଅପେକ୍ଷା କୃଷକଙ୍କ ନାମ ପଞ୍ଜୀକରଣରେ ଚଳିତ ବର୍ଷ ୧୬।୩।୨୦୨୪ ସୁଦ୍ଧା ଚାଷୀଙ୍କ ସଂଖ୍ୟା ୮୩,୬୫୭ ହ୍ରାସ ପାଇଛି। ଯାଜପୁର ସମେତ ରାଜ୍ୟର ୧୭ ଜିଲାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଯାଜପୁର ଜିଲାର କୋରେଇ ଅଞ୍ଚଳରେ ରବି ଧାନ ଚାଷରେ ଏକ ଅଜଣା ପୋକ ଚେରକୁ ଖାଇଦେଉଥିବାରୁ ଧାନଗଛରେ କେଣ୍ଡା ଆସି ପାରୁନି ବୋଲି ଅଭିଯୋଗ ହେଉଛି। ଏହାକୁ ନେଇ ଚାଷୀ ମହଲରେ ଭାଳେଣି ପଡ଼ିଛି। କୃଷି ବିଭାଗ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଯିବା ସହ ଧାନ ସଂଗ୍ରହରେ ପ୍ରଶାସନିକ କଳର ଅବହେଳା, ଜଳସେଚନ ବ୍ୟବସ୍ଥା ଆଦି ସମସ୍ୟା ଲାଗି ରହିଥିବାରୁ ଏଭଳି ଭାବେ କୃଷି ଓ କୃଷକ ସଙ୍କଟରେ ଥିବା ମନେ ହୋଇଛି।

ରାଜ୍ୟ ସେବା ସମବାୟ ସମିତିରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ୨୦୨୩ ମାର୍ଚ୍ଚ ୧୬ ତାରିଖ ସୁଦ୍ଧା ୧,୪୧,୪୬୧କୃଷକ ନାମ ପଞ୍ଜୀକରଣ କରିଥିବାବେଳେ ଚଳିତବର୍ଷ ଉପରୋକ୍ତ ତାରିଖ ସୁଦ୍ଧା ମାତ୍ର ୫୭୮୦୪ ଜଣ କୃଷକ ନାମ ପଞ୍ଜୀକରଣ କରିଛନ୍ତି। ଏହି ମର୍ମରେ ରାଜ୍ୟ ସେବା ସମବାୟ ସମିତି ନିବନ୍ଧକଙ୍କ କାର୍ଯ୍ୟାଳୟରୁ ନିବନ୍ଧକ ୧୮।୩।୨୦୨୪ରେ ଯାଜପୁର ଏସ୍‌ଆରସିଏସ୍‌ଙ୍କୁ ଏଭଳି କମ୍ ସଂଖ୍ୟମ କୃଷକ ନାମ ପଞ୍ଜୀକରଣର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଗତ ବର୍ଷ ଅପେକ୍ଷା ଚଳିତବର୍ଷ ରାଜ୍ୟର ବାଲେଶ୍ୱର ଜିଲାରେ ୧୪୩୪୧, ବରଗଡ଼ ଜିଲାରେ ୨୩୯୨୨, ବଲାଙ୍ଗୀରରେ ୨୬୩୮, ବୌଦ୍ଧରେ ୧୬୩୪, କଟକରେ ୧୨୦୫, ଯାଜପୁରରେ ୧୩୭୦, ଝାରସୁଗୁଡ଼ାରେ ୫୨୧, କଳାହାଣ୍ଡିରେ ୮୦୨୭, ଖୋର୍ଦ୍ଧାରେ ୧୪୮, କୋରାପୁଟରେ ୨୯୨୮, ମୟୂରଭଞ୍ଜରେ ୧୪୦, ନବରଙ୍ଗପୁରରେ ୩୮୪, ନୂଆପଡ଼ାରେ ୨୯୭୯, ପୁରୀରେ ୭୫୭୫, ସମ୍ବଲପୁରରେ ୪୭୦୫ ଓ ସୁବର୍ଣ୍ଣପୁରରେ ୧୧୧୩୭ ଜଣ ଚାଷୀ ପଞ୍ଜୀକରଣ ସଂଖ୍ୟା ହ୍ରାସ ପାଇଛି। ରାଜ୍ୟରେ ଧାନ ସଂଗ୍ରହର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଓ ସମ୍ବଲପୁର ଜିଲାରେ ଗତ ବର୍ଷର ଅଧା ବି ଚାଷୀ ଏଯାଏ ନାମ ପଞ୍ଜୀକରଣ କରିନାହାନ୍ତି।

ଶିଳ୍ପବହୁଳ ଯାଜପୁର ଜିଲାରେ ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୬୬,୬୧୩ ଓ ରବି ଋତୁରେ ୩୮,୭୦୦ ହେକ୍ଟର ଜମି ଲାଗି ଜଳସେଚନ ବ୍ୟବସ୍ଥା ରହିଥିବା ବିଭାଗ ପକ୍ଷରୁ କୁହାଯାଉଛି। ବାସ୍ତବପକ୍ଷେ ଏହାର ଅର୍ଦ୍ଧାଧିକ ଜମିରେ ପାଣି ମାଡୁ ନ ଥିବା ଅଭିଯୋଗ ହୋଇଆସୁଛି। ରବି ଋତୁରେ ବ୍ରାହ୍ମଣୀ, ଖରସ୍ରୋତା ଆଦି ନଦୀରୁ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୧୦ ହଜାର ହେକ୍ଟର ଜମିରେ ଜଳସେଚିତ ହେଉଛି। ସେହିପରି କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ବୋରୱେଲ, ଡଗ୍‌ୱେଲ, ଡବ୍ଲ୍ୟୁଏଚ୍‌ଏସ୍ ଓ ଅନ୍ୟାନ୍ୟ ଉତ୍ସରୁ ଅବଶିଷ୍ଟ ଜମିରେ ରବି ଋତୁରେ ପାଣି ମାଡିଥାଏ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। କିନ୍ତୁ ଗତ ଖରିଫ ଋତୁରେ ଧାନ ସଂଗ୍ରହରେ ଅପେକ୍ଷାକୃତ ବିଳମ୍ବ ଏବଂ ଅନେକ ଅନିୟମିତତା ଚାଷୀଙ୍କୁ ବିମୁଖ କରିଛି ବୋଲି ଅଭିଯୋଗ ହୋଇଛି। ଯାଜପୁର ଜିଲାରେ ଗତ ଜୁନ୍ ମାସରେ ୩୮%, ଜୁଲାଇରେ ୩୭%, ଅଗଷ୍ଟରେ ୨୦ ପ୍ରତିଶତ କମ ବର୍ଷା ହୋଇଥିବାବେଳେ କେବଳ ସେପ୍ଟେମ୍ବରରେ ଆବଶ୍ୟକତାଠାରୁ ପ୍ରାୟ ୩୭% ଅଧିକ ବର୍ଷା ହୋଇଥିଲା। ଫଳରେ ପ୍ରାରମ୍ଭିକ ଭାବେ ଚାଷୀ ଚାଷକ୍ଷେତ୍ରରେ କ୍ଷତିର ସମ୍ମୁଖୀନ ହୋଇଥିଲେ। ଏହାବାଦ୍ ଜିଲାରେ ଧାନ ସଂଗ୍ରହରେ ପ୍ରାୟ ଦେଢମାସ ପର୍ଯ୍ୟନ୍ତ ବିଳମ୍ବ ହେବାରୁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଥିଲା। ଏଥର ଯାଜପୁର ଜିଲାର କୋରେଇ ବ୍ଲକରେ ରବି ଚାଷ ଆରମ୍ଭ ହୋଇ ତଳି ପକାଇ ଚାଷୀ ରୁଆ କାମ ସାରିଛି। ମାତ୍ର ଅଜଣା ରୋଗରେ ଆକ୍ରାନ୍ତ ହୋଇ ଗଛ ବଢୁନି। ଯାହା ପ୍ରତିକାର କଲେ ବି କିଛି ସୁଫଳ ମିଳୁନି। ଧାନ ଗଛ ପଚି ଯାଉଛି। ଫଳରେ ଅନେକ ଟଙ୍କା ଋଣ କରି ଚାଷୀମାନେ ଏବେ ଚିନ୍ତାରେ ପଡିଛନ୍ତି। ଏଭଳି ପରିସ୍ଥିତିରେ କୃଷି ବିଭାଗ ନିଦାବିଞ୍ଚୁ ପାଲଟିଛି। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଭାଗଚାଷୀ ନାମରେ ନକଲି କୃଷକଙ୍କ ନାମ ପଞ୍ଜୀକରଣ କରାଯାଇ କୃଷିକ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର ଦୁର୍ନୀତି ହୋଇଥିବା ମଧ୍ୟ ଖରିଫ ଧାନ କିଣାରେ ଅଭିଯୋଗ ହୋଇଥିଲା। ଫଳରେ ଚାଷୀଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଥିଲା। ଏହାର ସୁଯୋଗରେ ଏଥର ନବନିର୍ମାଣ କୃଷକ ସଙ୍ଗଠନର ବରିଷ୍ଠ ନେତା ନିମାଇଁ ଚରଣ ରାୟ କୃଷକମାନଙ୍କୁ ଅବହେଳା ଓ ବିଭିନ୍ନ ସମସ୍ୟାକୁ ନେଇ ନିର୍ବାଚନକୁ ଓହ୍ଲାଉଥିବା ଜଣାପଡ଼ିଛି।

# ପୂର୍ବଘାଟ ପର୍ବତମାଳାରୁ ୨ ନୂଆ ପ୍ରଜାତିର ଜିଆ ଆବିଷ୍କୃତ

ଭୁବନେଶ୍ୱର, (ଅସମାପିକା ସାହୁ)/ କୋରାପୁଟ, ୨୦।୩ (ଅମିତାଭ ବେହେରା)

କୋରାପୁଟର ପୂର୍ବଘାଟ ପର୍ବତମାଳାରୁ ଦୁଇଟି ନୂତନ ପ୍ରଜାତିର ଜିଆ ଆବିଷ୍କାର ହୋଇଛି। କେରଳ କୋଟ୍ଟାୟମସ୍ଥିତ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟ ବୈଜ୍ଞାନିକଙ୍କ ସହଯୋଗରେ କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ)ର ଗବେଷକ ମେଗାସ୍କୋଲେକ୍ସ ଜିଆର ଦୁଇ ନୂଆ ପ୍ରଜାତିକୁ ଠାବ କରିଛନ୍ତି। ନାଁ ରହିଛି ମେଗାସ୍କୋଲେକ୍ସ ଜୟପୋର୍‌ଘାଟିଏନ୍ସିସ୍ ଓ ମେଗାସ୍କୋଲେକ୍ସ କ୍ୱାଦରିପାପିଲାଟସ୍। ଗୋଟିଏ ପ୍ରଜାତି କୋରାପୁଟ ଜିଲା ଜୟପୁର ଘାଟି ଏବଂ ଅନ୍ୟଟି ରାଣୀ ଡୁଡୁମାରେ ହିଁ ଦେଖାଯାଇଛି। ଏହି ଆବିଷ୍କାର ସହିତ ବିଶ୍ୱରେ ମୋଟ ମେଗାସ୍କୋଲେକ୍ସ ପ୍ରଜାତିର ସଂଖ୍ୟା ୭୦କୁ ବୃଦ୍ଧି ପାଇଥିବାବେଳ ଏଥିରୁ ୩୪ଟି କେବଳ ଭାରତରେ ଦେଖିବାକୁ ମିଳିଛି।



ମେଗାସ୍କୋଲେକ୍ସ ଜୟପୋର୍‌ଘାଟିଏନ୍ସିସ୍



ମେଗାସ୍କୋଲେକ୍ସ କ୍ୱାଦରିପାପିଲାଟସ୍

କୋରାପୁଟର ବିଭିନ୍ନ ସ୍ଥାନରେ ହୋଇଥିବା ଜିଆର ବିବିଧତା ଅଧ୍ୟୟନରେ ରାଣୀ ଡୁଡୁମା ଏବଂ କୋରାପୁଟର ଜୟପୁର ଘାଟି ଅଞ୍ଚଳରୁ ଗବେଷିକା ଅନୁସ୍ମିତା ନାୟକ କିଛି ବଡ଼ ଜିଆର ନମୁନା ସଂଗ୍ରହ କରିଥିଲେ। ସିୟୁଓର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଲିତାଙ୍କ ତତ୍ତ୍ୱାବଧାନରେ ଗବେଷକମାନେ ପରୀକ୍ଷାଗାରରେ ଏହି ନମୁନାଗୁଡ଼ିକୁ ପରୀକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ ପ୍ରାଣୀ ସର୍ବେକ୍ଷଣ ସଂସ୍ଥାର ଅବସରପ୍ରାପ୍ତ ବୈଜ୍ଞାନିକ ଡ. ଆର୍. ପାଲିୱାଲ, ଜିଆ ବିଶେଷଜ୍ଞ ଡ. ପ୍ରଶାନ୍ତ ନାରାୟଣନ୍, କେରଳ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟର ଉନ୍ନତ ପରିବେଶ ଅଧ୍ୟୟନ ଓ ନିରନ୍ତର ବିକାଶ କେନ୍ଦ୍ରର ଡ. ପ୍ରଶାନ୍ତ ନାରାୟଣନ ଏବଂ ଡ. ଏ.ପି. ଥୋମାସଙ୍କ ସହଯୋଗରେ ଏହି ଦୁଇଟି ବୃହତ୍ ଜିଆ ପ୍ରଜାତିକୁ ଚିହ୍ନଟ କରାଯାଇଥିଲା। ଏହା ବିଜ୍ଞାନ ପାଇଁ ସମ୍ପୂର୍ଣ୍ଣ ନୂଆ। କୋରାପୁଟର ଏହି ଦୁଇ ନୂଆ ପ୍ରଜାତିର ଜିଆ ସମ୍ପର୍କିତ ରିପୋର୍ଟ ପ୍ରତିଷ୍ଠିତ ଆନ୍ତର୍ଜାତିକ ଜର୍ନାଲ 'ଜୁଟାକ୍ସା'ରେ ପ୍ରକାଶ ପାଇଛି।

ପ୍ରଫେସର ଏସ୍. କେ. ପଲିତା କୋରାପୁଟ ଜିଲା ଜୟପୁର ଘାଟି ଏବଂ ରାଣୀ ଡୁଡୁମା ଅଞ୍ଚଳରୁ ଅନେକ ନୂତନ ପ୍ରଜାତିର ଆବିଷ୍କାରକୁ ନେଇ ଆଶାବାଦୀ ଅଛନ୍ତି। ଓଡ଼ିଶାର ପୂର୍ବ ଘାଟ ଅଞ୍ଚଳ ପାଇଁ ଜୈବ ବିବିଧତା ଗବେଷଣା ଏବଂ ଅଧିକ ସଂରକ୍ଷଣ ଲାଗି ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାରା ଅଧିକ ପାଣ୍ଠିର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ଆବିଷ୍କାରକୁ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ସମୁଦାୟ ପାଇଁ ଏକ ବଡ଼ ସଫଳତା ବୋଲି କହିବା ସହ ଏଭଳି ମୌଳିକ ଗବେଷଣାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାଦ୍ୱାରା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇପାରିବ। ଏହି ଆବିଷ୍କାରରେ ସମ୍ପୃକ୍ତ ଗବେଷକ ଦଳକୁ ସେ ଅଭିନନ୍ଦନ ଜଣାଇଛନ୍ତି। ଏ ନେଇ ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

# ପୋଲିସ ସହ ଗୁଳି ବିନିମୟ, ୨ ମାଓବାଦୀ ନିହତ

ମାଲକାନଗିରି,୨୦।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡାରେ ପୋଲିସ-ମାଓବାଦୀ ଗୁଳି ବିନିମୟରେ ଜଣେ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମହିଳା ମାଓବାଦୀ ଓ ଜଣେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ପୁରୁଷ ମାଓବାଦୀ ନିହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଦାନ୍ତେୱାଡା ଜିଲା କିରନ୍ଦୁଲ ଅଞ୍ଚଳରେ ମାଓବାଦୀ ଦମନ ନିମନ୍ତେ ପୋଲିସ ପକ୍ଷରୁ ତଲାସି ଅଭିଯାନ ଜାରି ରହିଛି। ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ମାଓବାଦୀମାନେ ପୋଲିସକୁ ଦେଖି ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇ ପୋଲିସ ମଧ୍ୟ ଗୁଳି ଚାଳନା କରିଥିବା ବେଳେ ମାଓବାଦୀମାନେ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ତେବେ ଏହାପରେ ପୋଲିସ ତଲାସି ବେଳେ ଜଣେ ମହିଳା ଓ ପୁରୁଷ ମାଓବାଦୀଙ୍କ ମୃତଦେହ ଜବତ କରିବା ସହ କେତେକ ସାମଗ୍ରୀ ଜବତ କରିଥିଲା। ବୁଧବାର ସନ୍ଧ୍ୟାରେ ଏହି ଗୁଳି ବିନିମୟ ହୋଇଥିଲା। ରିପୋର୍ଟ ଲେଖାହେବା ସୁଦ୍ଧା ପୋଲିସ ପକ୍ଷରୁ ତଲାସି ଜାରି ରହିଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ମିଳି ନାହିଁ।

# ଆର୍‌ଏସ୍‌ପିର ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକଙ୍କ ପରଲୋକ



ପ୍ରସନ୍ନ କୁମାର ନନ୍ଦ।

ରାଉରକେଲା,୨୦।୩ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଅବସରପ୍ରାପ୍ତ ସିନିୟର ମ୍ୟାନେଜର (ଆଡ୍‌ମିନିଷ୍ଟ୍ରେଶନ) ପ୍ରସନ୍ନ କୁମାର ନନ୍ଦଙ୍କ ଭୁବନେଶ୍ୱର ସୁନ୍ଦରପଦାସ୍ଥିତ ବାସଭବନରେ ଗତ ୧୮ତାରିଖ ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୮୭ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ରାଉରକେଲା ଆଇଜିଏଚ୍‌ର ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ଡାଇରେକ୍ଟର ଡାକ୍ତର ପରିମାଳା ନନ୍ଦଙ୍କ ସମେତ ତିନି ପୁତ୍ର, ପୁତ୍ରବଧୂ, ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଖବର ପାଇ ବହୁ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ମରଶରୀରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନନ୍ଦଙ୍କ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ବବିତ୍ ନନ୍ଦ ମୁଖାଗ୍ନି ଦେଇଥିଲେ।

# ସାବତ ଆଈଙ୍କ ସମେତ ଦୋଷୀଙ୍କୁ ୩୦ ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲା**

କେନ୍ଦୁଝର,୨୦।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ଶୁଭଶ୍ରୀ ତ୍ରିପାଠୀ ଏକ ନାବାଳିକା ବଳାତ୍କାର ମାମଲାର ରାୟ ଶୁଣାଇଛନ୍ତି। ଘଟଣାରେ ଅଭିଯୁକ୍ତ ଏସ୍‌କେ ମହମ୍ମଦ ସାହାଦତ୍ ଅଲ୍ଲୀ (୫୩) ଓ ବଳାତ୍କାରରେ ସହଯୋଗ କରିଥିବା ସାବତ ଆଈ ଅମିତା କାରୁଆ (୪୫)ଙ୍କୁ ୩୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଏସ୍‌କେ ଅଲ୍ଲୀଙ୍କୁ ୩୦ ହଜାର ଟଙ୍କା ଓ ଅମିତାଙ୍କୁ ୨୦ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଏସ୍‌କେଙ୍କୁ ୩ ବର୍ଷ ଓ ଅମିତାଙ୍କୁ ୨ ବର୍ଷ ଅଧିକ କାରାଦଣ୍ଡ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପାଇଁ ଆଇନ ସେବା ପ୍ରାଧିକରଣଙ୍କୁ ସୁପାରିସ କରିଛନ୍ତି।

ମାମଲା ବିବରଣୀ ଅନୁଯାୟୀ, ନାବାଳିକାଙ୍କ ମାଆଙ୍କୁ ତାଙ୍କ ବାପା ଛାଡ଼ି ପଳାଇବା ପରେ ମା' ଦ୍ୱିତୀୟ ବିବାହ କରିଥିଲେ। ଏହା ପରେ ପୀଡ଼ିତା ତାଙ୍କ ଅଜା, ତାଙ୍କ ସାବତ ଆଈ ଅମିତା କାରୁଆଙ୍କ ସହ ରହୁଥିଲେ। ଅମିତାଙ୍କ ସହ ଅନୈତିକ ସମ୍ପର୍କ ରଖି ଆସୁଥିବା ଏସ୍‌କେ ସାହାଦତ୍ ସେଠାକୁ ନିୟମିତ ଯିବା ଆସିବା କରୁଥିଲେ। ୨୨ ଜୁନ୍ ୨୦୧୮ରେ ଘରେ ଅଜାଙ୍କ ଅନୁପସ୍ଥିତିରେ ସାହାଦତ୍ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏଥିରେ ଅମିତା ସହଯୋଗ କରିବା ସହ କାହାକୁ ନ ଜଣାଇବାକୁ ଧମକ ଦେଇଥିଲେ। ଦୁର୍ଗାପୂଜା ସମୟରେ ପୀଡ଼ିତାଙ୍କ ମା' ଦେଖା କରିବାକୁ ଯାଇଥିବା ବେଳେ ଅମିତା ସାକ୍ଷାତ କରିବାକୁ ଦେଇ ନ ଥିଲେ। ସନ୍ଦେହକରି ପୀଡ଼ିତାଙ୍କ ମା' ଝାଡ଼ଖଣ୍ଡ ରାଜ୍ୟ ନୁଆମୁଣ୍ଡିକୁ ଯାଇ ନିଜ ଭାଇଙ୍କୁ ଜଣାଇଥିଲେ। ପୀଡ଼ିତାଙ୍କ ମାମୁ, ମାଈଁ ଯୋଡ଼ା ଯାଇ ତାଙ୍କୁ ନୁଆମୁଣ୍ଡି ନେଇଆସିଥିଲେ। ସେଠାରେ ପୀଡ଼ିତା ସବୁ ଘଟଣା କହିଥିଲେ। ଏହାକୁ ନେଇ ୨୭ ଅକ୍ଟୋବର ୨୦୧୮ରେ ଯୋଡ଼ା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ. ୧୯୮/୨୦୧୮) ରୁଜୁକରି ସାହାଦତ୍ ଓ ଅମିତାଙ୍କୁ ଗିରଫ କରିଥିଲା। ସାହାଦତ୍ ସାବତ ଆଈଙ୍କ ସହଯୋଗରେ ଦୀର୍ଘ ୫ ମାସ ଧରି ବଳାତ୍କାର କରିଆସୁଥିବା ପୋଲିସ ଜାଣିବା ପରେ ପୋକ୍‌ସୋ ଧାରାରେ ଗିରଫକରି ୨୭ ଅକ୍ଟୋବରରେ କୋର୍ଟଚାଲାଣ କରିଥିଲା। ସମୁଦାୟ ୨୧ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉକ୍ତ ରାୟ ଶୁଣାଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

# କଲେଜ ନିକଟ ଜଙ୍ଗଲରୁ ମଣିଷ ଖପୁରି ଠାବ

**ନିଖୋଜ ଝୁନାଙ୍କ ପରିଚୟପତ୍ର, ଭ୍ୟାନିଟ ବ୍ୟାଗ୍, ଟିଫିନ ଜବତ**

ବାଙ୍କୀ,୨୦।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା ଅନ୍ତର୍ଗତ ଡମପଡ଼ା କଲେଜ ନିକଟସ୍ଥ କାଜୁ ଜଙ୍ଗଲ ମଧ୍ୟରୁ ବୁଧବାର ମଣିଷ ଖପୁରି ଠାବ ହୋଇଛି। ସକାଳେ ଜଙ୍ଗଲକୁ କେତେଜଣ କାଠ ସଂଗ୍ରହ କରିବାକୁ ଯାଇଥିବା ବେଳେ ସେଠାରେ ଏହି ଖପୁରି ଦେଖି ଅନ୍ୟମାନଙ୍କୁ କହିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୧୮ମାସ ତଳୁ ନିଖୋଜ ହୋଇଥିବା ଡମପଡ଼ା ସୁବୁଦ୍ଧି ସାହିର ଚରଣ ଜେନାଙ୍କ ଝିଅ ଝୁନାଙ୍କ ପରିଚୟ ପତ୍ର, ଭ୍ୟାନିଟ୍ ବ୍ୟାଗ୍ ସହିତ ଗୋଟିଏ ଟିଫିନ୍ ବାକ୍ସ ପଡିଥିବା ଦେଖିବାକୁ ମିଳିଥିଲା ସେଠାରୁ ପୋଲିସ ଖପୁରିସହ ଅନ୍ୟ ସାମଗ୍ରୀକୁ ଜବତ କରି ତଦନ୍ତ ଚଳାଇଛି।



ଜଙ୍ଗଲରୁ ମିଳିଥିବା ଖପୁରି, ପରିଚୟପତ୍ର ଓ ଭ୍ୟାନିଟ୍ ବ୍ୟାଗ୍।

ସୂଚନାଯୋଗ୍ୟ, ସୁବୁଦ୍ଧି ସାହିର ଝୁନା ଗୋଡିସାହିସ୍ଥିତ ଏକ କମ୍ପାନୀକୁ କାମ କରିବାକୁ ଯାଇ ଘରକୁ ଆସିବା ବାଟରେ ନିଖୋଜ ହୋଇଯାଇଥିଲେ। ଅଦ୍ୟାବଧି ପୋଲିସ ନିଖୋଜ ଝୁନାଙ୍କ କୌଣସି ସନ୍ଧାନ ପାଇପାରିନାହିଁ। ବୁଧବାର କାଜୁ ଜଙ୍ଗଲରୁ ନିଖୋଜ ଯୁବତୀଙ୍କ ପରିଚୟ ପତ୍ର ସହ ଅନ୍ୟ ସାମଗ୍ରୀ ପଡିଥିବା ବେଳେ ନିକଟରୁ ଠାବ ହୋଇଛି ଏକ ନରମୁଣ୍ଡ। ନରମୁଣ୍ଡଟି ନିଖୋଜ ଝୁନାଙ୍କର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। କିମ୍ବା କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଜଙ୍ଗଲ ମଧ୍ୟକୁ ଫୋପାଡି ଦେଇ ଚାଲି ଯାଇ ପାରିଥାନ୍ତି ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ନରମୁଣ୍ଡ ଦେଖିବାକୁ ଲୋକଙ୍କ ଗହଳି ହୋଇଥିଲା। ଏହି ଘଟଣା ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ଏ ସମ୍ପର୍କରେ ଆଇଆଇସି ଶିବ ଚରଣ ବେହେରାଙ୍କୁ ପଚାରିବାରେ ଖପୁରିକୁ ଜବତ କରିଛୁ। ଏହାକୁ ପରୀକ୍ଷା ଲାଗି କଟକ ପଠାଯିବ। ଏହା ମହିଳା ନା ପୁରୁଷଙ୍କ ଖପୁରି ପରୀକ୍ଷା ପରେ ଜଣାପଡିବ ବୋଲି ସେ କହିଛନ୍ତି।

# ଦେଶୀ ବନ୍ଧୁକ ନିର୍ମାଣ କାରଖାନା ଠାବ

ନୀଳଗିରି, ୨୦।୩ (ପ୍ରଶାନ୍ତ କୁମାର ବିଶ୍ୱାଳ)

ସୋମବାର କୁଲଡ଼ିହା ଅଭୟାରଣ୍ୟ ମଧ୍ୟରେ ୨ ଶିକାରୀଙ୍କ ଗୁଳିମାଡ଼ରେ ଦୁଇ ବନକର୍ମଚାରୀ ଗୁରୁତର ହେବା ଘଟଣା ପରେ ବୁଧବାର କୁଲଡିହା ରେଞ୍ଜର ପ୍ରବୀର ମୁର୍ମୁଙ୍କ ନେତୃତ୍ୱରେ ବନ ଓ ପୋଲିସ କର୍ମଚାରୀ ମିଳିତ ଭାବେ ନୀଳଗିରି ଉପଖଣ୍ଡ କାଣ୍ଡଗରଡି ପଞ୍ଚାୟତ ମଲ୍ଲିବଣିଆ ଗ୍ରାମର ଜଗବନ୍ଧୁ ସିଂ (୫୩) ନାମକ ବ୍ୟକ୍ତିଙ୍କ ଘରେ ଚଢାଉ କରି ଦେଶୀ ବନ୍ଧୁକ ନିର୍ମାଣ କାରଖାନା ଠାବ କରିଛନ୍ତି। ସେଠାରୁ ଗୋଟିଏ ଲୌହ ବ୍ୟାରେଲ ବନ୍ଧୁକ ସହ ବନ୍ଧୁକ ତିଆରି ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି।



# ଜାପାନରେ ସରସ୍ୱତୀ



ଦେବଦତ୍ତ ପଟ୍ଟନାୟକ

ଜାପାନର ସବୁଠାରୁ ଲୋକପ୍ରିୟ ଦେବୀମାନଙ୍କ ମଧ୍ୟରେ ଜଣେ ଗିଟାର ପରି ବାଦ୍ୟଯନ୍ତ୍ର ଧରିଥିବା ଦେବୀ ଅନ୍ୟତମ। ସେହି ଦେବୀଙ୍କ ନାମ ବେଞ୍ଜାଇଟେନ୍ ଓ ସରସ୍ୱତୀଙ୍କ ସହିତ ତାଙ୍କର ସାମଞ୍ଜସ୍ୟ ରହିଛି। ପ୍ରକୃତରେ ହିନ୍ଦୁ ଦେବଦେବୀ କିପରି ଜାପାନରେ ପହଞ୍ଚି ସେଠାରେ ଏବେ ପୂଜାପାଉଛନ୍ତି, ସେ ସମ୍ପର୍କରେ ଅଧିକାଂଶ ହିନ୍ଦୁ ଜାଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ଜ୍ଞାନ ବା ସଙ୍ଗୀତ ପାଇଁ ଏବଂ ଚମତ୍କାର ଢଙ୍ଗରେ ବାର୍ତ୍ତାଳାପ କରିବା କିମ୍ବା ପାଣ୍ଡିତ୍ୟପୂର୍ଣ୍ଣ ବିତର୍କ କରିବାର କ୍ଷମତା ସକାଶେ ଜାପାନର ସରସ୍ୱତୀଙ୍କୁ ପୂଜା କରାଯାଏ । ଏହା ସହ ସେ ଲକ୍ଷ୍ମୀଙ୍କ ପରି ଧନ, ସମୃଦ୍ଧି, ଉର୍ବରତା ଏବଂ ସୌନ୍ଦର୍ଯ୍ୟ ସହିତ ଜଡିତ। ସେ ମଧ୍ୟ ଦୁର୍ଗାଙ୍କ ଭଳି ଏକାଧିକ ହାତରେ ଖଣ୍ଡା ଧରିଥିବା ଦେଖାଯାଏ। ତାଙ୍କର ଏହି ଯୋଦ୍ଧା ରୂପକୁ ସମୁରାଇ ମଧ୍ୟ ପୂଜା କରିଥିଲେ। ତେବେ ଜାପାନରେ ପୂଜିତ ହିନ୍ଦୁ ସରସ୍ୱତୀଙ୍କର ଅନେକ ରହସ୍ୟ ଏପର୍ଯ୍ୟନ୍ତ ଉନ୍ମୋଚିତ ହୋଇପାରିନାହିଁ।

ସରସ୍ୱତୀଙ୍କ ଉତ୍ପତ୍ତି ବିଷୟ ଆଲୋଚନା କରିବା। ଏହା ଗୁରୁତ୍ୱପୂର୍ଣ୍ଣ ଓ ଆମେ ସ୍ୱୀକାର କରୁ ଯେ ବୈଦିକ, ବୌଦ୍ଧ ଏବଂ ଜୈନ ଧର୍ମଗୁଡ଼ିକର ପୁରାତନ ଢାଞ୍ଚା ମୁଖ୍ୟତଃ ପୁରୁଷକୈନ୍ଦ୍ରିକ ଥିଲା। ସେସବୁରେ ସବୁଠାରୁ ଅଧିକ ଦେବତା ଥିଲେ ପୁରୁଷ ଏବଂ ପୁରୁଷଙ୍କ ଚିନ୍ତାଧାରାକୁ ପରିପ୍ରକାଶ କରୁଥିଲେ। ଦେବୀମାନେ ଚିନ୍ତା ବାହାରେ ଥିଲେ, ସାଧାରଣତଃ ସେବାୟତ ସ୍ଥିତିରେ ରହିଥିଲେ। ସ୍ତୋତ୍ରରେ ସେମାନଙ୍କୁ ଉଷା (ସକାଳ), ଅରନ୍ୟାନୀ (ଜଙ୍ଗଲ), ଶ୍ରୀ (ଧନ) ଏବଂ ବଚ (କଥା ବା ବାଣୀ) ଭାବେ ସମ୍ବୋଧିତ କରାଯାଇଛି ଓ ବୈଦିକ ଶାସ୍ତ୍ରରେ ଉଲ୍ଲିଖିତ ସବୁ ସ୍ତୋତ୍ରର ଏହା ୧ ପ୍ରତିଶତରୁ କମ୍। ଏଗୁଡ଼ିକୁ ୩,୦୦୦ ବର୍ଷ ପୂର୍ବେ ଆବୃତ୍ତି କରାଯାଇଥିଲା।

ବୌଦ୍ଧ ସ୍ତୁପଗୁଡ଼ିକରେ ଆମେ ଦେବୀମାନଙ୍କର ପୁରାତନ ମୂର୍ତ୍ତି ଦେଖିବାକୁ ପାଇଥାଉ। ଦୁଇଭୁଜା ଲକ୍ଷ୍ମୀ କିମ୍ବା ଶ୍ରୀ ପଦ୍ମ ପୋଖରୀରେ ବସିଥିବା ଓ ହାତୀ ତାଙ୍କୁ ସ୍ନାନ କରାଉଥିବା ମୂର୍ତ୍ତି ବି ଦେଖିଥାଉ। ଏଗୁଡିକ ପ୍ରାୟ ୨,୧୦୦ ବର୍ଷର ପୁରୁଣା । ଏହି ସମୟରେ ସରସ୍ୱତୀଙ୍କ ପ୍ରଥମ ମୂର୍ତ୍ତି ସାମ୍ନାକୁ ଆସିଛି। ୧୮୦୦ ବର୍ଷର ପୁରୁଣା କୁଶାଣ ମୁଦ୍ରାରେ ହାତରେ ଶିଙ୍ଗ ଆକୃତିର କୁମ୍ଭରେ ଫଳପୁଷ୍ପ ଧରିଥିବା ଏବଂ ସିଂହ ଉପରେ ଉପବିଷ୍ଟା ଦେବୀଙ୍କ



ମୂର୍ତ୍ତି ଦେଖିବାକୁ ମିଳେ। ଏମାନେ ମୁଖ୍ୟତଃ କେନ୍ଦ୍ରୀୟ ଏସିଆର ଦେବୀ ଅର୍ଦୋକ୍ଷୋ ଏବଂ ନାନା, ଯାହାକି ଲକ୍ଷ୍ମୀ ଏବଂ ଦୁର୍ଗା ମୂର୍ତ୍ତି ସହିତ ମିଶିଛନ୍ତି। ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀ ପରେ ତନ୍ତ୍ରର ଉତ୍ଥାନ ସହିତ ହିନ୍ଦୁ ଦେବୀଙ୍କ ସ୍ପଷ୍ଟ ଅବଧାରଣା ଆସିଲା। ଏପରି କି ଆମେ ଯୁକ୍ତି କରିପାରିବା ଯେ ତନ୍ତ୍ର ହିଁ ମହିଳାମାନଙ୍କୁ ବୌଦ୍ଧ, ଜୈନ ଏବଂ ହିନ୍ଦୁ ମନ୍ଦିରରେ ପ୍ରବେଶ କରାଇଥିଲା। ଏହି ତାନ୍ତ୍ରିକ ଧାରଣା ବୌଦ୍ଧଧର୍ମ ମାଧ୍ୟମରେ ସମଗ୍ର ବିଶ୍ୱରେ ପ୍ରସାର କରିବା ସହ ଚାଇନା ଏବଂ ଜାପାନରେ ପହଞ୍ଚିଥିଲା।

ଆମେ 'ସରସ୍ୱତୀ' ଶବ୍ଦକୁ ବେଦରେ ପାଇଥାଉ, ଯେଉଁଠି ଏହା କେବଳ ଏକ ନଦୀ ରୂପରେ ବର୍ଣ୍ଣିତ ଏବଂ ଜ୍ଞାନ ସହିତ ଏହାର କୌଣସି ସମ୍ପର୍କ ନାହିଁ । ସମ୍ପ୍ରତି, ଶକ୍ତି ଏବଂ ଜ୍ଞାନ ଧାରଣ କରୁଥିବା ତିନି ଦେବୀ ଯଥାକ୍ରମେ ଲକ୍ଷ୍ମୀ, ଦୁର୍ଗା ଏବଂ ସରସ୍ୱତୀଙ୍କ ଧାରଣା ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଏବଂ ଶିବଙ୍କର ପୁରୁଷ ତ୍ରିଶକ୍ତିକୁ ସୂଚିତ କରିବା ୮ମ ଶତାବ୍ଦୀ ସୁଦ୍ଧା ଦୃଢ଼ ହୋଇଥିଲା। ଦେବୀମାନେ ସମସ୍ତ ଜିନିଷକୁ ଧାରଣ କରିଥିଲେ, ଯାହା ମଣିଷ ମଧ୍ୟରେ ଆଦାନପ୍ରଦାନ ହୋଇପାରିବ । ଆମେ ଜ୍ଞାନ, ଶକ୍ତି ଏବଂ ଧନ ଆଦାନପ୍ରଦାନ କରିପାରୁ, ଯାହା ମହିଳା(ଦେବୀ)ଙ୍କ ସାକ୍ଷାତ୍ ରୂପରେ ସମାହିତ ହୋଇଥିଲା।

ବୌଦ୍ଧ ଭିକ୍ଷୁମାନେ ନାବିକମାନଙ୍କ ସହିତ ଦକ୍ଷିଣ ପୂର୍ବ ଏସିଆ ଏବଂ ଚାଇନାକୁ ଯାତ୍ରା କଲାବେଳେ ସେମାନେ ଅନେକ ମୂର୍ତ୍ତି ନେଇଥିଲେ। ଏଗୁଡ଼ିକ ମଧ୍ୟରେ ସବୁଠାରୁ ଲୋକପ୍ରିୟ ଥିଲେ ବୁଦ୍ଧ। କିନ୍ତୁ ୭ ଶତାବ୍ଦୀ ପରେ ଜଣେ ନାବିକଙ୍କୁ ଉଦ୍ଧାର କରୁଥିବା ଦେବତା ଅବଲୋକିତେଶ୍ୱରଙ୍କ ପ୍ରତିମୂର୍ତ୍ତି ଦେଖିବାକୁ ମିଳେ। ଏହି ଦେବତାଙ୍କ ମୁଣ୍ଡ ବୁଦ୍ଧଙ୍କ ଭଳି ଓ ପଦ୍ମ ଧରିଥିବା ଦେଖାଯାଏ। ଏହା ସେହି ସମୟ ଯେତେବେଳେ ସରସ୍ୱତୀ ମୂର୍ତ୍ତି ଭାରତରୁ ଚାଇନା, ଜାପାନ, କୋରିଆ, ଥାଇଲାଣ୍ଡ ଆଦି ପୂର୍ବ ଏସୀୟ ଦେଶଗୁଡ଼ିକୁ ଯିବା ଆରମ୍ଭ କରିଛି।

ଜାପାନରେ ସରସ୍ୱତୀଙ୍କୁ ପରିବର୍ତ୍ତନ କରାଯାଇଛି। ଅଷ୍ଟମ ଶତାବ୍ଦୀର ପ୍ରାରମ୍ଭରେ ସେ ଏକାଧିକ ଅସ୍ତ୍ରଶସ୍ତ୍ର ଧରି ବୌଦ୍ଧ ଧର୍ମର ରକ୍ଷକ ଭାବରେ ଦୁର୍ଗା ରୂପରେ ଦୃଶ୍ୟମାନ ହୋଇଥିଲେ। ୯ମ ଶତାବ୍ଦୀ ସୁଦ୍ଧା ସଙ୍ଗୀତର ସଂରକ୍ଷକ ଭାବରେ ତାଙ୍କର ଭୂମିକା ପ୍ରାଧାନ୍ୟ ବିସ୍ତାର କରିଥିଲା ଏବଂ ସେ ଏକ ବୀଣା ଧାରଣ କରିଥିବା ଦେଖାଯାଇଥିଲା। ଦ୍ୱାଦଶ ଶତାବ୍ଦୀ ସୁଦ୍ଧା ଏହି ଦେବୀ ଏକ ପ୍ରାଚୀନ ଜାପାନୀ ସିଣ୍ଟୋ ଦେବୀ କିମ୍ବା କାମିଙ୍କ ସହିତ ସଂଯୁକ୍ତ ହୋଇଥିଲେ ଓ ତାଙ୍କୁ ଉଗାଜିନ କୁହାଗଲା। ଦାଢିଧାରୀ ମଣିଷମୁଣ୍ଡ ଓ ସର୍ପ ଶରୀରର ମୁଣ୍ଡ ଯାଏ ଗୁଡ଼ାଇହୋଇ ରହିଥିବା ଦେଖାଯାଏ। ତା'ପରେ ଚତୁର୍ଦ୍ଦଶ ଶତାବ୍ଦୀରେ କିଛି ନାଟକୀୟ ଘଟଣା ଘଟିଗଲା । ମୂଳତଃ ବେନଜାଇଟେନ୍ ଧନର ଦେବୀ କିଶୋହୋତେନରୁ ଅଲଗା ହୋଇଥିଲେ। କିନ୍ତୁ ପରେ ଦୁହେଁ ଏକାଠି ହେଲେ ଏବଂ ଏହାର ନାମ ଚାଇନିଜ ଗ୍ରନ୍ଥରେ ଲେଖାହୋଇଛି, ଯାହା ଅନେକେ ଜାଣିନାହାନ୍ତି। ଜାଇ ଶବ୍ଦ (ଚାଇନିଜ କିମ୍ବା ଜାପାନିଜ ସ୍କ୍ରିପ୍ଟ ଅନୁସାରେ ଏହାକୁ କିପରି ଲେଖିବା ତାହା ଆପଣଙ୍କ ଉପରେ ନିର୍ଭର କରେ) ଉଭୟ ଜ୍ଞାନ ଏବଂ ଧନକୁ ବୁଝାଇପାରେ। ଏହିପରି ବର୍ଣ୍ଣମାଳାକୁ ବଦଳାଇ ଜଣେ ଜ୍ଞାନଦାତ୍ରୀ ଦେବୀଙ୍କୁ ଉଭୟ ଜ୍ଞାନ ଏବଂ ଧନଦାତ୍ରୀ ଦେବୀରେ ରୂପାନ୍ତର କରିବା ସହଜ। ଦେବୀଙ୍କର ଏହି ସମ୍ପର୍କ କେବଳ ଜ୍ଞାନ, ସଙ୍ଗୀତ ଏବଂ କଳା ସହିତ ନୁହେଁ ବରଂ ଉର୍ବରତାକୁ ନେଇ ତାଙ୍କୁ ଏକମାତ୍ର ଦେବୀ ଭାବରେ ଭାଗ୍ୟର ସାତ ଦେବତାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରିଥିଲା।

ମନେରଖିବାକୁ ହେବ ଯେ, ତନ୍ତ୍ର ଆଧାରିତ ବୌଦ୍ଧ ଧର୍ମରେ ବୋଧିସତ୍ତ୍ୱଙ୍କୁ ଦିଆଯାଇଥିବା ସମସ୍ତ ଜିନିଷ ମହିଳା ଭାବରେ ଦୃଶ୍ୟମାନ ହୁଏ। ବଜ୍ରଧାତୁ ମଣ୍ଡଳ ପୁରୁଷ ବୋଧିସତ୍ତ୍ୱମାନଙ୍କୁ ଆଠଟି ନାରୀ ରୂପରେ ନୈବେଦ୍ୟ ଅର୍ପଣ କରାଯାଏ। ରାସ୍ୟ, ନୃତ୍ୟ, ଗୀତ, ଦୀପ, ଧୂପ, ଗନ୍ଧ, ପୁଷ୍ପ ଏବଂ ମାଳର ସଙ୍କେତ ଭାବରେ ସେମାନେ ଦୃଶ୍ୟମାନ ହୋଇଛନ୍ତି। ସେ ଯାହା ହେଉନା କାହିଁକି, ସମୟ ସହିତ ସାଂସ୍କୃତିକ ଚିନ୍ତାଧାରା କିପରି ସ୍ଥାନାନ୍ତର ଏବଂ ରୂପାନ୍ତରିତ ହୁଏ ତାହା ଜାପାନରେ ବୀଣାଧାରିଣୀ ହିନ୍ଦୁ ଦେବୀ (ସରସ୍ୱତୀ)ଙ୍କ ପୂଜା ଆମକୁ ଦର୍ଶାଏ। ଜାପାନର ସବୁଠାରୁ ଲୋକପ୍ରିୟ ଦେବୀମାନଙ୍କ ମଧ୍ୟରେ ରହିଛନ୍ତି ବେନଜାଇଟେନ୍, ଯାହାଙ୍କୁ କଳାକାର, କବି ଏବଂ ସଙ୍ଗୀତଜ୍ଞମାନେ ସରସ୍ୱତୀ ଭାବେ ପୂଜା କରିଥାନ୍ତି।

—devduttofficial@gmail.com

# ଗଣମାଧ୍ୟମର ଦାୟିତ୍ୱ



ବିପ୍ଳବ

ପ୍ରଯୁକ୍ତି ବିଦ୍ୟାରେ ବ୍ୟାପକ ଉନ୍ନତି ହେବା ସହିତ ଗଣମାଧ୍ୟମର ପରିସର ବ୍ୟାପକ ହୋଇଛି। ଖବରକାଗଜ ପରେ ପରେ ରେଡିଓ, ଦୂରଦର୍ଶନ, ବିଭିନ୍ନ ଘରୋଇ ଚାନେଲ, ୟୁଟ୍ୟୁବ୍, ୱେବ୍ ପୋର୍ଟାଲଗୁଡ଼ିକ ଏଥିରେ ସାମିଲ ହୋଇଛନ୍ତି। ବିଶେଷକରି ଆଣ୍ଡ୍ରଏଡ୍ ଫୋନ ଘରେ ଘରେ ପ୍ରବେଶ କରିବା ପରେ ଗଣମାଧ୍ୟମ ଆହୁରି ବ୍ୟାପକ ଏବଂ ତୀବ୍ର ହୋଇଛି। ଗଣମାଧ୍ୟମ ସହିତ ସାମାଜିକ ଶବ୍ଦ ଯୋଡ଼ିହୋଇ ବହୁଳ ପ୍ରଚାର ହେଉଚି। ଏବେ ଫେସ୍‌ବୁକ, ହ୍ୱାଟ୍ସଆପ୍, ରିଲିସ ପ୍ରଭୃତି ଖୁବ୍ ସହଜରେ ଗୋଟିଏ ମୁହୂର୍ତ୍ତରେ କୋଟି କୋଟି ଲୋକଙ୍କ ପାଖରେ ପହଞ୍ଚି ଯାଉଚି। ତେଣୁ ଏ ସବୁର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମାଜ ପ୍ରତି ରହିଛି। ମାତ୍ର ଏ ସବୁଥିରେ କ୍ରିୟାଶୀଳ ବ୍ୟକ୍ତିବିଶେଷ, ବିଶେଷକରି ବ୍ୟବହାରକାରୀ ଗଣମାଧ୍ୟମ କହିଲେ କ'ଣ ବୁଝନ୍ତି ନାହିଁ। ତା'ର ଭୂମିକା ସମ୍ପର୍କରେ ଅଜ୍ଞ। ତାଙ୍କ ଦ୍ୱାରା ପ୍ରସ୍ତୁତ ଭିଡିଓ ବା ବାର୍ତ୍ତା ସମାଜ ଉପରେ ସକାରାତ୍ମକ କି ନକାରାତ୍ମକ ପ୍ରଭାବ ପକାଇବ, ସେଥିପ୍ରତି ସେମାନେ ସଚେତନ ନୁହନ୍ତି। ତେଣୁ ଦିନକୁଦିନ ସାମାଜିକ ଗଣମାଧ୍ୟମରେ ଅସାମାଜିକଙ୍କ ପ୍ରାଦୁର୍ଭାବ ବୃଦ୍ଧିପାଉଛି। ସେମାନଙ୍କର ସାମାଜିକ ଦାୟିତ୍ୱବୋଧ କଥା ନ କହିବା ଭଲ।

ଦେଶରେ ଅଶ୍ଳୀଳ ତଥା ନଗ୍ନ ଭିଡିଓ ପ୍ରସାରଣ ଉପରେ ରୋକ ଲାଗିଲା ପରଠୁଁ ୱେବ୍ ସିରିଜ୍, ରିଲ୍‌ସ ଆଉ ନ୍ୟୁଜ ପୋର୍ଟାଲଗୁଡ଼ିକ ଅଶ୍ଳୀଳତାର ଖଣି ପାଲଟିଛି। ଅସାମାଜିକ ବ୍ୟକ୍ତିବିଶେଷ ଏଥିରେ ସକ୍ରିୟ ରହି ବ୍ୟକ୍ତିଗତ ଯୌନ ଜୀବନକୁ ନେଇ ସମାଜରେ କୁପ୍ରଭାବ ସୃଷ୍ଟିକାରୀ ଭିଡିଓ ପ୍ରସାରଣକରି ନିଜକୁ ଚର୍ଚ୍ଚିତ କରି ଅର୍ଥ ରୋଜଗାରର ମାଧ୍ୟମ କରିଛନ୍ତି। ପୋଲିସ ଆଉ ପ୍ରଶାସନର ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅଭାବରୁ ଦିନକୁ ଦିନ ସେମାନଙ୍କ ଉତ୍ପାତ ବୃଦ୍ଧି ପାଉଛି। ଛତୁ ଫୁଟିବା ପରି ଅନାମଧେୟ ଚାନେଲ ସୃଷ୍ଟି ହୋଇ ରାତାରାତି ନାମ କମେଇବା ଲୋଭରେ ଅଖବର, ବାଜେ ଖବର ଆଉ ଦ୍ୱିଅର୍ଥବୋଧକ ଅଶ୍ଳୀଳ ଖବରର ଭିଡିଓକୁ ମୁଖ୍ୟ ପ୍ରସଙ୍ଗ କରି ଅହରହ ବଜେଇ ସମାଜର ବ୍ୟାପକ କ୍ଷତିକରି ଚାଲିଛନ୍ତି। ଏ ସବୁ ଉପରେ ଅଙ୍କୁଶ ଲଗାଇବା ନିହାତି ଜରୁରୀ ହୋଇ ପଡ଼ିଛି।

ଜଣାଶୁଣା ଗଣମାଧ୍ୟମଗୁଡ଼ିକ ଏବେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ହାତବାରିସି ସାଜି ସେମାନଙ୍କ ଅନ୍ୟାୟ, ଅତ୍ୟାଚାର ଆଉ ଦୁର୍ନୀତି ପ୍ରତି ଆଖି ବୁଜିଦେବା ବିଡ଼ମ୍ବନାର ବିଷୟ। ବିଶେଷକରି ନିର୍ବାଚନ ସମୟ ପାଖେଇ ଆସିଲେ ଜାତି, ଧର୍ମ, ସମ୍ପ୍ରଦାୟ ଆଧାରରେ ବିଭିନ୍ନ ମନଗଢ଼ା, ନକଲି ଭିଡିଓ ପ୍ରସାରଣ କରି ଜନମାନସକୁ ବିଭ୍ରାନ୍ତକରି ଦଳୀୟ ସ୍ୱାର୍ଥରେ ମାତି ସାଧାରଣ ଲୋକଙ୍କ ମନରେ ବିଷ ଭରିଦିଅନ୍ତି, ଯାହା ସମାଜ ପାଇଁ ଶୁଭଙ୍କର ନୁହେଁ। ଆଜିର ଅଧିକାଂଶ ଗଣମାଧ୍ୟମ ଯେମିତି ସମାଜ ପ୍ରତି ସେମାନଙ୍କ ଉତ୍ତରଦାୟିତ୍ୱ ଭୁଲି ଯାଇଛନ୍ତି।

ବେଳେବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଦର ଆକାଶଛୁଆଁ ହେବାର ଖବର ପ୍ରସାରିତ ହୁଏ। କେତେକ ଅସାଧୁ ବ୍ୟବସାୟୀ ଏହାର ଫାଇଦା ନିଅନ୍ତି ଆଉ କୃତ୍ରିମ ଅଭାବ ସୃଷ୍ଟିକରି ସାଧାରଣ ଖାଉଟିଙ୍କୁ ଚଢ଼ା ଦରରେ ବିକ୍ରି କରିଥାନ୍ତି। ମାତ୍ର କୌଣସି ଗଣମାଧ୍ୟମରେ ଦର ହ୍ରାସର ଖବର ପ୍ରସାରଣ ହୁଏନି, ଯାହାର ପ୍ରଭାବ ସାଧାରଣ ଖାଉଟି ଉପରେ ପଡ଼େ। ଦରହ୍ରାସ ଖବର ଯଦି ବ୍ରେକିଂ ନ୍ୟୁଜ ପରି ପ୍ରସାରଣ ହୁଅନ୍ତା, ଖାଉଟି ନିଶ୍ଚୟ ସଚେତନ ହୋଇ ଉଚିତ ମୂଲ୍ୟ ଦାବି କରିପାରନ୍ତା।

ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମଠୁଁ ଜନସାଧାରଣ ବହୁତ କିଛି ଆଶା ଭରସା ରଖିଥା'ନ୍ତି। ସମାଜରେ ଯଦି ଲୋକଙ୍କୁ ପ୍ରଭାବିତ କରି ବ୍ୟାପକ ପରିବର୍ତ୍ତନ ଆଣିପାରିବ ସେ ହେଉଛି ଗଣମାଧ୍ୟମ। ଗୋଟିଏ ଖବର ସକାରାତ୍ମକ ହେଉ ବା ନକାରାତ୍ମକ ହେଉ, ଗଣମାଧ୍ୟମରେ ପ୍ରସାରଣ ହୋଇଗଲେ ଜଙ୍ଗଲ ନିଆଁ ପରି ମୁହୂର୍ତ୍ତକରେ ବ୍ୟାପିଯାଏ। ସେଥିପାଇଁ ତ ଜାତି, ଧର୍ମ, ସମ୍ପ୍ରଦାୟକୁ ନେଇ ସାମାଜିକ ଗଣମାଧ୍ୟମରେ ଆରୋପ ପ୍ରତ୍ୟାରୋପ ଲାଗି ରହିଥିବା ବେଳେ ପ୍ରଶାସନ ପ୍ରଥମେ ଇଣ୍ଟରନେଟ୍ ବନ୍ଦ ରଖନ୍ତି। ଫଳରେ କୌଣସି ନକାରାତ୍ମକ ବାର୍ତ୍ତା ଅସାମାଜିକଙ୍କ ପାଖରେ ପହଞ୍ଚେ ନାହିଁ ଆଉ ଶାନ୍ତି ବଜାୟ ରହେ। ଏଥିରୁ ସମାଜ ଉପରେ ଗଣମାଧ୍ୟମର ପ୍ରଭାବ ଅନୁମେୟ। ଗଣମାଧ୍ୟମଗୁଡ଼ିକ ନିଷ୍ପେଷିତଙ୍କ ଅଭାବ ଅସୁବିଧା ଉପରେ ଗୁରୁତ୍ୱ ଦେଇ ସକାରାତ୍ମକ ଖବରରେ ବ୍ରତୀ ହେଲେ ସମାଜରେ ବ୍ୟାପକ ପରିବର୍ତ୍ତନ ହୋଇପାରିବ। କେବଳ ଗଣମାଧ୍ୟମଗୁଡ଼ିକର ସାମାଜିକ ଦାୟିତ୍ୱବୋଧ ସମାଜକୁ ସୁଧାରିବାରେ ସକ୍ଷମ।

ମକୁନ୍ଦପୁର, ବାଙ୍କୀ
ମୋ: ୯୪୩୭୪୬୮୦୧୬

## ଏଇ ଭାରତରେ

ଛତିଶଗଡ଼ର ଉଦନ୍ତି ସୀତାନଦୀ ବ୍ୟାଘ୍ର ଅଭୟାରଣ୍ୟ ବିଗତ ଦିନରେ ଶିକାରୀ ଓ ଜବରଦଖଲକାରୀଙ୍କ ଚରାଭୂଇଁ ଥିଲା। ଏବେ କିନ୍ତୁ ସେମାନଙ୍କ କବଳରୁ ଏହି ଅଭୟାରଣ୍ୟ ମୁକ୍ତ ହେବାରେ ଲାଗିଛି। ଜଣେ ବନ ଅଧିକାରୀଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଆଇଏଫ୍ଏସ୍ ଅଧିକାରୀ ବରୁଣ ଜୈନ ଏହି ସଂରକ୍ଷିତ ଜଙ୍ଗଲରେ ଉପ ନିର୍ଦ୍ଦେଶକ ଭାବେ ଫେବୃୟାରୀ ୨୦୨୨ରେ ଦାୟିତ୍ୱ ନେବା ପରେ ଜାଣିବାକୁ ପାଇଥିଲେ ଯେ ଅନେକ ଶହ ହେକ୍ଟର ଜଙ୍ଗଲ ଜମି ଜବରଦଖଲରେ ଅଛି। ଏହା ବ୍ୟତୀତ ୩୦,୦୦୦ରୁ ଊର୍ଦ୍ଧ୍ୱ ଗଛ କଟାଯାଇ ଘର ତିଆରି କରାଯାଇଛି। ପରେ ଜବରଦଖଲ ସମ୍ପର୍କିତ ତଥ୍ୟ ସାଟେଲାଇଟ ଜରିଆରେ ଜାଣିବା ପରେ ଏବେ ସୁଦ୍ଧା ସେ ୨୦୦ରୁ ଅଧିକ ଜବରଦଖଲକାରୀଙ୍କୁ ସାବାଡ଼ କରିପାରିଛନ୍ତି। ସେମାନଙ୍କ କବଳରୁ ୬୦୦ ହେକ୍ଟର ଜମି ଜବରଦଖଲ ମୁକ୍ତ କରିସାରିଲେଣି। ଏହି କାର୍ଯ୍ୟ ଲାଗି ବନ ବିଭାଗକୁ ଜବରଦଖଲକାରୀଙ୍କ ସହ ମୁହାଁମୁହିଁ ହେବାକୁ ପଡ଼ିଛି। ଏହାବ୍ୟତୀତ ଜଙ୍ଗଲରେ ସକ୍ରିୟ ଥିବା ଶିକାରୀଙ୍କୁ ମଧ୍ୟ ଦମନ କରିପାରିଛନ୍ତି ବରୁଣ। ସେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ୩୨ଟି ଅଭିଯାନ କରି ୧୩୪ ଶିକାରୀଙ୍କୁ ଗିରଫ କରିବାରେ ସକ୍ଷମ ହେବା ସହ ଅନେକ ଚୋରା କାଠ ବେପାରୀଙ୍କୁ ଧରିପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ମାର୍ଚ୍ଚ ୧୯୭୫

- ଅଜନ୍ତା ଗୁମ୍ଫାରେ ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଏକ ନୂତନ ଶିଳାଲିପି ଆବିଷ୍କୃତ।
- କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଦେବରାଜ ଉର୍ସଙ୍କ ନିବେଦନ ପରେ ଧର୍ମଘଟ କରିଥିବା ହିନ୍ଦୁସ୍ଥାନ ମେଶିନ ଟୁଲ୍‌ସ (ଏଚ୍.ଏମ୍.ଟି.)ର ୪ ହଜାର ଶ୍ରମିକଙ୍କ କାର୍ଯ୍ୟରେ ଯୋଗଦାନ।
- ନାଗପୁର ନିକଟବର୍ତ୍ତୀ ଭାନ୍ଦ୍ରା ଅସ୍ତ୍ରଶସ୍ତ୍ର ତିଆରି କାରଖାନାରେ ରକେଟ ପ୍ରପେଲାଣ୍ଟ ଓ ବାଲାଷ୍ଟିକ ନିର୍ମାଣ ଯୋଜନା କନ୍ଦ୍ର ଉଦ୍‌ଘାଟିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | 4 | | | 1 | 9 | |
| | | | | | | | | 2 |
| | | 6 | | | | | | |
| | 2 | | | | 5 | 7 | | |
| | | | | | 3 | 2 | 4 | |
| | | | | 6 | | | 5 | 9 |
| 9 | 8 | | | 5 | 1 | 3 | 2 | |
| 2 | | | | | | | 1 | |
| | 7 | 3 | | | | 9 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 1 | 3 | 7 | 2 | 5 | 8 | 4 |
| 8 | 7 | 2 | 5 | 9 | 4 | 3 | 6 | 1 |
| 5 | 4 | 3 | 8 | 1 | 6 | 2 | 7 | 9 |
| 7 | 2 | 8 | 9 | 3 | 5 | 4 | 1 | 6 |
| 4 | 1 | 9 | 6 | 2 | 8 | 7 | 3 | 5 |
| 6 | 3 | 5 | 7 | 4 | 1 | 9 | 2 | 8 |
| 3 | 8 | 4 | 1 | 5 | 7 | 6 | 9 | 2 |
| 2 | 9 | 6 | 4 | 8 | 3 | 1 | 5 | 7 |
| 1 | 5 | 7 | 2 | 6 | 9 | 8 | 4 | 3 |

ଗତକାଲିର ଉତ୍ତର

# ଏକ ସମାନ୍ତରାଳ ସିନେମାର ଇତିବୃତ୍ତ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

“ଜଣେ ଯଦି ସତ୍ୟଜିତ୍ ରାୟଙ୍କ ଚଳଚ୍ଚିତ୍ର ନ ଦେଖିଛି, ତେବେ ଏଇ ପୃଥିବୀରେ ଜନ୍ମହୋଇ ଚନ୍ଦ୍ର, ସୂର୍ଯ୍ୟ ନ ଦେଖିବା ସହ ସମାନ।'' ୧୯୭୫ ମସିହାରେ ଏମିତି ମନ୍ତବ୍ୟ ଦେଇଛନ୍ତି ବିଶ୍ୱ ବିଖ୍ୟାତ ଜାପାନୀ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ, ପଟ୍ଟକଥା ଲେଖକ ତଥା ଓସ୍କାର ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାରପ୍ରାପ୍ତ ଅକିରା କୁରୋସାବା (୧୯୧୦-୧୯୯୮, ଜନ୍ମ: ଟୋକିଓ)।

ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ଓ ଲେଖକ ସତ୍ୟଜିତ୍ ରାୟ ୩୦ରୁ ଊର୍ଦ୍ଧ୍ୱ ଫିଚର ଫିଲ୍ମ ପାଇଁ ନିର୍ଦ୍ଦେଶନା ଦେଇଛନ୍ତି। ସେ ହେଉଛନ୍ତି ଭାରତର ଏକମାତ୍ର ବ୍ୟକ୍ତି, ଯିଏ ମର୍ଯ୍ୟାଦାଜନକ ଓସ୍କାର(ଏକାଡେମୀ) ପୁରସ୍କାର (୧୯୯୨) ଦ୍ୱାରା ସମ୍ମାନିତ ହୋଇଛନ୍ତି। ତାଙ୍କ ଫିଲ୍ମଗୁଡ଼ିକ ମଧ୍ୟରୁ 'ମହାନଗର' ଓ 'ଜନ ଅରଣ୍ୟ' ଉପରେ ମତଦେବାକୁ ଯାଇ ଜଣେ ସମୀକ୍ଷକ କହିଛନ୍ତି, ''ରାୟ ପୁରୁଷ ଓ ପୌରୁଷକୁ ଅଭିନ୍ନ ଓ ଏକାକାର କରି ସିନେମା ତିଆରି କରିବାର ନୂଆ ରାସ୍ତା ଖୋଲିଲେ। ନିଜ ସିନେମାରେ ସେ ଉଭୟ ପୁରୁଷ ଓ ପୌରୁଷକୁ ବିବିଧ ତଥା ବହୁଳ ଭାବରେ ଉପସ୍ଥାପିତ କଲେ। ସେଥିରେ ବେକାର ତଥା ପରାହତ ନାୟକର ଚିତ୍ରଣ ଓ ନାୟକ ମନର ନିପୁଣ ଅଧ୍ୟୟନ ଗୁରୁତ୍ୱ ଲାଭ କରିଥିଲା।''

ଅବଶ୍ୟ ଉପରୋକ୍ତ ଚର୍ଚ୍ଚିତ ଫିଲ୍ମ ଦୁଇଟି ହେଉଛି ଅନୁଭୂତିସମ୍ପନ୍ନ ରାୟଙ୍କ ପରବର୍ତ୍ତୀ କୃତି। ଏହି ପରିପ୍ରେକ୍ଷୀରେ ଆମେ ତାଙ୍କର ପ୍ରଥମ ସିନେମାଟି ଉପରେ ଆଲୋକପାତ କରିବା। ଏଥିରୁ ତାଙ୍କ ସୃଜନଶୀଳ ପ୍ରତିଭାର କେବଳ ନିଦର୍ଶନ ମିଳିବ ନାହିଁ, ଏଥିସହ ସେ କେଉଁ ପ୍ରକାରେ ଫିଲ୍ମ ପ୍ରଯୋଜନା ସକାଶେ ପଦକ୍ଷେପ ନେଇଥିଲେ, ତା'ର ସୂଚନା ଜାଣିହେବ।

୧୯୨୯ରେ ବିଭୂତି ଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ ରଚିତ ବଙ୍ଗଳା ଉପନ୍ୟାସ 'ପଥେର ପାଞ୍ଚାଳୀ'(ରାସ୍ତାର ଗୀତାକୁ ଆଧାରକରି ଏହି ନାମରେ ରାୟଙ୍କ ନିର୍ଦ୍ଦେଶିତ ପ୍ରଥମ ଫିଲ୍ମଟିକୁ ସୀମିତ ଅର୍ଥବ୍ୟୟରେ ପଶ୍ଚିମବଙ୍ଗ ସରକାର ୧୯୫୫ରେ ବୃତ୍ତାନ୍ତ ଭାବେ ପ୍ରସ୍ତୁତ କରିଥିଲେ। ଏଥିରେ ମୁଖ୍ୟତଃ ସୌଖୀନ ଓ ଅନଭିଜ୍ଞ କଳାକାରମାନେ ଭାଗନେଇଥିଲେ। ଅବଶ୍ୟ ପ୍ରସିଦ୍ଧ ସିତାରବାଦକ ରବିଶଙ୍କର ଏହାର ସଙ୍ଗୀତ ରଚନା କରିଥିଲେ। ସେ ପ୍ରାଚୀନ ଭାରତୀୟ ରାଗ ପ୍ରୟୋଗ କରିବାରୁ ଏହା ସମୃଦ୍ଧ ହୋଇଥିଲା। ଚଳଚ୍ଚିତ୍ରଟି ଅପାର ସଫଳତା ପ୍ରାପ୍ତ ହୋଇଥିଲା। ସର୍ବୋତ୍କୃଷ୍ଟ ଚଳଚ୍ଚିତ୍ର ଭାବେ ୧୯୫୫ରେ ଜାତୀୟ ପୁରସ୍କାର ପାଇଥିଲା। କାନ୍ସ, ବର୍ଲିନ୍, ସାନ୍‌ଫ୍ରାନ୍‌ସିସ୍‌କୋ ସମେତ ଅନେକ ଆନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ବିଭିନ୍ନ ବିଭାଗ ପାଇଁ ଏହା ପୁରସ୍କୃତ ହୋଇଥିଲା। ନିର୍ଦ୍ଦେଶକ ଅକିରା କୁରୋସାବା ସର୍ବକାଳୀନ ଶ୍ରେଷ୍ଠ ଫିଲ୍ମ ପାଇଁ ଯେଉଁ ଶହେଟି ସିନେମାର ତାଲିକା ପ୍ରସ୍ତୁତ କରିଥିଲେ, ସେଥିରେ 'ପଥେର ପାଞ୍ଚାଳୀ'ର ସ୍ଥାନ ୩୭ ଥିଲା।

ସିଗ୍‌ନେଟ୍‌ପ୍ରେସ୍‌ରେ ଗ୍ରାଫିକ ଡିଜାଇନର ଭାବେ କାର୍ଯ୍ୟ କରୁଥିବା ସମୟରେ ରାୟ ବନ୍ଦ୍ୟୋପାଧ୍ୟାୟଙ୍କ ଉକ୍ତ ଉପନ୍ୟାସ ପାଇଁ ୧୯୪୪ରେ ସଂକ୍ଷିପ୍ତ ଓ ସଚିତ୍ର ସଂସ୍କରଣ ପ୍ରସ୍ତୁତକଲେ। ରାୟଙ୍କ ସଂସ୍କରଣଟି ଅନୁଧ୍ୟାନକରି ପ୍ରେସ୍‌ର ମାଲିକ ଏହା ଏକ ଉତ୍ତମ ଚଳଚ୍ଚିତ୍ର ହୋଇପାରିବ ବୋଲି ମନ୍ତବ୍ୟ ଦେଲେ। ଏହା ରାୟଙ୍କ ସକାଶେ ଏକ ନୂତନ ମାର୍ଗଦର୍ଶକ ପରି ସାବ୍ୟସ୍ତ ହେଲା। ଫିଲ୍ମ ସକାଶେ ଏହାକୁ ଅନୁକୂଳ କରିବା ନିମନ୍ତେ ମୂଳ ଲେଖାରେ କିଛି ପରିବର୍ତ୍ତନ ଓ ପୁନଃ ସଜ୍ଜୀକରଣ ଆବଶ୍ୟକ ହେଲା।

ତେବେ ଚଳଚ୍ଚିତ୍ର ରୂପରେ ଏଥିସକାଶେ କୌଣସି ଲେଖା ପୂର୍ବରୁ ନ ଥିବାରୁ ୧୯୫୦ରେ ଲଣ୍ଡନକୁ ସମୁଦ୍ର ଯାତ୍ରାରେ ଯାତାୟାତ କରିବା ଅବସରରେ ଏହାର ପ୍ରଥମ ସ୍କ୍ରିପ୍ଟ ପ୍ରସ୍ତୁତ କଲେ। ଏଣିକି ପାତ୍ରପାତ୍ରୀ ନିର୍ବାଚନ ପାଇଁ ସେ ଖବରକାଗଜରେ ବିଜ୍ଞାପନ ଦେଲେ। ଏହାର ମୁଖ୍ୟ ଚରିତ୍ରରେ ଥିବା ବାଳକ ଆପୁ ପାଇଁ ୫ ରୁ ୭ ବର୍ଷ ମଧ୍ୟରେ ଥିବା ପିଲାଟିଏ ଦରକାର। ବିଜ୍ଞାପନ ଆଧାରରେ ସମବେତ ଥିବା ବାଳକମାନେ ଅଡିଶନରେ କଟିକଲେ। ଶେଷରେ ତାଙ୍କ ଘର ନିକଟରେ ଥିବା ଜଣେ ବାଳକକୁ ତାଙ୍କ ସ୍ତ୍ରୀ ବାଛିଲେ ଏବଂ ସେ ହିଁ ସମ୍ଭାଳିଲା ମୁଖ୍ୟ ଚରିତ୍ରର ଭୂମିକା। ଏହି ସିନେମାର ଅନ୍ୟ ଏକ ପ୍ରମୁଖ ଚରିତ୍ର ହେଉଛି ବୃଦ୍ଧା ଇନ୍ଦିରା। ଏଥିପାଇଁ କଲିକତାର ରେଡ୍‌ଲାଇଟ ଏରିଆରେ ରହୁଥିବା ଚୁନିବାଳା ନାମ୍ନୀ ଜଣେ ମଞ୍ଚ ଅଭିନେତ୍ରୀଙ୍କୁ ରାୟ ମନୋନୀତ କରିଥିଲେ। ୧୯୫୫ରେ ଫିଲ୍ମ ମୁକ୍ତିଲାଭ କରିବା ଅବସରରେ ରାୟ ଚୁନିବାଳାଙ୍କୁ ନିମନ୍ତ୍ରଣ କରିବା ସକାଶେ ତାଙ୍କ ଘରକୁ ଯାଇଥିଲେ। ଦୁର୍ଭାଗ୍ୟବଶତଃ ସେତେବେଳକୁ ଇନ୍‌ଫ୍ଲୁଏଞ୍ଜାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।



ଚୁନିବାଳା ଯେମିତି ଫିଲ୍ମଟି ଦେଖିବାରୁ ବଞ୍ଚିତ ହେଲେ ଏହି ମର୍ମରେ କେତେଜଣ ସମାଲୋଚକ ଚଳଚ୍ଚିତ୍ର ନିର୍ମାତାମାନଙ୍କ ଉପରେ ଦୋଷ ଲଦିଲେ। ଫିଲ୍ମଟିର ଶୁଟିଂ ୧୯୫୨ରୁ ଆରମ୍ଭ ହୋଇଥିଲା। କିନ୍ତୁ ଏହାର ପ୍ରଯୋଜକ ହେବାକୁ କଲିକତାସ୍ଥିତ ଟଲିଉଡ୍‌ର କେହି ଆଗଭର ହୋଇ ନ ଥିଲେ। ଏହାର କାରଣ ହେଉଛି, ଏଥିରେ କୌଣସି ଗୀତ,ନାଚ ନ ଥିଲା ; ଯାହା ମସଲା ଭାବେ ଫିଲ୍ମ ଦୁନିଆରେ ପରିଚିତ। ତତ୍ ସହିତ କୌଣସି ପ୍ରତିଷ୍ଠିତ କଳାକାର ନ ଥିଲେ। ତାହାର ଫଟୋଗ୍ରାଫର ଥିଲେ ୨୧ ବର୍ଷ ବୟସ୍କ ଜଣେ ଅନଭିଜ୍ଞ ବ୍ୟକ୍ତି ସୁବ୍ରତ ମିତ୍ର। ସର୍ବୋପରି ଏହା ଥିଲା ରାୟଙ୍କ ପ୍ରଥମ ଫିଲ୍ମ। ତେଣୁ ଫିଲ୍ମର ସଫଳତା ପ୍ରଶ୍ନବାଚୀ। ଯେଉଁ କେତେଜଣ ପ୍ରଯୋଜକ ଆଗେଇ ଆସିଥିଲେ, ସେମାନେ ଅଧାରୁ ଓହରିଗଲେ । ଏହି ଦୁଃସ୍ଥିତି ରାୟଙ୍କୁ ମର୍ମାହତ କରିଥିଲା। ପରିଶେଷରେ ରାଜ୍ୟ ସରକାରଙ୍କୁ ନିବେଦନ କରିବାକୁ ପଡ଼ିଥିଲା। ସରକାର ଭାବିନେଲେ ଯେ ଏହା ଗୋଟିଏ ବୃତ୍ତଚିତ୍ର ଓ ଗ୍ରାମୀଣ ବିକାଶ ପାଇଁ ଉଦ୍ଦିଷ୍ଟ। ଯାହା ବି ହେଉ, ସରକାର ଏକାଧିକ କିସ୍ତିରେ ଋଣ ଆକାରରେ ଅନୁଦାନ ଦେବାକୁ ନିଷ୍ପତ୍ତି ନେଲେ। ଚଳଚ୍ଚିତ୍ରର ଶୀର୍ଷକ ଦେଖି ସରକାରଙ୍କ ନଥିପତ୍ରରେ ଏହି ଋଣ 'ରାସ୍ତାର ଉନ୍ନତୀକରଣ' ସକାଶେ ମଞ୍ଜୁର କରାଗଲା। ଏହି ପ୍ରକାରେ ଏକ ଉତ୍କୃଷ୍ଟ ଫିଲ୍ମ ହୋଇଯାଇଥିଲା ଗୋଟିଏ ଡକ୍ୟୁମେଣ୍ଟାରି। ପୁଣି ଏହି ଅର୍ଥ ପ୍ରଦାନ ସୁଗମ ନ ଥିଲା। ଏଥିରେ ନିହିତ ଥିଲା ଅମଲାତାନ୍ତ୍ରିକ ମାରପେଞ୍ଚ।

ଧୀର ମନ୍ଥର ଗତିରେ ଅନିୟମିତ ଭାବେ ଏହାର ଶୁଟିଂ ଚାଲିଥାଏ। ତେବେ ନ୍ୟୁୟର୍କସ୍ଥିତ ମଡର୍ନ ଆର୍ଟ ମ୍ୟୁଜିୟମର ନିର୍ଦ୍ଦେଶକ ଏବଂ ଜଣେ ଆମେରିକୀୟ ସିନେମା ନିର୍ଦ୍ଦେଶକ ଏହି ଫିଲ୍ମର ଦରଖଣ୍ଡିଆ ଫୁଟେଜ ଅନୁଧ୍ୟାନକରି ଏହା ଏକ ଉଚ୍ଚମାନର ଫିଲ୍ମ ହେବ ବୋଲି ଆକଳନ କଲେ। ଏପରି କି ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ଅର୍ଥଦାନ କଲେ। ଏହି ପ୍ରକାରେ ଅର୍ଥାଭାବରୁ ବହୁ ବାଧାବିଘ୍ନ ଅତିକ୍ରମକରି ୩ ବର୍ଷ ପରେ ଏହା ପ୍ରେକ୍ଷାଳୟରେ ମୁକ୍ତିଲାଭ କଲା। ଏହା ସୂଚାଏ ସମାନ୍ତରାଳ ସିନେମା ସମ୍ପର୍କିତ ଏକ କଷ୍ଟସାଧ୍ୟ ଅଭିଯାନର ବିବରଣୀ। ମେ ୧୯୫୫ରେ ନ୍ୟୁୟର୍କସ୍ଥ ମ୍ୟୁଜିୟମ ଅଫ୍ ମଡର୍ନ ଆର୍ଟରେ ଏହା ପ୍ରଥମେ ପ୍ରଦର୍ଶିତ ହେଲା ଏବଂ ପରେ କଲିକତାରେ ପଦାର୍ପଣ କଲା। 'ପଥେର ପାଞ୍ଚାଳୀ' ନିର୍ମାଣ ପଛରେ ବିଦେଶୀ ସହାୟତା ଓ ଉତ୍ସାହ ସୁସ୍ପଷ୍ଟ। ଏତଦ୍‌ବ୍ୟତୀତ ପାଶ୍ଚାତ୍ୟ ଦେଶର ପ୍ରଭାବକୁ ଅଣଦେଖା କରିହେବ ନାହିଁ। ରାୟ ଇଟାଲୀୟ ନବ ବାସ୍ତବବାଦ (ନିଓରିଆଲିଜମ) ଦ୍ୱାରା ପ୍ରଭାବିତ ହୋଇଥିଲେ। ଫରାସୀ ଫିଲ୍ମ ନିର୍ଦ୍ଦେଶକ ଜ୍ୟାଁ ରେନୁଆ (୧୮୯୪-୧୯୭୯)ଙ୍କ ସଫଳ ସିନେମା 'ଲା ଗ୍ରାଣ୍ଡ ଇଲ୍ୟୁଜା', 'ଦାରୁହସ ଅଫ୍ ଦା ଗେମ୍' ସମେତ ଅନ୍ୟ କେତେକ କୃତି ମାନସମନ୍ଥନ ପାଇଁ ତାଙ୍କୁ ସହାୟକ ହୋଇଥିଲା।

ଏହି ପ୍ରକାରେ ଏକ ଐତିହାସିକ ସମାନ୍ତରାଳ ଫିଲ୍ମ ଦର୍ଶକମାନେ ଦେଖିପାରିଲେ। ଚୁନିବାଳା ନିଜ ଜୀବଦ୍ଦଶାରେ ବକ୍ସ ଅଫିସରେ ହିଟ୍ ହୋଇ କଳାତ୍ମକ ସଫଳତା ପ୍ରାପ୍ତ ହୋଇଥିବା ତାଙ୍କ ଅଭିନୀତ ସିନେମାଟି ଉପଭୋଗ ନ କରିପାରିବା ଅବଶ୍ୟ ଦୁଃଖଦ। ତେବେ ତାଙ୍କ ଅମର ଆତ୍ମା ପରପୁରରୁ ଏହା ଦେଖି ନିଜ ଅବସୋସ ଭୁଲି ଆନନ୍ଦିତ ହୋଇଥିବେ।

ମୋ: ୯୦୭୮୭୪୩୮୪୩

## ପାଠକ ଶ୍ରେଷ୍ଠ ବିଚାରକ

### ଭୋଟ ହାଟ

ମହାଶୟ,

ଆମେ ସମସ୍ତେ ଜାଣିଛେ ଛକରେ ସପ୍ତାହର ନିର୍ଦ୍ଦିଷ୍ଟ ସ୍ଥାନ ଏବଂ ଦିନରେ ହାଟ ବସିଥାଏ। ଆଖପାଖର ଲୋକମାନେ ନିଜ ବାଡ଼ି ବଗିଚା ଜିନିଷକୁ ହାଟରେ ବିକ୍ରି କରି ସେହି ପଇସାରେ ନିଜ ଆବଶ୍ୟକୀୟ ଜିନିଷ କିଣି ନିଅନ୍ତି। ଗାଁ ହାଟ ପରି କେତେକ ଅଞ୍ଚଳରେ ଗୋଟିଏ ଗୋଟିଏ ଗୋରୁହାଟ ହେଉଥିଲା। ଚାଷୀମାନେ ହାଟକୁ ଯାଇ ବଳଦ ବିକା କିଣା କରନ୍ତି। ବଳକା ବୁଢ଼ା ହଡ଼ା ଶେଷରେ କଂସେଇ ଖାନାକୁ ଯାଆନ୍ତି। ଏବେ ସହରମାନଙ୍କର ଛକ ସ୍ଥାନରେ ସକାଳୁ ମଣିଷ ହାଟ ଦେଖାଯାଉଛି। କର୍ମ ଅନ୍ୱେଷଣରେ ଗାଁ ଗହଳିର ଶ୍ରମିକମାନେ ଅଧିକ ରୋଜଗାର ପାଇଁ ସହରକୁ ଯାଉଛନ୍ତି। କାମ ଆଶାରେ ସେମାନେ ଏକାଠି ହୋଇ ସର୍ଦ୍ଦାର ଠିକାଦାରଙ୍କ ଅପେକ୍ଷାରେ ହାଟ ବସାନ୍ତି। ଏବେ ଏକବିଂଶ ଶତାବ୍ଦୀ ଆରମ୍ଭରେ ସରକାରୀ ଦଳମାନେ ବାରମ୍ବାର କ୍ଷମତାସୀନ ହେବାକୁ ଗରିବ ଭୋଟରମାନଙ୍କୁ ମାଗଣା ଚାଉଳ, ଛତା, ଜୋତା, କମ୍ବଳ, ସାଇକେଲ, ବିଭିନ୍ନ ଭତ୍ତା ଦେବାରୁ ମାଗଣାଖିଆ ଭୋଟରମାନେ ମେଳି ହୋଇ ହାଟର ଭ୍ରମ ସୃଷ୍ଟି କରୁଛନ୍ତି।

—ସତ୍ୟସିଂହ ଶତପଥୀ, ହାଉସିଂ ବୋର୍ଡ କଲୋନି, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦେଖିଲି ଗୋଧୂଳି କେତେ ନବ ନବ ଦେଖିଲି ଛବି,
ମରମପୁଟରେ ନିଭିଲାଣି କେତେ ନିମେଷେ ଜପଳି।
ବାଟେ ଘାଟେ ଯେତେ ଦେଖିଲି ସୁଷମା ବଖାଣି ନୋହେ
ଯେତେ ରୂପେ ପ୍ରାଣ ପୂରିଲା ରସର ପରାସ ଲଭି।
—(ପାସୋରି ଦେଲିରେ ଶିମୁଳିପାଳ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

# ‘ଉଦ୍ୟୋଗୀମାନେ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ଉଚିତ’



ଡା. ପ୍ରଜ୍ଞା ପାରମିତା ମିଶ୍ର

**କର୍କଟ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବାବେଳେ ୨୦୨୦ରେ କଟକରେ ପ୍ରତିଷ୍ଠା ହୋଇଥିଲା ‘କାର୍ସିନୋଭା କ୍ୟାନ୍ସର ହସ୍ପିଟାଲ’। କମ୍ ଖର୍ଚ୍ଚରେ ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ଯୋଗାଇବା ହସ୍ପିଟାଲର ଲକ୍ଷ୍ୟ ବୋଲି ମେଡିକାଲ ଡାଇରେକ୍ଟର ଡା. ପ୍ରଜ୍ଞା ପାରମିତା ମିଶ୍ର ସବୁବେଳେ କୁହନ୍ତି। ସେ ଜଣେ ଡେଣ୍ଟାଲ ସର୍ଜନ ହୋଇଥିବାବେଳେ ହସ୍ପିଟାଲ ମ୍ୟାନେଜମେଣ୍ଟରେ ମଧ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ପୂର୍ବ ଭାରତରେ ରୋଗୀଙ୍କ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ ଲକ୍ଷ୍ୟ ରଖିଥିବା ଡା. ମିଶ୍ରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**

**ପ୍ର– ସ୍ୱାସ୍ଥ୍ୟ କ୍ଷେତ୍ରରେ ଜଣେ ଉଦ୍ୟୋଗୀଙ୍କ ମୁଖ୍ୟ ଭୂମିକା କ'ଣ ହୋଇଥାଏ?**
ଉ– ଜଣେ ଉଦ୍ୟୋଗୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦାୟିତ୍ୱ ବହନ ପାଇଁ ତତ୍ପର ହେବା ସହ ବିଭିନ୍ନ ଆହ୍ୱାନର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ଦରକାର।

**ପ୍ର– ଓଡ଼ିଶାରେ କ୍ୟାନ୍ସର ହସ୍ପିଟାଲ ଚଳାଇବା ଆପଣଙ୍କ ପାଇଁ ସହଜ କି?**
ଉ– ଯେକୌଣସି କ୍ଷେତ୍ରରେ ଷ୍ଟାର୍ଟଅପ୍ ପାଇଁ ଆର୍ଥିକ ସମସ୍ୟା ବାଧା ସୃଷ୍ଟି କରିଥାଏ। ବିଶେଷକରିସ୍ୱାସ୍ଥ୍ୟକ୍ଷେତ୍ରରେଦିନକୁଦିନବଢୁଥିବା ଆବଶ୍ୟକତା ପୂରଣ କରିବା ସହଜ ନୁହେଁ।

**ପ୍ର– ସ୍ୱାସ୍ଥ୍ୟ କ୍ଷେତ୍ରରେ ନୂଆ ନୂଆ କୌଶଳ ପ୍ରୟୋଗ ପାଇଁ ସ୍ୱତନ୍ତ୍ର ନିୟାମକ ସ୍ଥିର କରାଯିବାର ଆବଶ୍ୟକତା ଅଛି କି?**
ଉ– କୌଣସି ନୂତନ ଜ୍ଞାନକୌଶଳ ପ୍ରୟୋଗ ସମୟରେ ଆମେ ଧ୍ୟାନଦେବା ଉଚିତ ଯେ, ତାହା ରୋଗୀଙ୍କ ପାଇଁ କେତେ ସହାୟକ ହେଉଛି। ରୋଗୀଙ୍କୁ କେବଳ ଉଚ୍ଚମାନରେ ସେବା ପ୍ରଦାନ କରୁଥିବା ଜ୍ଞାନକୌଶଳକୁ ସୁଯୋଗ ଦିଆଯିବା ଉଚିତ। ମାତ୍ର ଅତ୍ୟଧିକ କଟକଣା ଅନେକ ସମୟରେ ଅଭିନବତ୍ୱକୁ ପ୍ରଭାବିତ କରିଥାଏ।

**ପ୍ର– ଏଣ୍ଟରପ୍ରିନିୟର ମ୍ୟାନେଜମେଣ୍ଟର କାର୍ଯ୍ୟ ସମ୍ପର୍କରେ କ'ଣ କହିବେ?**
ଉ– ଏଣ୍ଟରପ୍ରିନିୟର ମ୍ୟାନେଜମେଣ୍ଟ ବିଭିନ୍ନ ପ୍ରକାର ପରିଚାଳନାଗତ କାର୍ଯ୍ୟ କରନ୍ତି। ବ୍ୟବସାୟ ଉଦ୍ଦେଶ୍ୟ ନିର୍ଣ୍ଣୟ, ଯୋଜନା ପ୍ରସ୍ତୁତି, ସେବା ବିଶ୍ଳେଷଣ ଏବଂ ବଜାର ଅନୁସନ୍ଧାନ, କ୍ଲିନିକାଲ ଏବଂ ଅଣ କ୍ଲିନିକାଲ ଲୋକଙ୍କୁ ନିଯୁକ୍ତି ଆଦି କାର୍ଯ୍ୟ ମ୍ୟାନେଜମେଣ୍ଟର ହୋଇଥାଏ।

**ପ୍ର–କାର୍ସିନୋଭା କ୍ୟାନ୍ସର ହସ୍ପିଟାଲରେ ପ୍ରଦାନ କରାଯାଉଥିବା ସେବା ସମ୍ପର୍କରେ କ'ଣ କହିବେ?**
ଉ– କାର୍ସିନୋଭା କ୍ୟାନ୍ସର ହସ୍ପିଟାଲରେ ଅତ୍ୟାଧୁନିକ ଯନ୍ତ୍ରପାତିରେ କର୍କଟ ରୋଗର ଚିକିତ୍ସା କରାଯାଉଛି। ବିଶେଷକରି ଅତ୍ୟାଧୁନିକ ଅପରେଶନ ଥିଏଟର, ସ୍ୱତନ୍ତ୍ର ରେଡିଏଶନ ମେଶିନ ଓ ସୁନାମଧନ୍ୟ କ୍ୟାନ୍ସର ସ୍ପେଶାଲିଷ୍ଟ ଟିମ୍ ଦ୍ୱାରା ଏହି ଦୁରାରୋଗ୍ୟ ବ୍ୟାଧିର ଚିକିତ୍ସା କରାଯାଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ହସ୍ପିଟାଲ କ୍ୟାମ୍ପସରେ ସବୁ ସୁବିଧା ମିଳୁଛି।

# ବୃତ୍ତିଗତ ଉଦ୍ୟମରୁ ସଫଳ ଉଦ୍ୟୋଗୀ

**କଳା, ସଂସ୍କୃତି ଓ ସାହିତ୍ୟ ପରିବେଶରେ ବାଲ୍ୟଜୀବନ ବିତିଥିଲା। ବିଦ୍ୟାଳୟ ଶିକ୍ଷା ଆରମ୍ଭରୁ ସଙ୍ଗୀତ ପ୍ରତି ବେଶ୍ ଦୁର୍ବଳତା ଥିଲା। ପରବର୍ତ୍ତୀ ସମୟରେ ବିଦ୍ୟା(ଶିକ୍ଷା) ଓ ବୃତ୍ତି(ସଙ୍ଗୀତ) ସମତାଳରେ ଜାରି ରହିଲା। ପରିଶେଷରେ ଉଚ୍ଚ ଶିକ୍ଷା ସହ କଳା, ସଂସ୍କୃତି ଓ ସଙ୍ଗୀତକୁ ବ୍ୟବସାୟରେ ରୂପଦେବା ସହ ଆରମ୍ଭ ହୋଇଥିଲା ବ୍ୟବସାୟିକ ଯାତ୍ରା। ଦୀର୍ଘ ବର୍ଷର ଅଭିଜ୍ଞତା ଓ ଶିଳ୍ପରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ସେହି ସଫଳ ବ୍ୟବସାୟୀ ତଥା ସିଦ୍ଧାର୍ଥ ଟିଭି ନେଟ୍‌ୱର୍କର ଏମ୍‌ଡି ସୀତାରାମ ଅଗ୍ରୱାଲଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**



ସୀତାରାମ ଅଗ୍ରୱାଲ

**ପ୍ରଶ୍ନ : ଜୀବନର ପ୍ରଥମ ପର୍ଯ୍ୟାୟ କିପରି ଥିଲା?**
ଉତ୍ତର: ପୁରୀରେ ମୋର ଜନ୍ମ ଏବଂ ସେଇଠି ମୋ' ସ୍କୁଲ ଜୀବନ ବିତିଛି। ସେତେବେଳେ ପୁରୀରେ ସଙ୍ଗୀତ ଓ ନାଟକର ଏକ ସୁନ୍ଦର ବାତାବରଣ ଥିଲା। ଏପରି କି ନିୟମିତ ଶାସ୍ତ୍ରୀୟ ସଙ୍ଗୀତ, ଆଧୁନିକ ଗୀତ ଓ ଓଡ଼ିଶୀ ସଙ୍ଗୀତର ଆସର ସାଙ୍ଗକୁ ନାଟକ ବି ମଞ୍ଚସ୍ଥ ହେଉଥିଲା। ମୁଁ ମୋ ବାପାଙ୍କ ସହ ସେସବୁ ଅନୁଷ୍ଠାନକୁ ଯାଉଥିଲି। କ୍ରମଶଃ ମୋ ଭିତରେ ସଙ୍ଗୀତ ପ୍ରତି ଆକର୍ଷଣ ସୃଷ୍ଟି ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଆହୁରି ନିବିଡ଼ ହେଲା।

**ପ୍ରଶ୍ନ : ବୃତ୍ତିଗତ ଜୀବନ କିପରି ଆରମ୍ଭ ହେଲା?**
ଉତ୍ତର: ରେଭେନ୍ସା କଲେଜରେ ପଢ଼ିବା ପାଇଁ ମୁଁ କଟକରେ ବାପାଙ୍କ ସାଥିରେ ଆସି ରହିଗଲି। ମୋର ବି.କମ୍.ର ପ୍ରଥମ ବର୍ଷରେ ହିଁ କମ୍ବଳ ଟାଣି ୧୯୮୧ରେ ଷ୍ଟୁଡିଓ ଆରମ୍ଭ କରିଥିଲି। ତା'ପରେ ମୋ ବାପା ସତ୍ୟନାରାୟଣ ଅଗ୍ରୱାଲଙ୍କ ଆଶୀର୍ବାଦ ନେଇ ୧୯୮୩ରେ ଜେଇ କ୍ୟାସେଟ୍ କମ୍ପାନୀ ପ୍ରତିଷ୍ଠା କଲି। ପ୍ରଥମ ଉଦ୍ୟମର ସଫଳତା ହିଁ ଆମକୁ ଆଗକୁ ବାଟ କଢ଼େଇ ନେଲା। ତା' ପରେ ପରେ ଅନେକ ପାରମ୍ପରିକ ଗୀତ, ଗୀତିନାଟ୍ୟ, ଲୋକନାଟକ ଇତ୍ୟାଦିର କ୍ୟାସେଟ୍ ସବୁ ମୁକ୍ତିଲାଭ କରି ଜେଇ କ୍ୟାସେଟ୍ କମ୍ପାନୀକୁ ଏକ ପାରମ୍ପରିକ ସଂସ୍କୃତିସମ୍ପନ୍ନକମ୍ପାନୀରମାନ୍ୟତାଓସମ୍ମାନଦେଲା।

**ପ୍ରଶ୍ନ : ପରବର୍ତ୍ତୀ ବ୍ୟବସାୟିକ ଯାତ୍ରା ବିଷୟରେ କିଛି ସୂଚନା ଦେବେ କି?**
ଉତ୍ତର: ଜେଇ କମ୍ପାନୀର ଅପାର ସଫଳତା ପରେ ଆମେ ୧୯୯୯ରେ ସାର୍ଥକ ମ୍ୟୁଜିକ ଆରମ୍ଭ କଲୁ। ମୋର ସହଧର୍ମିଣୀ ଗାୟିକା ନମିତା ଅଗ୍ରୱାଲଙ୍କ ସହଯୋଗକ୍ରମେ ଆମେ ଗୋଟିଏ ପରେ ଗୋଟିଏ ସଫଳତା ହାସଲକରି ଚାଲିଲୁ। ୨୦୧୦ରୁ ମ୍ୟୁଜିକ୍ କମ୍ପାନୀରୁ ଆମେ ଟିଭି ଜଗତରେ ପାଦଦେବା ସହ ସାର୍ଥକ ଟିଭି ଆରମ୍ଭ ହେଲା। ତା' ସହ ସିନେମା ପ୍ରଯୋଜନା ଓ ଅନ୍ୟାନ୍ୟ ପ୍ରକଳ୍ପ ଜାରି ରହିଛି।

**ପ୍ରଶ୍ନ : ଆପଣ ଅନ୍ୟ କିଛି ବ୍ୟବସାୟ ନ କରି ମନୋରଞ୍ଜନ ଦୁନିଆକୁ ବାଛିଲେ କାହିଁକି?**
ଉତ୍ତର: ଆରମ୍ଭରୁ କହିଛି, ପୁରୀରୁ ହିଁ ସଙ୍ଗୀତ, ନୃତ୍ୟ, ନାଟକ ପ୍ରତି ମୋର ଭଲ ପାଇବା ସୃଷ୍ଟି ହୋଇଥିଲା। ଯେତେବେଳେ ବ୍ୟବସାୟକୁ ବୃତ୍ତି କରିବାକୁ ନିଷ୍ପତ୍ତି ନେଲି, ତେଣୁ ଚାକିରି ନ କରି ମନୋରଞ୍ଜନକୁ ହିଁ ବାଛିଲି। ବିଶେଷକରି ସଙ୍ଗୀତ ପ୍ରତି ମୋର ଅସମ୍ଭବ ଦୁର୍ବଳତା କହିପାରନ୍ତି। ମୋ ଜୀବନ ହେଉଛି ସଙ୍ଗୀତ। ତେଣୁ ଏଇ ବୃତ୍ତିକୁ ବାଛିଲି।

**ପ୍ରଶ୍ନ : ଏହି ବ୍ୟବସାୟରେ କି କି ଆହ୍ୱାନ ଅଛି?**
ଉତ୍ତର: ଆହ୍ୱାନ ନ ଥାଇ ଜୀବନ ନାହିଁ, ସଫଳତା ପାଇବାକୁ ହେଲେ ସବୁବେଳେ ଆହ୍ୱାନକୁ ସ୍ୱୀକାର କରିବାକୁ ହେବ। ମନୋରଞ୍ଜନ ଦୁନିଆର ମାଧ୍ୟମ ବଦଳି ଚାଲିଛି। ପ୍ରତି ୧୦ବର୍ଷରେ ଶ୍ରୋତା ଓ ଦର୍ଶକଙ୍କ ରୁଚି ବି ବଦଳି ଚାଲିଛି। ଆମେ ରେକର୍ଡ ଓ କ୍ୟାସେଟ୍ ଯୁଗରୁ ଆସି ଆଜି ୟୁଟ୍ୟୁବ୍ ଯୁଗରେ ପହଞ୍ଚିଛେ। ଏଇ ପରିବର୍ତ୍ତନକୁ ମଧ ସ୍ୱୀକାରକରି ନିଜକୁ ସେହି ଅନୁସାରେ ପ୍ରସ୍ତୁତକରି ରଖିବାକୁ ହେବ।

**ପ୍ରଶ୍ନ: ମନୋରଞ୍ଜନଭିତ୍ତିକ ଟିଭି ଚ୍ୟାନେଲର ଯାତ୍ରା ଏବେ କିଭଳି ରହିଛି?**
ଉତ୍ତର: ସିଦ୍ଧାର୍ଥ ଟିଭି ନେଟ୍‌ୱର୍କର ଚାରୋଟି ଚ୍ୟାନେଲ ଏବେ କାର୍ଯ୍ୟକ୍ରମ ପ୍ରସାରଣ କରୁଛି। ସିଦ୍ଧାର୍ଥ ଟିଭି ଓ ସିଦ୍ଧାର୍ଥ ଗୋଲ୍ଡ ସମ୍ପୂର୍ଣ୍ଣ ମନୋରଞ୍ଜନଧର୍ମୀ ଚ୍ୟାନେଲ। ଏଥିରେ ମେଗା ଧାରାବାହିକ, ସିନେମା, ପ୍ରତିଯୋଗିତାମୂଳକ ରିଆଲିଟି ଶୋ ଇତ୍ୟାଦି ପ୍ରସାରଣ ହେଉଛି।

**ପ୍ରଶ୍ନ : ନୂତନ ପିଢ଼ିକୁ କି ସନ୍ଦେଶ ଦେବେ?**
ଉତ୍ତର: ନୂଆ ପିଢ଼ି ବେଶ୍ ପ୍ରତିଭାବାନ୍। ସେମାନଙ୍କ ଭିତରେ ଖୁବ୍ ଉତ୍ସାହ ମଧ ଅଛି। କିନ୍ତୁ କେବଳ ଉତ୍ସାହ ଓ ଆବେଗ ନୁହେଁ, ବାସ୍ତବତା ପ୍ରତି ମଧ ସେମାନଙ୍କୁ ଧ୍ୟାନଦେବାକୁ ହେବ।

# ତଦନ୍ତ ଶେଷ ନ କରି ଗିରଫ ଅନୁଚିତ

## ଜଣେ ବ୍ୟକ୍ତିଙ୍କୁ ଶୁଣାଣି ଆରମ୍ଭ ପୂର୍ବରୁ ହାଜତରେ ରଖାଯାଇପାରିବ ନାହିଁ

## ଇଡିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ,୨୦।୩

ମନି ଲଣ୍ଡରିଂ ମାମଲାରେ ଶୁଣାଣି ନ କରି ଅଭିଯୁକ୍ତଙ୍କୁ ହାଜତରେ ରଖିଲେ ତାଙ୍କ ସ୍ୱାଧୀନତା କ୍ଷୁଣ୍ଣ ହେଉଥିବା ଦର୍ଶାଇ ବୁଧବାର ସୁପ୍ରିମକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ଭର୍ତ୍ସନା କରିଛନ୍ତି। କେନ୍ଦ୍ରୀୟ ଏଜେନ୍ସି ଇଡି ଅଭିଯୁକ୍ତମାନଙ୍କ ମାମଲାର ଚାର୍ଜଶିଟ୍ ଦାଖଲ ନ କରି ହାଜତରେ ରଖୁଥିବାରୁ ଜାମିନ ପାଇବା ନେଇ ରହିଥିବା ଅଧିକାରକୁ ସେମାନେ ହରାଇ ବସୁଛନ୍ତି ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ସୁପ୍ରିମକୋର୍ଟରେ ବୁଧବାର ୨୦୨୪ ମାର୍ଚ୍ଚ ୧ର ଝାଡ଼ଖଣ୍ଡ ବେଆଇନ ଖଣି ଖନନ ସମ୍ପର୍କିତ ଏକ ମନି ଲଣ୍ଡରିଂ ମାମଲାର ଶୁଣାଣି ଚାଲିଥିଲା। ଏହି ମାମଲାର ଅଭିଯୁକ୍ତ ପ୍ରେମ ପ୍ରକାଶ ହେଉଛନ୍ତି ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଘନିଷ୍ଠ ସହଯୋଗୀ। ଚଢ଼ାଉ ବେଳେ ତାଙ୍କଠାରୁ ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିବା ଦର୍ଶାଇ ଇଡି ତାଙ୍କୁ ୨୦୨୨ ଅଗଷ୍ଟରେ ଗିରଫ କରିଥିଲା। ଖଣ୍ଡପୀଠ ପ୍ରେମ ପ୍ରକାଶଙ୍କ ଡିଫଲ୍ଟ ବେଲ୍ ଆବେଦନର ଶୁଣାଣି କରି ଇଡିର ଓକିଲ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁଙ୍କୁ କହିଥିଲେ, ୪ ସପ୍ଲିମେଣ୍ଟାରି ଚାର୍ଜଶିଟ୍ ଦାଖଲ ହେବା ପରେ ମଧ୍ୟ ମାମଲାର ତଦନ୍ତ କାହିଁକି ଚାଲିଛି। ମାମଲାର ତଦନ୍ତ ସମ୍ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିବ ନାହିଁ। ଜଣେ ବ୍ୟକ୍ତିଙ୍କୁ ଶୁଣାଣି ଆରମ୍ଭ ହେବା ପୂର୍ବରୁ ହାଜତରେ ପୂରାଇ ରଖାଯାଇପାରିବ ନାହିଁ। ଏହା ତାଙ୍କ ଗିରଫଦାରି ସଦୃଶ। ଏପରି କାର୍ଯ୍ୟାନୁଷ୍ଠାନ ଜଣେ ବ୍ୟକ୍ତିଙ୍କ ସ୍ୱାଧୀନତାକୁ ପ୍ରଭାବିତ କରିଥାଏ। କେତେକ ମାମଲାରେ ଆମକୁ ସମାଧାନ କରିବାକୁ ପଡ଼ିବ। ଅଭିଯୁକ୍ତଙ୍କୁ ୧୮ ମାସ ହେଲା ଜେଲରେ ରଖାଯାଇଛି। ଏହା ଉପରେ ଗୋଟିଏ ଗୋଟିଏ କରି ଚାର୍ଜଶିଟ୍ ଦାଖଲ କରାଯାଉଛି। ଏଥିଯୋଗୁ ଶୁଣାଣି ପ୍ରକ୍ରିୟା ବିଳମ୍ବିତ ହେଉଛି ବୋଲି ଜଷ୍ଟିସ୍ ଖାନ୍ନା ଅସନ୍ତୋଷ ପ୍ରକାଶ କରିଛନ୍ତି।

# ସାମ୍ବାଦିକଙ୍କ ପାଇଁ ପୋଷ୍ଟାଲ ବାଲଟ୍ ସୁବିଧା

ନୂଆଦିଲ୍ଲୀ,୨୦।୩

ନିର୍ବାଚନ ସମ୍ପର୍କିତ ଖବର ସଂଗ୍ରହ କରୁଥିବା ସାମ୍ବାଦିକମାନେ ପୋଷ୍ଟାଲ ବାଲଟ୍ ଜରିଆରେ ଭୋଟ ଦେଇପାରିବେ। ନିର୍ବାଚନ କମିଶନ (ଇସି)ଙ୍କଠାରୁ ଅନୁମତିପତ୍ର ଆଣି ସେମାନେ ଆବେଦନ କରିପାରିବେ। ମେଟ୍ରୋ, ରେଲୱେ, ସ୍ୱାସ୍ଥ୍ୟସେବା ଭଳି ଜରୁରୀ ସେବାରେ ନିୟୋଜିତ କର୍ମଚାରୀମାନେ ମଧ ପୋଷ୍ଟାଲ ବାଲଟରେ ଭୋଟ ଦେଇପାରିବେ। ଏଭଳି ସେବାରେ ନିୟୋଜିତ ବ୍ୟକ୍ତିମାନେ ନିଜେ ଭୋଟର ହୋଇଥିବା ସଂସଦୀୟ ଆସନ ଅଧୀନ ସମ୍ପୃକ୍ତ ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଫର୍ମ ୧୨ଡି ନେଇ ପୂରଣ କରିବେ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ୱେବ୍‌ସାଇଟ୍‌ରୁ ମଧ ଏହି ଫର୍ମକୁ ଡାଉନ୍‌ଲୋଡ୍ କରାଯାଇପାରିବ। ନିର୍ବାଚନ କମିଶନ ଏ ସମ୍ପର୍କିତ ବିଜ୍ଞପ୍ତି ନେଇ ସବୁ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଲୋକ ସଭା ଓ ୪ ରାଜ୍ୟ ବିଧାନସଭା ନିର୍ବାଚନରେ ଏହା ଲାଗୁ ହେବ।

# ମାଗଣା ପ୍ରତିଶ୍ରୁତି: ଶୁଣାଣି ଆଜି

ନୂଆଦିଲ୍ଲୀ,୨୦।୩

ନିର୍ବାଚନ ବେଳେ ଭୋଟରଙ୍କୁ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ମାଗଣାରେ ସାମଗ୍ରୀ ପ୍ରଦାନର ପ୍ରତିଶ୍ରୁତି ଦେବା ଉପରେ ଦାଖଲ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି ଗୁରୁବାର ସୁପ୍ରିମକୋର୍ଟରେ ହେବ। ଏନେଇ ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ସହମତି ପ୍ରକାଶ କରିଛନ୍ତି। ଆବେଦନକାରୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପକ୍ଷରୁ ବରିଷ୍ଠ ଓକିଲ ବିଜୟ ହଂସାରିଆ ଏହି ପିଆଇଏଲ୍ ଦାଖଲ କରିଛନ୍ତି। ଦଳଗୁଡ଼ିକର ମାଗଣା ପ୍ରତିଶ୍ରୁତି ସମ୍ବିଧାନକୁ ଉଲ୍ଲଂଘନ କରୁଥିବା ଏଥିରେ ସେ ଦର୍ଶାଇଛନ୍ତି। ଏଭଳି ପ୍ରତିଶ୍ରୁତି ଦେଉଥିବା ଦଳଗୁଡ଼ିକର ପଞ୍ଜୀକରଣ ରଦ୍ଦ ସହ ନିର୍ବାଚନୀ ଚିହ୍ନକୁ ଫ୍ରିଜ୍ କରାଇବା ସକାଶେ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବାକୁ ସେ ଏଥିରେ ନିବେଦନ କରିଛନ୍ତି। ଲୋକ ସଭା ନିର୍ବାଚନକୁ ମାସେରୁ କମ୍ ସମୟ ଥିବାବେଳେ ଏହି ପିଆଇଏଲ୍‌ର ଶୁଣାଣି ସାରା ଦେଶ ପାଇଁ ବିଶେଷ ଗୁରୁତ୍ୱ ବହନ କରେ।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ସହକାରୀ ଯନ୍ତ୍ରୀ

## ଠିକାଦାରଙ୍କଠାରୁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିଲେ

ଖୋର୍ଦ୍ଧା,୨୦।୩
(ପ୍ରଭାତ ପାଣିଗ୍ରାହୀ)



ସଙ୍ଗୀତା ମହାପାତ୍ର

ରାସ୍ତା କାମର ବିଲ୍ ପାଇଁ ୫୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଖୋର୍ଦ୍ଧା ବ୍ଲକର ସହକାରୀ ଯନ୍ତ୍ରୀ ସଙ୍ଗୀତା ମହାପାତ୍ର ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ବ୍ଲକ କାର୍ଯ୍ୟାଳୟସ୍ଥ ତାଙ୍କ ଚାମ୍ବରରେ ଏହି ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଏଥିସହିତ ତାଙ୍କ କାର୍ଯ୍ୟାଳୟ ଆଲମିରାରେ ଥିବା ୧ଲକ୍ଷ ୭୪ହଜାର ଟଙ୍କା ଜବତ ହୋଇଛି। ସୂଚନା ମୁତାବକ, ରାଜ୍ୟ ସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ସାଂସଦ ପାଣ୍ଠିରୁ ଏହି ବ୍ଲକ ଅନ୍ତର୍ଗତ ନରଣଗଡ଼ ପଞ୍ଚାୟତ ଭୋଗପୁରରେ ୧୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି ରାସ୍ତା ନିର୍ମାଣ ଚାଲିଥିଲା। ଏହି କାମର ୧୦ପ୍ରତିଶତ ହିସାବରେ ସମ୍ପୃକ୍ତ ଯନ୍ତ୍ରୀ ମହାପାତ୍ର ୧ଲକ୍ଷ ୮୦ହଜାର ଟଙ୍କା ଦାବି କରିଥିଲେ। ପରେ ଏହି କାମର ପିସି ବାବଦକୁ ମହାପାତ୍ର ଠିକାଦାରଙ୍କଠାରୁ ୧ଲକ୍ଷ ୩୦ହଜାର ଟଙ୍କା ନେଇ ସାରିଥିଲେ। ଏନେଇ ଠିକାଦାରଙ୍କ ବାପା ଶିଶିର ମଙ୍ଗରାଜ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ବୁଧବାର ମଧ୍ୟାହ୍ନରେ ଯୋଜନା ମୁତାବକ ଠିକାଦାର ଅବଶିଷ୍ଟ ୫୦ହଜାର ଟଙ୍କା ଦେବା ବେଳେ ଭିଜିଲାନ୍ସ ଟିମ୍ ଯନ୍ତ୍ରୀ ମହାପାତ୍ରଙ୍କୁ ଧରିବା ସହିତ ଲାଞ୍ଚ ଟଙ୍କା ଜବତ କରିଥିଲା। ଖୋର୍ଦ୍ଧା ଭିଜିଲାନ୍ସ ଡିଏସ୍‌ପି ଚନ୍ଦ୍ରକଳା ଜେନା, ନୟାଗଡ଼ ଡିଏସ୍‌ପି ପ୍ରତ୍ୟୁଷ ମହାପାତ୍ରଙ୍କ ନେତୃତ୍ୱରେ ଏକ ୫ଜଣିଆ ଟିମ୍ ଚଢ଼ାଉରେ ସାମିଲ ହୋଇଥିଲେ।

# ଆଇଏସ୍‌ର ଭାରତ ମୁଖ୍ୟ, ସହଯୋଗୀ ଗିରଫ

ଗୁଆହାଟୀ,୨୦।୩



ହରିସ୍ ଫାରୁକି     ରେହାନ୍

ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ଭାରତ ମୁଖ୍ୟ ହରିସ୍ ଫାରୁକି ଓ ତାଙ୍କର ଜଣେ ସହଯୋଗୀଙ୍କୁ ଆସାମ ପୋଲିସ ଧରିବାରେ ସକ୍ଷମ ହୋଇଛି। ଫାରୁକି ଓ ତାଙ୍କ ସହଯୋଗୀ ରେହାନ ବାଂଲାଦେଶ ଦେଇ ଢୁବୁରିରେ ପ୍ରବେଶ କରିବା ପରଠୁ ଦୁହେଁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିଲେ। ଉଭୟେ ଭାରତରେ ଅନୁପ୍ରବେଶ କରି ବିଧ୍ୱଂସକ କାଣ୍ଡ ଘଟାଇପାରନ୍ତି ବୋଲି ଏଜେନ୍ସିଗୁଡ଼ିକୁ ଗୋଇନ୍ଦା ସୂଚନା ମିଳିଥିଲା। ଇନ୍ସପେକ୍ଟର ଜେନେରାଲ ପାର୍ଥସାରଥି ମହନ୍ତଙ୍କ ନେତୃତ୍ୱରେ ଏକ ସ୍ପେଶାଲ ଟାସ୍କ ଫୋର୍ସ ଗତ ରାତିରେ ସେମାନଙ୍କୁ ଗିରଫ କରିଛି। ଦୁହିଁଙ୍କୁ ଏନ୍‌ଆଇଏକୁ ହସ୍ତାନ୍ତର କରାଯିବ ବୋଲି ବୁଧବାର ପୋଲିସ କହିଛି।

# ପଖାଳ ଓଡ଼ିଶାର ସାଂସ୍କୃତିକ ପରିଚୟ: ଧର୍ମେନ୍ଦ୍ର



ଭୁବନେଶ୍ୱର, ୨୦।୩(ସୁନିତ୍ ମିଶ୍ର)

ନୂଆଦିଲ୍ଲୀସ୍ଥିତ ନିଜ ବାସଭବନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ତାଙ୍କ ବନ୍ଧୁମାନଙ୍କ ସହ ‘ପଖାଳ ଦିବସ’ ପାଳନ କରିଛନ୍ତି। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ, ପୂର୍ବତନ ରାଷ୍ଟ୍ରଦୂତ ତରଣଜିତ ସିଂ ସିନ୍ଧୁ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ବାସାଙ୍କ ସହ ପଖାଳ ଖାଇ ଖୁସିବ୍ୟକ୍ତ କରିବା ସହ ସେ ଏହି ଦିବସର ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ତାଙ୍କ ଏକ୍ସ ଆକାଉଣ୍ଟରେ ପୋଷ୍ଟକରି କହିଛନ୍ତି, ବନ୍ଧୁମାନଙ୍କ ସହ ପଖାଳ ଖାଇବାର ଖୁସି ନିଆରା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରିୟ ଖାଦ୍ୟ ମଧ୍ୟରୁ ପଖାଳ ଅନ୍ୟତମ। ଏହା ଆମ ଓଡ଼ିଶାର ସାଂସ୍କୃତିକ ପରିଚୟ ଓ ଖାଦ୍ୟପେୟ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଅନେକ ଲୋକ ଏହି ନିଛକ ଓଡ଼ିଆ ଖାଦ୍ୟର ବିଶେଷତ୍ୱ ଓ ସ୍ୱାସ୍ଥ୍ୟ ଉପକାରିତା ଜାଣିବା ପରେ ନିଜର ଜୀବନ ପ୍ରବାହରେ ଏହାକୁ ସାମିଲ କରିଛନ୍ତି, ଏହା ଖୁସିର ବିଷୟ ବୋଲି ସେ ଉଲ୍ଲେଖ କରିଛନ୍ତି। ସେ ଆହୁରି କହିଛନ୍ତି, ଆମ ଓଡ଼ିଆଙ୍କ ଜନଜୀବନରେ ଖାଦ୍ୟର ସ୍ଥାନ ସ୍ୱତନ୍ତ୍ର ଓ ପଖାଳ ସେଥିମଧ୍ୟରୁ ଅନ୍ୟତମ। ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣ ପଖାଳ। ଏହା ଆମର ଅସ୍ମିତା ଓ ଖାଦ୍ୟପେୟର ଅନନ୍ୟ ପ୍ରତୀକ ବୋଲି ସେ କହିଛନ୍ତି।

# ଜିଲା ଦାୟିତ୍ୱ ବାଣ୍ଟିଲା କଂଗ୍ରେସ ସେବାଦଳ

ଭୁବନେଶ୍ୱର,୨୦।୩(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ କାର୍ଯ୍ୟକୁ ସୁପରିଚାଳନା କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ ଦିଆଯାଇଛି। ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ପାଇଁ ଅଶୋକ କୁମାର ସିଂହ ଓ ଅଶୋକ ନାଥ, ନୟାଗଡ଼ ମନୋଜ ସାହୁ, ଖୋର୍ଦ୍ଧାରେ ରମେଶ ଚନ୍ଦ୍ର ବରାଳ ଓ ମହମ୍ମଦ ସାହାଦୁଲ୍ଲା, ନୂଆପଡ଼ା ଓ ବରଗଡ଼ରେ ଦିଲୀପ କୁମାର ପଣ୍ଡା, କଟକ ସହରରେ ତୃପ୍ତି ଦାସ ଓ ଉଷାରାଣୀ ବେହେରାଙ୍କୁ ନିଯୁକ୍ତ କରାଯାଇଛି। ଦଳର ସବୁ ସାଙ୍ଗଠନିକ ଜିଲାରେ ଅନ୍ୟ କେତେଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ରାଜ୍ୟ ମୁଖପାତ୍ର ଭାବେ ଦୁଃଖିଶ୍ୟାମ ଦାସ, ମାନସ ନାୟକ, ସାମାଜିକ ଗଣମାଧ୍ୟମ ଦାୟିତ୍ୱରେ ବରୁଣ ରାଜ ଓ ଶ୍ରୀକାନ୍ତ ଡାଣ୍ଡିଆ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି।

# ୨ଦିନିଆ ମିଳିତ ସମରାଭ୍ୟାସ ସାଗର କବଚ ଆରମ୍ଭ

ପାରାଦୀପ,୨୦।୩(ଶରତ ରାଉତ)

ପାରାଦୀପ ସମେତ ଓଡ଼ିଶାର ୪୮୦କିମି ପୂର୍ବ ଉପକୂଳରେ ବୁଧବାର ମିଳିତ ସମରାଭ୍ୟାସ ଆରମ୍ଭ ହୋଇଛି। ଏହାର ନାମ ସାଗର କବଚ ରଖାଯାଇଛି। ସବୁଥର ପରି ଚଳିତଥର ଏହା ୨ଦିନ ଧରି ହେବ। ଚଳିତଥର କେବଳ ଓଡ଼ିଶା ଏହି ସମରାଭ୍ୟାସ କରିଛି। ପୂର୍ବରୁ ୨ଟି ରାଜ୍ୟ ପଶ୍ଚିମବଙ୍ଗ କିମ୍ବା ଆନ୍ଧ୍ରପ୍ରଦେଶ ସହିତ ମିଶିକି ହେଉଥିଲା। ଏଥିରେ ନୌସେନା, କୋଷ୍ଟଗାର୍ଡ, ସିଆଇଏସ୍‌ଏଫ୍, ଇମିଗ୍ରେଶନ, କଷ୍ଟମ୍ସ, ଓଡ଼ିଶା ପୋଲିସ, ମେରାଇନ ପୋଲିସ, ମତ୍ସ୍ୟ ବିଭାଗ, ବନ ବିଭାଗ, ଗୁଇନ୍ଦା ବିଭାଗ, ପାରାଦୀପ ବନ୍ଦର ପ୍ରମୁଖ ଭାଗ ନେଇଛନ୍ତି। ଉପକୂଳରେ ଛଦ୍ମବେଶୀ ଆତଙ୍କବାଦୀମାନେ ବିଭିନ୍ନ ସମ୍ବେଦନଶୀଳ ଜାଗାରେ ପ୍ରବେଶ କରିବେ। ତାକୁ ସୁରକ୍ଷା ଏଜେନ୍ସିଗୁଡିକ କିପରି ଠାବ କରିବେ ତାହା ପ୍ରଦର୍ଶନ କରାଯାଇଛି। ସୂଚନାଯୋଗ୍ୟ, ୨୬।୧୧।୨୦୦୮ରେ ପାକିସ୍ତାନ ଆତଙ୍କବାଦୀମାନେ ସମୁଦ୍ର ପଥ ଦେଇ ବମ୍ବେ ସହରରେ ପ୍ରବେଶ କରି ଆକ୍ରମଣ କରିଥିଲେ। ସେତେବେଳେ ସୁରକ୍ଷା ଏଜେନ୍ସି ମଧ୍ୟରେ ସମନ୍ୱୟ ରହି ନ ଥିଲା। ସେବେଠାରୁ ଏପରି ସମରାଭ୍ୟାସ ପ୍ରତିବର୍ଷ ୨ ଥର କରାଯାଉଛି।



ସମୁଦ୍ରରେ ସମରାଭ୍ୟାସରେ ସାମିଲ ହୋଇଥିବା ସୁରକ୍ଷା କର୍ମୀମାନେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୦।୩।୨୦୨୪

| | |
|---|---|
| ୨,୮୧,୮୯୫ ଟଙ୍କା | |
| ସୁନା | ୯୦ ମିଲିଗ୍ରାମ୍ |
| ରୁପା | ୪.୯୦୦ ଗ୍ରାମ୍ |

# ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

**ପୁରୀ, ୨୦।୩(ଅଜିତ୍ ମହାନ୍ତି)**



ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରାରୁ ଅନ୍ୟତମ ପ୍ରମୁଖ ଦୋଳଯାତ୍ରା ଅନ୍ୟତମ । ଏହି ଅବସରରେ ଏକାଦଶୀରେ ରତ୍ନ ସିଂହାସନାରୁଢ଼ ଶ୍ରୀବିଗ୍ରହମାନଙ୍କ ମନୋରମ ଚାଚେରୀ ବେଶ ମଧ୍ୟାହ୍ନ ଧୂପ ପରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଛି। ତ୍ରୟୋଦଶୀ (ମଳ) ପର୍ଯ୍ୟନ୍ତ ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କ ଏହି ଚାଚେରୀ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହି ବେଶଟି ଆନନ୍ଦ ଉଲ୍ଲାସମୟ ଦୋଳଉତ୍ସବ କାଳୀନ ବିଶେଷ ବେଶ । ବୁଧବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହୋଇଥିଲେ। ସାଧାରଣତଃ ଚାଚେରୀ ବେଶରେ ଠାକୁରମାନେ ଲାଲ ବର୍ଣ୍ଣର ବସ୍ତ୍ର ପରିଧାନ କରିଥାନ୍ତି। ଏହାପରେ ପାଳିଆ ମେକାପ ଭଣ୍ଡାର ଘରଠାରୁ ଚନ୍ଦନ ଆଣିବାରେ ତିନି ବାଡ଼ରେ ସର୍ବାଙ୍ଗ ନୀତି ବଢ଼ିଥିଲା। ପରେ ରତ୍ନ ସିଂହାସନରେ ତିନିବାଡ଼ରେ ଚାଚେରୀ ବେଶ ବଢ଼ିଥିଲା। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ନଳି ଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମ ମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଣ୍ଟା ପଟି , ଛମୁର୍ତ୍ତି ଅଳଙ୍କାର ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେବାସହ ଦେବୀ ସୁଭଦ୍ରା ଚନ୍ଦ୍ର ସୂର୍ଯ୍ୟ ଓ ତଡ଼ଗି ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ଏହି ବେଶ ପୂର୍ବରୁ ମହାଜନଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀ ଦକ୍ଷିଣୀ ଘରକୁ ବିଜେ ହୋଇ ବେଶ ହୋଇଥିଲେ। ବେଶ ବଢ଼ି ପାଣି ପଡ଼ିଲାପରେ ଚାଚେରୀ ଭୋଗ ଛାମୁକୁ ଆସିଥିଲା। ପରେ ଭୂଦେବୀ, ଶ୍ରୀଦେବୀ ଏବଂ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲାପରେ ପଞ୍ଚଉପଚାରରେ ଚାଚେରୀ ଭୋଗ ବଢିଥିଲା। ପାଣି ପଡିଲା ପରେ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୋଇଥିଲେ। ପରେ ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି କରିଥିଲେ। ଶ୍ରୀଅଙ୍ଗରେ ଫଗୁ ଲାଗି କରିଥିଲେ। ଆଲଟ ଚାମର କରିଥିଲେ। ଏହାପରେ ଆଜ୍ଞାମାଳ ପାଇବାପରେ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ। ଜଗନ୍ନାଥ ବଲ୍ଲଭରେ ଜଉ ଡାବଖେଳ, ଫଗୁ ବନ୍ଦାପନା, ଶୀତଳ ଭୋଗ ସରିବାପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



ଫଗୁଦଶମୀ ଅବସରରେ ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଦୋଳଉତ୍ସବ ନୀତି ପାଇଁ ଜଗନ୍ନାଥ ବଲ୍ଲଭକୁ ଯାଉଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲୁଗାଁ, ୨୦।୩ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ରେଲୱେ ଷ୍ଟେଶନର ଅନତିଦୂର ତଥା ଦକ୍ଷିଣ କ୍ୟାବିନ ପାର୍ଶ୍ୱ ବିଲରେ ଥିବା ଏକ ଗଛରୁ ବୁଧବାର ବାଲୁଗାଁ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି । ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ଧୂସର ରଙ୍ଗର ଫୁଲ୍ ପ୍ୟାଣ୍ଟ ଓ ଲାଲ୍ ରଙ୍ଗର ଚେକ୍ ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ବୟସ ଆନୁମାନିକ ୩୦ରୁ ୩୫ବର୍ଷ ମଧ୍ୟରେ ହେବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪) ରୁଜୁ ହୋଇଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

## ବେଆଇନ ବାଲି ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

**ଯୋଗେଶ୍ୱରପୁର, ୨୦।୩ (ରଶ୍ମିରଞ୍ଜନ ସାହୁ)**

ଯୋଗେଶ୍ୱରପୁର ନିକଟସ୍ଥ ନୟାହାଟ ବଜାରଠାରୁ ୫ କି.ମି ନିକଟରୁ ଦେବୀ ନଦୀର ଶିଖର ଘାଟରୁ ଦୈନନ୍ଦିନ ଶହ ଶହ ହାଇୱାରେ ବେଆଇନ ଭାବେ ଓଭର ଲୋଡିଂ କରି ବାଲି ନିଆଯାଉଛି। ଧୂମାଳ ଗଳିରେ ନୟାହାଟ ବଜାରକୁ ଦିବା ରାତ୍ରି ବାଲି ବୋଝେଇ ଗାଡ଼ି ଆସିବାରୁ ରାସ୍ତାରେ କମ୍ପନ ସୃଷ୍ଟି ହେଉଛି। ଫଳରେ ରାସ୍ତା କଡ଼ରେ ଥିବା ଘର ଫାଟି ନଷ୍ଟ ହୋଇ ଯାଇ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ସେହିଭଳି ରାସ୍ତାରେ ଧୂଳି ଉଡ଼ାଇବାରୁ ପ୍ରଦୂଷଣ ସୃଷ୍ଟି, ଗାଡ଼ିର କାଗଜପତ୍ର ଠିକ୍ ନ ଥିବା ସହ କେ ଟୁ ଫର୍ମ ନ ଥିବାରୁ ସରକାରଙ୍କ ରାଜସ୍ୱ ଫାଙ୍କୁଥିବା ଜଣାପଡ଼ିଛି। ବେଆଇନ ବାଲି ଚାଲାଣ ଉପରେ ଗୋପ ତହସିଲ ପକ୍ଷରୁ ଚଢ଼ାଉ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେଆଇନ ବାଲି ଚାଲାଣ କରୁଥିବା ଗାଡ଼ିଠାରୁ ବଟି ଆଦାୟ କରୁଥିବା ଓ ବେଆଇନ ବାଲି ଚାଲାଣ ଗାଡ଼ି ସହିତ ଭିତିରିଆ ଭାବ ଥିବାରୁ ଏପରି ହେଉଛି। ଗାଡ଼ି ଆସିବା ଦ୍ୱାରା ଧୂମାଳ ଗଳିଠାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ବିଭିନ୍ନ ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକ, ଯାନବାହନ, ରୋଗୀଙ୍କ ଗାଡ଼ିକୁ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ଠିଆ ହେବାକୁ ପଡୁଛି। ଏ ଦିଗରେ ପୁରୀ ଜିଲାପାଳ ଓ ୫-ଟି ଅଧ୍ୟକ୍ଷ ଦୃଷ୍ଟି ଆକର୍ଷଣ କରିବାକୁ ଅଞ୍ଚଳରେ ଦାବି ହେଉଛି।

# ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ

**ରଘୁନାଥପୁର, ୨୦।୩ (ରାଜେନ୍ଦ୍ର ନାରାୟଣ ସିଂହ)**

### ରୋଗୀସେବା ଛଡା ଅନ୍ୟ କାର୍ଯ୍ୟ ବନ୍ଦ



ରାଜ୍ୟ ସଂଘର ଆହ୍ୱାନକ୍ରମେ ଓଡ଼ିଶାର ସମସ୍ତ ଆୟୁଷ ଡାକ୍ତର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଆୟୁଷ ଡାକ୍ତରମାନେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଛନ୍ତି। କେବଳ ରୋଗୀସେବା ଓ ଆୟୁଷ ସେବା ଛଡା ଅନ୍ୟ କୌଣସି ସେବା କରିବେ ନାହିଁ ବୋଲି ରୋକଠୋକ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଅଭିଯୋଗପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳାଇଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୫ ବର୍ଷ ତଳୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବାର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇ ସେମାନଙ୍କ ସହ ବିଶ୍ୱାସ ଘାତକତା କରିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରି ସମସ୍ତ ଆୟୁଷ ଡାକ୍ତର ଓ ତାଙ୍କ ପରିବାରବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

## ନବବଧୂଙ୍କୁ ଯୌତୁକ ନିର୍ଯାତନା, ଥାନାରେ ମାମଲା

**ସାଲେପୁର, ୨୦।୩(ଅରବିନ୍ଦ ଭୂୟାଁ)**

ବିବାହର ଦେଢ଼ବର୍ଷ ନ ପୂରୁଣୁ ଅଧିକ ୩ ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ଦାବିକରି ଜଣେ ନବବଧୂଙ୍କୁ ତାଙ୍କ ସ୍ୱାମୀ, ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ସାଲେପୁର ଥାନାରେ ବୁଧବାର ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧୀନ କୁଆଁରପୁର ଗ୍ରାମର ନିରଞ୍ଜନ ପତିଙ୍କ ଝିଅ ସୋନାଲିନ ୨୦୨୨ ଡିସେମ୍ବର ୯ରେ ମାହାଙ୍ଗା ଥାନା ଅନ୍ତର୍ଗତ ବାଲିପଡିଆ ଗାଁର ପ୍ରସନ୍ନ ପଣ୍ଡାଙ୍କ ପୁଅ କ୍ଷିତୀଶ କୁମାର ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଶାଶୁଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ଯୌତୁକ ବାବଦକୁ ସୁନା, ରୁପା ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଦିଆଯାଇଥିଲା। ଅଧିକ ୩ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ପାଇଁ ସୋନାଲିନଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ, ନଣନ୍ଦେଇ, ମଳାଶୁରମାନେ ଅଧିକାଂଶ ସମୟରେ ନିର୍ଯାତନା ଦେବା ସହ ମାଡ ମାରି ଘରୁ ବାହାର କରି ଦେଇଥିଲେ। ୩ ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ନ ଆଣିଲେ ତୋତେ ଘରେ ପୂରାଇ ଦେବୁ ନାହିଁ ବୋଲି ଧମକ ଦେଇଥିଲେ। ଏ ନେଇ ସୋନାଲିନ ଥାନାରେ ଅଭିଯୋଗ କରିବା ପରେ ନଂ. ୧୩୬/୨୪ରେ ମାମଲା ରୁଜୁ ହୋଇଛି।

## ବାଙ୍କୀ କୋର୍ଟ ଟ୍ରାଞ୍ଜିଟ୍ ହାଉସର ଭିତ୍ତିପ୍ରସ୍ତର



ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଟ୍ରାଞ୍ଜିଟ୍ ହାଉସ୍‌ର ଭିତ୍ତିପ୍ରସ୍ତର ଉଦ୍‌ଘାଟନ କରୁଛନ୍ତି।

**ବାଙ୍କୀ, ୨୦।୩(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁରଠାରେ ବୁଧବାର ବାଙ୍କୀ କୋର୍ଟର ଟ୍ରାଞ୍ଜିଟ୍ ହାଉସ୍‌ର ଭିତ୍ତିପ୍ରସ୍ତର ଶୁଭ ଉଦ୍‌ଘାଟନ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ ଆଭାସୀ ମାଧ୍ୟମରେ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାଙ୍କୀ କୋର୍ଟର ଏସ୍‌ଡିଜେମ୍ ସାଧନଜିତ୍ ପଣ୍ଡା, ସବ୍‌ଜଜ୍ ନବନୀତା ଦାଶ, ଜିଲା ଜଜ୍ କୋର୍ଟର ରେଜିଷ୍ଟ୍ରାର ଦୀପଙ୍କର ପଟ୍ଟନାୟକଙ୍କ ସମେତ କୋର୍ଟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୬ ମତ୍ସ୍ୟଜୀବୀ ଅଟକ



**ଅସ୍ତରଙ୍ଗ, ୨୦।୩(ପ୍ରଦୀପ୍ତ ଦୀକ୍ଷିତ)**

ଅସ୍ତରଙ୍ଗ ନିକଟରେ ମା' ସୁନାତାରିଣୀ ନାମକ ଟ୍ରଲର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ଏକ ଟ୍ରଲରକୁ ଅସ୍ତରଙ୍ଗ ବନବିଭାଗ ବୁଧବାର ଜବତ କରିଛି। ଜବତ ଟ୍ରଲର (ଆଇ ଏନ ଡି -ଓ ଆର -୦୧ଏମ୍ ଏମ୍ ୫୮୨)ରୁ ୧୬ ମତ୍ସ୍ୟଜୀବୀଙ୍କୁ ବନବିଭାଗ ଅଟକ ରଖିଛି। ଏହି ସମୟରେ ବନବିଭାଗର ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ତପନ ନାୟକ ଉପସ୍ଥିତ ଥିଲେ। ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କଟକଣା ଲାଗୁ ହୋଇଥିବାବେଳେ ବାରବାର ଏପରି ଘଟଣା ଦେଖିବାକୁ ମିଳୁଛି। ଚଳିତବର୍ଷ କଟକଣାରେ ମୋଟ ୯ଟି ଟ୍ରଲର ଜବତ ହେଲାଣି।

## ଚିନାବାଦାମ ଫସଲ ନଷ୍ଟ ଆଶଙ୍କା

**କୃଷ୍ଣପ୍ରସାଦ, ୨୦।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଛି। ଫଳରେ ଜମିରେ ପାଣି ଜମିବାରୁ ଚିନାବାଦାମ ଗଜା ଏବଂ ମାଟି ଖାଇ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ଋଣ କରି ଫସଲ କରିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ରାଜସ୍ୱ ଏବଂ କୃଷି ବିଭାଗ ତୁରନ୍ତ ଏହାର ତଦନ୍ତ କରି ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଯୁବନେତା ଅବସର ସେନା ଦୀପକ କୁମାର ଜେନାଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

## ରେଳ ଫାଟକ ପଡ଼ିବା ସମୟରେ ଗେଟ୍ ଭାଙ୍ଗିଲା



ଭାଙ୍ଗିପଡିଥିବା ରେଲ୍ ଫାଟକ ଗେଟ୍।

**ସାକ୍ଷୀଗୋପାଳ, ୨୦।୩(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ):**

ପୁରୀ-ଖୋର୍ଦ୍ଧା ରେଳ ଲାଇନରେ ସାକ୍ଷୀଗୋପାଳ ରେଳ ଫାଟକ ପଡୁଥିବା ସମୟରେ ବୁଧବାର ରେଳ ଗେଟ ଭାଙ୍ଗିଯିବାରୁ ଲୋକେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହି ହଇରାଣ ହୋଇଥିଲେ। ଏଭଳି ଘଟଣା ମଧ୍ୟାହ୍ନ ୧୨ଟା ସମୟରେ ଘଟିଥିବାବେଳେ ଲେଭଲ କ୍ରସିଂର ଉଭୟ ପାର୍ଶ୍ୱରେ କିଛି ବସ୍ ଯାତ୍ରୀ, ଗାଡି ମୋଟର ସହ ଶହଶହ ସାଧାରଣ ଛିଡ଼ା ହୋଇଥିଲେ। ଖବରପାଇ ସାକ୍ଷୀଗୋପାଳ ରେଲ୍‌ୱେ ପୋଲିସ ଅଧିକାରିଣୀ ଇନ୍ଦୁମତୀ ଶୁକ୍ଲା ତାଙ୍କ ଟିମ୍ ଓ ଅନ୍ୟ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗା ଗେଟ୍‌କୁ କାର୍ଯ୍ୟକ୍ଷମ କରିବା ପରେ ଲୋକେ ଯିବା ଆସିବା କରିଥିଲେ। ସୂଚନା ଥାଉକି, ଏହି ରେଳ ଫାଟକରେ ଗେଟ୍ ପଡୁଥିବା ସମୟରେ ଏହି ଭଳି ଅନେକ ଥର ଗେଟ ଭାଙ୍ଗି ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରୁ ନ ଥିବାରୁ ସାଧାରଣ ଲୋକ ନାନାଦି ଅସୁବିଧାରେ ପଡୁଛନ୍ତି। ତେଣୁ ଏହି ସମସ୍ୟା ଉପରେ ଦୃଷ୍ଟି ଦେବାକୁ ଉପରିସ୍ଥ ରେଳ କର୍ତ୍ତୃପକ୍ଷଙ୍କୁ ସାଧାରଣ ଲୋକ ଦାବିକରିଛନ୍ତି।

# ସାକ୍ଷୀଗୋପାଳଙ୍କ ଦୋଳଯାତ୍ରା ଆରମ୍ଭ



ସାକ୍ଷୀଗୋପାଳଙ୍କ ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ନିକଟ ଗ୍ରାମ ଗୋପାଳପୁର ପାଟଣାକୁ ନିଆଯାଉଛି।

**ସାକ୍ଷୀଗୋପାଳ, ୨୦।୩(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)**

ସାକ୍ଷୀଗୋପାଳଙ୍କ ମନ୍ଦିରରେ ବୁଧବାର ଠାରୁ ଦୋଳ ପର୍ବ ଆରମ୍ଭ ହୋଇଛି। ଆଦ୍ୟ ଦିନ ଫଗୁ ଦଶମୀ ଅବସରରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନ ମୋହନ ପାଞ୍ଚଦିନ ବ୍ୟାପି ନିକଟସ୍ଥ ଗ୍ରାମଗୁଡ଼ିକୁ ଭୋଗ ଲାଗି ପାଇଁ ବାହାର ବିଜେ କରିବେ। ଏହି ସମୟରେ ଠାକୁରଙ୍କ ଅତି ପ୍ରିୟ ଚାଚେରୀ ଭୋଗ ଲାଗି ହୋଇଥାଏ। ଏଥିପାଇଁ ମନ୍ଦିରରେ ଗୋଧନ ବାହୁଡ଼ା ଭୋଗ ପରେ ଠାକୁରଙ୍କ ହୋଳିବେଶ ଆରମ୍ଭ ହୋଇଥିଲା। ଏହି ବେଶରେ ଠାକୁରଙ୍କୁ ପଞ୍ଚପଲ୍ଲବ ଲାଗି ହୋଇଥିଲା। ମହାପ୍ରଭୁଙ୍କୁ ପଗଡ଼ି, ପାଇଜାମା, କୁଣ୍ଡଳ, କିରିଟି, ସ୍ୱର୍ଣ୍ଣ ବଂଶୀ, ଗଜମୁକ୍ତା ସହିତ ବିଭିନ୍ନ ଅଳଙ୍କାରମାନ ଲାଗି ହୋଇଥିଲା। ପରେ ଠାକୁର ସିଂହାସନ ବିଜେ କରିଥିଲେ। ସେଠାରେ ଏକାଦଶୀ ବେଢ଼ା ନୀତି ଓ ଏକାଦଶୀ ଭୋଗ ଲାଗି ହେବା ପରେ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନକୁ ବିଜେ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ବିମାନ ବିଜେ ଠାକୁରଙ୍କୁ ସ୍ଥାନୀୟ ଗୋପାଳପୁର ପାଟଣା ଗ୍ରାମକୁ ନିଆଯାଇଥିଲା। ସେଠାରେ ଭୋଗ ପରେ ଠାକୁର ମନ୍ଦିରକୁ ଫେରିବା ବାଟରେ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ପକ୍ଷରୁ ଜାଗାଘରଠାରେ ପୁନର୍ବାର ପନ୍ତିଭୋଗ କରାଯାଇଛି। ଠାକୁର ମନ୍ଦିରକୁ ପ୍ରତ୍ୟାଗମନ କରିବା ପରେ ସନ୍ଧ୍ୟା ଧୂପ କରାଯାଇ ମନ୍ଦିର ଚୁଡ଼ାକୁ ମହାଦୀପ ଉଠିବା ସହ ବଡ଼ ସିଂହାର ନୀତି କରାଯାଇ ପହଡ଼ ପଡ଼ିଥିଲା।

# ଠିକ୍ ସମୟରେ ମିଳୁନି ବ୍ୟାଟେରି ଗାଡ଼ି

**କଟକ, ୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)**

### ଏସ୍‌ସିବି ମେଡିକାଲ

■ ଘଣ୍ଟା ଘଣ୍ଟା ଅପେକ୍ଷା କରି ଷ୍ଟ୍ରେଚରରେ ପଡ଼ିରହୁଛନ୍ତି ରୋଗୀ

ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଠିକ୍ ସମୟରେ ବ୍ୟାଟେରି ଗାଡିର ସୁବିଧା ମିଳୁନାହିଁ। ଫଳରେ ରୋଗୀମାନେ ଗୋଟିଏ ୱାର୍ଡରୁ ଅନ୍ୟତ୍ର ଯିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ରୋଗୀ ସେବା ପାଇଁ ନାଲ୍‌କୋ କମ୍ପାନୀ ପକ୍ଷରୁ ୧୫ ବର୍ଷ ତଳେ ୮ଟି ବ୍ୟାଟେରି ଗାଡ଼ି ଯୋଗାଇ ଦିଆଯାଇଥିଲା। ସେଥିମଧ୍ୟରୁ ୫ଟି ଷ୍ଟ୍ରେଚର ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ୨ ଜଣ ଆଟେଣ୍ଡାଣ୍ଟ, ୨ଟି ସିଟିଂ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ଓ ଜଣେ ଆଟେଣ୍ଡାଣ୍ଟ, ଗୋଟିଏ ମେଡିସିନ ସପ୍ଲାଏ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ଦୁଇଜଣ ଆଟେଣ୍ଡାଣ୍ଟ କାର୍ଯ୍ୟରତ ରହିଛନ୍ତି। ଉଇ କେୟାର ନାମକ ଏକ ଘରୋଇ ସଂସ୍ଥା ଏହାର ସମସ୍ତ କାମ କରୁଛି। ତେବେ ୮ଟି ଗାଡ଼ି ମେଡିକାଲ ପାଇଁ ଯଥେଷ୍ଟ ନ ଥିବାବେଳେ ଉକ୍ତ କମ୍ପାନୀ ପକ୍ଷରୁ ଆଉ ୪ଟି ଗାଡ଼ି ଜାନୁଆରୀ ପ୍ରଥମ ସପ୍ତାହରେ ଯୋଗାଇ ଦିଆଯାଇଛି। ତଥାପି ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏସ୍‌ସିବି ମେଡିକାଲକୁ ଆସିଥିବା ଅନୁଗୋଳ ଅଞ୍ଚଳର ପ୍ରଦୀପ ବେହେରା କହିଛନ୍ତି, ମୋ ସମ୍ପର୍କୀୟ ୮ ଦିନ ହେବ ମେଡିକାଲର କାଜୁଆଲ୍‌ଟିରେ ଭର୍ତ୍ତି ହୋଇଛନ୍ତି। ପ୍ରତିଦିନ ଡାକ୍ତର ଦେଖାଇବା ସହ ପରୀକ୍ଷା ପାଇଁ ବିଭିନ୍ନ ବିଭାଗକୁ ଯିବାକୁ ପଡୁଛି। ଏଥିପାଇଁ ବ୍ୟାଟେରି ଗାଡିକୁ ଯୋଗାଯୋଗ କଲେ ୧ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ଆସିବା ଦିନଠାରୁ ଏଭଳି ଅସୁବିଧା ଭୋଗିବାକୁ ପଡୁଛି। ହେଲେ ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ସେ କହିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଅଞ୍ଚଳର ରୀନା ପାତ୍ର କହିଛନ୍ତି, ଶାଶୁଙ୍କ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ଆସିଛି। ହେଲେ ଏଠାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବୁଧବାର ବ୍ୟାଟେରି ଗାଡି ପାଇଁ ଦେଢ଼ ଘଣ୍ଟା ଅପେକ୍ଷା କରିବାକୁ ପଡିଛି। ଫୋନ୍ କଲେ ପହଞ୍ଚୁଛୁ ବୋଲି କହି କେହି ଆସି ନ ଥିଲେ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।



ବ୍ୟାଟେରି ଗାଡ଼ି ଅପେକ୍ଷାରେ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୩।୨୦୨୪

| | |
|---|---|
| ୨,୮୧,୮୯୫ ଟଙ୍କା | |
| ସୁନା | ୯୦ ମିଲିଗ୍ରାମ୍ |
| ରୁପା | ୪.୯୦୦ ଗ୍ରାମ୍ |

# ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ, ୨୦।୩ (ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରାରୁ ଅନ୍ୟତମ ପ୍ରମୁଖ ଦୋଳଯାତ୍ରା ଅନ୍ୟତମ । ଏହି ଅବସରରେ ଏକାଦଶୀରେ ରତ୍ନ ସିଂହାସନାରୁଢ଼ ଶ୍ରୀବିଗ୍ରହମାନଙ୍କ ମନୋରମ ଚାଚେରୀ ବେଶ ମଧ୍ୟାହ୍ନ ଧୂପ ପରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଛି। ତ୍ରୟୋଦଶୀ (ମଳ) ପର୍ଯ୍ୟନ୍ତ ପ୍ରତିଦିନ ମଧ୍ୟାହ୍ନ ଧୂପ ପରେ ଠାକୁରମାନଙ୍କ ଏହି ଚାଚେରୀ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହି ବେଶଟି ଆନନ୍ଦ ଉଲ୍ଲାସମୟ ଦୋଳଉତ୍ସବ କାଳୀନ ବିଶେଷ ବେଶ । ବୁଧବାର ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହୋଇଥିଲେ। ସାଧାରଣତଃ ଚାଚେରୀ ବେଶରେ ଠାକୁରମାନେ ଲାଲ ବର୍ଣ୍ଣର ବସ୍ତ୍ର ପରିଧାନ କରିଥାନ୍ତି। ଏହାପରେ ପାଳିଆ ମେକାପ ଭଣ୍ଡାର ଘରଠାରୁ ଚନ୍ଦନ ଆଣିବାରେ ତିନି ବାଡ଼ରେ ସର୍ବାଙ୍ଗ ନୀତି ବଢ଼ିଥିଲା। ପରେ ରତ୍ନ ସିଂହାସନରେ ତିନି ବାଡ଼ରେ ଚାଚେରୀ ବେଶ ବଢ଼ିଥିଲା। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ନଳି ଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମ ମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଷ୍ଟା ପଟି , ଛମୁର୍ତ୍ତି ଅଳଙ୍କାର ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେବାସହ ଦେବୀ ସୁଭଦ୍ରା ଚନ୍ଦ୍ର ସୂର୍ଯ୍ୟ ଓ ତଡ଼ଗି ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ଏହି ବେଶ ପୂର୍ବରୁ ମହାଜନଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀ ଦକ୍ଷିଣୀ ଘରକୁ ବିଜେ ହୋଇ ବେଶ ହୋଇଥିଲେ। ବେଶ ବଢ଼ି ପାଣି ପଡ଼ିଲାପରେ ଚାଚେରୀ ଭୋଗ ଛାମୁକୁ ଆସିଥିଲା। ପରେ ଭୂଦେବୀ, ଶ୍ରୀଦେବୀ ଏବଂ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲାପରେ ପଞ୍ଚଉପଚାରରେ ଚାଚେରୀ ଭୋଗ ବଢ଼ିଥିଲା। ପାଣି ପଡିଲା ପରେ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୋଇଥିଲେ। ପରେ ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି କରିଥିଲେ। ଶ୍ରୀଅଙ୍ଗରେ ଫଗୁ ଲାଗି କରିଥିଲେ। ଆଲଟ ଚାମର କରିଥିଲେ। ଏହାପରେ ଆଜ୍ଞାମାଳ ପାଇବାପରେ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ। ଜଗନ୍ନାଥ ବଲ୍ଲଭରେ ଜଉ ଡାବଖେଳ, ଫଗୁ ବନ୍ଦାପନା, ଶୀତଳ ଭୋଗ ସରିବାପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



## ପୁରୀ କ୍ଲବ୍‌ର ୯୬ତମ ପ୍ରତିଷ୍ଠା ଦିବସ



୯୬ତମ ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଓ କ୍ଲବ୍‌ର ସଦସ୍ୟ।

ପୁରୀ ୨୦।୩ ( ଅଜିତ୍ ମହାନ୍ତି)

ପୁରୀ ସହରର ରାଜଭବନ ମାର୍ଗରେ ୧୯୨୮ ମସିହାରେ ପ୍ରତିଷ୍ଠିତ ଐତିହ୍ୟସମ୍ପନ୍ନ ପୁରୀ କ୍ଲବର ୯୬ତମ ପ୍ରତିଷ୍ଠା ଦିବସ ସମାରୋହ ମାର୍ଚ୍ଚ ୧୯ତାରିଖ ମଙ୍ଗଳବାର ସନ୍ଧ୍ୟାରେ କ୍ଲବ୍ ପରିସରରେ ମହାସମାରୋହରେ ସମ୍ପନ୍ନ ହୋଇଛି। କ୍ଲବର ଉପସଭାପତି ରାଜକିଶୋର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ପାଦକ ହରିହର ଗୁରୁ ବିବରଣୀ ଉପସ୍ଥାପନ କରିବା ସହ କ୍ଲବରେ ଚାଲୁରହିଥିବା ଆଧୁନିକୀକରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନିଜର ବକ୍ତବ୍ୟରେ ମୁଖ୍ୟ ଅତିଥି ଆଚାର୍ଯ୍ୟ କହିଥିଲେ ଯେ, ଏହି ପ୍ରମୁଖ ଐତିହ୍ୟସମ୍ପନ୍ନ କ୍ଲବର ଆତିଥେୟତା ଓ ସୁବିଧା ସୁଯୋଗ ପାଇଁ ସମଗ୍ର ଦେଶରେ ଆଦୃତ ରହିଛି। ଏଥିସହିତ ଅଧିକ ନୂତନ ମହିଳା ସଦସ୍ୟା ଗ୍ରହଣ କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ। ନିଜର ଅଧ୍ୟକ୍ଷ ଅଭିଭାଷଣରେ ପାତ୍ର ପୁରୀକ୍ଲବ ଚଳିତବର୍ଷ ଭାରତର ଅନେକ କ୍ଲବଙ୍କ ସମକକ୍ଷ ହେବାସହ ଶତାଧିକ ପ୍ରମୁଖ କ୍ଲବଙ୍କ ସହ ସହବନ୍ଧିତ ହେବ ବୋଲି ଆଶା ପ୍ରକଟ କରିଥିଲେ। ଉତ୍ସବର ସମ୍ବର୍ଦ୍ଧନା ପର୍ବରେ ନୂତନ ରାଜ୍ୟ ସଭା ସାଂସଦ ଭାବେ ନିର୍ବାଚିତ ହୋଇଥିବା ଶୁଭାଶିଷ ଖୁଣ୍ଟିଆ ଏବଂ ପ୍ରଖ୍ୟାତ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପି.କେ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମନୋନୀତ ସଦସ୍ୟ ଓ ଷ୍ଟାଫ୍‌ଙ୍କୁ ସମ୍ମାନିତ କରାଯାଇଥିଲା।

## କୋହଲା ପାଗକୁ ଝିପିଝିପି ବର୍ଷା

ପୁରୀ, ୨୦।୩ (ଅଜିତ୍ ମହାନ୍ତି)

କାଳବୈଶାଖୀ ପ୍ରଭାବରେ ପୁରୀରେ ବୁଧବାର ଦିନ ତମାମ ବର୍ଷା ଲାଗି ରହିଥିବା ଦେଖିବାକୁ ମିଳିଥିଲା। ଦିନର ଅଧିକାଂଶ ସମୟରେ ମଧ୍ୟମ ଧରଣର ବର୍ଷା ଦେଖିବାକୁ ମିଳିଛି । ବର୍ଷା ଯୋଗୁ ଗରମରୁ କିଛିଟା ଆଶ୍ୱସ୍ତି ମିଳିଥିବାବେଳେ ଲଗାଣ ଝିପିଝିପି ବର୍ଷା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ମଧ ହୋଇପଡ଼ିଛି। ବର୍ଷା ଯୋଗୁଁ ସମୁଦ୍ର ଅଶାନ୍ତ ରହିଥିଲା। ଅନେକ ଶ୍ରଦ୍ଧାଳୁ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ବର୍ଷାରେ ଭିଜି ମଧ ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରିଥିଲେ। ବର୍ଷା କାରଣରୁ ପୁରୀରେ ପର୍ଯ୍ୟଟକଙ୍କ ସଂଖ୍ୟା କମ୍‌ଥିବା ଦେଖିବାକୁ ମିଳିଛି। ବର୍ଷା ସାଙ୍ଗକୁ କୋହଲା ପାଗ କାରଣରୁ ବିଭିନ୍ନ ପାଷ୍ଟ ଫୁଡ୍ ଦୋକାନଠାରୁ ଆରମ୍ଭ କରି ସୁପ୍, ଜଳଖିଆ, ଚା’ ଆଦି ଦୋକାନଗୁଡ଼ିକରେ ଲୋକମାନଙ୍କ ଗହଳି ଦେଖିବାକୁ ମିଳିଥିଲା। ବର୍ଷା ଓ କୋହଲା ପାଗ ଯୋଗୁ ଅନେକ ସ୍ଥାନରେ ପଖାଳ ଦିବସ ପାଳନ ଫିକା ପଡ଼ିଯାଇଥିଲା।

## ଅଦିନିଆ ବର୍ଷାରେ ଖରାଟିଆ ଧାନଫସଲ ନଷ୍ଟ

### ଚିନ୍ତାରେ ଚାଷୀ

କଣାସ, ୨୦।୩ (ବିଭୂତି ଭୂଷଣ ତ୍ରିପାଠୀ)

୩ ଦିନ ହେଲା ଅଦିନିଆ ବର୍ଷା, ପବନ ଯୋଗୁ କଣାସ ବ୍ଲକର ଚିଲିକା ଉପକୂଳରେ ଥିବା ପଞ୍ଚାୟତ ଲୋକେ ପ୍ରତିବର୍ଷ ଶାରଦ ଧାନ ଫସଲ ହରାଇ ଖରାଟିଆ ଧାନଫସଲ କରି ଜୀବିକା ପ୍ରତିପୋଷଣ କରନ୍ତି। ଚଳିତ ବର୍ଷ ମଧ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ଼, ଗୋପୀନାଥପୁର, କାଦୁଆ, ବଡ଼ାଲ, ଦୋଛିଆଁ, ସାହୁପଡ଼ା, ଦେଇପୁର, ଗଡ଼ଖାରଦ ପଞ୍ଚାୟତର ଗ୍ରାମବାସୀ ଚିଲିକା ଉପକୂଳରେ ଖରାଟିଆ ଧାନଚାଷ କରିଥିଲେ। କେତେକ ଜମିରେ ଧାନ ବାହାରୁଥିବାବେଳେ କେତେକ ଜମିରେ ଧାନ ବାହାରି ପଡ଼ିଥିଲା। ବର୍ଷା ଓ ପବନ ଯୋଗୁ ଧାନ ଗଛଗୁଡ଼ିକ ଜମିରେ ଶୋଇପଡ଼ିଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ୍ୟ ମହାଜନଙ୍କଠାରୁ ଚଢ଼ାଦରରେ ସୁଧକୁ ଋଣ ଆଣି ଧାନଚାଷ କରିଥିଲେ।

## ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର

ପୁରୀ, ୨୦।୩ (ଅଜିତ୍ ମହାନ୍ତି)

ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରିବା ସହ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ କରୁଥିବା ଅଭିଯୋଗ କରି ମହାସଂଘ ପକ୍ଷରୁ ସିଡିଏମ୍‌ଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସରକାରଙ୍କୁ ସମସ୍ତ କାର୍ଯ୍ୟରେ ଅସହଯୋଗ କରିବା ସହ ଭୋଟ ବର୍ଜନ କରିବେ ବୋଲି ଦର୍ଶାଇଛନ୍ତି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ସହ ସେମାନଙ୍କ ଚାକିରିକୁ ସ୍ଥାୟୀ କରିବା ନେଇ ବାରମ୍ବାର ସ୍ୱାସ୍ଥ୍ୟ ସଚିବଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଛି। ହେଲେ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଆମମାନଙ୍କ ଉପରେ ଏସ୍‌ମା ଆଇନ ଲାଗୁ କରାଯାଇ ଆନ୍ଦୋଳନରୁ ବିରତ କରାଗଲା। ଦୀର୍ଘ ୧୮ବର୍ଷ କାଳ ନିରନ୍ତର ଓ ନିରବଚ୍ଛିନ୍ନ ସେବା ଯୋଗାଇ ସ୍ୱାସ୍ଥ୍ୟ ସେବାରେ ଭାରତ ମାନଚିତ୍ରରେ ଓଡ଼ିଶାକୁ ଟିକାକରଣ ରେ ୧ ନମ୍ବର, ମାତୃ ଓ ଶିଶୁ ମୃତ୍ୟୁ ରୋକିବାରେ ୧ନଂ ଏବଂ ମ୍ୟାଲେରିଆ ନିରାକରଣରେ ୧ନମ୍ବର କରାଇଥିବା ସତ୍ତ୍ୱେ ସରକାର ଠିକା କର୍ମଚାରୀମାନଙ୍କୁ ଅଣଦେଖା କରୁଛନ୍ତି। ତେଣୁ ସରକାରଙ୍କୁ ଅସହଯୋଗ କରିବା ସହିତ ପରିବାର ତଥା ନିଜ ଲୋକଙ୍କ ସହିତ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ବିଜୟଲକ୍ଷ୍ମୀ ସାହୁ, ସଭାପତି ଜ୍ୟୋତିରଞ୍ଜନ ଶତପଥୀ, ଜିଲା ପ୍ରକଳ୍ପ ଅଧିକାରୀ ଟି. ନାରାୟଣ ରାଓ, ଅଶୋକ ସାହୁ, ଦୁଃଖିଶ୍ୟାମ ପଟ୍ଟନାୟକ ଏବଂ ସଂଘର ସଦସ୍ୟମାନେ ଯୋଗଦେଇ କ୍ଷୋଭ ପ୍ରକାଶ କରିଥିଲେ।

## ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୬ ମତ୍ସ୍ୟଜୀବୀ ଅଟକ



ଅସ୍ତରଙ୍ଗ, ୨୦।୩ (ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ନିକଟରେ ମା’ ସୁନାତାରିଣୀ ନାମକ ଟ୍ରଲର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ଏକ ଟ୍ରଲରକୁ ଅସ୍ତରଙ୍ଗ ବନବିଭାଗ ବୁଧବାର ଜବତ କରିଛି। ଜବତ ଟ୍ରଲର (ଆଇ ଏନ ଡି –ଓ ଆର –୦୧ଏମ୍ ଏମ୍ ୫୮୨)ରୁ ୧୬ ମତ୍ସ୍ୟଜୀବୀଙ୍କୁ ବନବିଭାଗ ଅଟକ ରଖିଛି। ଏହି ସମୟରେ ବନବିଭାଗର ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ତପନ ନାୟକ ଉପସ୍ଥିତ ଥିଲେ। ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କଟକଣା ଲାଗୁ ହୋଇଥିବାବେଳେ ବାରବାର ଏପରି ଘଟଣା ଦେଖିବାକୁ ମିଳୁଛି। ଚଳିତବର୍ଷ କଟକଣାରେ ମୋଟ ୯ଟି ଟ୍ରଲର ଜବତ ହେଲାଣି।

## ଏକାଦଶୀ ବ୍ରତ ମାହାତ୍ମ୍ୟ ଆଲୋଚନାଚକ୍ର



ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠରେ ଆୟୋଜିତ ଏକାଦଶୀ ବ୍ରତ ମାହାତ୍ମ୍ୟ ଆଲୋଚନାଚକ୍ର।

ପୁରୀ, ୨୦।୩ ( ଅଜିତ୍ ମହାନ୍ତି)

କପିଳେଶ୍ୱରପୁରସ୍ଥିତ ମଠ କାଙ୍କୁଡ଼ା ଗ୍ରାମରେ ଅତିବଡୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠରେ ପ୍ରିୟପତ୍ର ଏବଂ ଅତିବଡ଼ି ଦାସ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକାପୀଠର ମିଳିତ ଆନୁକୂଲ୍ୟରେ ଏକାଦଶୀ ବ୍ରତ ମାହାତ୍ମ୍ୟ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରିୟପତ୍ରର ସମ୍ପାଦକ ବିପିନ ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଶ୍ରେଷ୍ଠ ଏକାଦଶୀ ସଂକଳନର ରଚୟିତା ବିଜୟଲକ୍ଷ୍ମୀ ଦାଶ (ମିଶ୍ର) ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ସୁରେଶ କୁମାର ପଟ୍ଟନାୟକ, ଜାନକୀ ବଲ୍ଲଭ ଦାସ ଏବଂ ଅନନ୍ତ ପ୍ରଧାନ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଭାକର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ବାଳକୃଷ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରାଧା ଗୋବିନ୍ଦଙ୍କ ଆଳତି, ହୋମ ଏବଂ ପାରାୟଣ କରାଯାଇଥିଲା।



ଫଗୁଦଶମୀ ଅବସରରେ ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଦୋଳଉତ୍ସବ ନୀତି ପାଇଁ ଜଗନ୍ନାଥ ବଲ୍ଲଭକୁ ଯାଉଛନ୍ତି।

## ଜିଲାର ୧୪.୦୫ଲକ୍ଷ ଭୋଟରଙ୍କ ପାଇଁ ୧,୫୯୮ ବୁଥ୍

ପୁରୀ, ୨୦।୩ (ଅଜିତ୍ ମହାନ୍ତି)

ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ଯଥା ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ମେ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ କାକଟପୁର ଓ ନିମାପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଜୁନ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ମୋଟ ୧,୫୯୮ଟି ବୁଥ ସହ ୧୫୦୦ରୁ ଅଧିକ ଭୋଟର ଥିବା ୬ଟି ସହାୟକ ବୁଥରେ ୧୪,୦୫,୬୫୪ଜଣ ଭୋଟର ମତଦାନ କରିବେ। କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୮୦ ବୁଥରେ ୨,୪୦,୬୩୧ ଜଣ ଭୋଟର ମତଦାନ କରିବେ। ସେହିପରି ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ୨୮୦ ମୁଖ୍ୟ ଓ ୧ ସହାୟକ ବୁଥ ମାଧ୍ୟମରେ ୨,୪୪,୫୦୩ , ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୩୯ ମୁଖ୍ୟ ଓ ୪ସହାୟକ ବୁଥ ମାଧ୍ୟମରେ ୨,୩୫,୩୧୫ , ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୭୧ ମୁଖ୍ୟ ଓ ୧ ସହାୟକ ବୁଥ ମାଧ୍ୟମରେ ୨,୨୬,୪୭୬ , ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୫୪ ବୁଥରେ ୨,୧୨,୦୪୩ ଏବଂ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୭୪ବୁଥ ମାଧ୍ୟମରେ ୨,୩୪,୬୨୩ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପୁରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଯେହେତୁ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୈନିକ ଭିତ୍ତିରେ ଜାରି ରହିଛି ତେଣୁ ଦୈନିକ ଭୋଟର ତାଲିକା ଓ ୧୫୦୦ରୁ ଅଧିକ ହେଉଥିବା ବୁଥର ସଂଖ୍ୟାରେ ମଧ ପରିବର୍ତ୍ତନ ଘଟୁଛି ବୋଲି ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।




ପୁରୀର ଏକ ହୋଟେଲରେ ପଖାଳ ଦିବସ ପାଳନ କରାଯାଉଛି।

## ସାକ୍ଷୀଗୋପାଳଙ୍କ ଦୋଳଯାତ୍ରା ଆରମ୍ଭ



ସାକ୍ଷୀଗୋପାଳଙ୍କ ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ନିକଟ ଗ୍ରାମ ଗୋପାଳପୁର ପାଟଣାକୁ ନିଆଯାଉଛି।

ସାକ୍ଷୀଗୋପାଳ, ୨୦।୩ (ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳଙ୍କ ମନ୍ଦିରରେ ବୁଧବାର ଠାରୁ ଦୋଳ ପର୍ବ ଆରମ୍ଭ ହୋଇଛି। ଆଦ୍ୟ ଦିନ ଫଗୁଦଶମୀ ଅବସରରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନ ମୋହନ ପାଞ୍ଚଦିନ ବ୍ୟାପି ନିକଟସ୍ଥ ଗ୍ରାମଗୁଡ଼ିକୁ ଭୋଗ ଲାଗି ପାଇଁ ବାହାର ବିଜେ କରିବେ। ଏହି ସମୟରେ ଠାକୁରଙ୍କ ଅତି ପ୍ରିୟ ଚାଚେରୀ ଭୋଗ ଲାଗି ହୋଇଥାଏ। ଏଥିପାଇଁ ମନ୍ଦିରରେ ଗୋଧନ ବାହୁଡ଼ା ଭୋଗ ପରେ ଠାକୁରଙ୍କ ହୋଲିବେଶ ଆରମ୍ଭ ହୋଇଥିଲା। ଏହି ବେଶରେ ଠାକୁରଙ୍କୁ ପଞ୍ଚପଲ୍ଲବ ଲାଗି ହୋଇଥିଲା। ମହାପ୍ରଭୁଙ୍କୁ ପଗଡ଼ି, ପାଇଜାମା, କୁଣ୍ଡଳ, କିରିଟି, ସ୍ୱବର୍ଣ୍ଣ ବଂଶୀ, ଗଜମୁକ୍ତା ସହିତ ବିଭିନ୍ନ ଅଳଙ୍କାରମାନ ଲାଗି ହୋଇଥିଲା। ପରେ ଠାକୁର ସିଂହାସନ ବିଜେ କରିଥିଲେ। ସେଠାରେ ଏକାଦାଶୀ ବେଢ଼ା ନୀତି ଓ ଏକାଦାଶୀ ଭୋଗ ଲାଗି ହେବା ପରେ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନକୁ ବିଜେ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ବିମାନ ବିଜେ ଠାକୁରଙ୍କୁ ସ୍ଥାନୀୟ ଗୋପାଳପୁର ପାଟଣା ଗ୍ରାମକୁ ନିଆଯାଇଥିଲା। ସେଠାରେ ଭୋଗ ପରେ ଠାକୁର ମନ୍ଦିରକୁ ଫେରିବା ବାଟରେ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ପକ୍ଷରୁ ଜାଗାଘରଠାରେ ପୁନର୍ବାର ପନ୍ତିଭୋଗ କରାଯାଇଛି। ଠାକୁର ମନ୍ଦିରକୁ ପ୍ରତ୍ୟାଗମନ କରିବା ପରେ ସନ୍ଧ୍ୟା ଧୂପ କରାଯାଇ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ସହ ବଡ଼ ସିଂହାର ନୀତି କରାଯାଇ ପହଡ଼ ପଡ଼ିଥିଲା।

## ଆଜିଠୁ ୧୪ତମ ଜାତୀୟସ୍ତରୀୟ ନାଟକ ମହୋତ୍ସବ

ପୁରୀ, ୨୦।୩ (ଅଜିତ୍ ମହାନ୍ତି)

ମାର୍ଚ୍ଚ ୨୧ ଗୁରୁବାରଠାରୁ ରଙ୍ଗଶାଳା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ୧୪ତମ ଜାତୀୟସ୍ତରୀୟ ନାଟକ ମହୋତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଏନେଇ ବୁଧବାର ଏକ ସ୍ଥାନୀୟ ହୋଟେଲ ପରିସରରେ ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରଙ୍ଗଶାଳା ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ରଙ୍ଗଶାଳା ପକ୍ଷରୁ ଜାତୀୟସ୍ତରୀୟ ନାଟକ ମହୋତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହେବ। ଏହା ୨୧ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ନାଟକ ପରିବେଷଣ ହେବ। ପ୍ରଥମ ଦିନ ରଙ୍ଗଶାଳାର ନିଜସ୍ୱ ନାଟକ ଶବବାହକମାନେ ପରିବେଷଣ ହେବ, ଯାହାକୁ ଲେଖକ ବିଜୟ ମିଶ୍ର ରଚନା କରିଥିବା ବେଳେ ନାଟକର ନିର୍ଦ୍ଦେଶନା ଦେଇଛନ୍ତି ବିକ୍ରମ କୁମାର୍ ସାହୁ। ସେହିପରି ଦ୍ୱିତୀୟ ଦିନ ଜୀବନ ରେଖା ଅନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ନାଟକ ଏମିତି କୁହା ଯାଏ ମଞ୍ଚସ୍ଥ ହେବ। ନାଟକର ଲେଖକ ମାନବ କୌଲ ଓ ନାଟକର ନିର୍ଦ୍ଦେଶକ ରୋହନ ଯାଦବ ରହିଛନ୍ତି। ତୃତୀୟ ସନ୍ଧ୍ୟାରେ ଶ୍ରୀ ନାଟ୍ୟମ୍ ଏବଂ ଶ୍ରୀ ସଦାଶିବମ୍ ରଙ୍ଗ ଦଳମ୍ ଅନୁଷ୍ଠାନ ପୁରୀର ସଂସ୍କୃତ ନାଟକ କୃଷ୍ଣ କୌତୁହଲମ୍ ନାଟକ ମଞ୍ଚସ୍ଥ ହେବ, ଯାହାର ଲେଖକ ମଧୁସୂଦନ ସରସ୍ୱତୀ ଓ ନିର୍ଦ୍ଦେଶକ ପ୍ରଫେସର ଧର୍ମେନ୍ଦ୍ର କୁମାର ସିଂଦେଓ ଅଟନ୍ତି। ମହୋତ୍ସବର ଶେଷ ଦିନ ୨୪ତାରିଖରେ ନାଟକ କାନ୍ଦ ମାଷ୍ଟ୍ରେ ପରିବେଷଣ ହେବ। ଏହି ନାଟକର ଲେଖକ ଜାକିର୍ ଖାନ୍ ଓ ନାଟକ ର ନିର୍ଦ୍ଦେଶକ ହିମାଂଶୁ ଶେଖର ମହାନ୍ତି ରହିଛନ୍ତି। ଏହି ପରିପ୍ରେକ୍ଷୀରେ ନାଟ୍ୟ ସଂଜୀବନୀ ବ୍ୟୋମକେଶ ସମ୍ମାନରେ ଚଳଚ୍ଚିତ୍ରର ହାସ୍ୟ ଅଭିନେତା ହରିହର ମହାପାତ୍ରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ରଙ୍ଗଶାଳା ସମ୍ମାନରେ ବିଜୟ କୁମାର ଆପଟ, ଅଜୟ ରଥ, ଦିଲୀପ କୁମାର ଚୌଧୁରୀ ଓ ବିଦ୍ୟାଧର ମହାରଣାଙ୍କୁ ସମ୍ମାନିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବଳରାଜ ତ୍ରିପାଠୀ, ବରିଷ୍ଠ ଅଭିନେତା ସନ୍ଦିପ୍ତ ଦାଶ, ଚଳଚ୍ଚିତ୍ର ଅଭିନେତା ସମୀର ଶତପଥୀ, ସାଂସ୍କୃତିକ ସଂଯୋଜକ ଗୋବିନ୍ଦ ମହାନ୍ତି ଏବଂ ଉପ ସଭାପତି ସରୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ।




ଖବରଦାତା ସମ୍ମିଳନୀରେ ରଙ୍ଗଶାଳା ନାଟ୍ୟ ଅନୁଷ୍ଠାନର ସଦସ୍ୟ।

## ବୃଦ୍ଧାଶ୍ରମର ବାର୍ଷିକ ଉତ୍ସବ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ପୌରପାଳିକା ୧୭ ନମ୍ବର ୱାର୍ଡ ଧୂମାବତୀ ବିହାରସ୍ଥିତ ସ୍ୱାଗତିକା ବୃଦ୍ଧାଶ୍ରମର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାଗତିକା ଫାଉଣ୍ଡେଶନ୍‌ର ମୁଖ୍ୟ ଦେବେନ୍ଦ୍ର କୁମାର ପୃଷ୍ଟିଙ୍କ ପରିଚାଳନାରେ ଭାଗବତ ପାରାୟଣ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏଥିରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଆଶ୍ରମ ଅନ୍ତେବାସୀଙ୍କ ସହିତ ଭାବର ଆଦାନ ପ୍ରଦାନ କରି ଉପହାର ଦେଇଥିଲେ। ଜୟନ୍ତୀ ପୃଷ୍ଟିଙ୍କ ନେତୃତ୍ୱରେ ଫାଉଣ୍ଡେଶନ୍‌ର ସଦସ୍ୟାସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଅଦିନିଆ ବର୍ଷାରେ ବୁଧବାର କଟକ ଗହ୍ମାଡିଆ ଓ ମେରିଆ ବଜାର ଗୋପବନ୍ଧୁ ବିହାର ଅଞ୍ଚଳ ରାସ୍ତାରେ ଜମି ରହିଥିବା ପାଣି।

# ବର୍ଷାରେ କଟକ ଜଳାର୍ଣ୍ଣବ



ବୈଶାଖୀ ବାଣିଜ୍ୟ ମେଳା ଷ୍ଟଲ ସମ୍ମୁଖରେ ବର୍ଷାପାଣି।

କଟକ,୨୦।୩ (କାର୍ତ୍ତିକ ସାହୁ)

■ଯାତାୟାତରେ ଅସୁବିଧା, ଲୋକେ ହନ୍ତସନ୍ତ
■ଫିକାପଡ଼ିଲା ବୈଶାଖୀ ବାଣିଜ୍ୟ ମେଳା

ଅଦିନିଆ ବର୍ଷାରେ କଟକ ସହରର ବିଭିନ୍ନ ସ୍ଥାନ ଜଳାର୍ଣ୍ଣବ ହୋଇଥିଲା। ଏଥିଯୋଗୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବୁଧବାର ପାହାନ୍ତାରୁ ବର୍ଷାର ମାତ୍ରା ବୃଦ୍ଧି ପାଇଥିଲା। ଫଳରେ ବିଭିନ୍ନ ଅଞ୍ଚଳର ରାସ୍ତା ବର୍ଷାଜଳରେ ବୁଡ଼ି ରହିଥିଲା। ବିଶେଷକରି ଫ୍ରେଣ୍ଡସ୍ କଲୋନୀ, ଗହ୍ମାଡିଆ, ମେରିଆବଜାର, ପଟାପୋଲ, କାଜିବଜାର ଆଦି ଅଞ୍ଚଳରେ ଜଳ ନିଷ୍କାସନ ହୋଇପାରି ନ ଥିଲା। ଏହାଦ୍ୱାରା ଲୋକମାନେ ଘରୁ ବାହାରି ପାରି ନ ଥିଲେ। ଦିନ ତମାମ ଝିପିଝିପି ବର୍ଷା ଲାଗିରହିଥିଲା। ଫଳରେ ସହରର ବିଭିନ୍ନ ବଜାରରେ କାରବାର ମାନ୍ଦା ପଡ଼ିଯାଇଥିଲା। ବଡ ବଡ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ସେତେ ଭଲ ବ୍ୟବସାୟ କରିପାରି ନ ଥିଲା। ଅପରପକ୍ଷରେ ନୂଆକରି ନିର୍ମାଣ ହୋଇଥିବା ବକ୍ସଡ୍ରେନ୍ ରାସ୍ତାରେ ପାଣି ନିଷ୍କାସନ ହୋଇପାରି ନ ଥିବା ଦେଖିବାକୁ ମିଳିଥିଲା। କେତେକ ସ୍ଥାନରେ ବର୍ଷାଜଳ ଜମି ରହିବା କାରଣରୁ ଯାତାୟାତବେଳେ ପାଣି ଛିଟ୍‌କା ପଡ଼ି ଲୋକଙ୍କ ପୋଷାକ ଓ ବଜାର ସଉଦା ନଷ୍ଟ ହୋଇଛି।

ସେହିପରି ବାଲିଯାତ୍ରା ଉପରପଡ଼ିଆରେ ଚାଲିଥିବା ବୈଶାଖୀ ବାଣିଜ୍ୟ ମେଳା ବର୍ଷା ଯୋଗୁ ଫିକା ପଡ଼ିଯାଇଛି। ବର୍ଷାର ଧାରା ଅବାରିତ ଚାଲିଥିବାରୁ କେତେକ ଷ୍ଟଲ୍ ଖୋଲିପାରି ନ ଥିଲା। ବ୍ୟବସାୟୀମାନେ ପଲିଥିନ୍ ଦ୍ୱାରା ସେମାନଙ୍କ ସାମଗ୍ରୀଗୁଡ଼ିକୁ ଘୋଡ଼ାଇ ଦେଇଥିଲେ। ପଡ଼ିଆରେ ବର୍ଷାଜଳ ଜମି ରହିବାରୁ କାଦୁଅ ପରିସ୍ଥିତି ସୃଷ୍ଟି ହୋଇଥିଲା। ଷ୍ଟଲଗୁଡ଼ିକରେ କାଁ ଭାଁ ଲୋକଙ୍କୁ ଦେଖିବାକୁ ମିଳିଥିଲା। ଦୋକିଗୁଡ଼ିକ ଫାଙ୍କା ପଡ଼ିଥିଲା। ଫଳରେ ବ୍ୟବସାୟୀମାନେ ବୁଧବାର ଏକପ୍ରକାର ନିରାଶ ହୋଇଥିଲେ।

### ନିଆଳିରେ ସର୍ବାଧିକ ୬୪ ମି.ମି. ବର୍ଷା ରେକର୍ଡ

କଟକ ଜିଲାରେ ବୁଧବାର ସକାଳ ୮ଟା ସୁଦ୍ଧା ହାରାହାରି ୩୭.୬୮ ମିମି ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଜିଲାର ବିଭିନ୍ନ ଅଞ୍ଚଳରେ ମୋଟ ୬୪୦.୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ନିଆଳିରେ ସର୍ବାଧିକ ୬୪ ମିମି, ତିଗିରିଆ ଓ ବାରଙ୍ଗରେ ସର୍ବନିମ୍ନ ୨୪ ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଆଠଗଡ଼ରେ ୨୭ ମିମି, ବାଙ୍କୀ-ଡମପଡ଼ାରେ ୫୫ ମିମି, ବଡ଼ମ୍ବାରେ ୪୨ ମିମି, କଟକ ସଦରରେ ୫୩ ମିମି, କଣ୍ଟାପଡ଼ାରେ ୩୨ ମିମି, ମାହାଙ୍ଗାରେ ୩୪ ମିମି, ନିଶ୍ଚିନ୍ତକୋଇଲିରେ ୩୭ ମିମି, ନରସିଂହପୁରରେ ୩୫ ମିମି, ସାଲେପୁରରେ ୩୨ ମିମି, ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳରେ ୪୦ ମିମି ବର୍ଷା ରେକର୍ଡ କରାଯାଇଛି। ଏଥିସହ କଟକ ସହରର ଶହୀଦ ଭବନ ଅଞ୍ଚଳରେ ୩୫.୪ ମିମି, ବିକାଶ ଭବନରେ ୪୩.୪ ମିମି, ସିଡିଏ ସେକ୍ଟର-୬ରେ ୩୦.୪ ମିମି ଏବଂ ଓଏମ୍‌ପି ଛକରେ ୩୨.୪ ମିମି ବର୍ଷା ରେକର୍ଡ କରାଯାଇଥିବା ଜଣାପଡ଼ିଛି।

## ‘ଓଡ଼ିଶାର ସଂସ୍କୃତି, ପରମ୍ପରା ସହ ପଖାଳ ଜଡ଼ିତ’

ଫୁଲନଖରା,୨୦।୩(ସତ୍ୟରଞ୍ଜନ ଦାସ ମହାପାତ୍ର)

ଭୁବନେଶ୍ୱର ବ୍ଲକ(୩) କଂଗ୍ରେସ କମିଟି ପକ୍ଷରୁ ବୁଧବାର ନଖରାଠାରେ ପଖାଳ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ବ୍ଲକ(୩) କଂଗ୍ରେସ କମିଟି ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲା କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପରମ୍ପରା ଓ ସଂସ୍କୃତି ସହିତ ପଖାଳ ଜଡିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ଦାସ, ଧର୍ମାନନ୍ଦ ସାହୁ, ଓମ୍ ପ୍ରକାଶ ପୁରୀ, ସମ୍ପାଦକ ପ୍ରଭାତ ଭୋଇ, ଲକ୍ଷ୍ମୀଧର ଭୋଳ, ହରିହର ସାହୁ, ଦେବାଶିଷ ଦାସ, ପ୍ରବୀର ମହାନ୍ତି ଯୋଗଦେଇଥିଲେ।

## ବର୍ଷା: ଫିକାପଡ଼ିଲା ପଖାଳ ଦିବସ



କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ବର୍ଷା ଯୋଗୁ ବୁଧବାର ପଖାଳ ଦିବସ ଫିକା ପଡିଛି। କଟକରେ କାଁ ଭାଁ ଏହି ଦିବସ ପାଳନ କରାଯାଇଥିବାବେଳେ ଅଧିକାଂଶ ହୋଟେଲରେ ବ୍ୟବସାୟ ମାନ୍ଦା ହୋଇଥିଲା। ଫଳରେ ବ୍ୟବସାୟୀଙ୍କୁ ନିରାଶ ହେବାକୁ ପଡିଛି। ଏନେଇ ଓସିଏ କ୍ଲବ ମ୍ୟାନେଜର ଅନିଲ କୁମାର ସାହୁ କହିଛନ୍ତି, ଗ୍ରାହକମାନେ କ୍ଲବ ପରିସରରେ ପଖାଳ ଖାଇ ଉକ୍ତ ଦିବସକୁ ପାଳନ କରିଥାନ୍ତି। ବିଶେଷକରି ପଖାଳ ଦିବସରେ ୫୦ରୁ ଊର୍ଦ୍ଧ୍ୱ ଅର୍ଡର ଆସିଥାଏ। ହେଲେ ବୁଧବାର ବର୍ଷା ଯୋଗୁ ଗ୍ରାହକଙ୍କ ଭିଡ ଏତେଟା ଦେଖିବାକୁ ମିଳି ନ ଥିଲା। ହେଲେ ଏହି ପଖାଳ ଦିବସ ଏକ ସପ୍ତାହ ଚାଲିବ। ଆଶା ରହିଛି ପାଗ ପରିବର୍ତ୍ତନ ହେଲେ ଗ୍ରାହକ କ୍ଲବକୁ ଆସି କିମ୍ବା ଖାଦ୍ୟ ଅର୍ଡର କରି ଏହାର ମଜା ନେବେ।

ହୋଟେଲ ଗ୍ରାଣ୍ଡ୍ ରେସିଡେନ୍ସିର ମ୍ୟାନେଜର ରିତେଶ ନାୟକ କହିଛନ୍ତି, ହୋଟେଲକୁ ଆସି ପଖାଳ ଦିବସ ପାଳନ କରିବାକୁ ବହୁ ଗ୍ରାହକଙ୍କ ଇଚ୍ଛା ଥାଏ। ହେଲେ ବର୍ଷା ପାଗ ପଖାଳ ଦିବସର ମଜାକୁ ବିଗାଡ଼ି ଦେଇଛି। କମ୍ ସଂଖ୍ୟକ ଗ୍ରାହକ ଆସି ଏହାର ମଜା ନେଇଛନ୍ତି। ଏକ ସପ୍ତାହ ଧରି ପଖାଳ ଦିବସ ପାଳନ ହେବ। ଗ୍ରାହକ ହୋଟେଲ ଆସି ପଖାଳ ପ୍ଲାଟର ସ୍ୱାଦ ଚାଖିବେ ବୋଲି ଆଶା ରହିଛି।

ବଜ୍ରକବାଟୀସ୍ଥିତ ମିଳାମିଶା ହୋଟେଲର ବ୍ୟବସାୟୀ ପ୍ରମୋଦ କୁମାର ସ୍ୱାଇଁ କହିଛନ୍ତି, ପଖାଳ ଦିବସରେ ବୁଧବାର ଆମିଷ ଖାଦ୍ୟ ଉପରେ ଅଧିକ ଚାହିଦା ରହିଥିଲା। ହୋଟେଲ ପକ୍ଷରୁ ଦହି ପଖାଳ ସହ ୧୦ ପ୍ରକାରର ନିରାମିଷ ଓ ୬ ପ୍ରକାରର ଆମିଷ ବ୍ୟଞ୍ଜନର ବ୍ୟବସ୍ଥା କରାଯାଇଥିଲା। ଗ୍ରାହକଙ୍କୁ ସୁହାଇଲା ଭଳି ଦର ରହିଥିବା ସେ କହିଛନ୍ତି।

## ବାସନ୍ତୀ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

ଖୁଣ୍ଟୁଣୀ,୨୦।୩(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡ଼ିଝାଟିଆ ଅଞ୍ଚଳର ମା ବାସନ୍ତୀ ଦୁର୍ଗାଙ୍କ ପୂଜା ପାଇଁ ମଙ୍ଗଳବାର ମାଟି ଅନୁକୂଳ କରାଯାଇଛି। ରାତି ୯ଟାରେ ଗୁରୁଡ଼ିଝାଟିଆ ଓ କୋଉର ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ବସନ୍ତ କୁମାର ସାହାଣୀ, ହୃଦାନନ୍ଦ ସାହାଣୀ, ଅମରେନ୍ଦ୍ର ଧଳ, ମାନସ ପଣ୍ଡା, ମନୋଜ ସାହୁ, ଧ୍ରୁବ ଚରଣ ଷଣ୍ଢ, ପବିତ୍ର ମୋହନ ସାହାଣୀ, ଦେବାଶିଷ ବିଶ୍ୱାଳ, ରଶ୍ମିରଞ୍ଜନ ସାହାଣୀ, ସନାତନ ଦଳେଇ ପ୍ରମୁଖ ମା’ ବାସନ୍ତୀ ଦୁର୍ଗାଙ୍କ ସମସ୍ତ ପୂଜା ନୀତି ସମ୍ପନ୍ନ କରିବା ପରେ ପୀଠରେ ସ୍ୱତନ୍ତ୍ର ହୋମ କରାଯାଇଥିଲା। ପରେ ମା’ଙ୍କ ସୁସଜିତ ସବାରୀକୁ ପୂଜା କରି ଗ୍ରାମ ପରିକ୍ରମା କରାଯାଇଥିଲା। ରାତି ୧୧ଟାରେ ଗୁରୁଡ଼ିଝାଟିଆ ଥାନା ପାର୍ଶ୍ୱ ଗଡାହୁଡା ପୋଖରୀ ନିକଟରେ ପୂଜା କରାଯିବା ପରେ ମୃତ୍ତିକା ଅଣାଯାଇ ମନ୍ଦିରରେ ରଖାଯାଇଥିଲା। ମା’ ବାସନ୍ତୀ ଦୁର୍ଗାପୂଜା କମିଟିର ଶିବରାମ ଦଳାଇ, ଜଗନ୍ନାଥ ଧଳ, ଗଗନ ପଣ୍ଡା, ଶତ୍ରୁଘ୍ନ ସାହାଣୀ, ବୀରେନ୍ ଷଣ୍ଢ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମେଳଣରେ ସାମିଲ ହୋଇଥିବା ବିଭିନ୍ନ ଗ୍ରାମର ଦୋଳବିମାନ।

## ରାଜଦୋଳ ମେଳଣ

ଖୁଣ୍ଟୁଣୀ,୨୦।୩(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ନଅବେଡ଼ାର ପ୍ରସିଦ୍ଧ ରାଜଦୋଳ ମେଳଣ ବୁଧବାରଠାରୁ ଆରମ୍ଭ ହୋଇଛି। ଖମାରନୂଆଗାଁ ଗ୍ରାମରୁ ଆରମ୍ଭ ହୋଇଥିବା ଏହି ମେଳଣ ଦୋଳ ପୂର୍ଣ୍ଣିମାରେ ଗୁରୁଡ଼ିଝାଟିଆଠାରେ ଶେଷ ହେବ ବୋଲି ରାଜଦୋଳ ସମନ୍ୱୟ କମିଟି ସମ୍ପାଦକ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ଖମାରନୂଆଗାଁ ଗ୍ରାମର ଗୋପୀନାଥଜୀଉ ମେଳଣ ପଡିଆରେ ବୁଧବାର ଦୋଳମେଳଣ ଅନୁଷ୍ଠିତ ହୋଇଥିଲା। ଗୁରୁଡ଼ିଝାଟିଆ ଅଞ୍ଚଳର ମଦନ ମୋହନଜୀଉ, ବାଳିଗ୍ରାମର ଦଧିବାମନଜୀଉ, ବାଳି ଶାସନର ଗୋପାଳ ଦେବ, ଗୋବରା ଶାସନର ଗୋପାଳଦେବ, କୁମାରପୁର ଗ୍ରାମର ଦଧିବାମନଜୀଉ ଓ କୁମାରପୁର ଶାସନର ଗୋପୀନାଥ ଦେବ ସୁସଜ୍ଜିତ ବିମାନରେ ଗୋପୀନାଥଜୀଉ ମେଳଣ ପଡ଼ିଆଠାରେ ଏକତ୍ରିତ ହୋଇଥିଲେ। ସେଠାରେ ନାମ ସଂକୀର୍ତ୍ତନ ଓ ନଦିଆ କୀର୍ତ୍ତନ ପରିବେଷଣ କରାଯାଇଥିଲା। ପରେ ଖମାରନୂଆଗାଁ ଗ୍ରାମର ଗୋପୀନାଥଜୀଉ ମେଳଣ ପଡିଆକୁ ଆସିଥିଲେ। ଠାକୁରମାନଙ୍କୁ ପୂଜାର୍ଚ୍ଚନା ସହ ଭୋଗ ଲାଗି କରାଯାଇଥିଲା। ମେଳଣ କମିଟି ଓ ସଂକୀର୍ତ୍ତନ ଗୋଷ୍ଠୀର ଉପଦେଷ୍ଟା ହୃଦାନନ୍ଦ ବେଉରା ଏବଂ ଅଧିକାରୀ ଗୋକୁଳାନନ୍ଦ ରାଉତ, ଗ୍ରାମ କମିଟିର ସଦସ୍ୟଙ୍କ ସହିତ ଗ୍ରାମବାସୀ ଦୋଳମେଳଣ ପରିଚାଳନା କରିଥିଲେ।

ଆସନ୍ତା ଶନିବାର ଗୋବରାଠାରେ ଦୋଳମେଳଣ ଅନୁଷ୍ଠିତ ହେବ। ସେହିପରି ରବିବାର ବାଳିଠାରେ ଓ ସୋମବାର କୁମାରପୁର ଗ୍ରାମରେ ଦୋଳଯାତ୍ରା ଅନୁଷ୍ଠିତ ହେବ। ସେଠାରେ ବିଭିନ୍ନ ଗ୍ରାମର ଠାକୁର ଯୋଗଦେବେ। ଆସନ୍ତା ଦୋଳପୂର୍ଣ୍ଣିମାରେ ଗୁରୁଡ଼ିଝାଟିଆଠାରେ ଏହି ରାଜଦୋଳ ଉଦ୍‌ଯାପିତ ହେବ। ସେଠାରେ ପିଠାଖିଆ ଠାକୁର ଯୋଗଦେବେ। ସେହିଦିନ ଫେରିବା ବାଟରେ ଛଅଗାଁ ଗ୍ରାମର ସିଂହନାଥ ପୀଠରେ ହରିହର ଭେଟ ଅନୁଷ୍ଠିତ ହେବ ବୋଲି ମହାପାତ୍ର କହିଛନ୍ତି।

## ୧୦ ଦିନ ହେବ ସିଟି ସ୍କାନ୍ ମେଶିନ ଅଚଳ

କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)



ଏସ୍‌ସିବି ମେଡିକାଲ
■ଧାଡ଼ିରେ ଛିଡା ହୋଇ ହନ୍ତସନ୍ତ ହେଉଛନ୍ତି ରୋଗୀ

ଏସ୍‌ସିବି ମେଡିକାଲରେ ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରଶିପ୍ (ପିପିପି) ମୋଡ୍‌ରେ ଥିବା ସିଟି ସ୍କାନ ମେଶିନ ୧୦ ଦିନ ହେବ ଅଚଳ ହୋଇପଡିଛି। ଫଳରେ ବହୁ ରୋଗୀ ସିଟି ସ୍କାନରୁ ବଞ୍ଚିତ ହୋଇଛନ୍ତି। ଏପରି କି ମେଶିନ୍ ଖରାପ ଥିବା ନେଇ ମେଡିକାଲ କର୍ତ୍ତୃପକ୍ଷ ଜଣାଉ ନ ଥିବା ରୋଗୀ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ତୁରନ୍ତ ମେଶିନ ମରାମତି ପାଇଁ ସେମାନେ ଦାବି କରିଛନ୍ତି।

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଉଦ୍ୟମ ଜାରି ରହିଛି। ହେଲେ ବାସ୍ତବ କ୍ଷେତ୍ରରେ ରୋଗୀମାନେ ଠିକ୍ ଭାବେ ସେବା ପାଇପାରୁନାହାନ୍ତି। ଉକ୍ତ ମେଡିକାଲରେ ପିପିପି ମୋଡ୍‌ରେ ଥିବା ସିଟି ସ୍କାନ୍ ବାବଦକୁ ବର୍ଷକୁ ୬ କୋଟିରୁ ଅଧିକ ଟଙ୍କା ଘରୋଇ ସଂସ୍ଥାକୁ ଦିଆଯାଉଛି। ହେଲେ ଏବେ ଏହା ରୋଗୀ ସେବାରେ ଲାଗିପାରୁ ନାହିଁ। ଏନେଇ ବାଲେଶ୍ୱର ଅଞ୍ଚଳରୁ ସିଟି ସ୍କାନ୍ କରିବାକୁ ଆସିଥିବା ସୋହନ କୁମାର ସାହୁ କହିଛନ୍ତି, ୩ ଦିନ ହେବ ସିଟି ସ୍କାନ କରିବାକୁ ଏସ୍‌ସିବି ମେଡିକାଲର ରଞ୍ଜନରଶ୍ମି ବିଭାଗକୁ ଆସୁଛି। ହେଲେ ଏଠାରେ କେବଳ ଅପେକ୍ଷା କରିବାକୁ କର୍ତ୍ତୃପକ୍ଷ କହୁଛନ୍ତି। ପିପିପି ମୋଡ୍‌ରେ ସିଟି ସ୍କାନ୍ ହୋଇ ପାରୁ ନ ଥିବାବେଳେ ଆଞ୍ଚଳିକ ନିଦାନ କେନ୍ଦ୍ରକୁ ସ୍କାନ୍ ପାଇ ଯିବାରୁ ଏପ୍ରିଲ ୫ ତାରିଖରେ ଆସିବାକୁ କହିଛନ୍ତି। ସେଠାରେ ଏହି ଉନ୍ନତଧରଣ ପରୀକ୍ଷା ହୋଇପାରିବ ନାହିଁ। ପରୀକ୍ଷା କେବଳ ପିପିପି ମୋଡ୍‌ରେ ହୋଇପାରିବ ବୋଲି କର୍ତ୍ତୃପକ୍ଷ କହିଛନ୍ତି। ହେଲେ ଏଠାରେ ତାହା ସମ୍ଭବ ହୋଇପାରୁନି। ଫଳରେ ରୋଗୀ ଚିକିତ୍ସାରୁ ବଞ୍ଚିତ ହୋଇ ରହିଛନ୍ତି। ଏ ସମ୍ପର୍କରେ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ। ଅପରପକ୍ଷରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଖରାପ ଥିବା ଉକ୍ତ ସିଟି ସ୍କାନ ମେଶିନ ମରାମତି ପାଇଁ ଉଦ୍ୟମ ଜାରି ରଖିଛୁ। ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ତାହାକୁ ନଜରରେ ରଖି ଅନ୍ୟ ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲର ନିଜସ୍ୱ ସିଟି ସ୍କାନ୍ ମେଶିନ ବହୁ ପୁରୁଣା ରହିଛି। ତାହାକୁ ବଦଳାଇବା ପାଇଁ ସରକାରଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପଦକ୍ଷେପ ନିଆଯାଇପାରିନାହିଁ।

## ଠିକ୍ ସମୟରେ ମିଳୁନି ବ୍ୟାଟେରି ଗାଡ଼ି

କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)



ବ୍ୟାଟେରି ଗାଡ଼ି ଅପେକ୍ଷାରେ ଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ।

ଏସ୍‌ସିବି ମେଡିକାଲ
■ଘଣ୍ଟା ଘଣ୍ଟା ଅପେକ୍ଷା କରି ଷ୍ଟ୍ରେଚରରେ ପଡ଼ିରହୁଛନ୍ତି ରୋଗୀ

ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଠିକ୍ ସମୟରେ ବ୍ୟାଟେରି ଗାଡିର ସୁବିଧା ମିଳୁନାହିଁ। ଫଳରେ ରୋଗୀମାନେ ଗୋଟିଏ ୱାର୍ଡରୁ ଅନ୍ୟତ୍ର ଯିବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ସେମାନେ ଦାବି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ରୋଗୀ ସେବା ପାଇଁ ନାଲ୍‌କୋ କମ୍ପାନୀ ପକ୍ଷରୁ ୧୫ ବର୍ଷ ତଳେ ୮ଟି ବ୍ୟାଟେରି ଗାଡ଼ି ଯୋଗାଇ ଦିଆଯାଇଥିଲା। ସେଥିମଧ୍ୟରୁ ୫ଟି ଷ୍ଟ୍ରେଚର ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ୨ ଜଣ ଆଟେଣ୍ଡାଣ୍ଟ, ୨ଟି ସିଟିଂ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ଓ ଜଣେ ଆଟେଣ୍ଡାଣ୍ଟ, ଗୋଟିଏ ମେଡିସିନ ସପ୍ଲାଏ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ଦୁଇଜଣ ଆଟେଣ୍ଡାଣ୍ଟ କାର୍ଯ୍ୟରତ ରହିଛନ୍ତି। ଉଇ କେୟାର ନାମକ ଏକ ଘରୋଇ ସଂସ୍ଥା ଏହାର ସମସ୍ତ କାମ କରୁଛି। ତେବେ ୮ଟି ଗାଡ଼ି ମେଡିକାଲ ପାଇଁ ଯଥେଷ୍ଟ ନ ଥିବାବେଳେ ଉକ୍ତ କମ୍ପାନୀ ପକ୍ଷରୁ ଆଉ ୪ଟି ଗାଡ଼ି ଜାନୁଆରୀ ପ୍ରଥମ ସପ୍ତାହରେ ଯୋଗାଇ ଦିଆଯାଇଛି। ତଥାପି ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଏସ୍‌ସିବି ମେଡିକାଲକୁ ଆସିଥିବା ଅନୁଗୋଳ ଅଞ୍ଚଳର ପ୍ରଦୀପ ବେହେରା କହିଛନ୍ତି, ମୋ ସମ୍ପର୍କୀୟ ୮ ଦିନ ହେବ ମେଡିକାଲର କାଜୁଆଲ୍‌ଟିରେ ଭର୍ତ୍ତି ହୋଇଛନ୍ତି। ପ୍ରତିଦିନ ଡାକ୍ତର ଦେଖାଇବା ସହ ପରୀକ୍ଷା ପାଇଁ ବିଭିନ୍ନ ବିଭାଗକୁ ଯିବାକୁ ପଡୁଛି। ଏଥିପାଇଁ ବ୍ୟାଟେରି ଗାଡିକୁ ଯୋଗାଯୋଗ କଲେ ୧ ଘଣ୍ଟାରୁ ଅଧିକ ସମୟ ଅପେକ୍ଷା କରିବାକୁ ପଡୁଛି। ଆସିବା ଦିନଠାରୁ ଏଭଳି ଅସୁବିଧା ଭୋଗିବାକୁ ପଡୁଛି। ହେଲେ ଏ ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବା ସେ କହିଛନ୍ତି। ସେହିପରି କେନ୍ଦ୍ରାପଡ଼ା ଅଞ୍ଚଳର ରୀନା ପାତ୍ର କହିଛନ୍ତି, ଶାଶୁଙ୍କ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ଆସିଛି। ହେଲେ ଏଠାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବୁଧବାର ବ୍ୟାଟେରି ଗାଡି ପାଇଁ ଦେଢ଼ ଘଣ୍ଟା ଅପେକ୍ଷା କରିବାକୁ ପଡିଛି। ଫୋନ୍ କଲେ ପହଞ୍ଚୁଛୁ ବୋଲି କହି କେହି ଆସି ନ ଥିଲେ। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ଅଦିନିଆ କାଳବୈଶାଖୀ ବର୍ଷା, ଚିନ୍ତାରେ ଚାଷୀ

**ଯୋଗେଶ୍ୱରପୁର,୨୦।୩(ରଶ୍ମିରଞ୍ଜନ ସାହୁ):** ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ପୁରୀ ଜିଲା ନୟାହାଟ ଅଞ୍ଚଳର ଚାଷୀ ଏବେ ଚିନ୍ତାରେ। ବର୍ଷା ସାଙ୍ଗକୁ ପବନ ଯୋଗୁ ନୟାହାଟ ଅଞ୍ଚଳରେ ହୋଇଥିବା ରବି ଧାନ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଅଞ୍ଚଳର ସୋରଭା, ପଲି, ବରିମୁଣ୍ଡ, ଚେଙ୍ଗଇଲ, କର୍ମଳା, ଭିଆପଡ଼ା, ଜହ୍ନମାଲିଆ ପ୍ରମୁଖ ଗ୍ରାମରେ ଚାଷୀ କରିଥିବା ଧାନ ବର୍ତ୍ତମାନ ଥୋଡ଼ ବାହାରି ଫୁଲ ଆସିଛି। ଏହି ସମୟରେ କାଳବୈଶାଖୀ ବର୍ଷା, ପବନରେ ଥୋଡ଼ ଧାନକୁ ନଷ୍ଟ କରିଦେଇଛି ବୋଲି କେତେଜଣ ଚାଷୀ କହିଛନ୍ତି। ଏହି ରବି ଧାନ ଚାଷ କରିବାକୁ ଚାଷୀ ବିଭିନ୍ନ ସଂସ୍ଥାରୁ କରଜ ସୂତ୍ରରେ ଋଣ ଆଣି ଚାଷ କରିଛନ୍ତି। ଯଦି ଏହି ବର୍ଷାରେ ହୋଇଥିବା ରବି ଧାନ ନଷ୍ଟ ହୁଏ, ତାହାହେଲେ ଚାଷୀଙ୍କ ବଡ଼ କ୍ଷତି ହେବ ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି।

### ଫାଣ୍ଡି ଅଧିକାରୀ, ଖବରଦାତାଙ୍କୁ ବ୍ଲୁ ଷ୍ଟାର ପକ୍ଷରୁ ସମ୍ମାନିତ

**ଯୋଗେଶ୍ୱରପୁର,୨୦।୩(ରଶ୍ମିରଞ୍ଜନ ସାହୁ):** ନୟାହାଟ ଫାଣ୍ଡି ଅଧୀନ ଯୋଗେଶ୍ୱରପୁରଠାରେ ବ୍ଲୁ ଷ୍ଟାର ପକ୍ଷରୁ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟରେ ନୟାହାଟ ଫାଣ୍ଡି ଅଧିକାରୀ କୁନାଲଙ୍କ ସହ ଖବରଦାତା ରଶ୍ମିରଞ୍ଜନ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

### କଳାକାର ପ୍ରସନ୍ନଙ୍କ ଶ୍ରଦ୍ଧାଞ୍ଜଳି ସଭା

**କଣାସ,୨୦।୩(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ ବଡ଼ାସ ଗ୍ରାମପଞ୍ଚାୟତର ଓଡ଼ିଶୀ ନାମ ସଂକୀର୍ତ୍ତନର କୃତୀ ବାଦ୍ୟକଳାକାର ପ୍ରସନ୍ନ ପାଢ଼ୀଙ୍କ ଦଶାହ ଉପଲକ୍ଷେ ମଙ୍ଗଳବାର ତାଙ୍କ ବାସଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଯୁଧିଷ୍ଠିର ସାମନ୍ତରାୟ ଏଥିରେ ସଭାପତିତ୍ୱ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ରାଉତ, ବିଦ୍ୟାଧର ବିଶ୍ୱାଳ, ସାମାଜିକ କର୍ମୀ ଲିଙ୍ଗରାଜ ପରିଡ଼ା, ଆଇନଜୀବୀ ବିଶ୍ୱନାଥ ବେହେରା, ଶିଶୁ ସାହିତ୍ୟିକ ଡ. ହେମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇ କଳାକାର ସ୍ୱର୍ଗତ ପାଢ଼ୀଙ୍କ ଜୀବନୀ ସମ୍ପର୍କରେ ମନ୍ତବ୍ୟ ଦେବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ହଟିଲା ଦଳୀୟ ବ୍ୟାନର

**କଣାସ,୨୦।୩(ବିଭୂତି ଭୂଷଣ ତ୍ରିପାଠୀ):** ଆଦର୍ଶ ଆଚରଣ ବିଧି ଘୋଷଣା ହେବା ପରେ କଣାସ ବ୍ଲକର ୨୮ ପଞ୍ଚାୟତରୁ ସମସ୍ତ ରାଜନୈତିକ ବ୍ୟାନର କାଢ଼ି ଦିଆଯାଇଛି। ତହସିଲଦାର ସନ୍ତୋଷ ପାଣିଗ୍ରାହୀ, ବିଡିଓ ନାରାୟଣ ସାହୁ, କଣାସ ଆଇଆଇସି ରାକେଶ ତ୍ରିପାଠୀ, ଗଡିଶାଗୋଡା ଆଇଆଇସି ଦୁର୍ଗାପ୍ରସାଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ ସରପଞ୍ଚର ସହଯୋଗରେ ଗାଁ ଗହଳି ଓ ଛକ ଜାଗାଗୁଡ଼ିକରେ ମରାଯାଇଥିବା ରାଜନୈତିକ ବ୍ୟାନରମାନ କାଢ଼ି ଦିଆଯାଇଥିବା ଦେଖିବାକୁ ମିଳିଛି।

### ସାଧୁ ଅନୁଷ୍ଠାନ ସମ୍ପାଦକଙ୍କ ବିୟୋଗ

**କଣାସ,୨୦।୩(ବିଭୂତି ଭୂଷଣ ତ୍ରିପାଠୀ):** କଣାସ ବ୍ଲକ କଣାସଠାରେ ରହୁଥିବା ସ୍ୱେଚ୍ଛାସେବୀ ସାଧୁ ଅନୁଷ୍ଠାନର ସମ୍ପାଦକ ପ୍ରଭାତ ବେହେରା(୪୦)ଙ୍କ ମଙ୍ଗଳବାର ଭୁବନେଶ୍ୱର ଏମ୍ସଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କର ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସତ୍କାର କରାଯାଇଥିଲା। ସ୍ୱର୍ଗତ ବେହେରା କଣାସ ବ୍ଲକ ବଜାରରେ ଜନସେବାକେନ୍ଦ୍ର ଖୋଲି ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ଦେଉଥିଲେ।

# କାମରେ ଆସୁନି ପାନୀୟ ଜଳ ପ୍ରକଳ୍ପ

**ସାକ୍ଷୀଗୋପାଳ,୨୦।୩**
**(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)**

### ସାକ୍ଷୀଗୋପାଳ ମନ୍ଦିରରେ ପାନୀୟଜଳ ପାଇଁ ଯାତ୍ରୀ ହେଉଛନ୍ତି ହଟହଟା



ସାକ୍ଷୀଗୋପାଳ ମନ୍ଦିର ପାର୍ଶ୍ୱରେ ଥିବା ପାଦ ପ୍ରକ୍ଷାଳନ ସ୍ଥାନଟି ଦୀର୍ଘଦିନ ହେବ ବ୍ୟବହାର ନ ହୋଇ ଅସନା ହୋଇ ପଡ଼ି ରହିଛି।

ସାକ୍ଷୀଗୋପାଳ ମନ୍ଦିର ରାଜ୍ୟର ଏକ ପ୍ରସିଦ୍ଧ ବୈଷ୍ଣବ କ୍ଷେତ୍ର ଭାବେ ପରିଚିତ। ଧାର୍ମିକ ଦୃଷ୍ଟିକୋଣରୁ ଭକ୍ତମାନେ ୪ ଧାମ ତୀର୍ଥ ସାରି ଶେଷରେ ସାକ୍ଷୀଗୋପାଳଙ୍କ ଦର୍ଶନ କରିଥାନ୍ତି। ତେଣୁ ଏହି କ୍ଷେତ୍ରକୁ ଦୈନନ୍ଦିନ ହଜାର ହଜାର ତୀର୍ଥଯାତ୍ରୀ ଆସିଥାନ୍ତି। ମାତ୍ର ତୀର୍ଥଯାତ୍ରୀ, ମନ୍ଦିର ସେବାୟତ, ସ୍ଥାନୀୟ ଲୋକଙ୍କ ନିମନ୍ତେ ମନ୍ଦିର ପରିସରରେ ନାଲକୋ ଅନୁଦାନରେ ନିର୍ମାଣ ହୋଇଥିବା ଦୁଇଟି ବିଶୁଦ୍ଧ ପାନୀୟ ଜଳ ପ୍ରକଳ୍ପ ଦୀର୍ଘ ମାସରୁ ଖରାପ ହୋଇ ପଡ଼ି ରହିଛି। ଯାହାଦ୍ୱାରା ଏଠାରେ ଯାତ୍ରୀମାନେ ମନ୍ଦିର ବାହାରେ କିମ୍ବା ଭିତରେ ବିଶୁଦ୍ଧ ପନୀୟ ଜଳ ପାଇପାରୁନାହାନ୍ତି। ମନ୍ଦିର ଭିତରେ ଥିବା ପ୍ରକଳ୍ପର ମୋଟର ଦୀର୍ଘ ଦିନର ହୋଇଥିବାରୁ ଏହାର ଓଭର ହେଡ ଟାଙ୍କିକୁ ପାଣି ଉଠାଇ ପାରୁନାହିଁ। ଫଳରେ ଉକ୍ତ ପ୍ରକଳ୍ପଟି ଅକାମୀ ହୋଇ ରହିଛି। ଏହାଛଡ଼ା ଏହି ପ୍ରକଳ୍ପର ଅନ୍ୟ କିଛି ଯନ୍ତ୍ରାଂଶ ଓ ଟ୍ୟାପ ଗୁଡ଼ିକ ନଷ୍ଟ ହୋଇଯାଇଛି। ଅନ୍ୟପଟେ ମନ୍ଦିର ବାହାର ପରିସରରେ ଥିବା ପ୍ରକଳ୍ପଟି ରକ୍ଷଣାବେକ୍ଷଣ ଅଭାବରୁ ଦୀର୍ଘ ମାସ ହେଲା ଅଚଳ ଅବସ୍ଥାରେ ରହିଛି। ଏହାର ମଧ୍ୟ ମୋଟରଟି ଖରାପ ରହିଥିବାବେଳେ ଅନ୍ୟ ଯନ୍ତ୍ରାଂଶଗୁଡ଼ିକ ମଧ୍ୟ ନଷ୍ଟ ହୋଇଯାଇଛି ବୋଲି ସାକ୍ଷୀଗୋପାଳ ମନ୍ଦିର ସୁପରଭାଇଜର ତଥା ବରିଷ୍ଠ ସେବାୟତ ବିଶ୍ୱନାଥ ମହାପାତ୍ର ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ମନ୍ଦିର ଭିତରକୁ ପ୍ରବେଶ କରିବା ସମୟରେ ଥିବା ପାଦ ପ୍ରକ୍ଷାଳନ ସ୍ଥାନର ଅବସ୍ଥା ଶୋଚନୀୟ ହୋଇ ରହିଛି। ସେହି ସ୍ଥାନଟି ଦୀର୍ଘ ଦିନରୁ ପରିଷ୍କାର ନ ହେବାରୁ ସେଠାରେ ପାନ ଛେପଠାରୁ ଆରମ୍ଭ କରି ଅନ୍ୟ ଅସନା ଦ୍ରବ୍ୟ ପଡ଼ିରହିଛି। ଅଧିକାଂଶ ଟ୍ୟାପରେ ପାଣି ଆସୁନାହିଁ ତେଣୁ ଏହାକୁ ଯାତ୍ରୀ ବ୍ୟବହାର କରିପାରୁନାହାନ୍ତି। ଏ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସତ୍ୟବାଦୀ ବିଡିଓ ଲିପ୍ସା ରାୟଙ୍କୁ ପଚାରିବାରେ, ଯାତ୍ରୀ ଓ ମନ୍ଦିର ମଧ୍ୟରେ ସେବା କାର୍ଯ୍ୟରେ ଥିବା ସେବାୟତଙ୍କ ଆବଶ୍ୟକତାକୁ ନଜର ରଖି ଅତିଶୀଘ୍ର ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରାଯିବ। ଆବଶ୍ୟକ ପଡ଼ିଲେ ମନ୍ଦିର ଫଣ୍ଡରୁ ଅର୍ଥ ବ୍ୟୟ ହେବ। ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ କହିଛନ୍ତି, ଏହି ପ୍ରକଳ୍ପ ଗୁଡିକ ନାଲକୋ କରିଥିଲା। ଏହାର ମରାମତି ମଧ୍ୟ ନାଲ୍‌କୋ ପକ୍ଷରୁ କରାଯାଉଥିଲା। ଏଗୁଡିକ ଖରାପ ହେବା ନେଇ ନାଲ୍‌କୋ ସହ ଯୋଗାଯୋଗ କରାଯାଇଛି ହେଲେ ସେମାନେ ଏହା ପ୍ରତି କର୍ଣ୍ଣପାତ କରୁନାହାନ୍ତି। ତେବେ ଅଳ୍ପ ଦିନ ଭିତରେ ଏଗୁଡିକ କାର୍ଯ୍ୟକ୍ଷମ କରାଯିବ ବୋଲି ପ୍ରଶାସନିକ ଅଧିକାରୀ ତ୍ରିପାଠୀ ପ୍ରକାଶ କରିଛନ୍ତି।





ଅସ୍ତରଙ୍ଗ ଉପକୂଳରେ ନୌସେନାର ୨ ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ଆରମ୍ଭ ହୋଇଛି।

# ନୌସେନାର ମିଳିତ ସମରାଭ୍ୟାସ 'ସାଗର କବଚ'

**ଅସ୍ତରଙ୍ଗ,୨୦।୩(ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା)**

ଉପକୂଳ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବାକୁ ପୁରୀ ଜିଲା ଅସ୍ତରଙ୍ଗ ଉପକୂଳରେ ନୌସେନାର ୨ ଦିନିଆ ମିଳିତ ସମରାଭ୍ୟାସ 'ସାଗର କବଚ' ବୁଧବାର ଆରମ୍ଭ ହୋଇଯାଇଛି। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସମରାଭ୍ୟାସ ପ୍ରତିବର୍ଷ କରାଯାଇଥାଏ। ଉପକୂଳ ପୁରୀ ଜିଲାର ଅସ୍ତରଙ୍ଗ ଅଞ୍ଚଳର ନୂଆଗଡ଼, କାଳିଆକଣ, ସହନ ସୁଦିକେଶର, ଗୁଣ୍ଡଲବାଠାରେ ନୌସେନା ଓ ପୋଲିସର ରଣକୌଶଳ ପ୍ରଦର୍ଶନ କରାଯାଇଛି। ଏଥିରେ ଭାରତୀୟ ତଟରକ୍ଷୀ ବାହିନୀ, ମେରାଇନ ପୋଲିସ, ଅସ୍ତରଙ୍ଗ ପୋଲିସ ସହ ବିଭିନ୍ନ ଥାନା ପୋଲିସ ସାମିଲ ହୋଇଛନ୍ତି। ବ୍ଲୁ ଓ ରେଡ ୨ଟି ଟିମ୍ ହୋଇ ଏହି ସମରାଭ୍ୟାସ ଚାଲିଛି। ଉପକୂଳକୁ ବ୍ଲୁ ବାହିନୀ ଜଗିଥିବାବେଳେ ରେଡ ବାହିନୀ ଶତ୍ରୁ ପକ୍ଷ ହୋଇ ଦୂର ସମୁଦ୍ରକୁ ଯାତ୍ରା କରି ପୁଣି ଉପକୂଳ ମୁହାଁ ହୋଇ ଆକ୍ରମଣ କରିବାରୁ ଶତ୍ରୁ ପକ୍ଷକୁ କଡ଼ା ଜବାବ ଦେବାକୁ ବ୍ଲୁ ବାହିନୀ ପ୍ରସ୍ତୁତ ରହିଛି। କିଭଳି ଭାବେ ଜଳପଥ ଦେଇ ଶତ୍ରୁ ଉପକୂଳରେ ନ ପଶିବେ, ସେନେଇ ସମସ୍ତ ବିଭାଗକୁ ସଚେତନ କରିବା ଏହି ସମରାଭ୍ୟାସର ମୂଳଲକ୍ଷ୍ୟ। କାର୍ଯ୍ୟକ୍ରମରେ ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅତିରିକ୍ତ ଥାନାଧିକାରୀ ସନ୍ତୋଷ ଜେନା, ମାଷ୍ଟର ପ୍ରକାଶ ଦାସ, ମାଷ୍ଟର ବିପ୍ରଚରଣ ସ୍ୱାଇଁ, ପି. କେ. ସେଠୀ, ଏମ୍. ଆର୍. ପରିଡ଼ାଙ୍କ ସହ ଅନେକ ଅଧିକାରୀ ଉପସ୍ଥିତ ରହିବା ସହ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

# ରୌଦ୍ରତାପ ପୂର୍ବରୁ ପୋଖରୀ ଶୁଖିଲା

### ୨ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ

**କଣାସ,୨୦।୩(ବିଭୂତି ଭୂଷଣ ତ୍ରିପାଠୀ)**



କଣାସ ବ୍ଲକ ବକୁ ଗ୍ରାମପଞ୍ଚାୟତ ଶୋଢରପୁର ଗ୍ରାମରେ ଥିବା ବଡ଼ ପୋଖରୀଟି ରୌଦ୍ରତାପ ପୂର୍ବରୁ ଶୁଖିଯାଇଛି। ଫଳରେ ଶୋଢରପୁର ଏବଂ ଛାମ୍ପରପୁର ୨ ଗ୍ରାମର ପାଖାପାଖି ୧ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିତ୍ୟ ବ୍ୟବହାର ପାଇଁ ଜଳକଷ୍ଟ ଭୋଗ କରୁଛନ୍ତି। ଦୀର୍ଘ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ପୋଖରୀକୁ ପ୍ରତ୍ୟକ୍ଷ ଠାକୁର ମହାଦେବ ବାବା କପିଳେଶ୍ୱର ଦେବଙ୍କ ସାଥିରେ ୨ଶହରୁ ଊର୍ଦ୍ଧ୍ୱ ଭଗତା ପାଣି ତୋଳିବାକୁ ପ୍ରତିବର୍ଷ ଆସିଥାନ୍ତି। ଚଳିତବର୍ଷ ପୋଖରୀରେ ଜଳ ଶୁଖିଯାଇଥିବାରୁ ଭକ୍ତମାନେ କିପରି ଦଣ୍ଡ ସମୟରେ ପାଣି ତୋଳିବେ ତାହା ଚିନ୍ତାର କାରଣ ହୋଇଛି। କଣାସ ବ୍ଲକଟି ଚିଲିକା ଉପକୂଳରେ ହୋଇଥିବାରୁ ୮୦ ଭାଗରୁ ଊର୍ଦ୍ଧ୍ୱ ନଳକୂପରେ ଲୁଣିପାଣି ବାହାରେ, ଯାହା ପାନୀୟ ଉପଯୋଗୀ ହେଉନାହିଁ। ଅନେକ ନଳକୂପ ମଧ୍ୟ ଭାଙ୍ଗିରୁଜି ଗଲାଣି। ବ୍ଲକ ପ୍ରଶାସନ ପକ୍ଷରୁ ଏପ୍ରିଲ୍‌ରୁ ଜୁନ୍ ଶେଷ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ହେଲେ ପାନୀୟଜଳ ଯୋଗାଣ ବ୍ୟବସ୍ଥା ସରିବା ପରେ ଗ୍ରାମବାସୀ କ'ଣ କରିବେ ତାହା ଏବେ ଚିନ୍ତାର ବିଷୟ ପାଲଟିଛି।

# ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ ଜିତାଇବାକୁ କର୍ମୀଙ୍କ ଶପଥ



ନିମାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ଉପସ୍ଥିତ ଅତିଥି।

**ଗୋପ,୨୦।୩(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବିଜେଡି କାର୍ଯ୍ୟାଳୟଠାରେ ୩ ଦିନିଆ ନିମାପଡ଼ା ନିର୍ବାଚନ ମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ ବୁଧବାର ସରିଛି। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ନିମାପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ୪୬ଟି ପଞ୍ଚାୟତ ସହିତ ୨୮୦ଟି ବୁଥ୍ ସହିତ ୭୮୫ଟି ୱାର୍ଡର କାର୍ଯ୍ୟକର୍ତ୍ତା ଓ ନିମାପଡ଼ା ବିଜ୍ଞାପିତ ଅଞ୍ଚଳର ବରିଷ୍ଠ ନେତୃତ୍ୱମାନେ ଉପସ୍ଥିତ ଥିଲେ। ୨୦୨୪ ସାଧାରଣ ନିର୍ବାଚନକୁ କିପରି ଶୃଙ୍ଖଳିତ କରାଯିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ ଓ ବିଧାୟକ ଦାଶଙ୍କୁ ୪ର୍ଥ ଥର ଲାଗି ବିଧାୟକ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକର୍ତ୍ତାଙ୍କ ସହିତ ଶତାଧିକ କର୍ମୀଙ୍କୁ ନେଇ ଏକ ଶପଥ ପାଠ କରାଯାଇଥିଲା। ପ୍ରକାଶ ଯେ, ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଧାୟକ ଦାଶ କ୍ରମାଗତ ଭାବେ ୩ ଥର ବିପକ୍ଷ ପ୍ରାର୍ଥୀଙ୍କୁ ୩୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାଜିତ କରି ବିଧାୟକ ହୋଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ବାଜିମାତ୍ କରିବାକୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯାଇଥିବା ଜଣାପଡ଼ିଛି। ଏହି ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୪୪ ହଜାର ୫୦୩ ଭୋଟର ରହିଥିବା ସୂଚନା ମିଳିଛି। ଆଗାମୀ ୨୯ ତାରିଖରେ ୧ ହଜାରରୁ ଅଧିକ ନେତୃତ୍ୱଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନିମାପଡ଼ା ବ୍ଲକ ସଭାପତି ଅଶୋକ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଯୁବ ନେତୃତ୍ୱ ସୁଧୀର ରଞ୍ଜନ ଦାଶ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ନିମାପଡ଼ା ନିର୍ବାଚନମଣ୍ଡଳୀ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାୟକ, ଯୁବ ନେତୃତ୍ୱ କରୁଣାକର ସାହୁ, ପୟରା ପଞ୍ଚାୟତ ସରପଞ୍ଚ ସୁମନ୍ତ ନାୟକ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବେଆଇନ ବାଲି ଚାଲାଣ ଉପରେ କାର୍ଯ୍ୟାନୁଷ୍ଠାନ ଦାବି

**ଯୋଗେଶ୍ୱରପୁର,୨୦।୩ (ରଶ୍ମିରଞ୍ଜନ ସାହୁ)**

ଯୋଗେଶ୍ୱରପୁର ନିକଟସ୍ଥ ନୟାହାଟ ବଜାରଠାରୁ ୫ କି.ମି ନିକଟରୁ ଦେବୀ ନଦୀର ଶିଖର ଘାଟରୁ ଦୈନନ୍ଦିନ ଶହ ଶହ ହାଇୱାରେ ବେଆଇନ ଭାବେ ଓଭର ଲୋଡିଂ କରି ବାଲି ନିଆଯାଉଛି। ଧୂମାଳ ଗଳିରେ ନୟାହାଟ ବଜାରକୁ ଦିବା ରାତ୍ରି ବାଲି ବୋଝେଇ ଗାଡ଼ି ଆସିବାରୁ ରାସ୍ତାରେ କମ୍ପନ ସୃଷ୍ଟି ହେଉଛି। ଫଳରେ ରାସ୍ତା କଡ଼ରେ ଥିବା ଘର ଫାଟି ନଷ୍ଟ ହୋଇ ଯାଇ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ସେହିଭଳି ରାସ୍ତାରେ ଧୂଳି ଉଡ଼ାଇବାରୁ ପ୍ରଦୂଷଣ ସୃଷ୍ଟି, ଗାଡ଼ିର କାଗଜପତ୍ର ଠିକ୍ ନ ଥିବା ସହ କେ ଟୁ ଫର୍ମ ନ ଥିବାରୁ ସରକାରଙ୍କ ରାଜସ୍ୱ ଫାଙ୍କୁଥିବା ଜଣାପଡ଼ିଛି। ବେଆଇନ ବାଲି ଚାଲାଣ ଉପରେ ଗୋପ ତହସିଲ ପକ୍ଷରୁ ଚଢ଼ାଉ ନ ହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେଆଇନ ବାଲି ଚାଲାଣ କରୁଥିବା ଗାଡ଼ିଠାରୁ ବଟି ଆଦାୟ କରୁଥିବା ଓ ବେଆଇନ ବାଲି ଚାଲାଣ ଗାଡ଼ି ସହିତ ଭିତିରିଆ ଭାବ ଥିବାରୁ ଏପରି ହେଉଛି। ଗାଡ଼ି ଆସିବା ଦ୍ୱାରା ଧୂମାଳ ଗଳିଠାରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ବିଭିନ୍ନ ଅଞ୍ଚଳକୁ ଆସୁଥିବା ପର୍ଯ୍ୟଟକ, ଯାନବାହନ, ରୋଗୀଙ୍କ ଗାଡ଼ିକୁ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ଠିଆ ହେବାକୁ ପଡୁଛି। ଏ ଦିଗରେ ପୁରୀ ଜିଲାପାଳ ଓ ୫–ଟି ଅଧ୍ୟକ୍ଷ ଦୃଷ୍ଟି ଆକର୍ଷଣ କରିବାକୁ ଅଞ୍ଚଳରେ ଦାବି ହେଉଛି।

# ରେଳ ଫାଟକ ପଡ଼ିବା ସମୟରେ ଗେଟ୍ ଭାଙ୍ଗିଲା





ରେଳ ଫାଟକ ପଡୁଥିବା ସମୟରେ ଏକ ପାର୍ଶ୍ୱର ଗେଟ୍ ଭାଙ୍ଗି ଝୁଲି ରହିଛି।

**ସାକ୍ଷୀଗୋପାଳ,୨୦।୩ (ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)**

ପୁରୀ– ଖୋର୍ଦ୍ଧା ରେଳ ଲାଇନରେ ସାକ୍ଷୀଗୋପାଳ ରେଳ ଫାଟକ ପଡୁଥିବା ସମୟରେ ବୁଧବାର ରେଳ ଗେଟ ଭାଙ୍ଗିଯିବାରୁ ଲୋକେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହି ହଇରାଣ ହୋଇଥିଲେ। ଏଭଳି ଘଟଣା ମଧ୍ୟାହ୍ନ ୧୨ଟା ସମୟରେ ଘଟିଥିବାବେଳେ ଲେଭଲ କ୍ରସିଂର ଉଭୟ ପାର୍ଶ୍ୱରେ କିଛି ବସ୍ ଯାତ୍ରୀ, ଗାଡି ମୋଟର ସହ ଶହଶହ ସାଧାରଣ ଛିଡ଼ା ହୋଇଥିଲେ। ଖବରପାଇ ସାକ୍ଷୀଗୋପାଳ ରେଲ୍‌ୱେ ପୋଲିସ ଅଧିକାରିଣୀ ଇନ୍ଦୁମତୀ ଶୁକ୍ଳା ତାଙ୍କ ଟିମ୍ ଓ ଅନ୍ୟ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗା ଗେଟ୍‌କୁ କାର୍ଯ୍ୟକ୍ଷମ କରିବା ପରେ ଲୋକେ ଯିବା ଆସିବା କରିଥିଲେ। ସୂଚନା ଥାଉକି, ଏହି ରେଳ ଫାଟକରେ ଗେଟ୍ ପଡୁଥିବା ସମୟରେ ଏହି ଭଳି ଅନେକ ଥର ଗେଟ ଭାଙ୍ଗି ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରୁ ନ ଥିବାରୁ ସାଧାରଣ ଲୋକ ନାନାଦି ଅସୁବିଧାରେ ପଡୁଛନ୍ତି। ତେଣୁ ଏହି ସମସ୍ୟା ଉପରେ ଦୃଷ୍ଟି ଦେବାକୁ ଉପରିସ୍ଥ ରେଳ କର୍ତ୍ତୃପକ୍ଷଙ୍କୁ ସାଧାରଣ ଲୋକ ଦାବି କରିଛନ୍ତି।

## ଜିଲା ପ୍ରାଥମିକ ଶିକ୍ଷକ ୟୁନିୟନ ପକ୍ଷରୁ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ

**କାକଟପୁର,୨୦।୩(ଶୁଭଦର୍ଶନ ମିଶ୍ର)**

ପୁରୀ ଜିଲା ଶିକ୍ଷା କାର୍ଯ୍ୟାଳୟରେ ନୂତନ ଭାବେ ଯୋଗଦାନ କରିଥିବା ଜିଲା ଶିକ୍ଷା ଅଧିକାରୀ ଦୀପକ ପାଢ଼ୀଙ୍କୁ ଜିଲା ପ୍ରାଥମିକ ଶିକ୍ଷକ ୟୁନିୟନ ପକ୍ଷରୁ ସ୍ୱାଗତ କରାଯାଇଛି। ୟୁନିୟନ ସଭାପତି ସୋମନାଥ ନନ୍ଦଙ୍କ ସମେତ ସମ୍ପାଦକ ରାମନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର ନାୟକ, ରାଜକିଶୋର ସାହୁ, ସଂଗଠନ ସମ୍ପାଦକ ଶିବଦତ୍ତ ନାୟକ, ପୁରୀ ସଦର ବ୍ଲକ ସମ୍ପାଦକ ଧୀରେନ ବିଶାକାର ପ୍ରମୁଖ ସଂଗଠନ କର୍ମକର୍ତ୍ତା ନୂତନ ଜିଲା ଅଧିକାରୀଙ୍କୁ ପୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଇତ୍ୟବସରରେ ଜିଲାର ଶିକ୍ଷୟିତ୍ରୀଶିକ୍ଷକଙ୍କ ଯଥାଶୀଘ୍ର ପଦୋନ୍ନତି ତଥା ବିଭିନ୍ନ ସମସ୍ୟାର ଆଶୁ ସମାଧାନ କରିବାକୁ ଉକ୍ତ ଅଧିକାରୀ ସମସ୍ତଙ୍କୁ ପ୍ରତିଶ୍ରୁତି ତଥା ଆଶ୍ୱାସନା ଦେଇଥିଲେ।

# କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପଖାଳ ଦିବସ



ଅଧିକାରୀମାନେ ପଖାଳ ଖାଉଛନ୍ତି।

**କୋଣାର୍କ,୨୦।୩(ଜ୍ୟୋତିରାଜ ମହାନ୍ତି)**

ଓଡ଼ିଆ ଜାତି ଓ ସଂସ୍କୃତିର ପ୍ରାଚୀନ ପରମ୍ପରା ଓ ଅସ୍ମିତାର ପ୍ରତୀକ ହେଉଛି ପଖାଳ। ଏହି ପ୍ରାଚୀନ ପରମ୍ପରାକୁ ବଜାୟ ରଖିବାକୁ କୋଣାର୍କ ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ କୋଣାର୍କ ଯାତ୍ରୀ ନିବାସଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯାଇଥିଲା। କାର୍ଯ୍ୟକ୍ରମରେ କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ପର୍ଯ୍ୟଟକଙ୍କୁ ଉତ୍ସାହିତ କରିବା ସହ ଏହି ଦିବସର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟକଙ୍କ ନିମନ୍ତେ ଦହିପଖାଳ, ବଡ଼ିଚୁରା, ବାଇଗଣ ଭଜା, ଆଳୁ ଭର୍ତ୍ତା, ଛତୁ ଭଜା, ମାଛ ଭଜା, ଶାଗ ଭଜା ସମେତ ୧୫ରୁ ଊର୍ଦ୍ଧ୍ୱ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା।

# ଗାଁଠାରୁ ସହର ସବୁଠି ମହକିଲା ପଖାଳ

**ଅସ୍ତରଙ୍ଗ,୨୦।୩(ପ୍ରଦୀପ୍ତ ଦୀକ୍ଷିତ)**

ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ପଖାଳ ପ୍ରତି ସବୁବେଳେ ସେମାନଙ୍କ ଆକର୍ଷଣ ରହିଆସିଛି। ଓଡ଼ିଆ ଜନଜୀବନ ସହ ପଖାଳ ସମ୍ପର୍କ ବହୁ ପୁରୁଣା। ସେହି ସମ୍ପର୍କ ହିଁ ଆମକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଶ୍ରୀମହାପ୍ରଭୁ ଜଗନ୍ନାଥଙ୍କ ଷାଠିଏ ପଉଟି ଭୋଗରେ ସ୍ଥାନ ପାଇଥିବା ପଖାଳ ଏବେ ଗାଁଠାରୁ ସହର ସବୁଠି ମହକିଲା। ଓଡ଼ିଆ ସଂସ୍କୃତିରେ ପଖାଳର ଏହି ଗୁରୁତ୍ୱକୁ ଉପଲବ୍ଧି କରିବାକୁ ପ୍ରତିବର୍ଷ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ସବୁଜଶାଖା ଓ ସାହିତ୍ୟ ଘର ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ପଖାଳ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳ ଶିକ୍ଷାବିତ୍, କବୟିତ୍ରୀ କବି ଓ ସାମାଜିକ କର୍ମୀଙ୍କୁ ନେଇ ଏକ ଭବ୍ୟ କାର୍ଯ୍ୟକ୍ରମରେ ପଖାଳ ସମ୍ବନ୍ଧୀୟ କବିତା ଆବୃତ୍ତି କରାଯାଇଥିଲା। ସବୁଜ ଶାଖା ପରିସରରେ ସ୍ଥାନୀୟ ଅଞ୍ଚଳ ଶିକ୍ଷାବିତ୍, ସାମାଜିକ କର୍ମୀଙ୍କୁ ପଖାଳ ସହ ୩୩ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ପରଷା ଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ରବୀନ୍ଦ୍ର ମହାନ୍ତି, କାଳନ୍ଦୀ ଚରଣ ଛାଟୋଇ, ଉପେନ୍ଦ୍ର ବିଶ୍ୱାଳ, ଗୁଣନିଧି ସ୍ୱାଇଁ, ପରିବେଶବିତ୍ ସୋମ୍ୟ ବିଶ୍ୱାଳ, ସମାଜସେବୀ ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ବ୍ଲକ ଉପାଧ୍ୟକ୍ଷ ଦୁର୍ଜୟ ମିଶ୍ର, ସାମାଜିକ କର୍ମୀ ଦୁଷ୍ମନ୍ତ ପରିଡ଼ା, ଯୁଗଳ କିଶୋର ମହାନ୍ତି, ରଞ୍ଜନ ସ୍ୱାଇଁ, ଖବରଦାତା ବିପିନ ଦାସ, ବିଜୟ ବେହେରା, ମାନସ ଖଣ୍ଡୁଆଳଙ୍କ ସହ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ସାମିଲ ଥିଲେ।



ପଖାଳ ଖାଉଛନ୍ତି।

# ଅଧକ୍ଷାଙ୍କ ସ୍ପଷ୍ଟୀକରଣ ପରେ ଆନ୍ଦୋଳନ ସ୍ଥଗିତ

**ନିମାପଡ଼ା,୨୦।୩(ରଞ୍ଜନ ପଟ୍ଟନାୟକ)**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଦୁର୍ନୀତି ବିରୋଧ ଛାତ୍ର ଆନ୍ଦୋଳନ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରବଳ ବର୍ଷା ସତ୍ତ୍ୱେ ପରିଚାଳନା କମିଟି ସଭାପତି ଘଟଣାସ୍ଥଳକୁ ଆସନ୍ତୁ ବୋଲି ଦାବି କରି ଛାତ୍ରୀଛାତ୍ର କଲେଜ ପରିସରରେ ଧାରଣାରେ ବସି ରହିଥିଲେ। ଘଟଣାସ୍ଥଳରେ ନିମାପଡ଼ା ଆଇଆଇସି ବାମଦେବ ସ୍ୱାଇଁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ନ ଥିଲା। ଏ ବାବଦରେ ଗଭର୍ଣ୍ଣିଂବଡି ଏବଂ ସଭାପତିଙ୍କ ସହ ଆଲୋଚନା କରିବା ପରେ ନିଷ୍ପତ୍ତି ନିଆଯିବ ବୋଲି ଆଇଆଇସିଙ୍କ ଉପସ୍ଥିତିରେ ଅଧକ୍ଷା ପୁଷ୍ପିତା ରାଜଗୁରୁ ସ୍ପଷ୍ଟୀକରଣ ଦେବା ପରେ ସାମୟିକ ଭାବେ ଛାତ୍ର ଆନ୍ଦୋଳନ ସ୍ଥଗିତ ରହିଲା ବୋଲି ଆନ୍ଦୋଳନକାରୀ କହିଛନ୍ତି। ଦୁର୍ନୀତିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ଉଗ୍ରରୂପ ଧାରଣ କରିବ ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି। ଏହି ଦୁର୍ନୀତି ବିରୋଧରେ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନକୁ ବହୁ ପୁରାତନ ଛାତ୍ର ସମର୍ଥନ କରିଛନ୍ତି। କଲେଜରେ ବହୁଦିନରୁ ଦୁର୍ନୀତି ଚାଲିଛି। ଏଥିରେ ପ୍ରଭାବଶାଳୀମାନେ ସମ୍ପୃକ୍ତ ଅଛନ୍ତି। ରାଜ୍ୟ ଦୁର୍ନୀତି ନିବାରଣ କାର୍ଯ୍ୟାଳୟରେ ମାମଲା ରୁଜୁ କରାଯିବ ବୋଲି ପୁରାତନ ଛାତ୍ର ସୁଧୀର ମହାନ୍ତି, ମହାବିଦ୍ୟାଳୟ ପୂର୍ବତନ ଅଧ୍ୟାପକ ଏବଂ ଛାତ୍ର ନିରୋଦ ବରଣ ଖୁଣ୍ଟିଆ, ଶ୍ୟାମସୁନ୍ଦର ନାୟକ ମିଳିତ ବିବୃତିରେ କହିଛନ୍ତି। ତାଙ୍କ ସମୟରେ ମହାବିଦ୍ୟାଳୟରେ କୌଣସି ଦୁର୍ନୀତି ହୋଇନାହିଁ ବୋଲି ଅଧକ୍ଷା ରାଜଗୁରୁ କହିଥିଲେ।



ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ଅଧକ୍ଷା ବୁଝାଉଛନ୍ତି।

## ସଂକ୍ଷେପରେ

### ରିଲ୍ସକୁ ନେଇ ଯୁବକଙ୍କୁ ଆକ୍ରମଣ ମାମଲା: ୨ ବର୍ଷ ପରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା): ରିଲ୍ସ କରୁଥିବାରୁ ଜଣେ ଯୁବକଙ୍କୁ ବାଉଁଶ ଓ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିବା ମାମଲାର ୨ ବର୍ଷ ପରେ ଶହୀଦନଗର ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଶାନ୍ତିପଲ୍ଲୀ ବସ୍ତିର ଅଜୟ ସେଠୀ। ସୂଚନାନୁସାରେ, ଆକ୍ରମଣର ଶିକାର ହୋଇଥିବା ଚନ୍ଦନ ଜେନା ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟ ପାଇଁ ରିଲ୍ସ କରନ୍ତି। ଗତ ୨୦୨୨ ମେ ୩୧ ସକାଳେ ସେ ତାଙ୍କର ଦୁଇ ବନ୍ଧୁଙ୍କ ସହ ମିଶି ମହର୍ଷି କଲେଜ ପଛ ପାଖରେ ରିଲ୍ସ ପ୍ରସ୍ତୁତ କରୁଥିବା ବେଳେ ଅଭିଯୁକ୍ତ ଓ ସହଯୋଗୀମାନେ ସେଠାରେ ପହଞ୍ଚି ବାରଣ କରିବା ସହ ମାରିଦେବାକୁ ଧମକ ଦେଇଥିଲେ। ହେଲେ ଚନ୍ଦନ ସେମାନଙ୍କ କଥାକୁ ନ ଶୁଣି ରିଲ୍ସ କରିଥିଲେ। ଏଥିରେ ରାଗ ରଖି ଅଭିଯୁକ୍ତମାନେ ରାତି ସାଢେ ୮ଟାରେ ଚନ୍ଦନଙ୍କୁ ଫୋନ କରି ମହର୍ଷି କଲେଜ ଛକ ନିକଟକୁ ଡାକିବାରୁ ସେ ୨ ବନ୍ଧୁଙ୍କୁ ଧରି ଉକ୍ତ ଛକ ନିକଟକୁ ଆସିଥିଲେ। ସେମାନେ ପହଞ୍ଚିବା ପରେ ଅଭିଯୁକ୍ତମାନେ ବାଉଁଶ ଓ ଖଣ୍ଡାରେ ସେମାନଙ୍କୁ ହାଣିବାକୁ ଗୋଡ଼ାଇଥିଲେ। ଚନ୍ଦନଙ୍କ ଦୁଇ ବନ୍ଧୁ ଘଟଣା ସ୍ଥଳରୁ ଦୌଡି ପଳାଇଥିଲେ। ଅଭିଯୁକ୍ତମାନେ ଚନ୍ଦନଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ବିଶ୍ୱ ଘରଚଟିଆ ଦିବସ

ଜଟଣୀ,୨୦।୩ (ରବୀନ୍ଦ୍ରନାଥ ମହାକୁଡ଼) ଜଟଣୀର ସାମାଜିକ ଅନୁଷ୍ଠାନ ସମ୍ଭାବନା ପରିବାର ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୁଦିଆରି ରଙ୍ଗଣୀ ସାହି ନିକଟ ପୁରୀ ଜିଲା ହରିରାଜପୁର ଅନ୍ତର୍ଗତ ବିକାଶ ପରିଷଦ ଶିଶୁ ମନ୍ଦିର ପରିସରରେ କୁଇଜ ପ୍ରତିଯୋଗିତା ମାଧ୍ୟମରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସମାଜସେବୀ ପ୍ରସନ୍ନ କୁମାର ମହାରଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ଅକ୍ଷୟ କୁମାର ସାହୁ, ଶିକ୍ଷକ ଧରଣୀଧର ଖଟେଇ, ପ୍ରଧାନ ଶିକ୍ଷକ ଗଗନ ଚନ୍ଦ୍ର ମଙ୍ଗରାଜ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନ ସମ୍ପାଦକ ସଞ୍ଜୟ କୁମାର ବରିସଲ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ସଙ୍ଗଠନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୨୬ରୁ ଦୋଳ ମେଳଣ ଆରମ୍ଭ

ବାଲିଅନ୍ତା,୨୦।୩(ନୀଳମାଧବ ସାହୁ) ରାଜଧାନୀ ଉପକଣ୍ଠ ବାଲିଅନ୍ତାର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀନିକୁଞ୍ଜ ବିହାରୀ ଦେବ ଓ ଗାଦି ଗୋସାଇଁଙ୍କ ଦୋଳ ମେଳଣ ମାର୍ଚ୍ଚ ୨୬ ଓ ୨୭ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ଅବସରରେ ମଙ୍ଗଳବାର ସ୍ଥାନୀୟ ନିକୁଞ୍ଜ ବିହାରୀ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ସରପଞ୍ଚ କୃଷ୍ଣ କେଶବ ଆପଟ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମନ୍ଦିର ମୁଖ୍ୟ ଟ୍ରଷ୍ଟି ଦିଲ୍ଲୀପ ସାହୁ, ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା, ପ୍ରମୋଦ ସାହୁ, ମହେନ୍ଦ୍ର ଭୋଇ, ସତ୍ୟ ରଞ୍ଜନ ଦଳରାୟ, ବାଲିଅନ୍ତା ବଜାର କମିଟି ସଭାପତି ଅଲେଖ ଦଳାଇ, ମନ୍ଦିର ପୂଜକ ଶ୍ରୀଧର ଦାସଙ୍କ ସମେତ ପାଞ୍ଚ ଦେଶ କମିଟିର ବହୁ କର୍ମକର୍ତ୍ତା ଯୋଗଦେଇଥିଲେ। ବୈଠକରେ ୨୬ ତାରିଖ ରାତି ୧୨ଟାରୁ ମେଳଣର ରୋଶଣି ଶୋଭାଯାତ୍ରା ଆରମ୍ଭ ହେବ। ଏଥିରେ ସାମିଲ ସମସ୍ତ ୧୧ଟି ଦୋଳ ବିମାନକୁ ପାରମ୍ପରିକ ଭାବେ ସ୍ୱାଗତ କରାଯିବାକୁ ସ୍ଥିର କରାଯାଇଥିଲା। ଦୋଳଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି। ମେଳଣରେ ଷ୍ଟଲ୍ ପକାଇଥିବା ବ୍ୟବସାୟୀଙ୍କଠାରୁ ସୁହାଇଲା ଭଳି ଭିନ୍ନ ଭିନ୍ନ ଦରରେ ମାହାସୁଲ ଆଦାୟ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥି ସହିତ ଯାନବାହନ ରଖାଯିବା ପାଇଁ ଷ୍ଟାଣ୍ଡ ଓ ଟ୍ରାଫିକ ନିୟନ୍ତ୍ରଣ, ଆତସବାଜି ପ୍ରଦର୍ଶନ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଆଦି ଉପରେ ଆଲୋଚନା କରାଯାଇଥିଲା।

# କୋହଲା ପାଗରେ ପଖାଳ ମଜା

## ନିମନ୍ତ୍ରଣ, ହୋଟେଲ, ରେସ୍ତୋରାଁରେ ବ୍ୟାପକ ଆୟୋଜନ

ଭୁବନେଶ୍ୱର,୨୦।୩(ଶର୍ମିଷ୍ଠା ପାଣିଗ୍ରାହୀ) – କଥାରେ ଅଛି 'ଓଡ଼ିଆ ମନ ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା'। ପଖାଳ ଖାଇବାକୁ କୌଣସି ନିର୍ଦ୍ଦିଷ୍ଟ ଦିନ କି ସମୟ ନ ଥାଏ। ସକାଳ, ଅପରାହ୍ଣ, ରାତି ସବୁ ସମୟରେ ପଖାଳ ଖାଇହୁଏ। ସେହିପରି ଖରା କି ବର୍ଷା ପାଗ ବି ପଖାଳ ଖାଇବାକୁ ରୋକିପାରେନି। ପଖାଳ ଫଟୋଟିଏ ଦେଖିଦେଲେ ସାଙ୍ଗେ ସାଙ୍ଗେ ମନ ଖୋଜିଥାଏ କଂସାଏ ପଖାଳ। ବୁଧବାର 'ବିଶ୍ୱ ପଖାଳ ଦିବସ' ପାଇଁ ସବୁଠି ପଖାଳକୁ ନେଇ ଉତ୍ସାହ ଭରି ରହିଥିବା ଦେଖିବାକୁ ମିଳିଥିଲା। ପଲ୍ଲୀଠୁ ଦିଲ୍ଲୀ ସବୁଠି ଚର୍ଚ୍ଚା ଥିଲା ପଖାଳର। ତେବେ ରାଜ୍ୟରେ ଦିନତମାମ ବର୍ଷା ଓ କୋହଲା ପାଗ ସତ୍ତ୍ୱେ ସବୁ ବର୍ଗର ଲୋକେ ପଖାଳ ଖାଇ ନିଆରା ଭାବେ ଦିବସଟିକୁ ପାଳନ କରିଥିଲେ। ଏଥିପାଇଁ ଢାବା, ରେସ୍ତୋରାଁଠାରୁ ଆରମ୍ଭ କରି ପଞ୍ଚତାରକା ହୋଟେଲ ପର୍ଯ୍ୟନ୍ତ ସବୁଠି ପଖାଳକୁ ନେଇ ବ୍ୟାପକ ଆୟୋଜନ ହୋଇଥିଲା। ଭୁବନେଶ୍ୱରସ୍ଥିତ ନିମନ୍ତ୍ରଣ ରେସ୍ତୋରାଁରେ ବି ଲୋକଙ୍କ ଭିଡ଼ ଲାଗି ରହିଥିଲା। ପଖାଳ ଦିବସରେ ପଖାଳ ସହ ଗରମ ଗରମ ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ ସଭିଁଏ।



### ସାମାଜିକ ଗଣମାଧ୍ୟମରେ ପଖାଳ ଚର୍ଚ୍ଚା

ଅନେକେ ପଖାଳ ଖାଇ ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରି ପଖାଳର ସ୍ୱାଦ ଓ ମହତଗୁଣ ଉଲ୍ଲେଖ କରିଥିବା ଦେଖିବାକୁ ମିଳିଥିଲା। ଆଉ କିଏ ପଖାଳ ପ୍ରସ୍ତୁତ କରି ଫେସବୁକ୍, ହ୍ୱାଟ୍‌ସ ଆପ୍, ଇନଷ୍ଟାଗ୍ରାମରେ ରିଲ୍ସ, ଫଟୋ ଛାଡିଥିଲେ। ସେସବୁ ପୋଷ୍ଟକୁ ଲାଇକ୍, କମେଣ୍ଟ ମିଳୁଥିଲା। ତେଣୁ ଦିନତମାମ ପଖାଳକୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥିଲା, ଯାହା ପଖାଳ ଦିବସର ଗୁରୁତ୍ୱକୁ ଆହୁରି ବଢ଼ାଇ ଦେଇଥିଲା।

### ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ

ବ୍ୟାସକବି ଫକୀର ମୋହନ ଭବନରେ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି।



ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ବୁଧବାର ଅନୁଷ୍ଠିତ ପଖାଳ ଦିବସ କାର୍ଯ୍ୟକ୍ରମରେ ଲୋକେ ପଖାଳର ମଜା ନେଉଛନ୍ତି।

ସଭାପତି ସଞ୍ଚିତା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ରାମଚନ୍ଦ୍ର ଦାସ ମହାପାତ୍ର, ଛପନ ଭୋଗ ସଭାପତି ବିଶ୍ୱନାଥ ସାମନ୍ତରାୟ, ମୁଖ୍ୟଅତିଥି ଭାବେ ଡ. ଅଶୋକ ମହାପାତ୍ର, ପଣ୍ଡିତ ଦାଶରଥି ସାମନ୍ତରାୟ, ମୁଖ୍ୟ ଉପଦେଷ୍ଟା ପ୍ରଭାତ କୁମାର ନନ୍ଦ, ସମ୍ପାଦକ ନାରାୟଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଅଜୟ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ପଖାଳ ଦିବସ ପାଇଁ ମଙ୍ଗଳବାର ପୁରୀରୁ ଅଭଡା ଅଣାଯାଇ ପଖଳା ଯାଇଥିଲା। ଉକ୍ତ ପଖାଳ ସହ ବୁଧବାର ଅନନ୍ତ ବାସୁଦେବ ମନ୍ଦିରରୁ ଆସିଥିବା ଡାଲି, ଶାଗ ବେସର ଓ ଖଟାକୁ ସମସ୍ତଙ୍କୁ ପରଷା ଯାଇଥିଲା।

### ନିଆରା ପାଳିଲା ସଂଭାବନା

ଓଡ଼ିଆଙ୍କ ଖାଦ୍ୟ ପରମ୍ପରାରେ ପଖାଳ ହେଉଛି ଏକ ଅବିଚ୍ଛେଦ୍ୟ ଅଂଶ। ଏହି ପରିପ୍ରେକ୍ଷୀରେ ସଂଭାବନା ପକ୍ଷରୁ ନିଆରା ଭାବେ ବିଶ୍ୱ ପଖାଳ ଦିବସ ଏକାମ୍ର ହାଟଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ଓଡ଼ିଆଣୀମାନେ ନିଜ ଘରୁ ପ୍ରସ୍ତୁତ କରି ଆଣିଥିବା ପଖାଳ ସହ ବଡି ଚୁରା, ଆଳୁ ଭର୍ତ୍ତା, ଶଜନା ଶାଗଭଜା, ପୋଟଳ ଭଜା, କଖାରୁ ଫୁଲ ଭଜା, ନିମକଢ, ଛତୁପୋଡା, ପିଠଉ ପଣସ ଭଜା, ବାଇଗଣ ପୋଡା ଆଦି ସୁସ୍ୱାଦୁ ବ୍ୟଞ୍ଜନ ଏଠାରେ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସଂଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜାଙ୍କ ସମେତ ଟ୍ରଷ୍ଟି ସ୍ମୃତି ମହାନ୍ତି, ଯୁଗ୍ମସମ୍ପାଦିକା ମୀନାକ୍ଷୀ ପଟ୍ଟନାୟକ, ଯୁଗ୍ମସମ୍ପାଦକ ପ୍ରଫୁଲ୍ଲ ଦେ, କାର୍ଯ୍ୟକ୍ରମ ସମ୍ପାଦିକା ରଶ୍ମିତା ରଥ, ଜ୍ୟୋତ୍ସ୍ନାମୟୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# 'ମୃଗୟା'ରେ ମଣିଷର ନିଜତ୍ୱ ପରିପ୍ରକାଶ

## ଶଶିପ୍ରଭାଙ୍କୁ 'ଉତ୍ତର ପୁରୁଷ ଦର୍ଶକ ସମ୍ମାନ', ପ୍ରଶାନ୍ତଙ୍କୁ 'ଗୌରୀଶ୍ୟାମ ମହାପାତ୍ର ସମ୍ମାନ'

ଭୁବନେଶ୍ୱର,୨୦।୩(ଶର୍ମିଷ୍ଠା ପାଣିଗ୍ରାହୀ)

ମୁଁ ଆଉ ମୋର ଦୁନିଆରେ ବଞ୍ଚିଥିବା ସାମାଜିକ ପ୍ରାଣୀଟି ଯେବେ ସାମାଜିକ ଚାପରେ ପେଷିହୋଇଯାଏ, ସେତେବେଳେ ବାହ୍ୟ ସୁଖର ସନ୍ଧାନରେ ଯାଇ ସେ ହଜେଇ ଦିଏ ନିଜର ନିଜତ୍ୱକୁ। ପରିସ୍ଥିତି ଓ ପରିବେଶ ମଣିଷକୁ ନେଇଯାଏ ଏମିତି ଏକ ଅବସ୍ଥାକୁ, ଯାହା ତାକୁ ବାଧ୍ୟକରେ ସେହିସବୁ କରିବାକୁ, ଯାହା ତା' ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ ବିପରୀତ ଭାବେ। ଯୁବାବସ୍ଥାର ବିଭିନ୍ନ ସମସ୍ୟା, ବୃଦ୍ଧାବସ୍ଥାର ଅସହାୟତା, ରାଜନୈତିକ ସଙ୍କଟ ଏବଂ ସାମାଜିକ ଦ୍ୱନ୍ଦ୍ୱ ଆଦି ମଣିଷକୁ ଆଉଜିଛି ନୂତନ ତତ୍ତ୍ୱ ଖୋଜିବାକୁ ଅହରହ ଚେତାଇ ଥାଏ। ସୁଖ ପାଇଁ ଲୋଭ ସର୍ବଦା ମଣିଷକୁ ନାନାଦି ମାନସିକ ଅଶାନ୍ତି ଓ ଦୁଃଶ୍ଚିନ୍ତାରେ ଭରିଦିଏ। ଆଉ ସେତେବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇ ନିଜେ ନିଜର ନିଜତ୍ୱକୁ ଶିକାର କରି ବସେ ମଣିଷ। ଏଭଳି କାହାଣୀକୁ ନେଇ ଉତ୍ତରପୁରୁଷ ପକ୍ଷରୁ ନାଟକ 'ମୃଗୟା' ରବୀନ୍ଦ୍ର ମଣ୍ଡପଠାରେ ପରିବେଷିତ ହୋଇଯାଇଛି। ବିଶ୍ୱଜିତ ଦାସଙ୍କ ଦ୍ୱାରା ରଚିତ ନିଶିକାନ୍ତ ଓ ରାଣେଶଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ନାଟକରେ ଚକ୍ରଧର, ରାଣେଶ, ନିଶିକାନ୍ତ, ଜଗନ୍ନାଥ, ରୂପେଶ, ଗୌରବ, ସୌରଭ, କେତନ, ଶତାବ୍ଦୀ, କ୍ରୀଷ୍ଟା, ଅଭୟ, ଧନଞ୍ଜୟ ଓ ଅଞ୍ଜଳି ଅଭିନୟ କରିଥିଲେ। ଏହି ଅବସରରେ ଶଶିପ୍ରଭା ଦାସଙ୍କୁ 'ଉତ୍ତର ପୁରୁଷ ଦର୍ଶକ ସମ୍ମାନ' ଓ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ



ନାଟକ 'ମୃଗୟା'ର ଏକ ଦୃଶ୍ୟ।

'ଗୌରୀଶ୍ୟାମ ମହାପାତ୍ର ସମ୍ମାନ' ସମ୍ମାନିତ କରଯାଇଥିଲା। ଅତିଥି ଭାବେ ଶ୍ରେୟଂଶି ଦାସ, ନାଟ୍ୟକାର ଉପେନ୍ଦ୍ର ପ୍ରସାଦ ନାୟକ, ହରେନ ସାହୁ, ଡ. ପ୍ରସନ୍ନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦେବଦତ୍ତ ପତି ସଭା ପରିଚାଳନା କରିଥିଲେ।

# 'ଓଡ଼ିଶାର ସଂସ୍କୃତି, ପରମ୍ପରା ସହ ପଖାଳ ଜଡ଼ିତ'

ଫୁଲନଖରା,୨୦।୩(ସତ୍ୟରଞ୍ଜନ ଦାସ ମହାପାତ୍ର)

ଭୁବନେଶ୍ୱର ବ୍ଲକ(୩) କଂଗ୍ରେସ କମିଟି ପକ୍ଷରୁ ବୁଧବାର ନଖରାଠାରେ ପଖାଳ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ବ୍ଲକ(୩) କଂଗ୍ରେସ କମିଟି ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲା କଂଗ୍ରେସ ମିଡିଆ ସେଲ୍ ଅଧ୍ୟକ୍ଷ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାର ପରମ୍ପରା ଓ ସଂସ୍କୃତି ସହିତ ପଖାଳ ଜଡିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ଦାସ, ଧର୍ମାନନ୍ଦ ସାହୁ, ଓମ୍ ପ୍ରକାଶ ପୁରୀ, ସମ୍ପାଦକ ପ୍ରଭାତ ଭୋଇ, ଲକ୍ଷ୍ମୀଧର ଭୋଳ, ହରିହର ସାହୁ, ଦେବାଶିଷ ଦାସ, ପ୍ରବୀର ମହାନ୍ତି ଯୋଗଦେଇଥିଲେ।

# ଡକାୟତି ଯୋଜନା, ରେଞ୍ଚୁ ଗ୍ୟାଙ୍ଗର ୫ ଗିରଫ




ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ପଟସବଣିଆ ନିକଟରେ ରାତିରେ ଯାଉଥିବା ଲୋକଙ୍କ ଠାରୁ ଡକାୟତି ଯୋଜନା ପାଇଁ ଏକତ୍ରିତ ହେଉଥିବାବେଳେ ନୟାପଲ୍ଲୀ ପୋଲିସ ଚଢାଉ କରି ରେଞ୍ଚୁ ଗ୍ୟାଙ୍ଗର ୫ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଭୁବନେଶ୍ୱରର ରଞ୍ଜିତ ପ୍ରଧାନ ଓରଫ ରେଞ୍ଚୁ , ଗଞ୍ଜାମର ସୁନୀଲ ଗୌଡ ଓ ଜହନ ପ୍ରଧାନ ,ନୟାଗଡର ରଞ୍ଜନ ପ୍ରଧାନ ଓରଫ ରଞ୍ଜୁ ଓ କନ୍ଧମାଳର ବିକାଶ ବେହେରା । ସେମାନଙ୍କଠାରୁ ଗୋଟିଏ ବୁଲେଟ, ୨ଟି କାତି, ଗୋଟିଏ ଲୁହାରଡ,ବିୟର ବୋତଲ, ଲଙ୍କା ଗୁଣ୍ଡ ଆଦି ଜବତ ହୋଇଛି । ଏନେଇ ପୋଲିସ ମାମଲା (ନଂ ୧୫୨/୨୪) ରୁଜୁ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନ ମିଳିବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ସୁସ୍ଥ ଜୀବନ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୦।୩ (ବନ୍ଦନା ସେଠୀ)




ଏକ୍ସଆଇଏମ୍ ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ସେଲ୍ ଓ ସ୍କୁଲ୍ ଅଫ୍ ମାସ୍ କମ୍ୟୁନିକେଶନ ବିଭାଗ ସହଯୋଗରେ 'ସ୍ୱାସ୍ଥ୍ୟ ପାଳନ : ଛୋଟ ପଦକ୍ଷେପ, ବଡ ପ୍ରଭାବ' ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ମନୋଜ କୁମାର ପରିଡା, ଡା. ଅୟଶକାନ୍ତ ଦାସ ଯୋଗଦେଇ ସୁସ୍ଥ ଜୀବନ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି ବୋଲି କହିବା ସହ ଶାରୀରିକ ସୁସ୍ଥତା ଏବଂ ବ୍ୟାପକ ସୁସ୍ଥତା ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ଲିଙ୍କ୍ ବିଷୟରେ ସୂଚନା ଦେଇଥିଲେ। ପରେ ସ୍କୁଲ ଅଫ୍ ମାସ୍ କମ୍ୟୁନିକେଶନ୍ସର ଡିନ୍ ପ୍ରଫେସର ଭି. ବିଜୟ କୁମାର 'ଅନ୍ୱେଷା' କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏଥିସହ ସୁସ୍ଥତା ପ୍ରତିପୋଷଣର ମହତ୍ତ୍ୱ ବଖାଣିଥିଲେ। ସ୍ୱତନ୍ତ୍ର ଅଧିବେଶନରେ ଡା. ପରିଡା ମାନସିକ ସ୍ୱାସ୍ଥ୍ୟ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଅଙ୍କିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ



ଚିଲିକା କୂଳରେ ରହିଥିବା ଡଙ୍ଗା।

ବାଲୁଗାଁ,୨୦।୩ (ସଂଗ୍ରାମ ପାଇକରାୟ)

କାଳବୈଶାଖୀ ପ୍ରଭାବରେ ଚିଲିକା ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ମୁଗ ଏବଂ ପନିପରିବା ଚାଷ ହୋଇଥିବା ବିଲରେ ପାଣି ଜମିବାରୁ ଫସଲ ନଷ୍ଟ ହୋଇଯାଇଛି। ଫଳରେ ଚାଷୀମାନେ ଚିନ୍ତା ପଡ଼ିଛନ୍ତି। ସେହିପରି ଚିଲିକା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀ ଏବଂ ଡଙ୍ଗା ଚାଳକ ମଧ୍ୟ ଏହି କାଳବୈଶାଖୀ ଯୋଗୁ ପ୍ରଭାବିତ ହୋଇଛନ୍ତି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବାଲୁଗାଁ ଏନ୍‌ଏସି ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପାଗ ଅନୁକୂଳ ନ ହେବା ଯାଏ ଚିଲିକାକୁ ଡଙ୍ଗା ଚଳାଚଳ ପ୍ରବେଶକୁ ବାରଣ କରାଯାଇଛି। ଫଳରେ ଦୁଇଦିନ ହେବ ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ ରହିଛି।

# ଅଦିନିଆ ବର୍ଷା ଉଜାଡ଼ିଲା ଫସଲ

ଖୋର୍ଦ୍ଧା,୨୦।୩ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଅଞ୍ଚଳରେ ବର୍ଷା ହେବାରୁ ବ୍ୟାପକ ପରିବା ଚାଷ ନଷ୍ଟ ହୋଇଛି। ବାଇଗଣ, ଟମାଟୋ, ଜହ୍ନି, କାକୁଡି, କଖାରୁ, କଲରା, ଝୁଡଙ୍ଗ, ଭେଣ୍ଡି, କୋବି ଆଦି ଚାଷ ପ୍ରଭାବିତ ହୋଇଛି। ଦୁଇ ଦିନ ଧରି ବର୍ଷା ଲାଗି ରହିଥିବାରୁ ପରିବା ଚାଷରେ ପାଣି ପଶିଯାଇଛି। ଆଉ ଦିନ କେଇଟା ପରେ ଚାଷୀମାନେ ଫସଲ ଅମଳ କରିଥାନ୍ତେ, ଏହା ପୂର୍ବରୁ ସବୁ ନଷ୍ଟ ହୋଇଗଲା। ଏପରିକି ବିଲରେ ପାଣି ଜମି ରହିଛି। ଫଳରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବର୍ଷା ନ କମିଲେ, ଆଗକୁ ଆହୁରି ପନିପରିବା ନଷ୍ଟ ହେବା ସମ୍ଭାବନା ରହିଛି। ତେଣୁ କୃଷି ଓ ଉଦ୍ୟାନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି।

ଏହି ବ୍ଲକ ଅନ୍ତର୍ଗତ କେରଙ୍ଗ, ଦିବ୍ୟସିଂହପ୍ରସାଦ, ବରସାହି, କୁଣ୍ଡିଲୋ, ପାଇକତିଗିରିଆ, କୁମାରବସ୍ତ ଆଦି ଅଞ୍ଚଳର ଶହେରୁ ଊର୍ଦ୍ଧ୍ୱ ଚାଷୀ ପ୍ରାୟ ୧୫୦ଏକରୁ ଊର୍ଦ୍ଧ୍ୱ ମୁଗ, ପନିପରିବା ଓ ଫୁଲ ଚାଷ କରିଥିଲେ। ମୁଗ ବିଲରେ ପାଣି ଜମିଥିବା ବେଳେ ଫୁଲ, ପନିପରିବା ପାଣି ପଶି ନଷ୍ଟ ହୋଇଛି। କେତେକ ସ୍ଥାନରେ ଗଛ ବିଲରେ ଶୋଇପଡିଥିବା ବେଳେ ଆଉ କେତେକ ଜମିରେ ମୁଗ ଫୁଲ ଝଡି ମାଟିରେ ମିଶିଯାଇଛି। ଧାନ ପରେ ମୁଗ ଏକ ପ୍ରମୁଖ ଅର୍ଥକରୀ ଫସଲ। ଚାଷୀ ପ୍ରହ୍ଲାଦ ବେହେରା, ବିଶ୍ୱନାଥ ସାହୁ, ଗଦାଧର ସ୍ୱାଇଁ, କମ୍ବୁନାଥ ବେହେରା, ରତ୍ନାକର ସାହୁ ପ୍ରମୁଖ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏନେଇ ବରସାହି ସରପଞ୍ଚ ଶରତ ଚନ୍ଦ୍ର ସାହୁ କହିଛନ୍ତି, ନିକଟରେ ଜିଲା ଓ ବ୍ଲକ କୃଷି ଅଧିକାରୀ ଏହି ଅଞ୍ଚଳ ଗସ୍ତରେ ଆସି କ୍ଷେତ ପରିଦର୍ଶନ କରିଥିଲେ। ବିଭିନ୍ନ ଫସଲ ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଭଲ ଫସଲକୁ ଦେଖି ଖୁସିବ୍ୟକ୍ତ କରିଥିବା ବେଳେ ଏବେ ଅଦିନିଆ ବର୍ଷା ଚାଷୀଙ୍କ ଦୁଃଖ ବଢାଇଛି। ସେହିପରି କେରଙ୍ଗ ସରପଞ୍ଚ ଏମ୍. ହୁସେନ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ମୁଗ ଚାଷ କରିଥିଲେ। ମୁଗ ସହ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଛି। ଅନ୍ୟପଟେ ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଦେବସ୍ମିତା ମିଶ୍ର କହିଛନ୍ତି, କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ ବୁଲି ଦେଖିବା ପରେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ।



ନଷ୍ଟ ହୋଇଥିବା ଫସଲ ଜଣେ ଚାଷୀ ଦେଖାଉଛନ୍ତି।

# ୫ବର୍ଷ ବିତିଲା, ସରୁନି ଉଠାଜଳସେଚନ ପ୍ରକଳ୍ପ

## ବିନା ସୂଚନାଫଳକରେ କାମ ଚାଲିଛି

ନିଶ୍ଚିନ୍ତକୋଇଲି, ୨୦।୩ (ଅଶୋକ କୁମାର ମହାପାତ୍ର)

ଚାଷୀଙ୍କ କ୍ଷେତକୁ ପାଣି ଯୋଗାଇଦେବା ନିମନ୍ତେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର କଟକ ଡିଭିଜନ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଓରିକଣ୍ଡା ଉଠା ଜଳସେଚନ ବିଭାଗର ଦାୟିତ୍ୱ ହୀନତା ଯୋଗୁ ୩ଟି ପ୍ରକଳ୍ପ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଫଳରେ ଏହା ଚାଷୀଙ୍କ କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହୋଇଛି। ରବି ଋତୁରେ ପନିପରିବା ଚାଷ କରିଥିବା ଚାଷୀ ଫସଲରେ ପାଣି ଦେଇ ପାରୁନାହାନ୍ତି। ଏମିତିକି ଚାଲିଥିବା କାର୍ଯ୍ୟସ୍ଥଳରେ ସୂଚନା ଫଳକ ଲାଗି ନାହିଁ। ତେଣୁ ଏହାର ତଦନ୍ତ ପାଇଁ ଚାଷୀମାନେ ଦାବି କରିଛନ୍ତି।

ଉଠା ଜଳସେଚନ ବିଭାଗ କଟକ ଡିଭିଜନ ଦ୍ୱାରା ଓରିକଣ୍ଡାଠାରେ ୩ଟି ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟ ଚାଲିଛି। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଛି। ମାତ୍ର ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ସତ୍ତ୍ୱେ କାମ ଶେଷ ହୋଇନାହିଁ। କିନ୍ତୁ ଚାଷୀଙ୍କର କୌଣସି କାର୍ଯ୍ୟରେ ଆସୁ ନ ଥିବା ଚାଷୀ ମହଲରେ ଅଭିଯୋଗ ହୋଇଛି। ବ୍ଲକ ଅନ୍ତର୍ଗତ କଳମିଶ୍ରୀ ପଞ୍ଚାୟତ ମଦର ପଡ଼ିଆଠାରେ ଦୀର୍ଘ ୫ ବର୍ଷ ହେଲା ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଉଠା ଜଳସେଚନ ପଏଣ୍ଟ ନିର୍ମାଣ ଚାଲିଛି। ୫ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଉଠା ଜଳ ସେଚନ ପଏଣ୍ଟ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଏହି ଉଠା ଜଳସେଚନ ପଏଣ୍ଟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଛି। ସେହିପରି ପଞ୍ଚାୟତର ଜୋରକୂଳ ଓ ଶିମିଳିପଡିଆଠାରେ ମଧ୍ୟ ଅନୁରୂପ ଭାବେ ୨ଟି ଉଠା ଜଳସେଚନ ପଏଣ୍ଟ ଦୀର୍ଘ ୨ ବର୍ଷ ହେଲା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଛି। ଏହି ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ଅଭିଯୋଗ ହେଉଛି। ଏହି ଉଠା ଜଳସେଚନ ପଏଣ୍ଟ ସ୍ଥାନରେ ଅନାବନା ଗଛ ମାଡି ଯାଇଛି। ସେହିପରି ଏହି ଉଠା ଜଳ ସେଚନ ପଏଣ୍ଟକୁ ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଏହି ନିର୍ମାଣ କାର୍ଯ୍ୟ ନିମନ୍ତେ କେତେଟଙ୍କା ମଞ୍ଜୁର ହୋଇଛି ଓ ପ୍ରକଳ୍ପ ସମ୍ପର୍କରେ କୌଣସି ସୂଚନା ଫଳକ ଲଗାଯାଇନାହିଁ।


ଉଠାଜଳସେଚନ ପ୍ରକଳ୍ପ ପାଖ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଉପରେ ଲତା ମାଡ଼ିଯାଇଛି।

ସୂଚନାଯୋଗ୍ୟ, ଏହି ୩ଟି ଉଠା ଜଳସେଚନ ପଏଣ୍ଟ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ଅଞ୍ଚଳର ଶତାଧିକ ଏକର ଜମି ଜଳସେଚିତ ହୋଇପାରିଥାନ୍ତା। ମାତ୍ର ଉଠା ଜଳସେଚନ ପଏଣ୍ଟ ପୂର୍ଣ୍ଣାଙ୍ଗ ହୋଇ ନ ଥିବା କାରଣରୁ ଅଞ୍ଚଳର ଚାଷୀମାନେ ବାଧ୍ୟ ହୋଇ ପମ୍ପ ଲଗାଇ ନିଜ ଫସଲକୁ ବଞ୍ଚାଇ ରଖୁଛନ୍ତି। ଏ ସମ୍ପର୍କରେ ଓରିକଣ୍ଡା ଉଠା ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ସରୋଜ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ଏହି ଜଳସେଚନ ପଏଣ୍ଟ ପୂର୍ଣ୍ଣାଙ୍ଗ କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୬ ମତ୍ସ୍ୟଜୀବୀ ଅଟକ

ଅସ୍ତରଙ୍ଗ, ୨୦।୩ (ପ୍ରଦୀପ୍ତ ଦୀକ୍ଷିତ): ଅସ୍ତରଙ୍ଗ ନିକଟରେ ମା' ସୁନାତାରିଣୀ ନାମକ ଟ୍ରଲର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ଏକ ଟ୍ରଲରକୁ ଅସ୍ତରଙ୍ଗ ବନବିଭାଗ ବୁଧବାର ଜବତ କରିଛି। ଜବତ ଟ୍ରଲର (ଆଇ ଏନ ଡି –ଓ ଆର –୦୧ଏମ୍ ଏମ୍ ୫୮୨)ରୁ ୧୬ ମତ୍ସ୍ୟଜୀବୀଙ୍କୁ ବନବିଭାଗ ଅଟକ ରଖିଛି। ଏହି ସମୟରେ ବନବିଭାଗର ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ତପନ ନାୟକ ଉପସ୍ଥିତ ଥିଲେ। ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କଟକଣା ଲାଗୁ ହୋଇଥିବାବେଳେ ବାରବାର୍ ଏପରି ଘଟଣା ଦେଖିବାକୁ ମିଳୁଛି। ଚଳିତବର୍ଷ କଟକଣାରେ ମୋଟ ୯ଟି ଟ୍ରଲର ଜବତ ହେଲାଣି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାଲୁଗାଁ, ୨୦।୩ (ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଲୱେ ଷ୍ଟେଶନର ଅନତିଦୂର ତଥା ଦକ୍ଷିଣ କ୍ୟାବିନ ପାର୍ଶ୍ୱ ବିଲରେ ଥିବା ଏକ ଗଛରୁ ବୁଧବାର ବାଲୁଗାଁ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି । ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ଧୂସର ରଙ୍ଗର ଫୁଲ୍ ପ୍ୟାଣ୍ଟ ଓ ଲାଲ୍ ରଙ୍ଗର ଚେକ୍ ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ବୟସ ଆନୁମାନିକ ୩୦ରୁ ୩୫ବର୍ଷ ମଧ୍ୟରେ ହେବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪) ରୁଜୁ ହୋଇଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

### କାଳବୈଶାଖୀ: ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ

ବାଲୁଗାଁ, ୨୦।୩ (ସଂଗ୍ରାମ ପାଇକରାୟ)

କାଳବୈଶାଖୀ ପ୍ରଭାବରେ ଚିଲିକା ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ମୁଗ ଏବଂ ପନିପରିବା ଚାଷ ହୋଇଥିବା ବିଲରେ ପାଣି ଜମିବାରୁ ଫସଲ ନଷ୍ଟ ହୋଇଯାଇଛି। ଫଳରେ ଚାଷୀମାନେ ଚିନ୍ତା ପଡ଼ିଛନ୍ତି। ସେହିପରି ଚିଲିକା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀ ଏବଂ ଡଙ୍ଗା ଚାଳକ ମଧ୍ୟ ଏହି କାଳବୈଶାଖୀ ଯୋଗୁ ପ୍ରଭାବିତ ହୋଇଛନ୍ତି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବାଲୁଗାଁ ଏନ୍‌ଏସି ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପାଗ ଅନୁକୂଳ ନ ହେବା ଯାଏ ଚିଲିକାକୁ ଡଙ୍ଗା ଚଳାଚଳ ପ୍ରବେଶକୁ ବାରଣ କରାଯାଇଛି। ଫଳରେ ଦୁଇଦିନ ହେବ ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ ରହିଛି।

### ତଅାଁରାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

ରଘୁନାଥପୁର, ୨୦।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅାଁରା ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଓ ବୁଥ୍ କମିଟି ଗଠନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ପର୍ଯ୍ୟବେକ୍ଷକ ବିଚିତ୍ର କୁମାର ସ୍ୱାଇଁ ଓ ସହ ପର୍ଯ୍ୟବେକ୍ଷକ ବିନୋଦ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହାଛଡା ରାଜ୍ୟ ବିକାଶଧାରାକୁ ଆଗେଇ ନେବାକୁ ହେଲେ ପୁଣି ବିଜେଡି ସରକାର ଆସିବା ଦରକାର ବୋଲି କହିଥିଲେ। ସରପଞ୍ଚ ବଟକୃଷ୍ଣ ନାୟକ, ବ୍ଲକ ମହିଳା ସଭାନେତ୍ରୀ ଶାନ୍ତିଲତା ଦ୍ୱିବେଦୀ ଯୋଗଦେଇ ୫–ଟି ସ୍କୁଲ ରୂପାନ୍ତକରଣ କାର୍ଯ୍ୟ, ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି, ମଠ, ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ, ନବୀନ ସ୍ୱାସ୍ଥ୍ୟକାର୍ଡ ଭଳି ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟର ଉପକାରିତା କିପରି ସାଧାରଣ ଲୋକେ ପାଇ ପାରୁଛନ୍ତି, ସେ ସମ୍ପର୍କରେ ସୂଚେଇ ଦେଇଥିଲେ। ଏଣୁ ସମସ୍ତେ ନିଷ୍ଠାର ସହ ଦଳ ପାଇଁ ବିକାଶର ଧାରାକୁ ବଜାୟ ରଖିବା ନିମନ୍ତେ ଆପ୍ରାଣ ଉଦ୍ୟମ ଜାରି ରଖିବା ଲାଗି ନିବେଦନ କରିଥିଲେ। ପରେ ଘରକୁ ଘର ଯାଇ ଶଙ୍ଖଚିହ୍ନ ଥିବା ପୁସ୍ତିକା ବଣ୍ଟନ କରାଯାଇଥିଲା। ଶେଷରେ ବିଭିନ୍ନ ବୁଥ୍‌ର କମିଟି ଗଠନ କରାଯାଇଥିଲା। ଏଥିରେ ବରିଷ୍ଠ କର୍ମୀ ବିଜୟ କୁମାର ଦାସ, ନବଘନ ଦାସ, ସଞ୍ଜୟ କୁମାର ଦାସ, ସଚିତ୍ର ସ୍ୱାଇଁ ଓ ପଙ୍କଜିନି ଗୋଛାୟତଙ୍କ ସହ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ନବବଧୂଙ୍କୁ ଯୌତୁକ ନିର୍ଯାତନା, ଥାନାରେ ମାମଲା

ସାଲେପୁର, ୨୦।୩ (ଅରବିନ୍ଦ ଭୂୟାଁ)

ବିବାହର ଦେଢ଼ବର୍ଷ ନ ପୂରୁଣୁ ଅଧିକ ୩ ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ଦାବିକରି ଜଣେ ନବବଧୂଙ୍କୁ ତାଙ୍କ ସ୍ୱାମୀ, ଶାଶୁଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ସାଲେପୁର ଥାନାରେ ବୁଧବାର ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧୀନ କୁଅାଁରପୁର ଗ୍ରାମର ନିରଞ୍ଜନ ପତିଙ୍କ ଝିଅ ସୋନାଲିନ ୨୦୨୨ ଡିସେମ୍ବର ୯ରେ ମାହାଙ୍ଗା ଥାନା ଅନ୍ତର୍ଗତ ବାଲିପଡିଆ ଗାଁର ପ୍ରସନ୍ନ ପଣ୍ଡାଙ୍କ ପୁଅ କ୍ଷିତୀଶ କୁମାର ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ସମୟରେ ଶାଶୁଘରର ଦାବି ମୁତାବକ କନ୍ୟାଘର ପକ୍ଷରୁ ଯୌତୁକ ବାବଦକୁ ସୁନା, ରୁପା ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଦିଆଯାଇଥିଲା। ଅଧିକ ୩ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ପାଇଁ ସୋନାଲିନଙ୍କୁ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର, ନଣନ୍ଦ, ନଣନ୍ଦେଇ, ମଳାଶୁରମାନେ ଅଧିକାଂଶ ସମୟରେ ନିର୍ଯାତନା ଦେବା ସହ ମାଡ ମାରି ଘରୁ ବାହାର କରି ଦେଇଥିଲେ। ୩ ଲକ୍ଷ ଟଙ୍କା ଓ ବୁଲେଟ୍ ଗାଡ଼ି ନ ଆଣିଲେ ତୋତେ ଘରେ ପୂରାଇ ଦେବୁ ନାହିଁ ବୋଲି ଧମକ ଦେଇଥିଲେ। ଏ ନେଇ ସୋନାଲିନ ଥାନାରେ ଅଭିଯୋଗ କରିବା ପରେ ନଂ. ୧୩୬/୨୪ରେ ମାମଲା ରୁଜୁ ହୋଇଛି।

# ବାଙ୍କୀ କୋର୍ଟ ଟ୍ରାଞ୍ଜିଟ୍ ହାଉସର ଭିତ୍ତିପ୍ରସ୍ତର



ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧର ଶରଣ ସିଂହ ଟ୍ରାଞ୍ଜିଟ୍ ହାଉସ୍‌ର ଭିତ୍ତିପ୍ରସ୍ତର ଉଦ୍‌ଘାଟନ କରୁଛନ୍ତି।

ବାଙ୍କୀ, ୨୦।୩ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁରଠାରେ ବୁଧବାର ବାଙ୍କୀ କୋର୍ଟର ଟ୍ରାଞ୍ଜିଟ୍ ହାଉସ୍‌ର ଭିତ୍ତିପ୍ରସ୍ତର ଶୁଭ ଉଦ୍‌ଘାଟନ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଆଭାସୀ ମାଧ୍ୟମରେ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବାଙ୍କୀ କୋର୍ଟର ଏସ୍‌ଡିଜେମ୍ ସାଧନଜିତ୍ ପଣ୍ଡା, ସବ୍‌ଜଜ୍ ନବନୀତା ଦାଶ, ଜିଲ୍ଲା ଜଜ୍ କୋର୍ଟର ରେଜିଷ୍ଟ୍ରାର ଦୀପଙ୍କର ପଟ୍ଟନାୟକଙ୍କ ସମେତ କୋର୍ଟର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଫାର୍ମାସିଷ୍ଟଙ୍କ ଭୂମିକା ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

## ସାଲେପୁର ଫାର୍ମାସୀ କଲେଜର ବାର୍ଷିକୋତ୍ସବ

ସାଲେପୁର, ୨୦।୩ (ଅରବିନ୍ଦ ଭୂୟାଁ)

ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ୍ ଟେକ୍‌ନୋଲୋଜିର ୪୧ତମ ବାର୍ଷିକ ଉତ୍ସବ 'ସିନର୍ଜିଆ–୨୦୨୪' ବୁଧବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ପ୍ରବୀର କୁମାର ସିହ୍ନାମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କେମିକାଲ୍ ଟେକ୍‌ନୋଲୋଜି, ମୁମ୍ବାଇ ଡାଇରେକ୍ଟର ପ୍ରଫେସର ପି.ଆର. ଭାଭିଆ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ କହିଥିଲେ, ଫାର୍ମାସିଷ୍ଟମାନଙ୍କର ଭୂମିକା ସମାଜ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ଭାବେ ଜାତୀୟ ସଂସ୍କୃତି ବିଶ୍ୱବିଦ୍ୟାଳୟ, ତିରୁପତି ତଥା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପୁରୀର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇ ସେବାହିଁ ମାନବ ଜୀବନର ପରମ ଧର୍ମ ଏବଂ ଚିକିତ୍ସା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କର ସେବା ଅତୁଳନୀୟ ବୋଲି କହିଥିଲେ। ଅତିଥିମାନେ କଲେଜର ଭିତ୍ତିଭୂମି ଓ ବିକାଶ ପାଇଁ ପରିଚାଳନା କମିଟିର ସଦସ୍ୟ ଓ ସମସ୍ତ କର୍ମଚାରୀମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ସଭାରେ ଉପସ୍ଥିତ ପରିଚାଳନା କମିଟିର ସମ୍ପାଦକ ରବୀନ୍ଦ୍ରନାଥ କର, ସଭ୍ୟ ଅଶୋକ କୁମାର ମହାନ୍ତି ଓ ଡ. ଦେବେନ୍ଦ୍ର କୁମାର ରାଉତ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ବାର୍ଷିକୋତ୍ସବ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ସିହ୍ନାମହାପାତ୍ର ସ୍ୱାଗତ ଭାଷଣ ଦେବା ସହ କଲେଜର ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ପୂର୍ବରୁ ପିଲାମାନଙ୍କ ମଧ୍ୟ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ା, କଳା ପ୍ରତିଯୋଗିତାରେ ପାରଦର୍ଶିତା ଲାଭ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ କଲେଜ ପରିଚାଳନା କମିଟି ପକ୍ଷରୁ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତାମାନଙ୍କୁ ଉତ୍ତରୀୟ ଓ ମୋମେଣ୍ଟୋ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଅଧ୍ୟାପିକା ଐଶାନୀ ଚାଟାର୍ଜୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। କଲେଜର ବରିଷ୍ଠ ଅଧ୍ୟାପକ ଡ. ସରୋଜ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାମେଶ୍ୱର ମହାଦେବଙ୍କ ପୀଠରେ ବାର୍ଷିକ ଗୀତାଯଜ୍ଞ

ତିଗିରିଆ, ୨୦।୩ (ଜାଫର ଖାଁ)

ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମର ଆରାଧ୍ୟ ଦେବତା ଶ୍ରୀରାମେଶ୍ୱର ମହାଦେବଙ୍କ ପୀଠରେ ୨୮ତମ ବାର୍ଷିକ ଗୀତାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ବୁଧବାର ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ଫାଲ୍‌ଗୁନ ମାସ ଶୁକ୍ଳପକ୍ଷ ଏକାଦଶୀରେ ଏହି ଯଜ୍ଞ ଆରମ୍ଭ ହୋଇଛି। ଆସନ୍ତା ୨୪ ତାରିଖରେ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ ରାମେଶ୍ୱର ସେବା ସଂଘର ସଭାପତି କେଶବ ଚନ୍ଦ୍ର ପାତ୍ର, ଉପ ସଭାପତି ସୁଦାମ ସାହୁ ସୂଚନା ଦେଇଛନ୍ତି। ଯଜ୍ଞର ଏହି ୫ଦିନରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଙ୍କୁରା ରୋପଣ, କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋ ପୂଜା, ଗୁରୁ ପୂଜା, ଯଜ୍ଞ, ଗୀତା ପାଠ ଇତ୍ୟାଦି ଅନୁଷ୍ଠିତ ହେବ। ଏଥିସହ ପ୍ରତ୍ୟହ ମନ୍ଦିର ପରିସରରେ ଅଞ୍ଚଳ ତଥା ଅଞ୍ଚଳ ବାହାରର ପ୍ରତିଷ୍ଠିତ ପ୍ରବଚକମାନଙ୍କ ଦ୍ୱରା ପ୍ରବଚନ ସହ ଭଜନ, କୀର୍ତ୍ତନ ପରିବେଷଣର ବ୍ୟବସ୍ଥା କରାଯାଇଛି। ଏଥିରେ ରାମେଶ୍ୱର ସେବା ସଂଘର ସଦସ୍ୟ ବିଭୂତି ବେହେରା, ଅଜୟ ମହାରଣା, ପ୍ରତାପ ସାହୁ, ଦିଲୀପ ବାରିକ, ଯୋଗୀନାଥ ଅକ୍ଷିତଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ପରିଚାଳନାରେ ସହଯୋଗ କରୁଛନ୍ତି।

# ରେଳ ଫାଟକ ପଡ଼ିବା ସମୟରେ ଗେଟ୍ ଭାଙ୍ଗିଲା



ଭାଙ୍ଗିପଡିଥିବା ରେଲ୍ ଫାଟକ ଗେଟ୍।

ସାକ୍ଷୀଗୋପାଳ, ୨୦।୩ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର/ଭରତ ରାଉତ):

ପୁରୀ–ଖୋର୍ଦ୍ଧା ରେଳ ଲାଇନରେ ସାକ୍ଷୀଗୋପାଳ ରେଳ ଫାଟକ ପଡୁଥିବା ସମୟରେ ବୁଧବାର ରେଳ ଗେଟ ଭାଙ୍ଗିଯିବାରୁ ଲୋକେ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହି ହଇରାଣ ହୋଇଥିଲେ। ଏଭଳି ଘଟଣା ମଧ୍ୟାହ୍ନ ୧୨ଟା ସମୟରେ ଘଟିଥିବାବେଳେ ଲେଭଲ କ୍ରସିଂର ଉଭୟ ପାର୍ଶ୍ୱରେ କିଛି ବସ୍ ଯାତ୍ରୀ, ଗାଡି ମୋଟର ସହ ଶହଶହ ସାଧାରଣ ଛିଡ଼ା ହୋଇଥିଲେ। ଖବରପାଇ ସାକ୍ଷୀଗୋପାଳ ରେଲ୍‌ୱେ ପୋଲିସ ଅଧିକାରିଣୀ ଇନ୍ଦୁମତୀ ଶୁକ୍ଳା ତାଙ୍କ ଟିମ୍ ଓ ଅନ୍ୟ ରେଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗା ଗେଟ୍‌କୁ କାର୍ଯ୍ୟକ୍ଷମ କରିବା ପରେ ଲୋକେ ଯିବା ଆସିବା କରିଥିଲେ। ସୂଚନା ଥାଉକି, ଏହି ରେଳ ଫାଟକରେ ଗେଟ୍ ପଡୁଥିବା ସମୟରେ ଏହି ଭଳି ଅନେକ ଥର ଗେଟ ଭାଙ୍ଗି ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରୁ ନ ଥିବାରୁ ସାଧାରଣ ଲୋକ ନାନାଦି ଅସୁବିଧାରେ ପଡୁଛନ୍ତି। ତେଣୁ ଏହି ସମସ୍ୟା ଉପରେ ଦୃଷ୍ଟି ଦେବାକୁ ଉପରିସ୍ଥ ରେଳ କର୍ତ୍ତୃପକ୍ଷଙ୍କୁ ସାଧାରଣ ଲୋକ ଦାବିକରିଛନ୍ତି।

# ଆୟୁଷ ଡାକ୍ତରଙ୍କ ଅସହଯୋଗ ଆନ୍ଦୋଳନ

## ରୋଗୀସେବା ଛଡା ଅନ୍ୟ କାର୍ଯ୍ୟ ବନ୍ଦ


ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଆୟୁଷ ଡାକ୍ତରମାନେ ଦାବିପତ୍ର ଦେଉଛନ୍ତି।

ରଘୁନାଥପୁର, ୨୦।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରାଜ୍ୟ ସଂଘର ଆହ୍ୱାନକ୍ରମେ ଓଡ଼ିଶାର ସମସ୍ତ ଆୟୁଷ ଡାକ୍ତର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହିକ୍ରମରେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ଆୟୁଷ ଡାକ୍ତରମାନେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଛନ୍ତି। କେବଳ ରୋଗୀସେବା ଓ ଆୟୁଷ ସେବା ଛଡା ଅନ୍ୟ କୌଣସି ସେବା କରିବେ ନାହିଁ ବୋଲି ରୋକଠୋକ ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ ଅଭିଯୋଗପତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ସୁକାନ୍ତ କୁମାର ଦଳାଇଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ୫ ବର୍ଷ ତଳୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟମନ୍ତ୍ରୀ ଓ ଉଚ୍ଚ ପଦସ୍ଥ ଅଧିକାରୀମାନେ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବାର ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେଇ ସେମାନଙ୍କ ସହ ବିଶ୍ୱାସ ଘାତକତା କରିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରି ସମସ୍ତ ଆୟୁଷ ଡାକ୍ତର ଓ ତାଙ୍କ ପରିବାରବର୍ଗଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି।

# ତହସିଲ ଆଗରେ ନ୍ୟାୟ ପାଇଁ ବସିରହିଲେ ଲୋକେ

- ନିରୀହ ବ୍ୟକ୍ତିଙ୍କ ନାମରେ ୧୦୭ ଦଫା
- ଅଭିଯୋଗପତ୍ରକୁ ଗ୍ରହଣ କଲେନି ଅତିରିକ୍ତ ତହସିଲଦାର
- ଅତ୍ୟଧିକ ବେଲ୍‌ବଣ୍ଡକୁ ନେଇ ଅସନ୍ତୋଷ

ରଘୁନାଥପୁର, ୨୦।୩ (ରାଜେନ୍ଦ୍ର ନାରାୟଣ ସିଂହ)

ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଯେକୌଣସି ଗଣ୍ଡଗୋଳ ଆଶଙ୍କାକୁ ଏଡ଼ାଇବା ନିମନ୍ତେ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତଥିବା ବ୍ୟକ୍ତିମାନଙ୍କ ବିରୋଧରେ ୧୦୭ ଦଫା ଲଗାଇବା ପାଇଁ ରଘୁନାଥପୁର ଥାନା ପୋଲିସଙ୍କୁ ନିର୍ଦ୍ଦେଶ ରହିଛି। ପୋଲିସ ଅତ୍ୟନ୍ତ ଖାମଖିଆଲ ଏବଂ ବେପରୁଆ ଭାବେ ଏହି ନିର୍ଦ୍ଦେଶକୁ ବ୍ୟବହାର କରିଥିବା ସାଧାରଣଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି। ତହସିଲଦାରଙ୍କ ନୋଟିସ୍ ମୁତାବକ ବୁଧବାର ୧୦୭ ଦଫା ଲାଗିଥିବା ବ୍ୟକ୍ତିମାନେ ପୂର୍ବାହ୍ନ ୧୦ଟାରେ ତହସିଲରେ ହାଜର ହୋଇ ନିଜର ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ା ଏହାକୁ ଗ୍ରହଣ ନ କରି ୫୦ ହଜାର ଟଙ୍କା ବେଲ୍‌ବଣ୍ଡରେ ସ୍ୱାକ୍ଷର କରି ବ୍ୟକ୍ତିଗତ ମୁଚାଲିକାରେ ଯିବା ପାଇଁ କହିଥିଲେ। ଏଥିରେ ଅସନ୍ତୁଷ୍ଟ ପ୍ରକାଶ କରି ନ୍ୟାୟ ପାଇଁ ଲୋକେ ସନ୍ଧ୍ୟା ପର୍ଯ୍ୟନ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସି ରହି ଏହାକୁ ବିରୋଧ କରିଥିଲେ। ଥାନା ଅନ୍ତର୍ଗତ ରାଢ଼ଙ୍ଗର ସୌମ୍ୟକାନ୍ତ ଜେନା ଏବଂ ରେଢୁଆ ବାରତିରାର ତପନ କୁମାର ନାୟକଙ୍କ ଅଭିଯୋଗ ଅନୁଯାୟୀ, ପୋଲିସ ଆମ ନାମରେ ୧୦୭ଦଫା ଲଗାଇବା ଫଳରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଆମ୍ଭେ ତହସିଲ ଅଦାଲତରେ ହାଜର ପାଇଁ ଆସିଥିଲୁ। ଆମ୍ଭେ କୌଣସି ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ନାହୁଁ କିମ୍ବା ଆମ ବିରୋଧରେ ଥାନାରେ କୌଣସି ଲିଖିତ କିମ୍ବା ମୌଖିକ ଅଭିଯୋଗ ନାହିଁ। ଉଭୟେ ସାମାଜିକ କାର୍ଯ୍ୟକଳାପ ସହ ଜଡ଼ିତ। ଏହାସତ୍ତ୍ୱେ ଆମ ବିରୋଧରେ କିଭଳି ୧୦୭ ଦଫା ଲାଗିଲା, ତାହା ଯେତିକି ଆଶ୍ଚର୍ଯ୍ୟ ଚକିତ କରୁଛି ସେତିକି ଭୟଭୀତ ମଧ୍ୟ ସୃଷ୍ଟି କରୁଛି ବୋଲି ସେମାନେ କହିଛନ୍ତି। ତହସିଲଦାରଙ୍କ ନୋଟିସରେ କାରଣ ଦର୍ଶାଇବା ପାଇଁ ନିର୍ଦ୍ଦେଶ ଥାଇ ମଧ୍ୟ ଅତିରିକ୍ତ ତହସିଲଦାର ଆମର ଆବେଦନପତ୍ରକୁ ଗ୍ରହଣ ନ କରିବା ଅତ୍ୟନ୍ତ ଦୁଃଖ ଓ ଗଣତନ୍ତ୍ରର ପରିପନ୍ଥୀ ବୋଲି ସୌମ୍ୟ ଓ ତପନ ଅଭିଯୋଗ କରିଥିଲେ। ସେହିଭଳି ରଘୁନାଥପୁର ପଞ୍ଚାୟତର ହେମନ୍ତ ସାହୁ, ସୁକାନ୍ତ ମାଦେଲି, କୃଷ୍ଣ ଚନ୍ଦ୍ର ସାହୁ, କିଶୋର ଚନ୍ଦ୍ର ଗୁଇଁ, ମୁରଲୀ ଜେନା, ପ୍ରମୋଦ ସାହୁ, ମଣ୍ଟୁ ସେଠୀ, ପ୍ରଭାକର ସାହୁ ଓ ଜଗନ୍ନାଥପୁର ପଞ୍ଚାୟତର ସଞ୍ଜୟ ସାହୁ ପ୍ରମୁଖ ଅନୁରୂପ ୧୦୭ ଦଫାର ଶିକାର ବନିଥିବା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏମିତି ଅନେକ ନିରୀହ ବ୍ୟକ୍ତି ପୋଲିସର ଏଭଳି ବେପରୁଆ ମନୋଭାବ ଯୋଗୁ ଶାରୀରିକ, ଆର୍ଥିକ ଓ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହେବା ସହ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବ୍ୟକ୍ତିର ସାମ୍ବିଧାନିକ ଅଧିକାର କ୍ଷୁଣ୍ଣ ହେଉଥିବା ଅଭିଯୋଗ କରିଛନ୍ତି। ପ୍ରଶାସନର ଏଭଳି ବେପରୁଆ ମାନସିକତା ବିରୋଧରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଜନଆନ୍ଦୋଳନ ସୃଷ୍ଟି ହେବା ସମ୍ଭାବନାକୁ ଅସ୍ୱୀକାର କରାଯାଇନପାରେ। ଏ ସମ୍ପର୍କରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡ଼ାଙ୍କୁ ପଚାରିବାରେ ଏଥିରେ ଆମର କିଛି କରିବାର ନାହିଁ, ସେମାନେ ପୋଲିସଙ୍କୁ ଅଭିଯୋଗ କରନ୍ତୁ ବୋଲି ସେ କହିଛନ୍ତି।



ବେଲ୍‌ବଣ୍ଡକୁ ବିରୋଧ କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଲୋକେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ଚିନାବାଦାମ ଫସଲ ନଷ୍ଟ ଆଶଙ୍କା

**କୃଷ୍ଣପ୍ରସାଦ,୨୦।୩(କୈଳାସ ଚନ୍ଦ୍ର ପଟ୍ଟନାୟକ)** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ବର୍ଷା ଲାଗିରହିଛି। ଫଳରେ ଜମିରେ ପାଣି ଜମିବାରୁ ଚିନାବାଦାମ ଗଜା ଏବଂ ମାଟି ଖାଇ ନଷ୍ଟ ହୋଇଯିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ଋଣ କରି ଫସଲ କରିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ରାଜସ୍ୱ ଏବଂ କୃଷି ବିଭାଗ ତୁରନ୍ତ ଏହାର ତଦନ୍ତ କରି ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇଦେବା ପାଇଁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଯୁବନେତା ଅବସର ସେନା ଦୀପକ କୁମାର ଜେନାଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

### ମହାବୀର ଆଥ୍ଲେଟିକ ଆସୋସିଏଶନ କୋଷାଧ୍ୟକ୍ଷଙ୍କ ପରଲୋକ

**ଟାଙ୍ଗୀ,୨୦।୩(ରଘୁନାଥ ସାହୁ)** କୁହୁଡି ମହାବୀର ଆଥ୍ଲେଟିକ ଆସୋସିଏଶନର କୋଷାଧ୍ୟକ୍ଷ ନିରଞ୍ଜନ ନାୟକଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୬୨ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସମ୍ପାଦକ ମନୋଜ କୁମାର ମାନସିଂହଙ୍କ ସମେତ ସମସ୍ତ ସଦସ୍ୟ ସଂଘ କାର୍ଯ୍ୟାଳୟଠାରେ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧକ୍ଷ ରାଜେନ୍ଦ୍ର କୁମାର ସାହୁ, ଟାଙ୍ଗୀ ବ୍ଲକ ଅଧକ୍ଷା ରିସ୍ମା ମାନ୍ଧାତାଙ୍କ ସମେତ ଆଥ୍ଲେଟିକ ଆସୋସିଏଶନ ସମସ୍ତ ସଦସ୍ୟ ଶେଷ ଦର୍ଶନ କରିଥିଲେ।

### ରେଳ ଫାଟକ ପଡ଼ିବା ସମୟରେ ଗେଟ୍ ଭାଙ୍ଗିଲା

**ସାକ୍ଷୀଗୋପାଳ,୨୦।୩(ପ୍ରଶାନ୍ତ ବାରିକ)** ସାକ୍ଷୀଗୋପାଳ ରେଳ ଫାଟକ ପଡୁଥିବା ସମୟରେ ବୁଧବାର ରେଳ ଗେଟ ଭାଙ୍ଗିଯିବାରୁ ଲୋକେ ୧ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଅଟକି ରହି ହଇରାଣ ହୋଇଥିଲେ। ଏଭଳି ଘଟଣା ମଧାହ୍ନ ୧୨ଟା ସମୟରେ ଘଟିଥିବାବେଳେ ଲେଭଲ କ୍ରସିଂର ଉଭୟ ପାର୍ଶ୍ୱରେ କିଛି ବସ୍ ଯାତ୍ରୀ, ଗାଡି ମୋଟର ସହ ଶହଶହ ସାଧାରଣ ଛିଡ଼ା ହୋଇଥିଲେ। ଭଙ୍ଗା ଗେଟ୍‌କୁ କାର୍ଯ୍ୟକ୍ଷମ କରିବା ପରେ ଲୋକେ ଯାତାୟାତ କରିଥିଲେ।

# ଅଦିନିଆ ବର୍ଷା ଉଜାଡ଼ିଲା ଫସଲ

**ଖୋର୍ଦ୍ଧା,୨୦।୩ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଅଞ୍ଚଳରେ ବର୍ଷା ହେବାରୁ ବ୍ୟାପକ ପରିବା ଚାଷ ନଷ୍ଟ ହୋଇଛି। ବାଇଗଣ, ଟମାଟୋ, ଜହ୍ନି, କାକୁଡି, କଖାରୁ, କଲରା, ଝୁଡଙ୍ଗ, ଭେଣ୍ଡି, କୋବି ଆଦି ଚାଷ ପ୍ରଭାବିତ ହୋଇଛି। ଦୁଇ ଦିନ ଧରି ବର୍ଷା ଲାଗି ରହିଥିବାରୁ ପରିବା ଚାଷରେ ପାଣି ପଶିଯାଇଛି। ଆଉ ଦିନ କେଇଟା ପରେ ଚାଷୀମାନେ ଫସଲ ଅମଳ କରିଥାନ୍ତେ, ଏହା ପୂର୍ବରୁ ସବୁ ନଷ୍ଟ ହୋଇଗଲା। ଏପରିକି ବିଲରେ ପାଣି ଜମି ରହିଛି। ଫଳରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବର୍ଷା ନ କମିଲେ, ଆଗକୁ ଆହୁରି ପନିପରିବା ନଷ୍ଟ ହେବା ସମ୍ଭାବନା ରହିଛି। ତେଣୁ କୃଷି ଓ ଉଦ୍ୟାନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ପାଇଁ ଦାବି ହୋଇଛି।

ଏହି ବ୍ଲକ ଅନ୍ତର୍ଗତ କେରଙ୍ଗ, ଦିବ୍ୟସିଂହପ୍ରସାଦ, ବରସାହି, କୁଣ୍ଡିଲୋ, ପାଇକତିଗିରିଆ, କୁମାରବସ୍ତ ଆଦି



ନଷ୍ଟ ହୋଇଥିବା ଫସଲ ଜଣେ ଚାଷୀ ଦେଖାଉଛନ୍ତି।

ଅଞ୍ଚଳର ଶହେରୁ ଉର୍ଦ୍ଧ୍ୱ ଚାଷୀ ପ୍ରାୟ ୧୫୦ଏକରୁ ଉର୍ଦ୍ଧ୍ୱ ମୁଗ, ପନିପରିବା ଓ ଫୁଲ ଚାଷ କରିଥିଲେ। ମୁଗ ବିଲରେ ପାଣି ଜମିଥିବା ବେଳେ ଫୁଲ, ପନିପରିବା ପାଣି ପଶି ନଷ୍ଟ ହୋଇଛି। କେତେକ ସ୍ଥାନରେ ଗଛ ବିଲରେ ଶୋଇପଡିଥିବା ବେଳେ ଆଉ କେତେକ ଜମିରେ ମୁଗ ଫୁଲ ଝଡି ମାଟିରେ ମିଶିଯାଇଛି। ଧାନ ପରେ ମୁଗ ଏକ ପ୍ରମୁଖ ଅର୍ଥକରୀ ଫସଲ। ଚାଷୀ ପ୍ରହ୍ଲାଦ ବେହେରା, ବିଶ୍ୱନାଥ ସାହୁ, ଗଦାଧର ସ୍ୱାଇଁ, କମ୍ଭୁନାଥ ବେହେରା, ରତ୍ନାକର ସାହୁ ପ୍ରମୁଖ ଚାଷୀଙ୍କ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଏନେଇ ବରସାହି ସରପଞ୍ଚ ଶରତ ଚନ୍ଦ୍ର ସାହୁ କହିଛନ୍ତି, ନିକଟରେ ଜିଲା ଓ ବ୍ଲକ କୃଷି ଅଧିକାରୀ ଏହି ଅଞ୍ଚଳ ଗସ୍ତରେ ଆସି କ୍ଷେତ ପରିଦର୍ଶନ କରିଥିଲେ। ବିଭିନ୍ନ ଫସଲ ସ୍ଥିତି ଅନୁଧ୍ୟାନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଭଲ ଫସଲକୁ ଦେଖି ଖୁସିବ୍ୟକ୍ତ କରିଥିବା ବେଳେ ଏବେ ଅଦିନିଆ ବର୍ଷା ଚାଷୀଙ୍କ ଦୁଃଖ ବଢାଇଛି। ସେହିପରି କେରଙ୍ଗ ସରପଞ୍ଚ ଏମ୍. ହୁସେନ କହିଛନ୍ତି, ସ୍ଥାନୀୟ ଅଞ୍ଚଳର ବହୁ ଚାଷୀ ମୁଗ ଚାଷ କରିଥିଲେ। ମୁଗ ସହ ପନିପରିବା ଚାଷ ମଧ ନଷ୍ଟ ହୋଇଛି। ଅନ୍ୟପଟେ ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଦେବସ୍ମିତା ମିଶ୍ର କହିଛନ୍ତି, କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳ ବୁଲି ଦେଖିବା ପରେ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ।

## ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ



ଚିଲିକା କୂଳରେ ରହିଥିବା ଡଙ୍ଗା।

**ବାଲୁଗାଁ,୨୦।୩ (ସଂଗ୍ରାମ ପାଇକରାୟ)**

କାଳବୈଶାଖୀ ପ୍ରଭାବରେ ଚିଲିକା ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ମୁଗ ଏବଂ ପନିପରିବା ଚାଷ ହୋଇଥିବା ବିଲରେ ପାଣି ଜମିବାରୁ ଫସଲ ନଷ୍ଟ ହୋଇଯାଇଛି। ଫଳରେ ଚାଷୀମାନେ ଚିନ୍ତା ପଡ଼ିଛନ୍ତି। ସେହିପରି ଚିଲିକା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା ମତ୍ସ୍ୟଜୀବୀ ଏବଂ ଡଙ୍ଗା ଚାଳକ ମଧ ଏହି କାଳବୈଶାଖୀ ଯୋଗୁ ପ୍ରଭାବିତ ହୋଇଛନ୍ତି। ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବାଲୁଗାଁ ଏନ୍ଏସି ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ପାଗ ଅନୁକୂଳ ନ ହେବା ଯାଏ ଚିଲିକାକୁ ଡଙ୍ଗା ଚଳାଚଳ ପ୍ରବେଶକୁ ବାରଣ କରାଯାଇଛି। ଫଳରେ ଦୁଇଦିନ ହେବ ଚିଲିକାରେ ଡଙ୍ଗା ଚଳାଚଳ ବନ୍ଦ ରହିଛି।

## ବିଭିନ୍ନ ସ୍ଥାନରେ ପଖାଳ ଦିବସ

**ଜଟଣୀ,୨୦।୩ (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀସ୍ଥିତ ଉତ୍ତରାୟଣୀ କ୍ଲବ ପରିସରରେ ବିପ୍ଳବ କେଶରୀ ଶତପଥୀଙ୍କ ନେତୃତ୍ୱରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଅତିଥିଭାବେ ପାଣ୍ଡବ ଜେନା ଫାଉଣ୍ଡେଶନର ଅଧକ୍ଷ ଡ.ସନ୍ତୋଷ ଜେନା, ରାଜ୍ୟ ଭାଜପା ପ୍ରବକ୍ତା ସୁଦୀପ୍ତ ରାୟ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୁତି ଭୂଷଣ ବଳବନ୍ତରାୟ, ଜଟଣୀ ନଗରପାଳ ଅନନ୍ତ ବେହେରାଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ। ସୁସ୍ୱାଦୁ ବ୍ୟଞ୍ଜନ ସହିତ ପଖାଳ ଅତିଥି ଓ ଅନ୍ୟମାନଙ୍କୁ କଦଳୀପତ୍ର ଓ ମାଟି ପାତ୍ରରେ ପରସା ଯାଇଥିଲା। ସଙ୍ଗଠନର ଏହି କାର୍ଯ୍ୟକୁ ଅତିଥିମାନେ ପ୍ରଶଂସା କରିଥିଲେ।



**ବେଗୁନିଆ, (ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ସଦରମହକୁମା ସ୍ଥିତ ମା’ ପଦ୍ମାଳୟା ଗୃହିଣୀ ସମାଜ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ଆଦର୍ଶ କ୍ଲବ ପରିସରରେ ‘ପଖାଳ ଦିବସ’ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାନେତ୍ରୀ ବାସନ୍ତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ଯୋଗୀନାଥ ମହାପାତ୍ର ପୂଜାର୍ଚ୍ଚନା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳ ଭୋଗ ସମର୍ପଣ କରିଥିଲେ। ପରେ ‘ଆସ ଜୀବନ ଧନ ମୋର ପଖାଳ କଂସା’ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗୃହିଣୀ ସମାଜର ଉପଦେଷ୍ଟା ସିମୋର ପଞ୍ଚାୟତ ସମିତିସଭ୍ୟା ନଳିନୀ ପଣ୍ଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଶିକ୍ଷାବିତ୍ ଶରତ କୁମାର ପଣ୍ଡା, କବିକେତନ ଗୌରଚରଣ ସାମନ୍ତସିଂହାର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଉପସ୍ଥିତ ସମସ୍ତ ସଭ୍ୟାସଭ୍ୟ ସାମୂହିକ ପଖାଳ ଭୋଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାମାଜିକକର୍ମୀ ବ୍ରଜବନ୍ଧୁ ପଣ୍ଡା, ପ୍ରଶାନ୍ତ ବାରିକ, ଅଶ୍ୱିନୀ ପଟ୍ଟନାୟକ, ଭାଗବତ ମହାପାତ୍ର,ବଂଶୀଧର ପାଣିଗ୍ରାହୀ, ଶ୍ରୀବତ୍ସ ପାଣିଗ୍ରାହୀ, ରଶ୍ମିରଞ୍ଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ପ୍ରଦୀପ କିଶୋର ତ୍ରିପାଠୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

**ଟାଙ୍ଗୀ, (ରଘୁନାଥ ସାହୁ):** ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପକ୍ଷରୁ ପଖାଳ ଦିବସ ପାଳିତ ହୋଇଯାଇଛି। ମଞ୍ଚ ସଂଯୋଜକ ବିଜୟ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ଜଗନ୍ନାଥ ସଂସ୍କୃତି ଗବେଷକ ଡ.ଚନ୍ଦ୍ର ଶେଖର ଦାଶ, ଖବରଦାତା ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର ନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ସାହୁ, ବାସୁଦେବ ସିଂ, ଉମେଶ ପ୍ରସାଦ ଧଳ, ପ୍ରଧାନଶିକ୍ଷକ ଶିବ ପ୍ରସାଦ ସାହୁ, ଅବସରପ୍ରାପ୍ତ ଅତିରିକ୍ତ ବିଡିଓ ପ୍ରଫୁଲ୍ଲ କୁମାର ଜେନା, ବ୍ୟାଙ୍କ ଅଧିକାରୀ କାହ୍ନୁଚରଣ ମିଶ୍ର, ଷ୍ଟେଟ ବ୍ରିଗେଡ ସ୍କୁଲ ଅଧ୍ୟକ୍ଷା ବିଜୟିନୀ ସୁଦକ୍ଷିଣା ଦାଶ, ଶିକ୍ଷୟିତ୍ରୀ କୁନ୍ତଳା ସାହୁ, ପ୍ରଦୀପ ସାହୁ, ଦିଲୀପ ନାଥ ପ୍ରମୁଖ ଯୋଗଦେଇ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ସଦସ୍ୟ ସଦସ୍ୟାମାନେ ପଂକ୍ତି ଭୋଜନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା, ସୋନାଲି ମହାପାତ୍ର, ସରୋଜିନୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଷ୍ଟେଟ ବ୍ରିଗେଡ ସ୍କୁଲର ନିର୍ଦ୍ଦେଶକ ଅଶୋକ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ।

**ବାଲୁଗାଁ, (ସଂଗ୍ରାମ ପାଇକରାୟ):** ରାଜ୍ୟ ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ୍ରମେ ବଡ଼କୁଳ ପାନ୍ଥନିବାସ ପରିଚାଳକ ସବ୍ୟସାଚୀ କରଙ୍କ ତତ୍ତ୍ୱାବଧାନରେ ବୁଧବାର ପଖାଳ ଦିବସ ପାଳିତ ହୋଇଯାଇଛି । ଛୁଙ୍କ ଦହି ପଖାଳ ସହିତ ସ୍ୱାଦିଷ୍ଟ ବ୍ୟଞ୍ଜନ ବଡ଼ିଚୂରା, ଶାଗ ଭଜା, ବାଇଗଣ ଭର୍ତ୍ତା, କଖାରୁ ଫୁଲ ପିଠଉ, ପଣସକଠା କଷା, ଆଳୁ ଭେଣ୍ଡି ଭଜା, ଆଳୁ ଭର୍ତ୍ତା, ଛୁଇଁ ବେସର, ପାମ୍ପଡ଼ ଏବଂ ଆମିଷରେ ଚିଙ୍ଗୁଡ଼ି ଛେଚା ଓ ମାଛ ଭଜାର ପର୍ଯ୍ୟଟକଙ୍କ ବ୍ୟତୀତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ପହଞ୍ଚି ସ୍ୱାଦ ନେଇଥିଲେ । ନିରାମିଷ ଥାଳି ୩୫୦ଟଙ୍କା ଥିବା ବେଳେ ଆମିଷ ଥାଳି ୪୫୦ଟଙ୍କା ରହିଥିଲା। ଗ୍ରୀଷ୍ମଋତୁ ଅବଧି ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କୁ ଏହି ପଖାଳ ବ୍ୟଞ୍ଜନ ବ୍ୟବସ୍ଥା ଜାରି ରହିବ ବୋଲି ପାନ୍ଥନିବାସ ପରିଚାଳକ କର କହିଛନ୍ତି ।



ବିଶ୍ୱ ଘରଚଟିଆ ଦିବସ ପାଳନ ଅବସରରେ ଶିଶୁ ମନ୍ଦିର ପରିସରରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ବିଶ୍ୱ ଘରଚଟିଆ ଦିବସ

**ଜଟଣୀ,୨୦।୩ (ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀର ସାମାଜିକ ଅନୁଷ୍ଠାନ ସମ୍ଭାବନା ପରିବାର ପକ୍ଷରୁ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କୁଦିଆରି ରଙ୍ଗଣୀ ସାହି ନିକଟ ପୁରୀ ଜିଲା ହରିରାଜପୁର ଅନ୍ତର୍ଗତ ବିକାଶ ପରିଷଦ ଶିଶୁ ମନ୍ଦିର ପରିସରରେ କୁଇଜ ପ୍ରତିଯୋଗିତା ମାଧମରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସମାଜସେବୀ ପ୍ରସନ୍ନ କୁମାର ମହାରଥୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ସମ୍ପାଦକ ଅକ୍ଷୟ କୁମାର ସାହୁ, ଶିକ୍ଷକ ଧରଣୀଧର ଖଟେଇ, ପ୍ରଧାନ ଶିକ୍ଷକ ଗଗନ ଚନ୍ଦ୍ର ମଙ୍ଗରାଜ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ସଙ୍ଗଠନ ସମ୍ପାଦକ ସଞ୍ଜୟ କୁମାର ବରିସଲ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ସଙ୍ଗଠନର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏସ୍‌ସିବି ମେଡିକାଲ: ଠିକ୍ ସମୟରେ ମିଳୁନି ବ୍ୟାଟେରି ଗାଡ଼ି

**କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)** ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ଠିକ୍ ସମୟରେ ବ୍ୟାଟେରି ଗାଡିର ସୁବିଧା ମିଳୁନାହିଁ। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲରେ ରୋଗୀ ସେବା ପାଇଁ ନାଲ୍‌କୋ କମ୍ପାନୀ ପକ୍ଷରୁ ୧୫ ବର୍ଷ ତଳେ ୮ଟି ବ୍ୟାଟେରି ଗାଡ଼ି ଯୋଗାଇ ଦିଆଯାଇଥିଲା। ସେଥିମଧ୍ୟରୁ ୫ଟି ଷ୍ଟ୍ରେଚର ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ୨ ଆଟେଣ୍ଡାଣ୍ଟ, ୨ଟି ସିଟିଂ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ଓ ଜଣେ ଆଟେଣ୍ଡାଣ୍ଟ, ମେଡିସିନ ସପ୍ଲାଏ ବ୍ୟାଟେରି ଗାଡ଼ିରେ ଜଣେ ଡ୍ରାଇଭର ସହ ଦୁଇଜଣ ଆଟେଣ୍ଡାଣ୍ଟ କାର୍ଯ୍ୟରତ ରହିଛନ୍ତି। ଏକ ଘରୋଇ ସଂସ୍ଥା ଏହାର ସମସ୍ତ କାମ କରୁଛି। ମେଡିକାଲ ପାଇଁ ଯଥେଷ୍ଟ ନ ଥିବାବେଳେ ଉକ୍ତ କମ୍ପାନୀ ପକ୍ଷରୁ ଆଉ ୪ ଗାଡ଼ି ଜାନୁଆରୀ ପ୍ରଥମ ସପ୍ତାହରେ ଯୋଗାଇ ଦିଆଯାଇଛି। ତଥାପି ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଉଇଲକିଶନ ନଗରରେ ଅଷ୍ଟପ୍ରହର ନାମଯଜ୍ଞ



**ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ଅଧୀନ ଟାଙ୍ଗିଆପଡ଼ା ପଞ୍ଚାୟତ ଅନ୍ତର୍ଗତ ଉଇଲକିଶନ ନଗର ଗ୍ରାମସ୍ଥିତ ଭାଗବତ ଦେବ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ ଓ ସମ୍ପାଦକ ସନାତନ ବିଶ୍ୱାଳ ଓ ଗ୍ରାମବାସୀଙ୍କ ସହଯୋଗରେ ଶୁଭାଧିବାସ ସହିତ ବିଶ୍ୱ ଓ ଗ୍ରାମର ଶାନ୍ତି ମୈତ୍ରୀ ଓ ଭ୍ରାତୃତ୍ୱ ଭାବ ନିମନ୍ତେ ନାମ ଯଜ୍ଞ ହୋଇଥିଲା। ୧୦ମଣ୍ଡଳୀ ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଗ୍ରାମରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗୋକୁଳାନନ୍ଦ ଦାସ, ପ୍ରେମାନନ୍ଦ ଦାସ, ଅନ୍ତର୍ଯ୍ୟାମୀ ଦାସ, ଶିବ ଦାସ, ବିଶ୍ୱନାଥ ନନ୍ଦ, ଆଲୋକ ନନ୍ଦ ପ୍ରମୁଖ ବିଭିନ୍ନ ସମୟରେ ଆଳତି, ପୂଜାର୍ଚ୍ଚନା ସହିତ ଅଖଣ୍ଡ ନାମ ଜପ କରିଥିଲେ। ଗ୍ରାମର ଗୁଣନିଧି ବିଶ୍ୱାଳ, ସୀତାରମ ପ୍ରଧାନ, କାଶୀନାଥ ପ୍ରଧାନ, ସଞ୍ଜୟ ବିଶ୍ୱାଳ, ହିମାଂଶୁ ବରାଳ, ପ୍ରଦୀପ୍ତ ସାହାଣୀ, ଦୀପକ ସୁନ୍ଦରାୟ, ସୁରେଶ ଚନ୍ଦ୍ର ସାମନ୍ତରାୟ, ଆକାଶ ବିଶ୍ୱାଳ, ସୀତାରାମ ସୁନ୍ଦରାୟ, ଗୟାଧର ବାରିକ, ସତ୍ୟବାନ ବିଶ୍ୱାଳ, ରମେଶ ଚନ୍ଦ୍ର ପ୍ରଧାନ, ଅଶୋକ ପ୍ରଧାନ, ବୈରାଗୀ ସାହୁ, ଶରତ ମହାପାତ୍ର, ଗୌରାଙ୍ଗ ବିଶ୍ୱାଳ, ଅମ୍ବୁଜ ସାହୁ, ସୁରେଶ ବାରିକ, ପ୍ରଦୀପ ବେହେରା ସହଯୋଗ କରିଥିଲେ।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଆଗରେ ହୋହଲ୍ଲା

### ବ୍ୟବସାୟୀଙ୍କୁ ଗାଳିଗୁଲଜ ସହ ଆକ୍ରମଣ ଅଭିଯୋଗ

**ବେଗୁନିଆ,୨୦।୩(ହର ପ୍ରସନ୍ନ ପଣ୍ଡା)**

ଖୋର୍ଦ୍ଧା ଜିଲା ବେଗୁନିଆ ପରିବା ହାଟରେ ବ୍ୟବସାୟ କରୁଥିବା ଜଣେ ଦୋକାନୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ବେଗୁନିଆ ଥାନାରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଭିଯୋଗ ହୋଇଥିଲା। ହେଲେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଚଟୁଆ ଗ୍ରାମର କେତେଜଣ ଗ୍ରାମବାସୀ ଥାନା ସମ୍ମୁଖରେ ହୋହଲ୍ଲା କରିଥିଲେ। ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ ଦାସ ଏବଂ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ହଟିଥିଲେ।



ବେଗୁନିଆ ଥାନା ସମ୍ମୁଖରେ ଲୋକେ ହୋହଲ୍ଲା କରୁଛନ୍ତି।

ଅଭିଯୋଗ ମୁତାବକ, ବେଗୁନିଆ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ମୁରଲୀଧର ସାହୁଙ୍କ ବେଗୁନିଆ ହାଟରେ ଏକ ମନୋହରି ସାମଗ୍ରୀ ଦୋକାନ ରହିଛି। ମଙ୍ଗଳବାର ଅପରାହ୍ଣ ୩ଟା ୩୦ରେ ମୁରଲୀଧରଙ୍କ ପୁଅ ପ୍ରକାଶ ଉକ୍ତ ଦୋକାନରେ ବ୍ୟବସାୟ କରୁଥିଲେ। ଏହି ସମୟରେ ୩ଜଣ ଯୁବକ ସେଠାରେ ପହଞ୍ଚି ହଠାତ୍ ପ୍ରକାଶଙ୍କୁ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଯୁବକମାନେ ପ୍ରକାଶ ଓ ତାଙ୍କ ଭାଇ ପ୍ରସନ୍ନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇ ପଳାଇଥିଲେ। ଖବରପାଇ ପ୍ରସନ୍ନ ଦୋକାନରେ ପହଞ୍ଚି ଗୁରୁତର ଅବସ୍ଥାରେ ପ୍ରକାଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରକାଶଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ପ୍ରସନ୍ନ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି, ଅଭିଯୋଗ ପରେ ଘଟଣାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଧରାଯିବ।

## ୨ ମନି ରସିଦକୁ ନେଇ ଦ୍ୱନ୍ଦ୍ୱରେ ବ୍ୟବସାୟୀ

**ନିରାକାରପୁର,୨୦।୩ (ମାନସ ଚନ୍ଦ୍ର ପଟ୍ଟନାୟକ)**

ସରକାରୀ ନିୟନ୍ତ୍ରକ ବୈଧମାପ ବିଜ୍ଞାପନ କାର୍ଯ୍ୟକ୍ରମ ବାଲୁଗାଁ ଓଜନ ଓ ମାପ ଯାଞ୍ଚ ଶିବିର ପକ୍ଷରୁ ଗତ ସୋମବାର ନିରାକାରପୁର ପଞ୍ଚାୟତ ଗଣେଶ ପଡିଆରେ ହୋଇଥିଲା। ବିଭାଗ ପକ୍ଷରୁ ଗୋଟିଏ ନିକିତି ଓ ବଟକରା ନବୀକରଣ ବାବଦକୁ ୪ଶହ ଟଙ୍କା ଆଦାୟ କରାଯାଇଛି। ତେବେ ସରକାରୀ ରସିଦରେ ୨ଶହ ଟଙ୍କା ଆଦାୟ କରାଯାଉଥିବା ବେଳେ ଆଉ ଏକ ରସିଦରେ ୪ଶହ ଟଙ୍କା ଆଦାୟ କରାଯାଇଛି। ତେବେ ପୃଥକ୍ ମନି ରସିଦକୁ ନେଇ ବ୍ୟବସାୟୀଙ୍କ ମଧରେ ସନ୍ଦେହ ହୋଇଥିଲା। ଏନେଇ ଠିକାଦାର ଓ ସ୍ଥାନୀୟ ବ୍ୟବସାୟୀଙ୍କ ମଧରେ କଥା

**ଓଜନ ଓ ମାପ ଯାଞ୍ଚ ଶିବିର**



କଟାକଟି ହୋଇଥିଲା। ୨ଟି ପୃଥକ ବିଲ୍ ମାଧ୍ୟମରେ ଜଣେ ବ୍ୟବସାୟୀଙ୍କଠାରୁ ୬ଶହ ଟଙ୍କା ଆଦାୟ କ’ଣ ପାଇଁ କରାଯାଉଛି ବୋଲି ଦାୟିତ୍ୱରେ ଥିବା ସଂସ୍ଥାର ଠିକାଦାରଙ୍କୁ ପଚାରିବାରେ କହିଥିଲେ, ୨ଶହ ଟଙ୍କା ସରକାରଙ୍କ ଟିକସ ବାବଦ ଏବଂ ଅନ୍ୟ ୪ଶହ ଟଙ୍କା ନିକିତି ନବୀକରଣ ଓ ବାର୍ଷିକ ମରାମତି ବାବଦକୁ ନିଆଯାଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲୁଗାଁ,୨୦।୩ (ସଂଗ୍ରାମ ପାଇକରାୟ)**

ବାଲୁଗାଁ ରେଲୱେ ଷ୍ଟେଶନର ଅନତିଦୂର ତଥା ଦକ୍ଷିଣ କ୍ୟାବିନ ପାର୍ଶ୍ୱ ବିଲରେ ଥିବା ଏକ ଗଛରୁ ବୁଧବାର ବାଲୁଗାଁ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି । ତେବେ ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ସେ ଧୂସର ରଙ୍ଗର ଫୁଲ୍ ପ୍ୟାଣ୍ଟ ଓ ଲାଲ୍ ରଙ୍ଗର ଚେକ୍ ଶାର୍ଟ ପିନ୍ଧିଥିବା ଦେଖିବାକୁ ମିଳିଛି। ବୟସ ଆନୁମାନିକ ୩୦ରୁ ୩୫ବର୍ଷ ମଧରେ ହେବ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୪) ରୁଜୁ ହୋଇଛି। ତଦନ୍ତ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ଆଇଆଇସି ଜୟପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି।

## ମା’ମଙ୍ଗଳା ଏକାଦଶ, ପାଇକ ଫାଇଟର୍ସ ବିଜୟୀ

### କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

**ଖୋର୍ଦ୍ଧା,୨୦।୩(ପ୍ରଭାତ ପାଣିଗ୍ରାହୀ)** ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ମା’ବଘେଇ କ୍ରିକେଟ ଖେଳପଡ଼ିଆରେ ସ୍ୱସ୍ତିକ କ୍ଲବ ଆନୁକୂଲ୍ୟରେ ଚାଲିଥିବା କାଇପଦର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍ ମା’ମଙ୍ଗଳା ଏକାଦଶ ଓ ବାବା ୱାରିୟର୍ସ ଟିମ୍ ମଧରେ ହୋଇଥିଲା। ମା’ମଙ୍ଗଳା ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୯ ଉଇକେଟ ବିନିମୟରେ ୮୪ରନ ସଂଗ୍ରହ କରିଥିଲା। ଜବାବରେ ବାବା ୱାରିୟର୍ସ ଟିମ୍ ୧୦ଓଭରରେ



ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

୩ଉଇକେଟ ବିନିମୟରେ ୭୮ରନ ସଂଗ୍ରହ କରିଥିଲା। ଫଳରେ ମା’ମଙ୍ଗଳା ଏକାଦଶ ଟିମ୍ ବିଜୟୀ ହୋଇଥିଲା। ସୁବ୍ରତ ମଲ୍ଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ପାଇକ ଫାଇଟର୍ସ ଓ ମହାକାଳ ମାଇଣ୍ଡ୍ସ ଟିମ୍ ମଧରେ ହୋଇଥିଲା। ମହାକାଳ ମାଇଣ୍ଡ୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୯ ରନ ସଂଗ୍ରହ କରିଥିଲା। ଜବାବରେ ପାଇକ ଫାଇଟର୍ସ ଟିମ୍ ୩ ଓଭରରେ ୩୦ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସ୍ୱାଧୀନ ମଙ୍ଗରାଜ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁଶାନ୍ତ ପରିଡ଼ା ଓ ହେମନ୍ତ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ଦିନେଶ ମହାରଥୀ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ବିଭୁପ୍ରସାଦ ବଳିୟାରସିଂହ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ସୁଶାନ୍ତ ସୁନ୍ଦରାୟ, ଭରତ ସିଂ, ମଦନମୋହନ ସ୍ୱାଇଁ, ରାଜକିଶୋର ମଙ୍ଗରାଜ, ଶୁଭ ପ୍ରସାଦ ରଣସିଂହ, ଦେବଜିତ୍ ରଣସିଂହ, ଆକାଶ ମହାପାତ୍ର, ସୁଶାନ୍ତ ଝୁଜାରସିଂହ, ଈଶ୍ୱର ପାଇକରାୟ, ଦିପୁ ଅରିସଲ, ଜିତେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୩।୨୦୨୪

| | |
|---|---|
| ୨,୮୧,୮୯୫ ଟଙ୍କା | |
| ସୁନା | ୯୦ ମିଲିଗ୍ରାମ୍ |
| ରୁପା | ୪.୯୦୦ ଗ୍ରାମ୍ |

# ଚାଚେରୀ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ପୁରୀ,୨୦।୩(ଅଜିତ୍ ମହାନ୍ତି)

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରାରୁ ଅନ୍ୟତମ ପ୍ରମୁଖ ଦୋଳଯାତ୍ରା ଅନ୍ୟତମ । ଏହି ଅବସରରେ ଏକାଦଶୀରେ ରତ୍ନ ସିଂହାସନାରୁଢ଼ ଶ୍ରୀବିଗ୍ରହମାନଙ୍କ ମନୋରମ ଚାଚେରୀ ବେଶ ମଧାହ୍ନ ଧୂପ ପରେ ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ହୋଇଛି। ତ୍ରୟୋଦଶୀ (ମଳ) ପର୍ଯ୍ୟନ୍ତ ପ୍ରତିଦିନ ମଧାହ୍ନ ଧୂପ ପରେ ଠାକୁରମାନଙ୍କ ଏହି ଚାଚେରୀ ବେଶ ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଏହି ବେଶଟି ଆନନ୍ଦ ଉଲ୍ଲାସମୟ ଦୋଳଉତ୍ସବ କାଳୀନ ବିଶେଷ ବେଶ । ବୁଧବାର ମହାପ୍ରଭୁଙ୍କ ମଧାହ୍ନ ଧୂପ ସରିବା ପରେ ତିନି ବାଡ଼ରେ ମଇଲମ କରାଯାଇ ଠାକୁରମାନଙ୍କୁ ବୋଇରାଣୀ ମାଧାବଳୀ ନୂତନ ପାଟବସ୍ତ୍ର ଲାଗି ହୋଇଥିଲେ। ସାଧାରଣତଃ ଚାଚେରୀ ବେଶରେ ଠାକୁରମାନେ ଲାଲ ବର୍ଣ୍ଣର ବସ୍ତ୍ର ପରିଧାନ କରିଥାନ୍ତି। ଏହାପରେ ପାଳିଆ ମେକାପ ଭଣ୍ଡାର ଘରଠାରୁ ଚନ୍ଦନ ଆଣିବାରେ ତିନି ବାଡ଼ରେ ସର୍ବାଙ୍ଗ ନୀତି ବଢ଼ିଥିଲା। ପରେ ରତ୍ନ ସିଂହାସନରେ ତିନିବାଡ଼ରେ ଚାଚେରୀ ବେଶ ବଢିଥିଲା। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ନଳି ଭୁଜ ପରିଧାନ କରିବା ସହ ତାବିଜ ମାଳ, ପଦ୍ମ ମାଳି, ହରଡ଼ ମାଳି, କୁଣ୍ଡଳ, ଚନ୍ଦ୍ରିକା, ଅଣ୍ଟା ପଟି , ଛମୁର୍ତ୍ତି ଅଳଙ୍କାର ଇତ୍ୟାଦି ସ୍ୱର୍ଣ୍ଣ ଅଳଙ୍କାର ଲାଗି ହେବାସହ ଦେବୀ ସୁଭଦ୍ରା ଚନ୍ଦ୍ର ସୂର୍ଯ୍ୟ ଓ ତଡ଼ଗି ଲାଗି ସହ ପୁଷ୍ପ ଅଳଙ୍କାରରେ ସଜ୍ଜିତ ହୋଇଥିଲେ। ଏହି ବେଶ ପୂର୍ବରୁ ମହାଜନଙ୍କ ଦ୍ୱାରା ଭୂଦେବୀ, ଶ୍ରୀଦେବୀ ଦକ୍ଷିଣୀ ଘରକୁ ବିଜେ ହୋଇ ବେଶ ହୋଇଥିଲେ। ବେଶ ବଢ଼ି ପାଣି ପଡ଼ିଲାପରେ ଚାଚେରୀ ଭୋଗ ଛାମୁକୁ ଆସିଥିଲା। ପରେ ଭୂଦେବୀ, ଶ୍ରୀଦେବୀ ଏବଂ ଦୋଳଗୋବିନ୍ଦ ସିଂହାସନକୁ ବିଜେ ହେଲାପରେ ପଞ୍ଚଉପଚାରରେ ଚାଚେରୀ ଭୋଗ ବଢିଥିଲା। ପାଣି ପଡିଲା ପରେ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଫଗୁ ଲାଗି ସହ ବନ୍ଦାପନା ହୋଇଥିଲେ। ପରେ ମୁଦିରସ୍ତ ସିଂହାସନ ତଳେ ଝିମିରି ଫଗୁ ଅଞ୍ଜଳି କରିଥିଲେ। ଶ୍ରୀଅଙ୍ଗରେ ଫଗୁ ଲାଗି କରିଥିଲେ। ଆଳଟ ଚାମର କରିଥିଲେ। ଏହାପରେ ଆଜ୍ଞାମାଳ ପାଇବାପରେ ଶ୍ରୀଦୋଳଗୋବିନ୍ଦ, ଭୂଦେବୀ ଓ ଶ୍ରୀଦେବୀ ବିମାନରେ ବିଜେ ହୋଇ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରିଥିଲେ। ଜଗନ୍ନାଥ ବଲ୍ଲଭରେ ଜଉ ଡାବଖେଳ, ଫଗୁ ବନ୍ଦାପନା, ଶୀତଳ ଭୋଗ ସରିବାପରେ ବିଜେ ପ୍ରତିମାମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।



# ପୁରୀ କ୍ଲବ୍‌ର ୯୬ତମ ପ୍ରତିଷ୍ଠା ଦିବସ



୯୬ତମ ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଓ କ୍ଲବ୍‌ର ସଦସ୍ୟ।

ପୁରୀ ୨୦।୩( ଅଜିତ୍ ମହାନ୍ତି)

ପୁରୀ ସହରର ରାଜଭବନ ମାର୍ଗରେ ୧୯୨୮ ମସିହାରେ ପ୍ରତିଷ୍ଠିତ ଐତିହ୍ୟସମ୍ପନ୍ନ ପୁରୀ କ୍ଲବର ୯୬ତମ ପ୍ରତିଷ୍ଠା ଦିବସ ସମାରୋହ ମାର୍ଚ୍ଚ ୧୯ତାରିଖ ମଙ୍ଗଳବାର ସଧାରେ କ୍ଲବ୍ ପରିସରରେ ମହାସମାରୋହରେ ସମ୍ପନ୍ନ ହୋଇଛି। କ୍ଲବର ଉପସଭାପତି ରାଜକିଶୋର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ପାଦକ ହରିହର ଗୁରୁ ବିବରଣୀ ଉପସ୍ଥାପନ କରିବା ସହ କ୍ଲବରେ ଚାଲୁରହିଥିବା ଆଧୁନିକୀକରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ନିଜର ବକ୍ତବ୍ୟରେ ମୁଖ୍ୟ ଅତିଥି ଆଚାର୍ଯ୍ୟ କହିଥିଲେ ଯେ, ଏହି ପ୍ରମୁଖ ଐତିହ୍ୟସମ୍ପନ୍ନ କ୍ଲବର ଆତିଥେୟତା ଓ ସୁବିଧା ସୁଯୋଗ ପାଇଁ ସମଗ୍ର ଦେଶରେ ଆଦୃତ ରହିଛି। ଏଥିସହିତ ଅଧିକ ନୂତନ ମହିଳା ସଦସ୍ୟା ଗ୍ରହଣ କରିବା ନିମନ୍ତେ ପରାମର୍ଶ ପ୍ରଦାନ କରିଥିଲେ। ନିଜର ଅଧ୍ୟକ୍ଷ ଅଭିଭାଷଣରେ ପାତ୍ର ପୁରୀକ୍ଲବ ଚଳିତବର୍ଷ ଭାରତର ଅନେକ କ୍ଲବଙ୍କ ସମକକ୍ଷ ହେବାସହ ଶତାଧିକ ପ୍ରମୁଖ କ୍ଲବଙ୍କ ସହ ସହବନ୍ଧିତ ହେବ ବୋଲି ଆଶା ପ୍ରକଟ କରିଥିଲେ। ଉତ୍ସବର ସମ୍ବର୍ଦ୍ଧନା ପର୍ବରେ ନୂତନ ରାଜ୍ୟ ସଭା ସାଂସଦ ଭାବେ ନିର୍ବାଚିତ ହୋଇଥିବା ଶୁଭାଶିଷ ଖୁଣ୍ଟିଆ ଏବଂ ପ୍ରଖ୍ୟାତ ହୃଦ୍‌ରୋଗ ବିଶେଷଜ୍ଞ ଡାକ୍ତର ପି.କେ ଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମନୋନୀତ ସଦସ୍ୟ ଓ ଷ୍ଟାଫ୍‌ଙ୍କୁ ସମ୍ମାନିତ କରାଯାଇଥିଲା।

# କୋହଲା ପାଗକୁ ଝିପିଝିପି ବର୍ଷା

ପୁରୀ,୨୦।୩(ଅଜିତ୍ ମହାନ୍ତି)

କାଳବୈଶାଖୀ ପ୍ରଭାବରେ ପୁରୀରେ ବୁଧବାର ଦିନ ତମାମ ବର୍ଷା ଲାଗି ରହିଥିବା ଦେଖିବାକୁ ମିଳିଥିଲା। ଦିନର ଅଧିକାଂଶ ସମୟରେ ମଧ୍ୟମ ଧରଣର ବର୍ଷା ଦେଖିବାକୁ ମିଳିଛି । ବର୍ଷା ଯୋଗୁ ଗରମରୁ କିଛିଟା ଆଶ୍ୱସ୍ତି ମିଳିଥିବାବେଳେ ଲଗାଣ ଝିପିଝିପି ବର୍ଷା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ମଧ ହୋଇପଡ଼ିଛି। ବର୍ଷା ଯୋଗୁଁ ସମୁଦ୍ର ଅଶାନ୍ତ ରହିଥିଲା। ଅନେକ ଶ୍ରଦ୍ଧାଳୁ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ବର୍ଷାରେ ଭିଜି ମଧ ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରିଥିଲେ। ବର୍ଷା କାରଣରୁ ପୁରୀରେ ପର୍ଯ୍ୟଟକଙ୍କ ସଂଖ୍ୟା କମ୍‌ଥିବା ଦେଖିବାକୁ ମିଳିଛି। ବର୍ଷା ସାଙ୍ଗକୁ କୋହଲା ପାଗ କାରଣରୁ ବିଭିନ୍ନ ପାଷ୍ଟ ଫୁଡ୍ ଦୋକାନଠାରୁ ଆରମ୍ଭ କରି ସୁପ୍, ଜଳଖିଆ, ଚା’ ଆଦି ଦୋକାନଗୁଡ଼ିକରେ ଲୋକମାନଙ୍କ ଗହଳି ଦେଖିବାକୁ ମିଳିଥିଲା। ବର୍ଷା ଓ କୋହଲା ପାଗ ଯୋଗୁ ଅନେକ ସ୍ଥାନରେ ପଖାଳ ଦିବସ ପାଳନ ଫିକା ପଡ଼ିଯାଇଥିଲା।

# ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀ ମହାସଂଘ ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର

ପୁରୀ,୨୦।୩(ଅଜିତ୍ ମହାନ୍ତି)

ଓଡ଼ିଶା ସ୍ୱାସ୍ଥ୍ୟ ଠିକା କର୍ମଚାରୀମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରିବା ସହ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ପ୍ରଦାନ କରୁଥିବା ଅଭିଯୋଗ କରି ମହାସଂଘ ପକ୍ଷରୁ ସିଡିଏମ୍‌ଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସରକାରଙ୍କୁ ସମସ୍ତ କାର୍ଯ୍ୟରେ ଅସହଯୋଗ କରିବା ସହ ଭୋଟ ବର୍ଜନ କରିବେ ବୋଲି ଦର୍ଶାଇଛନ୍ତି।

ମହାସଂଘ ପକ୍ଷରୁ କୁହାଯାଇଛି ଯେ, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ସହ ସେମାନଙ୍କ ଚାକିରିକୁ ସ୍ଥାୟୀ କରିବା ନେଇ ବାରମ୍ବାର ସ୍ୱାସ୍ଥ୍ୟ ସଚିବଙ୍କ ପାଖରେ ଦାବି ଉପସ୍ଥାପନ କରାଯାଇଛି। ହେଲେ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଆମମାନଙ୍କ ଉପରେ ଏସ୍‌ମା ଆଇନ ଲାଗୁ କରାଯାଇ ଆନ୍ଦୋଳନରୁ ବିରତ କରାଗଲା। ଦୀର୍ଘ ୧୮ବର୍ଷ କାଳ ନିରନ୍ତର ଓ ନିରବଚ୍ଛିନ୍ନ ସେବା ଯୋଗାଇ ସ୍ୱାସ୍ଥ୍ୟ ସେବାରେ ଭାରତ ମାନଚିତ୍ରରେ ଓଡ଼ିଶାକୁ ଟିକାକରଣ ରେ ୧ ନମ୍ବର, ମାତୃ ଓ ଶିଶୁ ମୃତ୍ୟୁ ରୋକିବାରେ ୧ନଂ ଏବଂ ମ୍ୟାଲେରିଆ ନିରାକରଣରେ ୧ନମ୍ବର କରାଇଥିବା ସତ୍ତ୍ୱେ ସରକାର ଠିକା କର୍ମଚାରୀମାନଙ୍କୁ ଅଣଦେଖା କରୁଛନ୍ତି। ତେଣୁ ସରକାରଙ୍କୁ ଅସହଯୋଗ କରିବା ସହିତ ପରିବାର ତଥା ନିଜ ଲୋକଙ୍କ ସହିତ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ବିଜୟଲକ୍ଷ୍ମୀ ସାହୁ, ସଭାପତି ଜ୍ୟୋତିର୍‌ରଞ୍ଜନ ଶତପଥୀ, ଜିଲା ପ୍ରକଳ୍ପ ଅଧିକାରୀ ଟି. ନାରାୟଣ ରାଓ, ଅଶୋକ ସାହୁ, ଦୁଃଖିଶ୍ୟାମ ପଟ୍ଟନାୟକ ଏବଂ ସଂଘର ସଦସ୍ୟମାନେ ଯୋଗଦେଇ କ୍ଷୋଭ ପ୍ରକାଶ କରିଥିଲେ।

# ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୧୬ ମତ୍ସ୍ୟଜୀବୀ ଅଟକ



ଅସ୍ତରଙ୍ଗ,୨୦।୩(ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ନିକଟରେ ମା’ ସୁନାତାରିଣୀ ନାମକ ଟ୍ରଲର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାବେଳେ ଏକ ଟ୍ରଲରକୁ ଅସ୍ତରଙ୍ଗ ବନବିଭାଗ ବୁଧବାର ଜବତ କରିଛି। ଜବତ ଟ୍ରଲର (ଆଇ ଏନ ଡି -ଓ ଆର -୦୧ଏମ୍ ଏମ୍ ୫୮୨)ରୁ ୧୬ ମତ୍ସ୍ୟଜୀବୀଙ୍କୁ ବନବିଭାଗ ଅଟକ ରଖିଛି। ଏହି ସମୟରେ ବନବିଭାଗର ବନପାଳ ବିରଜା ମହାପାତ୍ର, ବନ କର୍ମଚାରୀ ତପନ ନାୟକ ଉପସ୍ଥିତ ଥିଲେ। ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ କଟକଣା ଲାଗୁ ହୋଇଥିବାବେଳେ ବାରବାର ଏପରି ଘଟଣା ଦେଖିବାକୁ ମିଳୁଛି। ଚଳିତବର୍ଷ କଟକଣାରେ ମୋଟ ୯ଟି ଟ୍ରଲର ଜବତ ହେଲାଣି।

# ଏକାଦଶୀ ବ୍ରତ ମାହାତ୍ମ୍ୟ ଆଲୋଚନାଚକ୍ର



ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠରେ ଆୟୋଜିତ ଏକାଦଶୀ ବ୍ରତ ମାହାତ୍ମ୍ୟ ଆଲୋଚନାଚକ୍ର।

ପୁରୀ, ୨୦।୩( ଅଜିତ୍ ମହାନ୍ତି)

କପିଳେଶ୍ୱରପୁରସ୍ଥିତ ମଠ କାଙ୍କୁଡ଼ା ଗ୍ରାମରେ ଅତିବଡୀ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକା ପୀଠରେ ପ୍ରିୟପତ୍ର ଏବଂ ଅତିବଡ଼ି ଦାସ ଜଗନ୍ନାଥ ଦାସଙ୍କ ପବିତ୍ର ପାଦୁକାପୀଠର ମିଳିତ ଆନୁକୂଲ୍ୟରେ ଏକାଦଶୀ ବ୍ରତ ମାହାତ୍ମ୍ୟ ବାର୍ଷିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରିୟପତ୍ରର ସମ୍ପାଦକ ବିପିନ ଦଳେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ କୈଳାଶ ଚନ୍ଦ୍ର ଟିକାୟତରାୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ଶ୍ରେଷ୍ଠ ଏକାଦଶୀ ସଂକଳନର ରଚୟିତା ବିଜୟଲକ୍ଷ୍ମୀ ଦାଶ (ମିଶ୍ର) ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କବି ସୁରେଶ କୁମାର ପଟ୍ଟନାୟକ, ଜାନକୀ ବଲ୍ଲଭ ଦାସ ଏବଂ ଅନନ୍ତ ପ୍ରଧାନ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରଭାକର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ବାଳକୃଷ୍ଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରାଧା ଗୋବିନ୍ଦଙ୍କ ଆଳତି, ହୋମ ଏବଂ ପାରାୟଣ କରାଯାଇଥିଲା।

# ଅଦିନିଆ ବର୍ଷାରେ ଖରାଟିଆ ଧାନଫସଲ ନଷ୍ଟ

## ଚିନ୍ତାରେ ଚାଷୀ

କଣାସ,୨୦।୩(ବିଭୂତି ଭୂଷଣ ତ୍ରିପାଠୀ)

୩ ଦିନ ହେଲା ଅଦିନିଆ ବର୍ଷା, ପବନ ଯୋଗୁ କଣାସ ବ୍ଲକର ଚିଲିକା ଉପକୂଳରେ ଥିବା ପଞ୍ଚାୟତ ଲୋକେ ପ୍ରତିବର୍ଷ ଶାରଦ ଧାନ ଫସଲ ହରାଇ ଖରାଟିଆ ଧାନଫସଲ କରି ଜୀବିକା ପ୍ରତିପୋଷଣ କରନ୍ତି। ଚଳିତ ବର୍ଷ ମଧ ଗଡ଼ିଶାଗୋଦା, ଯାମଳଗୋଦା, ଆଳିବାଡ଼, ଗୋପୀନାଥପୁର, କାଦୁଆ, ବଡ଼ାଳ, ଦୋଛିଆଁ, ସାହୁପଡ଼ା, ଦେଇପୁର, ଗଡ଼ଖାରଦ ପଞ୍ଚାୟତର ଗ୍ରାମବାସୀ ଚିଲିକା ଉପକୂଳରେ ଖରାଟିଆ ଧାନଚାଷ କରିଥିଲେ। କେତେକ ଜମିରେ ଧାନ ବାହାରୁଥିବାବେଳେ କେତେକ ଜମିରେ ଧାନ ବାହାରି ପଡ଼ିଥିଲା। ବର୍ଷା ଓ ପବନ ଯୋଗୁ ଧାନ ଗଛଗୁଡ଼ିକ ଜମିରେ ଶୋଇପଡ଼ିଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ୍ୟ ମହାଜନଙ୍କଠାରୁ ଚଢାଦରରେ ସୁଧକୁ ଋଣ ଆଣି ଧାନଚାଷ କରିଥିଲେ।



ଫଗୁଦଶମୀ ଅବସରରେ ଶ୍ରୀମନ୍ଦିରରୁ ଦୋଳଗୋବିନ୍ଦ ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ଦୋଳଉତ୍ସବ ନୀତି ପାଇଁ ଜଗନ୍ନାଥ ବଲ୍ଲଭକୁ ଯାଉଛନ୍ତି।

# ଜିଲାର ୧୪.୦୫ଲକ୍ଷ ଭୋଟରଙ୍କ ପାଇଁ ୧,୫୯୮ ବୁଥ୍

ପୁରୀ,୨୦।୩(ଅଜିତ୍ ମହାନ୍ତି)

ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ଟିବିଧାନସଭା ନିର୍ବାଚନମଣ୍ଡଳୀ ଯଥା ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ମେ ୨୫ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ଜଗତ୍‌ସିଂହପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୨ଟି ବିଧାନସଭା ନିର୍ବାଚନମଣ୍ଡଳୀ କାକଟପୁର ଓ ନିମାପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ଜୁନ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ମୋଟ ୧,୫୯୮ଟି ବୁଥ ସହ ୧୫୦୦ରୁ ଅଧିକ ଭୋଟର ଥିବା ୬ଟି ସହାୟକ ବୁଥରେ ୧୪,୦୫,୬୫୪ଜଣ ଭୋଟର ମତଦାନ କରିବେ। କାକଟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨୮୦ ବୁଥରେ ୨,୪୦,୬୩୧ ଜଣ ଭୋଟର ମତଦାନ କରିବେ। ସେହିପରି ନିମାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ୨୮୦ ମୁଖ୍ୟ ଓ ୧ ସହାୟକ ବୁଥ ମାଧମରେ ୨,୪୪,୫୦୩ , ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୩୯ ମୁଖ୍ୟ ଓ ୪ସହାୟକ ବୁଥ ମାଧମରେ ୨,୩୫,୩୧୫ , ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୭୧ ମୁଖ୍ୟ ଓ ୧ ସହାୟକ ବୁଥ ମାଧମରେ ୨,୨୬,୪୭୬ , ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୫୪ ବୁଥରେ ୨,୧୨,୦୪୩ ଏବଂ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ ୨୭୪ବୁଥ ମାଧମରେ ୨,୩୪,୬୨୩ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏନେଇ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ପୁରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ଯେହେତୁ ଭୋଟର ତାଲିକାର ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁଯାୟୀ ଦୈନିକ ଭିତ୍ତିରେ ଜାରି ରହିଛି ତେଣୁ ଦୈନିକ ଭୋଟର ତାଲିକା ଓ ୧୫୦୦ରୁ ଅଧିକ ହେଉଥିବା ବୁଥର ସଂଖ୍ୟାରେ ମଧ ପରିବର୍ତ୍ତନ ଘଟୁଛି ବୋଲି ଜିଲା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି।





ପୁରୀର ଏକ ହୋଟେଲରେ ପଖାଳ ଦିବସ ପାଳନ କରାଯାଉଛି।

# ସାକ୍ଷୀଗୋପାଳଙ୍କ ଦୋଳଯାତ୍ରା ଆରମ୍ଭ



ସାକ୍ଷୀଗୋପାଳଙ୍କ ମଦନମୋହନଙ୍କୁ ଏକ ସୁସଜ୍ଜିତ ବିମାନରେ ନିକଟ ଗ୍ରାମ ଗୋପାଳପୁର ପାଟଣାକୁ ନିଆଯାଉଛି।

ସାକ୍ଷୀଗୋପାଳ,୨୦।୩(ପ୍ରଶାନ୍ତ ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳଙ୍କ ମନ୍ଦିରରେ ବୁଧବାର ଠାରୁ ଦୋଳ ପର୍ବ ଆରମ୍ଭ ହୋଇଛି। ଆଦ୍ୟ ଦିନ ଫଗୁଦଶମୀ ଅବସରରେ ସାକ୍ଷୀଗୋପାଳଙ୍କ ବିଜେ ପ୍ରତିମା ମଦନ ମୋହନ ପାଞ୍ଚଦିନ ବ୍ୟାପି ନିକଟସ୍ଥ ଗ୍ରାମଗୁଡ଼ିକୁ ଭୋଗ ଲାଗି ପାଇଁ ବାହାର ବିଜେ କରିବେ। ଏହି ସମୟରେ ଠାକୁରଙ୍କ ଅତି ପ୍ରିୟ ଚାଚେରୀ ଭୋଗ ଲାଗି ହୋଇଥାଏ। ଏଥିପାଇଁ ମନ୍ଦିରରେ ଗୋଧନ ବାହୁଡ଼ା ଭୋଗ ପରେ ଠାକୁରଙ୍କ ହୋଲିବେଶ ଆରମ୍ଭ ହୋଇଥିଲା। ଏହି ବେଶରେ ଠାକୁରଙ୍କୁ ପଞ୍ଚପଲ୍ଲବ ଲାଗି ହୋଇଥିଲା। ମହାପ୍ରଭୁଙ୍କୁ ପଗଡ଼ି, ପାଇଜାମା, କୁଣ୍ଡଳ, କିରଟି, ସ୍ୱର୍ଣ୍ଣ ବଂଶୀ, ଗଜମୁକ୍ତା ସହିତ ବିଭିନ୍ନ ଅଳଙ୍କାରମାନ ଲାଗି ହୋଇଥିଲା। ପରେ ଠାକୁର ସିଂହାସନ ବିଜେ କରିଥିଲେ। ସେଠାରେ ଏକାଦାଶୀ ବେଢା ନୀତି ଓ ଏକାଦାଶୀ ଭୋଗ ଲାଗି ହେବା ପରେ ଚଳନ୍ତି ପ୍ରତିମାଙ୍କୁ ସୁସଜ୍ଜିତ ବିମାନକୁ ବିଜେ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ବିମାନ ବିଜେ ଠାକୁରଙ୍କୁ ସ୍ଥାନୀୟ ଗୋପାଳପୁର ପାଟଣା ଗ୍ରାମକୁ ନିଆଯାଇଥିଲା। ସେଠାରେ ଭୋଗ ପରେ ଠାକୁର ମନ୍ଦିରକୁ ଫେରିବା ବାଟରେ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ପକ୍ଷରୁ ଜାଗାଘରଠାରେ ପୁନର୍ବାର ପନ୍ତିଭୋଗ କରାଯାଇଛି। ଠାକୁର ମନ୍ଦିରକୁ ପ୍ରତ୍ୟାଗମନ କରିବା ପରେ ସନ୍ଧ୍ୟା ଧୂପ କରାଯାଇ ମନ୍ଦିର ରୁଡ଼ାକୁ ମହାଦୀପ ଉଠିବା ସହ ବଡ଼ ସିଂହାର ନୀତି କରାଯାଇ ପହଡ଼ ପଡ଼ିଥିଲା।

# ଆଜିଠୁ ୧୪ତମ ଜାତୀୟସ୍ତରୀୟ ନାଟକ ମହୋତ୍ସବ

ପୁରୀ,୨୦।୩(ଅଜିତ୍ ମହାନ୍ତି)

ମାର୍ଚ୍ଚ ୨୧ ଗୁରୁବାରଠାରୁ ରଙ୍ଗଶାଳା ନାଟ୍ୟ ଅନୁଷ୍ଠାନ ପକ୍ଷରୁ ୧୪ତମ ଜାତୀୟସ୍ତରୀୟ ନାଟକ ମହୋତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହେବ। ଏନେଇ ବୁଧବାର ଏକ ସ୍ଥାନୀୟ ହୋଟେଲ ପରିସରରେ ଅନୁଷ୍ଠାନ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରଙ୍ଗଶାଳା ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଥିଲେ, ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ ରଙ୍ଗଶାଳା ପକ୍ଷରୁ ଜାତୀୟସ୍ତରୀୟ ନାଟକ ମହୋତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହେବ। ଏହା ୨୧ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ନାଟକ ପରିବେଷଣ ହେବ। ପ୍ରଥମ ଦିନ ରଙ୍ଗଶାଳାର ନିଜସ୍ୱ ନାଟକ ଶବବାହକମାନେ ପରିବେଷଣ ହେବ, ଯାହାକୁ ଲେଖକ ବିଜୟ ମିଶ୍ର ରଚନା କରିଥିବା ବେଳେ ନାଟକର ନିର୍ଦ୍ଦେଶନା ଦେଇଛନ୍ତି ବିକ୍ରମ କୁମାର୍ ସାହୁ। ସେହିପରି ଦ୍ୱିତୀୟ ଦିନ ଜୀବନ ରେଖା ଅନୁଷ୍ଠାନ ଭୁବନେଶ୍ୱର ପକ୍ଷରୁ ନାଟକ ଏମିତି କୁହା ଯାଏ ମଞ୍ଚସ୍ଥ ହେବ। ନାଟକର ଲେଖକ ମାନବ କୌଲ ଓ ନାଟକର ନିର୍ଦ୍ଦେଶକ ରୋହନ ଯାଦବ ରହିଛନ୍ତି। ତୃତୀୟ ସନ୍ଧ୍ୟାରେ ଶ୍ରୀ ନାଟ୍ୟମ୍ ଏବଂ ଶ୍ରୀ ସଦାଶିବମ୍ ରଙ୍ଗ ଦଳମ୍ ଅନୁଷ୍ଠାନ ପୁରୀର ସଂସ୍କୃତ ନାଟକ କୃଷ୍ଣ କୌତୁହଳମ୍ ନାଟକ ମଞ୍ଚସ୍ଥ ହେବ, ଯାହାର ଲେଖକ ମଧୁସୂଦନ ସରସ୍ୱତୀ ଓ ନିର୍ଦ୍ଦେଶକ ପ୍ରଫେସର ଧର୍ମେନ୍ଦ୍ର କୁମାର ସିଂଦେଓ ଅଟନ୍ତି। ମହୋତ୍ସବର ଶେଷ ଦିନ ୨୪ତାରିଖରେ ନାଟକ କାନ୍ଦ ମାଷ୍ଟ୍ରେ ପରିବେଷଣ ହେବ। ଏହି ନାଟକର ଲେଖକ ଜାକିର୍ ଖାନ୍ ଓ ନାଟକ ର ନିର୍ଦ୍ଦେଶକ ହିମାଂଶୁ ଶେଖର ମହାନ୍ତି ରହିଛନ୍ତି। ଏହି ପରିପ୍ରେକ୍ଷୀରେ ନାଟ୍ୟ ସଂଜୀବନୀ ବ୍ୟୋମକେଶ ସମ୍ମାନରେ ଚଳଚ୍ଚିତ୍ରର ହାସ୍ୟ ଅଭିନେତା ହରିହର ମହାପାତ୍ରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ରଙ୍ଗଶାଳା ସମ୍ମାନରେ ବିଜୟ କୁମାର ଆପଟ, ଅଜୟ ରଥ, ଦିଲୀପ କୁମାର ଚୌଧୁରୀ ଓ ବିଦ୍ୟାଧର ମହାରଣାଙ୍କୁ ସମ୍ମାନିତ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବଳରାଜ ତ୍ରିପାଠୀ, ବରିଷ୍ଠ ଅଭିନେତା ସନ୍ଦିପ୍ତ ଦାଶ, ଚଳଚ୍ଚିତ୍ର ଅଭିନେତା ସମୀର ଶତପଥୀ, ସାଂସ୍କୃତିକ ସଂଯୋଜକ ଗୋବିନ୍ଦ ମହାନ୍ତି ଏବଂ ଉପ ସଭାପତି ସରୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ।





ଖବରଦାତା ସମ୍ମିଳନୀରେ ରଙ୍ଗଶାଳା ନାଟ୍ୟ ଅନୁଷ୍ଠାନର ସଦସ୍ୟ।

## ସଂକ୍ଷେପରେ

### ଏମ୍‌ପିଙ୍କ ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା: ୨ ଗିରଫ



**ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା):** ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ କାର ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ୟୁନିଟ-୪ ଅଞ୍ଚଳର ରାକେଶ କୁମାର ଘଡେଇ ଓ ସନ୍ତୋଷ ବେହେରା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆକ୍ରମଣର ଶିକାର ଡ୍ରାଇଭର ହେଲେ ମନୋରଞ୍ଜନ ଛୋଟରାୟ। ୟୁନିଟ-୪ ଅଞ୍ଚଳରେ ବର-ଓସ୍ତ ଗଛର ମିଳନ କାର୍ଯ୍ୟକ୍ରମକୁ ଏମ୍‌ପି ଅପରାଜିତା ମଙ୍ଗଳବାର ରାତି ପ୍ରାୟ ୮ଟାରେ ଯୋଗଦେବାକୁ ଯାଇଥିଲେ। ତାଙ୍କ ସହିତ ଯାଇଥିବା ଅନ୍ୟ ଏକ କାର୍‌ର ଡ୍ରାଇଭର ମନୋରଞ୍ଜନ ମଧ୍ୟ ଯାଇଥିଲେ। ସେଠାରେ ମନୋରଞ୍ଜନ କାରକୁ ପାର୍କିଂ କରିବା ସମୟରେ ଅଭିଯୁକ୍ତଦ୍ୱୟ ସହଯୋଗୀଙ୍କ ସହ ବାଇକ୍‌ରେ ଆସି ତାଙ୍କ କାରକୁ ଧକା ଦେବା ସହିତ ତାଙ୍କୁ ଗାଳିଗୁଲଜ କରିଥିଲେ। ଏନେଇ ମନୋରଞ୍ଜନ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ ମାରିବା ସହିତ କାର ବନେଟ ଉପରେ ନାଚିଥିଲେ ଓ ପରେ ଘଟଣା ସ୍ଥଳରୁ ଖସି ପଳାଇଯାଇଥିଲେ। ଏଥିରେ ମନୋରଞ୍ଜନ ଆହତ ହେବା ସହ କାରଟିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଥିଲା। ଏନେଇ ମନରଞ୍ଜନ ଥାନାରେ ଅଭିଯୋଗ କରିବାରୁ ପୋଲିସ ମାମଲା (ନଂ ୧୩୯/୨୪) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

### ଶ୍ରୀମନ୍ଦିରରେ ଭକ୍ତଙ୍କଠାରୁ ଲୁଟ୍, ୩ ଗିରଫ

**ପୁରୀ,୨୦।୩(ଅଜିତ୍ ମହାନ୍ତି):** ଶ୍ରୀମନ୍ଦିର ଭିତରେ ମହାପ୍ରଭୁଙ୍କ ଦର୍ଶନ କରୁଥିବାବେଳେ ବାହାର କାଠ ନିକଟରେ ଭକ୍ତଙ୍କୁ ଲୁଟ କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିହାରର ପିଣ୍ଟୁ ରାଉଥ, ସନ୍ତୋଷ ରାଉଥ ଏବଂ ରମେଶ ରାଉଥ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୨ ଗୋଟି ସୁନା ଚେନ୍ ଜବତ କରିଛି। ପୋଲିସର ସୂଚନା ଅନୁଯାୟୀ, ମହାରାଷ୍ଟ୍ରରୁ ଆସିଥିବା ଶୈଳେଶ ପରିବାର ସହ ଶ୍ରୀମନ୍ଦିର ବାହାର କାଠ ନିକଟରେ ମହାପ୍ରଭୁଙ୍କ ଦର୍ଶନ କରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଧକ୍କାଦେଇ ତାଙ୍କଠାରୁ ଚେନ୍ ଲୁଟ କରିଥିଲେ। ଏହି ସମୟରେ ଶୈଳେଶ ପାଟି କରିବାରୁ ସେଠାରେ ନିୟୋଜିତ ପୋଲିସ ଅଭିଯୁକ୍ତମାନଙ୍କୁ କାବୁ କରି ଥାନାକୁ ଆଣିଥିଲେ। ଶୈଳେଶଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ନଂ. ୩୧/୨୪ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

# କଦଳୀ ପାଟୁଙ୍ଗାରୁ ସାନିଟାରି ପ୍ୟାଡ୍

## ୪ବର୍ଷ ଯାଏ ପୁନଃ ବ୍ୟବହାରକ୍ଷମ

**ଭୁବନେଶ୍ୱର, ୨୦।୩(ଅସମାପିକା ସାହୁ)**

କଦଳୀ ଗଛର ତନ୍ତୁ ବା କଦଳୀ ପାଟୁଙ୍ଗାରୁ ସାନିଟାରି ପ୍ୟାଡ୍ ତିଆରି ହେଉଛି। ତା' ପୁଣି ରିୟୁଜେବ୍‌ଲ। ଅର୍ଥାତ୍ ଏକାଧିକ ଥର ବ୍ୟବହାର କରି ହେବ। ଅତିକମ୍‌ରେ ୩ରୁ ୪ ବର୍ଷ ଯାଏ ଏହି ପ୍ୟାଡ୍ ବ୍ୟବହାର କରିହେବ। 'ସୌଖ୍ୟମ୍ ରି-ୟୁଜେବଲ ପ୍ୟାଡ୍‌ସ' ଅଭିଯାନରେ ମାତା ଅମୃତାନନ୍ଦମୟୀ ମଠ ପକ୍ଷରୁ ଏହି ପ୍ୟାଡ୍ ତିଆରି କରାଯାଉଛି। ଏହି ପ୍ୟାଡର ବଡ଼ ବିଶେଷତ୍ୱ ହେଉଛି, ଏହା ପରିବେଶ ଅନୁକୂଳ ଓ ସ୍ୱାସ୍ଥ୍ୟ ଉପଯୋଗୀ। ଅନ୍ୟ ସାଧାରଣ ଡିସ୍‌ପୋଜେବଲ ପ୍ୟାଡ୍‌ରେ ବ୍ୟବହାର ହେଉଥିବା ସେଲ୍ୟୁଲାର ଫାଇବର ପାଇଁ ପ୍ରତିବର୍ଷ ହଜାର ହଜାର ଗଛ ବଳି ପଡ଼ୁଛି। ଏମିତିକି ସେଥିରେ କେମିକାଲ ବ୍ୟବହାର ହୁଏ, ଯାହା ଶରୀର ଉପରେ କୁପ୍ରଭାବ ପକାଇଥାଏ। ସାଧାରଣତଃ ପ୍ୟାଡ୍ ମାଟିରେ ମିଶିବାକୁ ଶହ ଶହ ବର୍ଷ ନେଇଥାଏ। କିନ୍ତୁ ସୌଖ୍ୟମ ପ୍ୟାଡ୍‌ସ କଦଳୀ ଗଛର ପାଟୁଙ୍ଗା ତନ୍ତୁରୁ ପ୍ରସ୍ତୁତ କରାଯାଉଥିବାରୁ ଏହା ଶରୀର ପ୍ରତି ଖରାପ ନୁହେଁ କି ଏହା ଯୋଗୁ ପରିବେଶ ନଷ୍ଟ ହେବାର ଆଶଙ୍କା ବି ନାହିଁ ବୋଲି ପ୍ୟାଡ୍ ଓମ୍ୟାନ ଭାବେ ପରିଚିତ ତଥା 'ସୌଖ୍ୟମ୍ ରିୟୁଜେବଲ ପ୍ୟାଡ୍‌ସ'ର ପରିଚାଳନା ନିର୍ଦ୍ଦେଶିକା ଅଞ୍ଜୁ ବିଷ୍ଟ କହିଛନ୍ତି। ବୁଧବାର ସ୍ଥାନୀୟ ଏକ ହୋଟେଲରେ 'ସୌଖ୍ୟମ୍' ପକ୍ଷରୁ ଆୟୋଜିତ କର୍ମଶାଳାରେ ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ସାଧାରଣତଃ ଡିସ୍‌ପୋଜେବଲ ପ୍ୟାଡ୍ କିଣିବାକୁ ଜଣେ ମହିଳା ମାସକୁ ୪୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିଥାନ୍ତି। ଅର୍ଥାତ୍ ସାନିଟାରି ପ୍ୟାଡ ପାଇଁ ଜୀବନକାଳ ଭିତରେ ଜଣେ ମହିଳାଙ୍କୁ ପାଖାପାଖି ୪୦-୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ମାତ୍ର ୩୫୦ ଟଙ୍କାରେ ଉପଲବ୍ଧ କଦଳୀ ପାଟୁଙ୍ଗାରେ ତିଆରି ହେଉଥିବା ସୌଖ୍ୟମ୍ ରିୟୁଜେବଲ ସାନିଟାରି ପ୍ୟାଡ ସେଟ୍‌କୁ ଜଣେ ୩ରୁ ୪ ବର୍ଷ ବ୍ୟବହାର କରିପାରିବ। ଏବେ ଓଡ଼ିଶାରେ ବି କଦଳୀ ପାଟୁଙ୍ଗାରୁ ପ୍ୟାଡ୍ ତିଆରି କରିବା ପାଇଁ ସୌଖ୍ୟମ୍ ନିଷ୍ପତ୍ତି ନେଇଥିବା ଅଞ୍ଜୁ ବିଷ୍ଟ କହିଛନ୍ତି।

ନାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ସ୍ଥାୟୀ ଋତୁସ୍ରାବ ସ୍ୱଚ୍ଛତା ଅଭ୍ୟାସ ଜାଗୃତ କରିବା ପାଇଁ 'ସୌଖମ୍' ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଏନ୍‌ଏସ୍‌ଏସ୍ ସହଭାଗିତାରେ କଟକ ଓ ଭୁବନେଶ୍ୱରର ବିଭିନ୍ନ କଲେଜରେ ସଚେତନତା ସଭା ଆୟୋଜନ କରିଥିଲା। ଏହିସବୁ କର୍ମଶାଳାରୁ ବହୁତ ଭଲ ପ୍ରତିକ୍ରିୟା ମିଳିଥିଲା। ଏ ବର୍ଷ ଆହୁରି ଅଧିକ କଲେଜରେ ଏହି କାର୍ଯ୍ୟକ୍ରମ ଆୟୋଜନ କରିବୁ ବୋଲି ଏନ୍‌ଏସ୍‌ଏସ୍‌ର ରାଜ୍ୟ କୋର୍ଡିନେଟର ରମେଶ ଚନ୍ଦ୍ର ବେହେରା କହିଛନ୍ତି। ଏହି କର୍ମଶାଳାରେ ଓଡ଼ିଶା ମେନ୍‌ଷ୍ଟ୍ରୁଆଲ୍ ହେଲ୍‌ଥ ଆଣ୍ଡ୍ ହାଇଜିନ୍ ଆଲିଆନ୍ସ ତରଫରୁ ସ୍ନେହା ମିଶ୍ର, ଜାତୀୟ କ୍ରୀଡ଼ାବିତ୍ ଶୁଭସ୍ମିତା ରଥ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ପ୍ୟାଡ୍ ଓମ୍ୟାନ ଭାବେ ପରିଚିତ ତଥା 'ସୌଖ୍ୟମ ରିୟୁଜେବଲ ପ୍ୟାଡ୍‌ସ'ର ପରିଚାଳନା ନିର୍ଦ୍ଦେଶିକା ଅଞ୍ଜୁ ବିଷ୍ଟ ଓ ଅନ୍ୟମାନେ।


ଅଦିନିଆ ବର୍ଷାରେ ବୁଧବାର କଟକ କେନାଲ ରୋଡ୍ ଫ୍ରେଣ୍ଡସ୍ କଲୋନୀ ରାସ୍ତାରେ ବର୍ଷା ପାଣିର ସୁଅ।

# ଜବାବ ଦାଖଲ ପାଇଁ ସମୟ ନେଲେ ସରକାର

**କଟକ,୨୦।୩ (କାର୍ତ୍ତିକ ସାହୁ)**

## ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ଅଦାଲତ ଅବମାନନା

### ୨୨ରେ ପରବର୍ତ୍ତୀ ଶୁଣାଣି

ବହୁଚର୍ଚ୍ଚିତ ଆନନ୍ଦ ଟପ୍ପୋ ହତ୍ୟା ମାମଲାକୁ ନେଇ ରୁଜୁ ଅଦାଲତ ଅବମାନନା ମାମଲାରେ ଜବାବ ଦାଖଲ ପାଇଁ ସରକାର ଦୁଇ ଦିନ ସମୟ ନେଇଛନ୍ତି। ହାଇକୋର୍ଟ ବିଚାରପତି ଶିବଶଙ୍କର ମିଶ୍ର ଏହି ମାମଲାର ତଦନ୍ତ ଅଗ୍ରଗତି ନେଇ ଶୁଣାଣି କରିଛନ୍ତି। ଆସନ୍ତା ୨୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଆନନ୍ଦ ଟପ୍ପୋ ହତ୍ୟା ମାମଲାରେ ହାଇକୋର୍ଟ ୮ ମାସ ପୂର୍ବେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅଭିଯୁକ୍ତ ଡିଏସ୍‌ପି ପାହ୍ୟାର ଅଧିକାରୀ ହୋଇଥିବାରୁ ମାମଲାର ତଦନ୍ତ ଡିଆଇଜି ପାହ୍ୟାରୁ ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା କରାଇବାକୁ ଆଦେଶ ଦେଇଥିଲେ। ହେଲେ କ୍ରାଇମ୍‌ବ୍ରାଞ୍ଚ ଏହି ମାମଲାର ତଦନ୍ତ ଅଦ୍ୟାବଧି ଆରମ୍ଭ କରି ନ ଥିବା ଅଭିଯୋଗ ଆଣି ଆବେଦନକାରୀଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା।

ସୂଚନାଯୋଗ୍ୟ, ଆନନ୍ଦ ଟପ୍ପୋ ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅଞ୍ଚଳରେ ତାଙ୍କର ଦୁଇ ବନ୍ଧୁଙ୍କ ସହ ରହୁଥିଲେ। ୨୦୨୨ ଫେବୃଆରୀ ୨୮ରେ ଆନନ୍ଦଙ୍କୁ ଝୁଲନ୍ତା ଅବସ୍ଥାରେ ତାଙ୍କ ରୁମ୍‌ରୁ ଉଦ୍ଧାର କରି ତାଙ୍କ ବନ୍ଧୁ ମନ୍‌ଜିତ୍ ଟେଟେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆନନ୍ଦଙ୍କର ଅନ୍ୟତମ ବନ୍ଧୁ ହକି ତାରକା ବୀରେନ୍ଦ୍ର ଲାକ୍ରା ଏ ବିଷୟରେ ଆନନ୍ଦଙ୍କ ବାପା ବନ୍ଧନ ଟପ୍ପୋଙ୍କୁ ଫୋନ୍ କରି ଜଣାଇଥିଲେ। ଏ ନେଇ ଇନ୍‌ଫୋସିଟି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷରେ ଆନନ୍ଦଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ପୋଲିସ ପ୍ରଥମେ ଗ୍ରହଣ କରି ନଥିଲା। ଅଦାଲତଙ୍କ ନିର୍ଦ୍ଦେଶ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଇନ୍‌ଫୋସିଟି ପୋଲିସ ଏହି ଘଟଣାର ତଦନ୍ତ କରିବା ସହ ଆନନ୍ଦଙ୍କୁ ହତ୍ୟା କରାଯାଇନାହିଁ ବରଂ ସେ ଆତ୍ମହତ୍ୟା କରିଛନ୍ତି ବୋଲି ଅଦାଲତରେ ଚାର୍ଜଶିଟ ଦାଖଲ କରିଥିଲା। ପୋଲିସ ତଦନ୍ତରେ ଭରସା ନ ପାଇବାରୁ ଆନନ୍ଦଙ୍କ ବାପା ମାମଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବି କରି ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ପୋଲିସର ତଦନ୍ତ ପ୍ରକ୍ରିୟାରେ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଗତବର୍ଷ ଜୁଲାଇ ୫ରେ ମାମଲାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଝାରପଡ଼ା ଜେଲ୍‌ରେ ନିଶା କାରବାର

**ଭୁବନେଶ୍ୱର,୨୦।୩ (ସୂର୍ଯ୍ୟକାନ୍ତ ବେହେରା)**

## ମିଳିଲା ଗଞ୍ଜେଇ, ଚିଲମ, ସିଗାରେଟ, ବିଡ଼ି, ଖଇନି

- ସୁରକ୍ଷା ଢିଲା, କମିଶନରେଟ ପୋଲିସର ଚଢାଉ
- ଟେନିସ ବଲ୍‌ରେ ଗଞ୍ଜେଇ ଯାଉଥିବା ଚର୍ଚ୍ଚା

ରାଜ୍ୟର ଅନ୍ୟତମ ପ୍ରମୁଖ ଜେଲ୍ ତଥା ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲ୍ ଭିତରକୁ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ, ମାଦକଦ୍ରବ୍ୟ ଓ ବେଆଇନ ସାମଗ୍ରୀ ଯାଉଛି। କଏଦୀମାନେ ନିଶା ଖାଇ ଅୟସ୍ ଜୀବନ ବିତାଉଥିବାବେଳେ ନିର୍ଦ୍ଦିଷ୍ଟ ତଥା ଏକାଧିକ ଗ୍ୟାଙ୍ଗ୍‌ର ସଦସ୍ୟମାନେ ରାଜ୍ କରୁଛନ୍ତି। ଏମାନଙ୍କୁ ଜେଲ କର୍ମଚାରୀମାନେ ସହଯୋଗ କରୁଥିବା ଭଳି ସଙ୍ଗିନ ଅଭିଯୋଗ ମଧ୍ୟ ହେଉଛି। ଜେଲରେ ଦୁଇ ବିଚାରାଧୀନ କଏଦୀ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ଘଟଣାକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ହୋଇଥିବା ଯାଞ୍ଚରୁ ନିଶା କାରବାର ପ୍ରମାଣ ମିଳିଛି। ତେବେ ଏ ସମ୍ପର୍କରେ ସୂଚନା ଦେଇ ଡିସିପି ପ୍ରତୀକ ସିଂ କହିଛନ୍ତି, ଡିସିପିଙ୍କ ନେତୃତ୍ୱରେ ୬ଜଣ ଏଡିସିପି, ୧୩ଜଣ ଇନ୍ସପେକ୍ଟର, ୨୦ଜଣ ସବ୍‌ଇନ୍ସପେକ୍ଟରଙ୍କ ସହିତ ୪ ପ୍ଲାଟୁନ ଫୋର୍ସ ବୁଧବାର ସକାଳ ସାଢେ ୫ଟାରେ ଯାଞ୍ଚ କରିଥିଲା। ପୋଲିସ ଟିମ୍ ଜେଲ୍‌ର ୫ଟି ସ୍ୱତନ୍ତ୍ର ବ୍ଲକ, ୩୫ଟି ପୁରୁଷ ବିଚାରାଧୀନ ୱାର୍ଡ, ୨୧ଟି ସ୍ୱତନ୍ତ୍ର ମହିଳା ୱାର୍ଡ, ରୋଷେଇ ଘର ଆଦି ସ୍ଥାନରେ ଯାଞ୍ଚ କରିଥିଲେ ମଧ୍ୟ ବିଶେଷ କିଛି ଆପତ୍ତିଜନକ ସାମଗ୍ରୀ ମିଳି ନ ଥିଲା। କିନ୍ତୁ କମନ ଏରିଆରୁ କିଛି ଗଞ୍ଜେଇ, ସିଗାରେଟ, ବିଡି, ଖଇନ ଓ ଲାଇଟର୍, ଚିଲମ ଆଦି ମିଳିଛି। ଏପରି ସାମଗ୍ରୀ କିପରି ଜେଲ ଭିତରକୁ ନ ଆସିବ, ସେଥିପାଇଁ ଜେଲ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରାଯାଇଛି। ଜେଲର ସୁରକ୍ଷା ଓ ଆଗାମୀ ଦିନରେ ନିର୍ବାଚନ ଆସୁଥିବାରୁ ଏପରି ଯାଞ୍ଚ ଜାରି ରହିବ ବୋଲି ସେ କହିଛନ୍ତି।

ଅନ୍ୟପଟେ ଜେଲ୍ ପରିସରରୁ ଗଞ୍ଜେଇ ସହ ବିଭିନ୍ନ ମାଦକଦ୍ରବ୍ୟ ମିଳିବା ପରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସବୁ କିଏ ବ୍ୟବହାର କରୁଥିଲେ, ଜେଲ୍ ପରିସରକୁ ଏସବୁ ଗଲା କିପରି ସେନେଇ ଡିସିପି କୌଣସି ମତ ରଖିନାହାନ୍ତି। ଏସବୁ ଘଟଣା ଜେଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ଢିଲା ସୁରକ୍ଷା ବ୍ୟବସ୍ଥାକୁ ସାମ୍ନାକୁ ଆଣିଛି। ସିସିଟିଭି ସର୍ଭେଲାନ୍ସ, ସୁରକ୍ଷାକର୍ମୀ ମୁତୟନ ଥିବା ସତ୍ତ୍ୱେ ଜେଲ ଭିତରକୁ କାହା ଛତ୍ରଛାୟାରେ ମାଦକ ଦ୍ରବ୍ୟ ଯାଉଛି, ତାକୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଛି। କେହି କେହି ଜେଲ କର୍ତ୍ତୃପକ୍ଷ ଓ ଅପରାଧୀଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ଥିବା ଅଭିଯୋଗ କରିଛନ୍ତି ତ ପୁଣି କେହି ଅନ୍ତେବାସୀଙ୍କ ସଂପର୍କୀୟଙ୍କଠାରୁ ହାତଗୁଞ୍ଜା ନେଉଥିବା କଥା ଉଠାଇଛନ୍ତି। ଏନେଇ ଜଣେ ଜେଲଫେରନ୍ତା ବିଚାରାଧୀନ କଏଦୀ ନାମ ଗୋପନ ରଖି କହିଛନ୍ତି, ଟେନିସ ବଲ୍‌କୁ କାଟି ତାହା ଭିତରେ ଗଞ୍ଜେଇ ଭର୍ତ୍ତି କରି ପାଚେରି ବାହାର ପଟୁ ଭିତରକୁ ଫୋପଡ଼ା ଯାଉଛି। ଏନେଇ ଜେଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତେବେ ଏନେଇ ଜେଲ କର୍ତ୍ତୃପକ୍ଷଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଅପରପକ୍ଷେ ଏହି ଘଟଣାକୁ ନେଇ ବରିଷ୍ଠ ଅଧୀକ୍ଷକ ଧୀରେନ୍ଦ୍ର ବାରିକ ଜେଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ସୂଚନାନୁସାରେ, ଗତ ୧୭ ତାରିଖ ଅପରାହ୍ନରେ ସାମାନ୍ୟ କଥାକୁ ନେଇ ଜେଲରେ ବିଚାରାଧୀନ କଏଦୀ ଚକ୍ରଧର ବାରିକ, ଜଗନ୍ନାଥ ମହାନ୍ତି ଓ ପାପୁନ ମାଝି ରବିବାର ଅପରାହ୍ନରେ ଜେଲ କ୍ୟାଣ୍ଟିନରୁ ଆସୁଥିବାବେଳେ ଶମ୍ଭୁନାଥ ବାରିକଙ୍କ ସହିତ ଧକ୍କା ହୋଇଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ଚକରା ଗ୍ୟାଙ୍ଗର ସମସ୍ତେ ମିଳିତ ଭାବରେ ଶମ୍ଭୁନାଥଙ୍କୁ ଆକ୍ରମଣ କରିଥିବାରୁ ସେ ଗୁରୁତର ହୋଇଥିଲେ।



ଝାରପଡ଼ା ଜେଲ୍‌ରେ ପୋଲିସ ଟିମ୍‌ର ଚଢ଼ାଉ।


ଜବତ ଗଞ୍ଜେଇ ଓ ମାଦକଦ୍ରବ୍ୟ

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ କାହ୍ନୁ


@ ଅମାନତ


@ ଶ୍ରୀନିବାସ


@ ମନୋଜ


@ ବୈଦ୍ୟନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଯୁବପିଢ଼ିଙ୍କୁ ସଚେତନ କରିବ 'ଓଡ଼ିଶା ପୋଖରୀ ସପ୍ତାହ'

**ଭୁବନେଶ୍ୱର, ୨୦।୩ (ଅସମାପିକା ସାହୁ)**

## ଆଜିଠୁ ପାଳନ

'ବିଶ୍ୱ ଜଳ ଦିବସ' ପରିପ୍ରେକ୍ଷୀରେ ୟୁନିସେଫ୍ ପରିଚାଳିତ ୟୁଥ୍ ଫର୍ ୱାଟର ପ୍ଲସ୍ ପକ୍ଷରୁ ଗୁରୁବାରଠାରୁ 'ଓଡ଼ିଶା ପୋଖରୀ ସପ୍ତାହ' ପାଳନ କରାଯିବ। ଯୁବପିଢ଼ିଙ୍କୁ ଓଡ଼ିଶାର ଜଳାଶୟଗୁଡ଼ିକର ରକ୍ଷଣାବେକ୍ଷଣର ଗୁରୁତ୍ୱ ବିଷୟରେ ସଚେତନ କରାଇବା ସହ ସେମାନଙ୍କୁ ଏ ସବୁର ସଂରକ୍ଷଣ ପାଇଁ ପ୍ରତ୍ୟକ୍ଷ ଭାବେ ସାମିଲ କରାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଏହା ସହିତ ପ୍ରତ୍ୟେକ ବ୍ୟକ୍ତି କିପରି ସ୍ୱଚ୍ଛ ଏବଂ ବିଶୁଦ୍ଧ ଜଳର ସୁବିଧା ପାଇପାରିବେ ସେ ଦିଗରେ ପଦକ୍ଷେପ ପାଇଁ ଏକ ସୁଯୋଗ ଦେବ। ଓଡ଼ିଶା ପୋଖରୀ ସପ୍ତାହ ଅଧୀନରେ ଜଳ ସଂରକ୍ଷଣର ଗୁରୁତ୍ୱକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଯଥା ପୋଖରୀ ଚିହ୍ନଟ, ଏହାର ସ୍ୱଚ୍ଛତା, ରକ୍ଷଣାବେକ୍ଷଣ, ସୌନ୍ଦର୍ଯ୍ୟକରଣ ପାଇଁ ପଦକ୍ଷେପ, ପୋଖରୀ ସହିତ ଯୋଡ଼ି ହୋଇଥିବା କିଛି ସ୍ମୃତିକୁ ନେଇ ଗପ ଓ କବିତା ଏବଂ ପୋଷ୍ଟର ମେକିଂ ପ୍ରତିଯୋଗିତା, ଫୁଟବଲ ମ୍ୟାଚ୍ ଆଦି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ୟୁଥ୍ ଫର୍ ୱାଟର ପ୍ଲସ୍ ପକ୍ଷରୁ ବୁଧବାର ପ୍ରେସକ୍ଲବଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସମ୍ମିଳନୀରେ ୟୁନିସେଫ୍‌ର ୱାସ୍ ସ୍ପେଶାଲିଷ୍ଟ ସିପ୍ରା ସକ୍ସେନାଙ୍କ ସହ ୟୁଥ୍ ଫର୍ ୱାଟର ପ୍ଲସର କ୍ୟାମ୍ପେନ୍ ମ୍ୟାନେଜର ଧର୍ମାନନ୍ଦ ସୁନ୍ଦରରାୟ, ସହଯୋଗୀ ସତ୍ୟବ୍ରତ ସାମଲ, ଷ୍ଟାଲିନ ନାୟକ, ପୁନ୍ୟାଶ୍ଳୋକ ପଣ୍ଡା, ଶୁଭସୀମା ମହାନ୍ତି, ଅନ୍ୱେଷା ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ୟୁଥ୍ ଫର୍ ୱାଟର ପ୍ଲସ୍‌ର କର୍ମକର୍ତ୍ତାମାନେ 'ଓଡ଼ିଶା ପୋଖରୀ ସପ୍ତାହ' ପାଳନ ସମ୍ପର୍କରେ ସୂଚନା ଦେଉଛନ୍ତି।




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ଜନ ପରିବାର**
**କେହି ନୁହେଁ ଆପଣାର ।**

ମିଛ ମାୟାର ଏ ସଂସାରରେ କେହି କାହାରି ନୁହନ୍ତି। ଏ ସଂସାର ମାୟା-କଳ୍ପିତ, ପରଂବ୍ରହ୍ମ ଏକମାତ୍ର ସତ୍ୟ। ଏହାକୁ ଲୟରେ ରଖି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର କର୍ମ କରିବା ଉଚିତ ବୋଲି ଏଠାରେ ଉପଦେଶ ଦିଆଯାଇଛି।

**ଧେଇ ଧେଇ ଧେଇକି ନାଟ**
**ପେୟପିଆଠାରେ ବସିଛି ହାଟ ।**

ସାଧାରଣତଃ ବଡ଼ ଲୋକ ଭୁଲ କଲେ କିଛି ହଇଗୋଳ ହୋଇ ନ ଥାଏ। କିନ୍ତୁ ଗରିବ ବା ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ ପାଇଁ ବି କଥା କୋର୍ଟ କଚେରିକୁ ଯାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଏହା ହିଁ ଏ ଦୁନିଆର ରୀତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# 'ଜଙ୍ଗଲ ଏବଂ ଅଭିନବତା: ଏକ ଉନ୍ନତ ବିଶ୍ୱ ପାଇଁ ନୂତନ ସମାଧାନ'

**ଆଜି ବିଶ୍ୱ ବନ ଦିବସ**

ଭୁବନେଶ୍ୱର, ୨୦।୩(ଅସମାପିକା ସାହୁ)

ଆମର ଦୈନନ୍ଦିନ ଜୀବନ, ପରିବାର, ସମାଜ, ଦେଶ ଓ ଗ୍ରହ ପାଇଁ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବାୟୁକୁ ଶୁଦ୍ଧ କରିବାଠାରୁ ଆରମ୍ଭ କରି ଅଗଣିତ ପ୍ରାଣୀ ତଥା ଉଦ୍ଭିଦ ପ୍ରଜାତିଙ୍କୁ ବାସସ୍ଥାନ ଯୋଗାଇ ଜଙ୍ଗଲ ସାରା ପୃଥିବୀର ରକ୍ଷକ ସାଜିଛି। ଘର ତିଆରି ପାଇଁ କାଠ ହେଉ କିମ୍ବା ପିଲର ବା ଛାତ ତିଆରି ପାଇଁ ଲୁହା ଛଡ଼ ହେଉ, ଖାଦ୍ୟ, ଔଷଧ, ପୋଷାକ, ଘରକରଣା ଇତ୍ୟାଦି ଦ୍ରବ୍ୟ ପ୍ରସ୍ତୁତି ବା ଉପଲବ୍ଧି ପାଇଁ ସବୁ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବେ ହେଉ ଅବା ପରୋକ୍ଷରେ ଜଙ୍ଗଲର ଆବଶ୍ୟକତା ପଡ଼ୁଛି। ହେଲେ ମଣିଷର ସୁବିଧାବାଦୀ କାର୍ଯ୍ୟକଳାପରେ ଆଜି ଜଙ୍ଗଲ ସମ୍ପଦ କ୍ଷତିଗ୍ରସ୍ତ ହେଉଛି। ଏହାର କୁପ୍ରଭାବ ସାରା ଜୀବଜଗତ ଉପରେ ପଡୁଥିବାରୁ ଆମକୁ ସଚେତନ, ସଜାଗ ଓ ସତର୍କ ରହିବାକୁ ବିଶ୍ୱ ବନ ଦିବସ ଆହ୍ୱାନ ଦେଉଛି। ମାର୍ଚ୍ଚ ୨୧କୁ ସାରା ବିଶ୍ୱ ବନ ଦିବସ ଭାବେ ପାଳନ କରୁଥିବାବେଳେ ଏହାଦ୍ୱାରା ବିଶ୍ୱବାସୀ ଜଙ୍ଗଲର ମହତ୍ତ୍ୱ ବିଶେଷକରି ଜଳବାୟୁ ପରିବର୍ତ୍ତନ, ପୃଥିବୀରେ ଜୀବନଚକ୍ରକୁ ସନ୍ତୁଳିତ କରିବାରେ ଜଙ୍ଗଲ କିପରି ସାହାଯ୍ୟ କରେ ସେ ବିଷୟରେ ଅବଗତ ହେବେ। ଚଳିତ ବର୍ଷ ବିଶ୍ୱ ବନ ଦିବସର ଥିମ୍ ରହିଛି 'ଜଙ୍ଗଲ ଏବଂ ଅଭିନବତା: ଏକ ଉନ୍ନତ ବିଶ୍ୱ ପାଇଁ ନୂତନ ସମାଧାନ'(Forests and Innovation: New Solutions for a Better World)। ଜଙ୍ଗଲ ସୁରକ୍ଷା ଏବଂ ଜଙ୍ଗଲ ସଂରକ୍ଷଣ ତଥା କିଭଳି ଭାବରେ ଜଙ୍ଗଲ ସମ୍ପଦକୁ ନ୍ୟାୟୋଚିତ ଭାବରେ ନିରନ୍ତର ଉପଯୋଗ କରାଯାଇ ପାରିବ ସେନେଇ ଥିବା ବାଧାବିଘ୍ନ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ମଧ୍ୟ ବିଶ୍ୱ ବନ ଦିବସର ଅନ୍ୟତମ ଉଦ୍ଦେଶ୍ୟ।

ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ରିପୋର୍ଟ ୨୦୨୧ ଅନୁସାରେ, ଭାରତବର୍ଷର ସମଗ୍ର ଭୌଗୋଳିକ ଅଞ୍ଚଳର ଜଙ୍ଗଲ ଆଚ୍ଛାଦିତ ହାର ୨୪ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୩୩ ପ୍ରତିଶତରୁ ଅଧିକ ରହିଛି। ମଧ୍ୟପ୍ରଦେଶ, ଅରୁଣାଚଳ ପ୍ରଦେଶ ଏବଂ ଛତିଶଗଡ଼ ପରେ ବୃହତ ଜଙ୍ଗଲ ଆଚ୍ଛାଦିତ ଅଞ୍ଚଳ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ଚତୁର୍ଥ ରହିଛି। ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥାର ଆକଳନ ଅନୁଯାୟୀ, ଆମ ରାଜ୍ୟରେ ୨୦୧୯ରୁ ୨୦୨୧ ମଧ୍ୟରେ ୮୯୩ ବର୍ଗ କି.ମି. ଜଙ୍ଗଲ ଅଞ୍ଚଳର ଅଭିବୃଦ୍ଧି ଘଟିଛି। ରାଜ୍ୟରେ ୩୩%ରୁ ଅଧିକ ଜଙ୍ଗଲ ଅଭିବୃଦ୍ଧି ସହ ଘଞ୍ଚ ଜଙ୍ଗଲ ମଧ୍ୟ ବଢ଼ିଛି। ଦେଶରେ ଓଡ଼ିଶାର ହେକ୍ଟାଳ ବନ ବୃଦ୍ଧିରେ ପ୍ରଥମ, ଜଙ୍ଗଲ ଅଞ୍ଚଳ ବୃଦ୍ଧିରେ ତୃତୀୟ ଏବଂ ଜଙ୍ଗଲ ଅଞ୍ଚଳ ବାହାରେ ଥିବା ବୃକ୍ଷ ଆଚ୍ଛାଦନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।



# ଚାକିରି କରାଇଦେବା ନାଁରେ ୫୧ଲକ୍ଷ ଠକେଇ

**କ୍ରୀଡ଼ା ଶିକ୍ଷକ ଅଟକ**

ଯାଜପୁର,୨୦।୩ (ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଦଶରଥପୁର ବ୍ଲକସ୍ଥିତ କାଟିଆ କୃଷ୍ଣ ପ୍ରଧାନ ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜ୍ୟୋତିରଞ୍ଜନ ସାମଲଙ୍କ ନାମରେ ୫୧ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଛି। ଭୁବନେଶ୍ୱର ନିକଟ ନନ୍ଦନକାନନ ଥାନା ଅଧୀନ କଳାଝରି ପଟିଆ ଗ୍ରାମର ରମେଶ ଚନ୍ଦ୍ର ମହାନ୍ତିଙ୍କ ଅଭିଯୋଗ ଆଧାରରେ ଏନେଇ ଦଶରଥପୁର ଥାନାରେ ଏକ ମାମଲା(ନଂ. ୪୬/୨୦୨୪) ରୁଜୁ ହୋଇଛି। ଅଭିଯୁକ୍ତ ଶିକ୍ଷକ ସାମଲଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ରମେଶ ଚନ୍ଦ୍ର ମହାନ୍ତି ଏବଂ ତାଙ୍କ ସ୍ତ୍ରୀ ଏକ କାମରେ ଭୁବନେଶ୍ୱରସ୍ଥିତ ଡିପିଆଇ କଲୋନୀକୁ ଆସିଥିବା ବେଳେ ସେଠାରେ କ୍ରୀଡ଼ା ଶିକ୍ଷକ ଜ୍ୟୋତିରଞ୍ଜନଙ୍କ ସହ ଦେଖା ହୋଇଥିଲା। କଥାବାର୍ତ୍ତା ସମୟରେ ମୋର ଭିଣୋଇ ରେଲୱେରେ ଚାକିରି କରିଛନ୍ତି ବୋଲି ଜ୍ୟୋତିରଞ୍ଜନ କହିବା ସହ ଆପଣଙ୍କର ଯଦି କେହି ରେଲୱେରେ ଚାକିରି କରିବାକୁ ଚାହୁଁଥାନ୍ତି ତା'ହେଲେ ତାଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ଏହା ଶୁଣି ରମେଶ ତାଙ୍କର ଜଣେ ଦାଦା ପୁଅଙ୍କୁ ଚାକିରି କରେଇ ଦେବାକୁ ଜ୍ୟୋତିରଞ୍ଜନଙ୍କୁ ଅନୁରୋଧ କରିଥିଲେ। ଏହାପରେ ଜ୍ୟୋତିରଞ୍ଜନ ଯେତେ ଅଧିକ ପିଲା ଯୋଗାଡ଼ କରିପାରିବେ ଆପଣଙ୍କୁ କମ୍ ଟଙ୍କା ଦେବାକୁ ପଡିବ ବୋଲି ରମେଶଙ୍କୁ କହିଥିଲେ । ତଦନୁସାରେ ରମେଶ ୪ ଜଣ ପିଲା ଯୋଗାଡ଼ କରିବା ସହ ରମେଶ ନିଜ ଫୋନ ପେ, ବ୍ୟାଙ୍କ ଆକାଉଣ୍ଟ ଓ ସ୍ତ୍ରୀଙ୍କ ଆକାଉଣ୍ଟରୁ ୫୧ ଲକ୍ଷ ଟଙ୍କା କ୍ରୀଡା ଶିକ୍ଷକଙ୍କୁ ଦେଇଥିବା ନେଇ ଦଶରଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମଙ୍ଗଳବାର ଅପରାହ୍ନରେ ଯାଜପୁର ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ଦଶରଥପୁର ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତ ପରେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସୂଚନା ମିଳିଛି ।

# ବନଧନ ଯୋଜନା ଆଦିବାସୀଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ କରିପାରିବ: ଭାଜପା

ଭୁବନେଶ୍ୱର, ୨୦।୩(ସୁନିତ୍ ମିଶ୍ର)

ଓଡ଼ିଶାର ଅନୁସୂଚିତ ଜନଜାତି ତାଲିକାରେ ଅନେକ ନୂତନ ସମ୍ପ୍ରଦାୟକୁ ସାମିଲ କରାଯାଇଛି। ପାଉରି ଭୂୟାଁ, ପାଉଡ଼ି ଭୂୟାଁ, ଚକୋଟିଆ ଭୁଞ୍ଜିଆ, ବଣ୍ଡା, ମାଙ୍କଡ଼ିଆ ସମ୍ପ୍ରଦାୟଙ୍କୁ ସାମିଲକରି ନିକଟରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଜନଜାତିଙ୍କ ପ୍ରତି କଟିବଦ୍ଧତାକୁ ପ୍ରମାଣିତ କରିଛନ୍ତି। କେନ୍ଦ୍ର ସରକାର ଆଦିବାସୀ ଓ ଅନୁସୂଚିତ ଜନଜାତିଙ୍କ ଲାଗି ବନଧନ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଆଦିବାସୀମାନେ ଖାଦ୍ୟ ଉତ୍ପାଦନକରି ଆର୍ଥିକ କ୍ଷେତ୍ରରେ ସ୍ୱଚ୍ଛଳ ହୋଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଶ୍ୱେଶ୍ୱର କହିଛନ୍ତି, ୨୦୦୪-୧୩ ଭିତରେ ମାତ୍ର ୯୦ଟି ଏକଲବ୍ୟ ଆବାସିକ ମଡେଲ ବିଦ୍ୟାଳୟ ତୁଳନାରେ ୨୦୧୪-୨୪ରେ ୬.୫ ଗୁଣା ବୃଦ୍ଧି ପାଇ ୭୪୦ଟିଅନୁମୋଦିତ ହୋଇଛି। ୨୦୨୧-୨୨ରୁ ୨୦୨୫-୨୬ ଅବଧି ପାଇଁ ୨୮,୯୧୯.୭୨ କୋଟି ଟଙ୍କା ଅନୁମୋଦନ ହୋଇଛି। ଏକଲବ୍ୟ ଆବାସିକ ମଡେଲ ବିଦ୍ୟାଳୟ ପାଇଁ ୨୦୧୩-୧୪ରେ ମାତ୍ର ୨୭୮.୭୬ କୋଟି ଟଙ୍କା ଆବଣ୍ଟନ ହୋଇଥିବାବେଳେ ୨୦୨୩-୨୪ରେ ୨୧ଗୁଣା ବୃଦ୍ଧି ପାଇ ୫୯୪୩ କୋଟି ଟଙ୍କାକୁ ପହଞ୍ଚିଛି। ଆସନ୍ତା ୩ ବର୍ଷରେ ୩.୫ ଲକ୍ଷ ଆଦିବାସୀ ଛାତ୍ରଙ୍କ ଶିକ୍ଷା ପାଇଁ ମୋଦି ସରକାର ୭୪୦ଟି ଏକଲବ୍ୟ ଆବାସିକ ବିଦ୍ୟାଳୟ ପାଇଁ ୩୮,୮୦୦ ଶିକ୍ଷକ ଏବଂ ସହାୟକ ନିଯୁକ୍ତ କରିବେ। ପ୍ରଧାନମନ୍ତ୍ରୀ ଆଦିବାସୀ ବିକାଶ ମିଶନ(ପିଏମ୍‌ଜେଭିଏମ୍) ଲକ୍ଷ୍ୟ ରଖିଛି ଯେ, ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ଷୁଦ୍ର ଜଙ୍ଗଲ ଉତ୍ପାଦ କ୍ରୟ କରିବାରେ ରାଜ୍ୟଗୁଡ଼ିକୁ ସହାୟତା କରିବା ବ୍ୟତୀତ ବନଧନ ବିକାଶ କେନ୍ଦ୍ର/ବନଧନ ଉତ୍ପାଦକ ଉଦ୍ୟୋଗ ସ୍ଥାପନକରି ଜୀବିକା ନିର୍ବାହ କରୁଥିବା ଆଦିବାସୀଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା । ଏହି ଯୋଜନାରେ ଆଗାମୀ ୫ ବର୍ଷରେ ୧୬୧୨ କୋଟି ଟଙ୍କା ବ୍ୟୟରେ ୩୦୦୦ ହାଟ ବଜାର ଏବଂ ୬୦୦ ଗୋଦାମ ଘର ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଛି। ୩୯୫୮ ବନଧନ ବିକାଶ କେନ୍ଦ୍ର ପାଇଁ ୫୨୭.୭୭ କୋଟି ଟଙ୍କା ମୂଲ୍ୟର ପାଣ୍ଠି ଅନୁମୋଦିତ ହୋଇଛି। ଏହାଦ୍ୱାରା ୧୧.୮୩ ଲକ୍ଷ ଆଦିବାସୀ ହିତାଧିକାରୀ ଉପକୃତ ହେବେ। ବନଧନ ଯୋଜନା ଅନ୍ତର୍ଗତ ରାଜ୍ୟର ୧୫ ଜିଲାରେ ୧୭୦ଟି ବନଧନ କେନ୍ଦ୍ର ଖୋଲାଯାଇଛି।


**TPCODL**

**ବିଶେଷ ସୂଚନା**

ନିୟମିତ ମରାମତି କାର୍ଯ୍ୟ ପାଇଁ ଆଜି ଭୁବନେଶ୍ୱର ସ୍ଥିତ ପୋଖରୀପୁଟ ଗ୍ରାମ, ଅନନ୍ତ ବିହାର ଓ ବିଡିଏ ଅଞ୍ଚଳରେ ସକାଳ ୮.୩୧ ଘଟିକା ରୁ ଦିନ ୧୨.୪୩ ଘଟିକା ପର୍ଯ୍ୟନ୍ତ ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ।

**ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ**




ଭୁବନେଶ୍ୱରରେ ବୁଧବାର ହୋଇଥିବା ଅଦିନିଆ ଲଗାଣ ବର୍ଷା।
(ଫଟୋ: ବିକାଶ ନାୟକ )

**ପ୍ରଥମ ପୃଷ୍ଠାରୁ...**

## ମାର୍ଚ୍ଚର ସର୍ବୋଚ୍ଚ ତାପମାତ୍ରା ...

ଯାଜପୁର ୩୪.୪, ଛତ୍ରପୁର ୪୦, ଖୋର୍ଦ୍ଧା ୩୮, ଭୁବନେଶ୍ୱର ୨୫.୬, କଟକ ୩୨.୪, ଚାନ୍ଦବାଲି ୧୩.୫. ବାଲେଶ୍ୱର ୩୦.୪, ବଲାଙ୍ଗୀରରେ ୩୫.୪ ମିଲିମିଟର ବର୍ଷା ରେକର୍ଡ ହୋଇଛି । ମଙ୍ଗଳବାର ରାତିରୁ ବର୍ଷା ଲାଗି ରହିବା ଯୋଗୁ ବୁଧବାର ଅପରାହ୍ନ ଯାଏ ଲୋକମାନେ ଘରୁ ପଦାକୁ ବାହାରିପାରି ନ ଥିଲେ। କେତେକ ସ୍ଥାନରେ ଗଛ ପଡ଼ିବା ସହ ପାଣି ଜମିଥିବାରୁ ଯାତାୟାତରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ଅଦିନିଆ ବର୍ଷା ଯୋଗୁ ରାଜ୍ୟରେ ରବି ଫସଲ ଓ ଚିନାବାଦାମ ଚାଷ ପ୍ରଭାବିତ ହୋଇଛି। ବିଲବାଡ଼ିରେ ଆଣ୍ଠୁଏ ଲେଖାଏ ପାଣି ଜମିରହିଛି। ତେବେ ଗୁରୁବାରଠାରୁ ପାଗରେ ପରିବର୍ତ୍ତନ ହେବ। ଆସନ୍ତା ୨୪ ତାରିଖରୁ ରାଜ୍ୟରେ ପୁଣି ତାପମାତ୍ରା ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ଫତେଗଡ଼ ନୂଆ ...

ବର୍ଷା ପବନ ହେଉଥିବାରୁ ମନ୍ଦିରର ରାତି ଜଗୁଆଳି ଶୋଇ ପଡ଼ିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ମନ୍ଦିର ହୁଣ୍ଡି ଭାଙ୍ଗି ପ୍ରାୟ ଲକ୍ଷାଧିକ ଟଙ୍କା,ସୁନା ରୁପା ଲୁଟି ନେଇଛନ୍ତି। ବୁଧବାର ସକାଳୁ ପୂଜକ ପୂଜା କରିବାକୁ ଆସିବାବେଳେ ମନ୍ଦିର ମୁଖ୍ୟ ଫାଟକ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ମନ୍ଦିର ଭିତର ହୁଣ୍ଡି ଭଙ୍ଗା ଯାଇଥିଲା। ହୁଣ୍ଡିରେ ଭକ୍ତମାନେ ଦାନ କରିଥିବା ଟଙ୍କା ଓ ମନ୍ଦିର କାର୍ଯ୍ୟାଳୟର ଆଲମାରିରେ ଥିବା ୮ ଲକ୍ଷ ଟଙ୍କା ଏବଂ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଗହଣା ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଦୁର୍ବୃତ୍ତମାନେ ଚୋରି କରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସନ୍ତୋଷ କୁମାର ତ୍ରିପାଠୀ, ଯୁଧିଷ୍ଠିର ଖୁଣ୍ଟିଆ ଫତେଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଫତେଗଡ଼ ଥାନା ପକ୍ଷରୁ ଥାନାଧିକାରୀ ସୁଜିତ କୁମାର ଦାସଙ୍କ ସମେତ ପୋଲିସ କର୍ମଚାରୀ ମନ୍ଦିର ପରିସରରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଉକ୍ତ ଘଟଣାରେ୨ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ହେଲେ ଏ ସଂକ୍ରାନ୍ତରେ ପୋଲିସ କୌଣସି ତଥ୍ୟ ପ୍ରଦାନ କରିନାହିଁ।

## ୪୦ ଟଙ୍କା ପାଇଁ ...

ହୋଇଥିବାବେଳେ ସେ ୧୪୦ ଟଙ୍କା ଫୋନ୍ ପେ'ରେ ଦେଇ ପଳାଇଯାଉଥିଲେ। ଆଉ ୪୦ ଟଙ୍କା ଦେବା ପାଇଁ ବିଜୟ ତାଙ୍କୁ ଡାକିବା ସହ ସକାଳୁ ଦୋକାନର ବଇନି ସମୟରେ ବାକି ଦେଇ ହେବନାହିଁ ବୋଲି କହିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କାମେଶ ଉତ୍ତ୍ୟକ୍ତ ହୋଇ ବିଜୟଙ୍କୁ ଏକ ଧକ୍କା ମାରିଥିଲେ। ବିଜୟ ତଳେ ପଡ଼ି ସଂଜ୍ଞାହୀନ ହୋଇପଡ଼ିଥିଲେ। ସ୍ଥାନୀୟ ଦୋକାନୀମାନେ ଉଦ୍ଧାରକରି ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତାଙ୍କ ପୁତୁରା ନଳିନୀକାନ୍ତ ପଣ୍ଡା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୨୩ ଓ ୩୦୨ରେ ଏକ ମାମଲା(୧୫୭/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ବିଜୟଙ୍କ ମୃତ୍ୟୁ ଖବର ଶୁଣି କାମେଶ ଫେରାର ହୋଇଯାଇଥିବା ଜଣାପଡ଼ିଛି।

## ନବୀନ ପ୍ରଥମ, ଦୀପାଳି ...

କୋଟି ୬୪ ଲକ୍ଷ ୧୫ ହଜାର ୨୬୧ ଟଙ୍କା ଏବଂ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨୩ ଲକ୍ଷ ୨୬ହଜାର ୫୫୫ ଟଙ୍କା। ମୁଖ୍ୟମନ୍ତ୍ରୀଙ୍କ ପଛକୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ଝିଅ ତାଙ୍କ ପିତାଙ୍କ ମୃତ୍ୟୁ ପରେ ଅନୁଷ୍ଠିତ ଉପନିର୍ବାଚନ ବେଳେ ନାମାଙ୍କନ ପତ୍ର ଦାଖଲ ସମୟରେ ଦେଇଥିବା ସତ୍ୟପାଠରେ ୪୦ କୋଟି ଟଙ୍କାର ସମ୍ପତ୍ତି ଥିବା ଦୀପାଳି ଦର୍ଶାଇଥିଲେ। ଦୀପାଳି ଧନୀ ବିଧାୟକ ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏଡିଆର୍ ରିପୋର୍ଟ ଅନୁଯାୟୀ, ଦୀପାଳିଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୩୪ କୋଟି ୪୦ ଲକ୍ଷ ୮୭ ହଜାର ୮୭୯ ଟଙ୍କା ହୋଇଥିବାବେଳେ ସ୍ଥାବର ସମ୍ପତ୍ତିର ମୂଲ୍ୟ ୫ କୋଟି ୭୬ ଲକ୍ଷ ୪୦ ହଜାର ୪୦୦ ଟଙ୍କା । ସେହିପରି ବଲାଙ୍ଗୀର ଜିଲା ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ତୃତୀୟ ଧନୀ ବିଧାୟକ। ତାଙ୍କର ମୋଟ ୩୧ କୋଟି ଟଙ୍କାର ସମ୍ପତ୍ତି ଥିବା ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି। ସେଥିରୁ ଅସ୍ଥାବର ସମ୍ପତ୍ତି ମୂଲ୍ୟ ୫୭.୪୯ ଲକ୍ଷ ଟଙ୍କା ହୋଇଥିବା ବେଳେ ସ୍ଥାବର ସମ୍ପତ୍ତି ମୂଲ୍ୟ ୩୦.୮୬ କୋଟି। ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ହେଉଛନ୍ତି ରାଜ୍ୟର ଚତୁର୍ଥ ଧନୀ ବିଧାୟକ। ଏଡିଆର୍ ରିପୋର୍ଟ ଅନୁଯାୟୀ, ତାଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୩୦ କୋଟି ଟଙ୍କା ହୋଇଥିବା ବେଳେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୧୯ କୋଟି ଟଙ୍କା। ସେହିପରି କଂଗ୍ରେସର କଟକ- ବାରବାଟୀ ବିଧାୟକ ମହମ୍ମଦ ମୋକିମ ଏବଂ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଯଥାକ୍ରମେ ଷଷ୍ଠ ଓ ସପ୍ତମ ଧନୀ ବିଧାୟକ। ଉଭୟଙ୍କ ସମ୍ପତ୍ତିର ମୂଲ୍ୟ ୧୭ କୋଟି ଟଙ୍କା ଲେଖାଏ ଥିବା ଏଡିଆର୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିପରି ବିଜେଡି ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଢେଙ୍କାନାଳ ବିଧାୟକ ସୁଧୀର ସାମଲ ଏବଂ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯଥାକ୍ରମେ ରାଜ୍ୟର ଅଷ୍ଟମ, ନବମ ଓ ଦଶମ ଧନୀ ବିଧାୟକ। ବଳବନ୍ତରାୟଙ୍କର ମୋଟ ସମ୍ପତ୍ତିର ମୂଲ୍ୟ ୧୭ କୋଟି ଟଙ୍କା ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।


**ODISHA PUBLIC SERVICE COMMISSION**
**CUTTACK**
**NOTICE**

No. 1706/P.S.C. Dt.20.03.24
1E-9-2023/24 (DR-III)

No. D-273: It is for information of all concerned that, the **Written Examination** for recruitment to the post of **Assistant Conservator of Forests, (Group-A) (JB) and Forest Ranger, Group-B of Odisha Forest Service under Forest, Environment & Climate Change Department** pursuant to Advt. No. 08 of 2023-24 vide NoticeNo. 1397/PSC Dt.04.03.2024, scheduled to be held from 27.03.2024 to 07.04.2024, **is hereby postponed** due to unavoidable circumstances. The revised examination schedule shall be notified latter.
The candidates are advised to visit the website of the Commission **(www.opsc.gov.in)** regularly for further updates.

OIPR-12002/11/0190/2324 Sd./- Secretary

कार्यपालक अभियंता का कार्यालय
लघु सिंचाई प्रमण्डल, लोहरदगा
( E -MAIL ID – midloh632@gmil.com)

पत्रांक ....................../ लोहरदगा, दिनांक....................../

शुद्धि पत्र

एतद् द्वारा सूचित किया जाता है कि इस कार्यालय के पत्रांक– 215 दिनांक– 11.03.2024 निविदा आमंत्रण सूचना सं0 WRD/MID/LOHARDAGA/F2-29/2023-24 जो दैनिक समाचार पत्रों में PR NO. 322152 Lohardaga(23-24)#D द्वारा प्रकाशित है को अपरिहार्य कारणों से अगले आदेश तक स्थगित किया जाता है।

कार्यपालक अभियंता,
लघु सिंचाई प्रमण्डल, लोहरदगा
PR 323177 (Lohardaga)23-24*D

TP SOUTHERN ODISHA DISTRIBUTION LIMITED
(Procurement Department)
**TPSODL**

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 21.03.2024

TP Southern Odisha Distribution Ltd. invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
| --- | --- | --- | --- | --- | --- |
| 1 | Rate Contract for Automation Equipment and Services at TPSODL | TPSODL/OT/2023-24/095 | 2,00,000 | 5,000 | 10.04.2024 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

कार्यालय,कार्यपालक अभियन्ता,
लघु सिंचाई प्रमण्डल,सिमडेगा
eemidsim-cemr-jhr@nic.in

पत्रांकः– शुद्धि पत्र सिमडेगा,दिनांकः–

एतद् द्वारा सूचित किया जाता है कि इस कार्यालय के पत्रांकः– 177 दिनांकः– 14.03.2024 द्वारा निर्गत ई0 निविदा सूचना संख्याः– WRD/MID SIMDEGA/F2-14/2023-24 पी.आर.संख्याः–322628 {Minor Irrigation} वर्ष–2023–24 (D) द्वारा प्रकाशित निविदा को अपरिहार्य कारणवश अगले आदेश तक स्थगित किया जाता है।

कार्यपालक अभियंता,
लघु सिंचाई प्रमण्डल,सिमडेगा
PR 323195 (Minor Irrigation)23-24*D

Government of India
**INCOME TAX DEPARTMENT**
Bhubaneswar

**ସାର୍ବଜନୀନ ସୂଚନା**

F. No. Nodal Officer/Odisha Elections/2023-24 Date: 16.03.2024

ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ଲୋକ ସଭା ଓ ଓଡ଼ିଶା ବିଧାନସଭାର ସାଧାରଣ ନିର୍ବାଚନ ୨୦୨୪ର ଘୋଷଣା କରିଦିଆଯାଇଛି। ନିର୍ବାଚନ ପ୍ରକ୍ରିୟା ସମୟରେ ସତର୍କତା ଏବଂ କଳାଧନର ବ୍ୟାପକ ବ୍ୟବହାରରେ ଅଂକୁଶ ଲଗାଇବା ପାଇଁ ଆୟକର ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

ଅଘୋଷିତ ଅର୍ଥ ଓ ଅନ୍ୟ ଅଘୋଷିତ ମୂଲ୍ୟବାନ ସାମଗ୍ରୀର ସୂଚନା ଓ ଅଭିଯୋଗ ପ୍ରାପ୍ତ କରିବା ପାଇଁ ଆୟକର ବିଭାଗ, ଓଡ଼ିଶା ଦ୍ୱାରା ୨୪ × ୭ କଲ୍ ସେଣ୍ଟର ସୁବିଧା ସହିତ ନିମ୍ନଲିଖିତ ଯୋଗାଯୋଗ ନମ୍ବର ସହିତ ଭୁବନେଶ୍ୱରରେ ଏକ କେନ୍ଦ୍ରୀୟ ନିୟନ୍ତ୍ରଣ କକ୍ଷ ସହିତ ସୂଚନା ଅଭିଯୋଗ ପ୍ରକୋଷ୍ଠ ସ୍ଥାପିତ ହୋଇଛି।

**ନିର୍ବାଚନ ନିୟନ୍ତ୍ରଣ ପ୍ରକୋଷ୍ଠ ସହ ଅଭିଯୋଗ ପରିଚାଳନା ପ୍ରକୋଷ୍ଠ**
**ଟୋଲ୍ ଫ୍ରି ନମ୍ବର: ୧୮୦୦୩୪୫୭୭୯୦**
**ହ୍ୱାଟ୍ସଆପ୍ ନମ୍ବର: ୯୩୪୮୯୦୪୪୯୦**
**ଇ-ମେଲ୍ କରନ୍ତୁ: odishaelection2024@incometax.gov.in**

ନିର୍ବାଚନ ସମ୍ବନ୍ଧୀୟ କୌଣସି ପ୍ରକାର ଅନୁଚିତ ନଗଦ ରାଶିର ନେଣ ଦେଣ କିମ୍ବା ଅଘୋଷିତ ନଗଦ ରାଶି ଓ ମୂଲ୍ୟବାନ ସାମଗ୍ରୀର ସୂଚନା ବିଷୟରେ ଦୟାକରି ଉପରୋକ୍ତ ନମ୍ବରରେ ସୂଚନା ଦିଆଯାଇପାରିବ।

ହସ୍ତାକ୍ଷର
ବିନୟଶୀଳ ଗୌତମ
ଆୟକର ଅତିରିକ୍ତ ନିର୍ଦ୍ଦେଶକ (ଅନ୍ୱେଷଣ)
ୟୁନିଟ୍-୨, ସହ-ନୋଡାଲ ଅଧିକାରୀ (ଇ.ଇ.ଏମ୍.), ଭୁବନେଶ୍ୱର

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ପତ୍ର ସଂଖ୍ୟା: 10866/ଭୁ.ଉ.କ., ଭୁବନେଶ୍ୱର ତା: ୧୪।୦୩।୨୦୨୪ରିଖ
SRE-25/88

**ସୂଚନା**

No. CAD-4730: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ମୌଜା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ ନଂ. S-5/466କୁ ଶ୍ରୀ ଭୀମସେନ ସାହୁ, ପିତା: କେଲୁଚରଣ ସାହୁ, ଗ୍ରାମ/ପୋଷ୍ଟ: କଣ୍ଟିଲୋ, ଥାନା: ଖଣ୍ଡପଡ଼ା, ଜିଲ୍ଲା: ପୁରୀ, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।
ଆବଣ୍ଟନଗ୍ରାହୀ ଭୀମସେନ ସାହୁ ଗତ ତା୨୭।୦୭।୨୦୧୮ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate No. 17189, Dated 21.08.2018).
Legal Heir Certificate No. E-LHC/7 of 2019 dated 01.02.2019 ଅନୁଯାୟୀ ଭୀମସେନ ସାହୁଙ୍କର ଉତ୍ତରାଧିକାରୀ (୧) ପ୍ରମୋଦିନୀ ସାହୁ (ସ୍ତ୍ରୀ), (୨) ଗୀତାଞ୍ଜଳି ଶତପଥୀ (ବିବାହିତା କନ୍ୟା), (୩) ସୁଚେତା ସାହୁ (ବିବାହିତା କନ୍ୟା) ଓ (୪) ରଶ୍ମି ସାହୁ (ବିବାହିତା କନ୍ୟା) ଅଟନ୍ତି। ସୁଚେତା ସାହୁ ଓ ରଶ୍ମି ସାହୁ ତାଙ୍କର General Power of Attorney Holder ଭାବେ ଗୀତାଞ୍ଜଳି ଶତପଥୀଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।
ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ତାଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ଲଟର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0760/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୨୦୩୦ ସୁଦ୍ଧା ୧୦ଲକ୍ଷ ଇଭି ବିକ୍ରି ଲକ୍ଷ୍ୟ

■ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଶୁଭାରମ୍ଭ

■ଏମ୍‌ଜି 'ସାଇବରଷ୍ଟର' ଇଭି ସ୍ପୋର୍ଟସ କାର୍‌ର ଅନାବରଣ

ନୂଆଦିଲ୍ଲୀ,୨୦।୩ (ଅଭୟ ଦାଶ)





ଦେଶର ପ୍ରମୁଖ ଘରୋଇ ସଂସ୍ଥା 'ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍' ଏବଂ ଅନ୍ତଃ ରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ 'ଏମ୍‌ଜି ମୋଟର୍ସ ଇଣ୍ଡିଆ'ର ମିଳିତ ସହଯୋଗ (ଜଏଣ୍ଟ ଭେଞ୍ଚର ବା ଜେଭି)ରେ ଏକ ସର୍ବବୃହତ୍ ବୈଦ୍ୟୁତିକ ଯାନ (ଇଲେକ୍ଟ୍ରି ଭେଇକିଲ ବା ଇଭି) ନିର୍ମାତା ବା ଅଟୋମୋବାଇଲ କମ୍ପାନୀ 'ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ କମ୍ପାନୀର ଜେଭି ବ୍ରାଣ୍ଡ୍ 'ଜେଏସଡବ୍ଲ୍ୟୁ ଏମ୍‌ଜି ମୋଟର୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପ୍ରଥମ ଇଭି ସ୍ପୋର୍ଟସ କାର୍ ଏମ୍‌ଜି 'ସାଇବରଷ୍ଟର' ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଚେୟାରମ୍ୟାନ ସଜ୍ଜନ ଜିନ୍ଦଲ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟର ଏମ୍‌ଡି ପାର୍ଥ ଜିନ୍ଦଲ ଏବଂ ଏମ୍‌ଜି ମୋଟର୍ସ ଇଣ୍ଡିଆର ପ୍ରେସିଡେଣ୍ଟ ତଥା ଏମ୍‌ଡି ରାଜୀବ ଛାବା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଅନାବରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ୨୦୩୦ ସୁଦ୍ଧା ପ୍ରାୟ ୧୦ ଲକ୍ଷ ( ୧ ମିଲିୟନ) ଇଭି କାର୍ ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ପ୍ରାଥମିକ ପର୍ଯ୍ୟାୟରେ ଉଭୟ କମ୍ପାନୀ ଜେଭିରେ ୫୦୦୦ କୋଟି ନିବେଶ ସହ ବାର୍ଷିକ ୧ରୁ ୩ ଲକ୍ଷ ପର୍ଯ୍ୟନ୍ତ ଗାଡ଼ି ଉତ୍ପାଦନ କରିବା ସହ ବଜାର ପ୍ରବେଶ ମଧ୍ୟ କରାଇବ। ସେହିପରି ପ୍ରତି ୩ରୁ ୬ ମାସ ଅବଧି ମଧ୍ୟରେ ଏକ ନୂଆ ମଡେଲ ଉନ୍ମୋଚନ ସହ ବଜାର ପ୍ରବେଶ କରାଇବାକୁ ଜେଭି ଲକ୍ଷ୍ୟ ରଖିଛି। ଅପରପକ୍ଷରେ କମ୍ପାନୀ (ଜେଭି)ରେ ୪୯% ଅଂଶଧନ ଏମ୍‌ଜି ମୋଟର୍ସ ପାଖରେ ରହିଥିଲାବେଳେ ୩୫% ଅଂଶଧନ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ନିକଟରେ ରହିଛି। ଅବଶିଷ୍ଟ ୧୬% ବିଭିନ୍ନ ବର୍ଗଙ୍କ ନିକଟରେ ରହିବ ବୋଲି ଜେଭି ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍‌ର ଚେୟାରମ୍ୟାନ ସଜ୍ଜନ ଜିନ୍ଦଲ କହିଛନ୍ତି, ମୋ ଜୀବନ ଲକ୍ଷ୍ୟକୁ ମୁଁ ଏମ୍‌ଜି ମୋଟର୍ସ ସହଭାଗିତାରେ ପୂରଣ କରିବାକୁ ଯାଉଛି। ଏହି ନୂଆ ଅଟୋ ୟୁନିଟ୍ ଭାରତୀୟ ଇଭି ଶିଳ୍ପରେ ମାରୁତି ମୁଭମେଣ୍ଟ ଭଳି ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବ ବୋଲି ଜିନ୍ଦଲ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୨୦।୩

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୦ (୮୯.୬୪) ପଏଣ୍ଟ ବଢି ୭୨,୧୦୨(୭୨,୧୦୧.୬୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୨ (୨୧.୬୫) ପଏଣ୍ଟ ବୃଦ୍ଧି ଘଟି ୨୧,୮୩୯ (୨୧,୮୩୯.୧୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ମୁଦ୍ରା ଫାଇନାନ୍ସ**
PM
ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଟାଟା ଷ୍ଟିଲ୍‌କୁ ଉତ୍କର୍ଷ ପୁରସ୍କାର

ଭୁବନେଶ୍ୱର,୨୦।୩



ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅନ୍ୟତମ ପ୍ରମୁଖ କମ୍ପାନୀ ଟାଟା ଷ୍ଟିଲ୍‌କୁ ନିକଟରେ ଆଉ ଏକ ଜାତୀୟ ସ୍ତରର ସମ୍ମାନ ସହ ପୁରସ୍କୃତ କରାଯାଇଛି। ଉଲ୍ଲେଖଯୋଗ୍ୟ, କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ)ର ଆଇଟିସି ସଷ୍ଟେନେବିଲିଟି ଆୱାର୍ଡସ୍-୨୦୨୩ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍‌ର ସୁକିନ୍ଦା କ୍ରୋମାଇଟ୍ ଖଣିକୁ 'ଜୈବ ବିବିଧତା ପରିଚାଳନା ଉତ୍କର୍ଷ' ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷକରି କମ୍ପାନୀର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍‌ଡି) ଅଧୀନରେ ପରିଚାଳିତ ଖଣି କାର୍ଯ୍ୟକ୍ଷେତ୍ରର ପାରିପାର୍ଶ୍ୱିକ ଅଞ୍ଚଳରେ ଜୈବ ବିବିଧତାର ସଂରକ୍ଷଣ ପ୍ରତି ଉଲ୍ଲେଖନୀୟ ପଦକ୍ଷେପ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ନୂଆଦିଲ୍ଲୀର ତାଜମହଲ ହୋଟେଲଠାରେ ଆୟୋଜିତ ୧୮ତମ ସିଆଇଆଇ ଆଇଟିସି ସଷ୍ଟେନେବିଲିଟି ପୁରସ୍କାର ସମାରୋହରେ ଯୋଗଦେଇ ଆଇଟିସି ଲିମିଟେଡ୍‌ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ତଥା ସିଆଇଆଇର ମନୋନୀତ ସଭାପତି ସଞ୍ଜୀବ ପୁରୀ ଟାଟା ଷ୍ଟିଲ୍‌କୁ ଉକ୍ତ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁକିନ୍ଦା କ୍ରୋମାଇଟ୍ ଖଣିର ମୁଖ୍ୟ (ଖଣି) ଦେବରାଜ ତିୱାରୀ କମ୍ପାନୀ ପକ୍ଷରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି ।

# ୩୧ରେ ଖୋଲାରହିବ ବ୍ୟାଙ୍କ

ଭୁବନେଶ୍ୱର,୨୦।୩ (ଅନୁରାଧା ମହାରଣା)





ମାର୍ଚ୍ଚ ୩୧ ରବିବାର ହୋଇଥିଲେ ମଧ୍ୟ ସମସ୍ତ ବ୍ୟାଙ୍କ ଖୋଲା ରଖିବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିଷ୍ପତ୍ତି ନେଇଛି। ଆର୍ଥିକ ବର୍ଷର ଶେଷ ଦିନ ହୋଇଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ'ରେ ଏନେଇ ଆର୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି। ଆର୍ଥିକ ବର୍ଷ ଶେଷ ପର୍ଯ୍ୟନ୍ତ ଘଟୁଥିବା କାରବାର ସେହି ବର୍ଷରେ ପଞ୍ଜୀକୃତ ହେବା ଉଚିତ। ତେଣୁ କାର୍ଯ୍ୟ କରିବାକୁ ସମସ୍ତ ବ୍ୟାଙ୍କକୁ ପଠାଯାଇଥିବା ଚିଠିରେ ଦର୍ଶାଯାଇଛି। ମାର୍ଚ୍ଚ ୩୧ ରବିବାରରେ ସମସ୍ତ ବ୍ୟାଙ୍କ ନିୟମିତ ସମୟ ଅନୁଯାୟୀ ଖୋଲିବ ଏବଂ ବନ୍ଦ ହେବ । ଶନିବାର ମଧ୍ୟ ସମସ୍ତ ବ୍ୟାଙ୍କ ଖୋଲା ରହିବ। ଏହାସହ ଏନ୍‌ଇଏଫ୍‌ଟି ଏବଂ ଆର୍‌ଟିଜିଏସ୍ କାରବାର ମଧ୍ୟ ମଧ୍ୟରାତ୍ରି ପର୍ଯ୍ୟନ୍ତ ଜାରି ରହିବ। ଏହା ବ୍ୟତୀତ ସରକାରୀ ଚେକ୍ କ୍ଲିୟର ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ କରାଯିବ। ତେବେ ଶେୟାର ବଜାର ବନ୍ଦ ରହିବ। ଏହା ପୂର୍ବରୁ ଆୟକର ବିଭାଗ ଏହାର ସମସ୍ତ କାର୍ଯ୍ୟାଳୟ ଖୋଲା ରଖିବାକୁ ନିଷ୍ପତ୍ତି ନେଇଥିଲା। ଗୁଡ୍ ଫ୍ରାଇଡେ ସମେତ ବିଭାଗ ଶନିବାର ଏବଂ ରବିବାରର ଛୁଟି ମଧ୍ୟ ବାତିଲ କରିଦେଇଛି। ୨୯ ମାର୍ଚ୍ଚରେ ଗୁଡ୍ ଫ୍ରାଇଡେ, ୩୦ ମାର୍ଚ୍ଚ ଶନିବାର ଏବଂ ୩୧ ମାର୍ଚ୍ଚରେ ରବିବାର ପଡୁଥିବାରୁ ୩ଦିନର ଏକ ଦୀର୍ଘ ଛୁଟି ଥିଲା। ଏହି କାରଣରୁ ବିଭାଗର ଅନେକ କାର୍ଯ୍ୟ ଆର୍ଥିକ ବର୍ଷ ଶେଷରେ ଅଟକିଯିବା ସମ୍ଭାବନାକୁ ଦୃଷ୍ଟିରେ ରଖି ଛୁଟି ବାତିଲ କରାଯାଇଛି।


## Classified Everyday 0674-2580101, 2549949



REAL ESTATE

SALE

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ 100ft. roadside yellowzone 30ft. ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। 7978701424, 9937025614.
D-75299

Bhubaneswar ପୋଖରୀପୁଟରୁ 5K.M. କୁହା ମୌଜାରେ ଚାରିପଟେ ଘରଥାଇ ମଝିରେ 2000sqft. plot 38,00,000/- ବିକ୍ରିହେବ। 9938016295. D-75930

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.- 500/-. 9776974912. D-75931

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277. D-2706

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ Extension BDA Zoneରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ 17,40,000/-ରେ ବିକ୍ରି କରାଯିବ। 6370469894.
D-75929

Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277. D-2705

Ready to move 2 BHK flat in Hightech Pearl Apartment @ Gudiapokhari. Price: Rs.30 lakh, negotiable. Contact: 7608000634.
D-2811





Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75718

Relax, Refresh your body, Mind at Saikrupa Spa with best therapies. 8984068077. D-2774

Relax, Refresh your body, mind by expert therapist. Contact- 9938843929. D-76108

AFFIDAVIT

By virtue of the affidavit sworn before the Executive Magistrate, Bhubaneswar Dtd.14.03.2024, I, Mrs. Sanjukta Kumari Patra Talasu, W/o Hara Mohan Patra of Plot No.87, Near LIC Office, Unit-7, Surya Nagar, P.S.- Capital, Bhubaneswar, Dist.- Khurda, P.S.- Capital, Pin- 751001 declare that I have changed my name from Sanjukta Patra to Sanjukta Kumari Patra Talasu. Henceforth, I shall be known as Sanjukta Kumari Patra Talasu for all purposes. Sd./- Sanjukta Kumari Patra Talasu D-75719

I, Yareen Shariff, D/o Dr. Ishaque Shariff Resident of 6/60 Main Road, Gandhi Nagar, Gopalpur, Pin-761002, Odisha declared by this affidavit No. 68 AA 515755 Dtd.- 29.02.2024 that now onwards I shall be known as Esha Shariff for all future purposes. D-2824

By affidavit before in the Court of Executive Magistrate, Aul, Kendrapara, CF No.- 52AA 541457 Dtd.19.2.2024, I have been changed name from Sanjulata Lenka to Sandhyarani Lenka, W/o Krushna Chandra Lenka, Vill.- Chandiagari, P.O.- Malapatana, P.S.- Aul, Dist.- Kendrapara. Instead of Sanjulata Lenka I have been recognized, identified & known as Sandhyarani Lenka for all purposes.
D-2823

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


# ଆଶାୟୀଙ୍କ ସ୍ୱପ୍ନ ପୂରଣ କରିବ ଆକାଶ

## ଚଳିତ ବର୍ଷର ଶିକ୍ଷା ବୃତ୍ତି ଘୋଷଣା

ବ୍ରହ୍ମପୁର,୨୦।୩(ସ୍ମୃତି ରଞ୍ଜନ ମହାଲିକ)





ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆକାଶର କର୍ମକର୍ତ୍ତା ବୃନ୍ଦ।

ଟେଷ୍ଟ ପ୍ରସ୍ତୁତି ସେବା କ୍ଷେତ୍ରରେ ଏକ ଜାତୀୟସ୍ତରରେ ଅଗ୍ରଣୀ ଆକାଶ ଏଜୁକେଶନାଲ ସର୍ଭିସେସ ଲିମିଟେଡ ପକ୍ଷରୁ ଆସନ୍ତା ଏପ୍ରିଲ ମାସରେ ନୂଆ ସେସନ ଆରମ୍ଭ ହେବା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଡାକ୍ତର ଓ ଇଞ୍ଜିନିୟର ହେବା ନିମନ୍ତେ ସେମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ ସମର୍ଥ କରାଇବାକୁ ବିଭିନ୍ନ ବୃତ୍ତି ଘୋଷଣା କରାଯାଇଛି। ବୁଧବାର କମାପଲ୍ଲୀସ୍ଥିତ ଅନନ୍ୟା ଆର୍‌କେଡଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ଯେ, ପ୍ରଥମ ବୃତ୍ତି ଇନଷ୍ଟାଣ୍ଟ ଆଡମିସନ କମ ସ୍କଲାରସିପ ଟେଷ୍ଟ। ଯାହା ମେଡିକାଲ, ଇଞ୍ଜିନିୟରିଂ ଓ ଫାଉଣ୍ଡେସନ ପାଠ୍ୟକ୍ରମରେ ନାମ ଲେଖା ନିମନ୍ତେ ୯୦% ପର୍ଯ୍ୟନ୍ତ ବୃତ୍ତି ପ୍ରଦାନ କରାଯିବ। ଏଥିସହ ଶହୀଦ, ପ୍ରତିରକ୍ଷା କର୍ମଚାରୀ ଓ ଆତଙ୍କବାଦରେ ପ୍ରଭାବିତ ବ୍ୟକ୍ତି ବିଶେଷଙ୍କ ପିଲାଙ୍କୁ ସ୍ୱତନ୍ତ୍ର ରିହାତି ଦିଆଯିବ। ଆକାଶର ଚିଫ ବିଜନେସ ଅଫିସର ଅନୁପ ଅଗ୍ରୱାଲ କହିଛନ୍ତି, ସମଗ୍ର ଭାରତରେ ଛାତ୍ରୀଛାତ୍ରଙ୍କ ପାଇଁ ସୁଲଭ ଓ ପ୍ରଭାବୀ ଶିକ୍ଷାଗତ ସୁଯୋଗ ଯୋଗାଇ ଦେବାକୁ ଏକନିଷ୍ଠ ରହିଛୁ। ଇନଷ୍ଟାଣ୍ଟ ଆଡମିସନ କମ ସ୍କଲାରସିପ ଟେଷ୍ଟ ଛାତ୍ରୀଛାତ୍ରଙ୍କୁ ନାମଲେଖା ନିମନ୍ତେ ତୁରନ୍ତ ବୃତ୍ତି ଓ ସୁଯୋଗ ଯୋଗାଇ ଦିଆଯାଉଛି। ଛାତ୍ରୀଛାତ୍ର ଏହି ପରୀକ୍ଷା ଅନଲାଇନରେ ଦେଇପାରିବେ। ସେମାନଙ୍କ ଉପାର୍ଜିତ ବୃତ୍ତି ସଂପର୍କରେ ତଥ୍ୟ ପାଇପାରିବେ। ଏଥିସହ ୮ମରୁ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ସେବା ଯୋଗାଉଥିବା ଆଇଏସିଏସଟି ମେଡିସିନ ଓ ଇଞ୍ଜିନିୟରିଂରେ କ୍ୟାରିୟର କରିବା ନିମନ୍ତେ ସେମାନଙ୍କର ସାମର୍ଥ୍ୟ ପ୍ରଦର୍ଶନ କରିବାକୁ ଏକ ମଞ୍ଚ ଭାବରେ କାର୍ଯ୍ୟ କରୁଛି। ଶହୀଦ ପିଲାଙ୍କ ନିମନ୍ତେ ଆକାଶ ୧୦୦% ପର୍ଯ୍ୟନ୍ତ ଟ୍ୟୁଶନ ଫି' ଛାଡ କରାଯିବ। ପ୍ରତିରକ୍ଷା କର୍ମଚାରୀ ଓ ଆତଙ୍କବାଦ ପ୍ରଭାବିତ ବ୍ୟକ୍ତି ବିଶେଷଙ୍କ ପିଲାଙ୍କ ପାଇଁ ଆଇଏସିଏସଟି ସ୍କୋର ସହିତ ଅତିରିକ୍ତ ୧୦% ରିହାତି ପ୍ରଦାନ କରାଯିବ। ଏହି ପ୍ରୟାସ ଦ୍ୱାରା ୨୦୧୪ରୁ ଆଜି ସୁଦ୍ଧା ୭୫ ହଜାରରୁ ଅଧିକ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୭ ଜଣ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳ ଟପ୍ପର ହୋଇଥିଲେ। ଖବରଦାତା ସମ୍ମିଳନୀରେ ଏକାଡେମିକ ମୁଖ୍ୟ ଇଂ ଶୁଭମ ଘର, ଏକାଡେମିକ ମୁଖ୍ୟ (ମେଡିକାଲ) ଆଶୁତୋଷ ଗର୍ଗ, ରିଜୋନାଲ ସେଲ୍ସ ଗ୍ରୋଥ ହେଡ ବିକାଶ ଦାସ ଓ ଶାଖା ମୁଖ୍ୟ ରୋହିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



୰ପଣ୍ଡିତ ଶ୍ରୀ ଭାଗୀରଥି ରଥ

ଜନ୍ମ- ୧୯୩୦, ମେ ମାସ, ଅକ୍ଷୟତୃତୀୟା, ଖଣ୍ଡପଡ଼ା, ଇଚ୍ଛାପୁର
ତିରୋଧାନ- ମାର୍ଚ୍ଚ ୧୦, ୧୯୯୬, ଦ୍ୱାଦଶୀ, ଶାସ୍ତ୍ରୀନଗର, ପ୍ଲଟ୍ ନଂ. ୪୭, ୟୁନିଟ୍-୪, ଭୁବନେଶ୍ୱର
ନନା, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ- ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ନାତିନାତୁଣୀ

ଧ-୨୮୨୨


# ଏଲ୍‌ଜିର ନୂତନ ଉତ୍ପାଦ ଉନ୍ମୋଚିତ





ଭୁବନେଶ୍ୱର,୨୦।୩

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ କଞ୍ଜୁମର ଡ୍ୟୁରାବେଲ ବ୍ରାଣ୍ଡ 'ଏଲ୍‌ଜି ଇଲେକ୍ଟ୍ରୋନିକ୍ସ'ର ନୂତନ ଉତ୍ପାଦ ଏଲ୍‌ଜି ମୁଡ୍ ଅଫ୍ ଟିମ୍ ରେଫ୍ରିଜରେଟରର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ବିଶେଷକରି ଲାକ୍‌ମୀ ଫ୍ୟାଶନ ଉଇକ୍ ଅବସରରେ ବ୍ରାଣ୍ଡ୍‌ର ଉକ୍ତ ଉତ୍ପାଦ ଲୋକପ୍ରିୟ ଫ୍ୟାଶନ ଡିଜାଇନର ଡ୍ରୁ, ଗୌରୀ ଏବଂ ନୈନିକାଙ୍କ ସହଭାଗିତାରେ ଉନ୍ମୋଚିତ ହୋଇଯାଇଛି। ଏ ସମ୍ପର୍କରେ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ଇଣ୍ଡିଆର ନିର୍ଦ୍ଦେଶକ (ହୋମ୍ ଆପ୍ଲାଏନ୍ସ ଆଣ୍ଡ ଏୟାର କଣ୍ଡିଶନର) ହ୍ୱାଆଙ୍ଗ ୟଙ୍ଗ୍‌ମିନ୍ କହିଛନ୍ତି, ବ୍ରାଣ୍ଡ୍‌ର ନୂତନ ଉତ୍ପାଦକୁ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହାର ଡିଜାଇନ , କଲର ଓ ଅତ୍ୟାଧୁନିକ ସୁବିଧା ଗ୍ରାହକଙ୍କୁ ବେଶ୍ ଆକର୍ଷିତ କରିବ। ସେହିଭଳି ଲାକ୍‌ମି ଫ୍ୟାଶନ ଉଇକ୍‌ରେ ଆମେ ଲୋକପ୍ରିୟ ଫ୍ୟାଶନ ଡିଜାଇନର ଡ୍ରୁ, ଗୌରୀ ଏବଂ ନୈନିକାଙ୍କ ସହଭାଗିତାରେ ଏହାକୁ ଅନାବରଣ ସହ ବଜାର ପ୍ରବେଶ କରାଇପାରିଛୁ।

# ଭାଜପା ଟିକେଟ ଆଶାରେ ୪

## ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ

ଭଣ୍ଡାରିପୋଖରୀ, ୨୦।୩ (ରବିନାରାୟଣ ଖିଲାର)


ବଦ୍ରିନାରାୟଣ ଧଳ


ପଞ୍ଚାନନ ରାଉତ


ସଂଘମିତ୍ରା ପଣ୍ଡା


ସୁଧାଂଶୁ ନାୟକ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୦୦୯ରୁ ଏହି ଆସନକୁ ବିଜେଡି ଅକ୍ତିଆର କରିଆସିଛି। ବିଜେଡିର ବରିଷ୍ଠ ନେତା ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ଏହି ଆସନରୁ କ୍ରମାଗତ ୩ ଥର ବିଧାୟକ ନିର୍ବାଚିତ ହୋଇଆସୁଛନ୍ତି। ନିକଟରେ ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିବା ପରେ ଏବେ ପ୍ରଫୁଲ୍ଲଙ୍କୁ ଟିକେଟ ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଇଡି ପ୍ରସଙ୍ଗକୁ ଆଳ କରାଯାଇ ଦଳ ଯଦି ତାଙ୍କୁ କିମ୍ବା ପରିବାରର ଅନ୍ୟ ସଦସ୍ୟଙ୍କୁ ଟିକେଟ ଦେବାରୁ ବଞ୍ଚିତ କରେ, ତେବେ ପ୍ରଫୁଲ୍ଲଙ୍କ ବିକଳ୍ପ କିଏ ହେବେ ସେନେଇ ଜୋର୍‌ଦାର ଚର୍ଚ୍ଚା ହେଉଛି।

୨୦୦୯ ନିର୍ବାଚନ ବେଳେ ଏକ ବିବାଦୀୟ ସ୍ଥିତିରେ ପ୍ରଫୁଲ୍ଲଙ୍କୁ ଭଦ୍ରକରୁ ହଟାଯାଇ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀରେ ନିର୍ବାଚନ ଲଢ଼ିବାକୁ ଦଳୀୟ ଟିକେଟ ମଞ୍ଜୁର କରାଯାଇଥିଲା। ଭଣ୍ଡାରିପୋଖରୀ ରାଜନୀତିରେ ପ୍ରଫୁଲ୍ଲ ସମ୍ପୂର୍ଣ୍ଣ ନୂଆ ହୋଇଥିଲେ ମଧ୍ୟ ନିଜର ରାଜନୈତିକ ଗୋଟିଚାଳନା ଯୋଗୁ ଉଭୟ କଂଗ୍ରେସ ଏବଂ ଭାଜପାକୁ ପଛରେ ପକାଇ ବିଧାୟକ ହୋଇଥିଲେ। ତେବେ ୨୦୧୯ ନିର୍ବାଚନରେ ପ୍ରଫୁଲ୍ଲ ବିଜୟୀ ହୋଇଥିଲେ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ତାଙ୍କୁ କଂଗ୍ରେସରୁ ଝଟ୍‌କା ଲାଗିଥିଲା। ଏହି ଆସନରେ ସେ ବିଜୟୀ ହୋଇଥିଲେ ମଧ୍ୟ ହାରଜିତ୍ ପ୍ରାକ୍ତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମଧ୍ୟରେ ବ୍ୟବଧାନ ପ୍ରାୟ ୮ ହଜାରକୁ ହ୍ରାସ ପାଇଥିଲା।

ଭଣ୍ଡାରିପୋଖରୀ ବ୍ଲକ୍‌ର ୨୩ ପଞ୍ଚାୟତ, ବନ୍ତ ବ୍ଲକର ୨୫ ପଞ୍ଚାୟତ ସମେତ ମୋଟ ୨୫୯ ବୁଥ୍‌କୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀ। ଗତ ନିର୍ବାଚନରେ ପ୍ରଫୁଲ୍ଲଙ୍କୁ ସର୍ବାଧିକ ୭୦ ହଜାର ୧୮୦ ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିପକ୍ଷ କଂଗ୍ରେସକୁ ୬୧ ହଜାର ୩୨୧ ଏବଂ ଭାଜପାକୁ ୩୯ ହଜାର ୧୪୧ ଖଣ୍ଡ ଭୋଟ ମିଳିଥିଲା। ତଥାପି ଏହି ଆସନରେ ବିରୋଧୀଙ୍କୁ ଟକ୍କର ଦେବାକୁ ବିଜେଡିର ପ୍ରଫୁଲ୍ଲ ହିଁ ଏକମାତ୍ର ବିକଳ୍ପ ବୋଲି ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି ଓ ବଦ୍ରିନାରାୟଣ ରାଉତ କହିଛନ୍ତି।

ଅନ୍ୟପକ୍ଷେ ୨୦୧୯ ସାଧାରଣ ନିର୍ବାଚନରେ ଭାଜପାକୁ ୩୯ ହଜାର ୧୪୧ ଖଣ୍ଡ ଭୋଟ ମିଳିଥିଲା। ଯଦି ମେଣ୍ଟ ହୁଏ, ଏହି ଆସନଟି ଭାଜପା ହାତକୁ ଯିବା ସମ୍ଭାବନା ରହିଛି। ଆସନ ପାଇଁ ଭାଜପାର ୪ ଜଣ ଆଶାୟୀ ପ୍ରାର୍ଥୀ ଦୌଡ଼ରେ ରହିଛନ୍ତି। ସେମାନେ ହେଲେ ନିର୍ବାଚନମଣ୍ଡଳୀ ନେତା ବଦ୍ରିନାରାୟଣ ଧଳ, ନାଟ୍ୟକାର ସୁଧାଂଶୁ ନାୟକ, ପ୍ରାକ୍ତନ ସାଧାରଣ ସମ୍ପାଦକ ପଞ୍ଚାନନ ରାଉତ ଓ ନାରୀନେତ୍ରୀ ତଥା ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷା ସଂଘମିତ୍ରା ପଣ୍ଡା। ବଦ୍ରିନାରାୟଣ ଭାଜପାରେ ଯୋଗଦାନ ପରେ ଦଳର ଭୋଟହାର ବୃଦ୍ଧି ପାଇ ୩୯ ହଜାର ୧୪୧ ଖଣ୍ଡରେ ପହଞ୍ଚିଛି। ସୁଧାଂଶୁ ବିଜେଡି ଛାଡ଼ି ଭାଜପାରେ ମିଶିବା ପରେ ମଧ୍ୟ ଦଳ ଆହୁରି ସୁଦୃଢ଼ ହୋଇଛି। ତାଙ୍କ ସହ ଥିବା ବୁଦ୍ଧିଜୀବୀ, କେତେ ଜଣ ଦଳୀୟ ଭୋଟର ମଧ୍ୟ ଭାଜପାରେ ମିଶିଛନ୍ତି। ଅନ୍ୟପକ୍ଷରେ ଯଦି ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ହାତକୁ ଯାଏ, ତେବେ ଏଠାରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରାର୍ଥୀତ୍ୱ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ନଚେତ୍ ଦଳ ଆଶାୟୀ ଥିବା ଅନ୍ୟ ୪ଜଣଙ୍କ ମଧ୍ୟରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ବିବେଚନା କରିବ ବୋଲି ରାଜନୈତିକ ବିଶାରଦମାନେ ମତବ୍ୟକ୍ତ କରିଛନ୍ତି।

# ବିଜେଡିରେ ଅଧିରାଜ


ବିଜେଡି ନେତାଙ୍କ ସହ ଦଳରେ ଯୋଗଦେଇଥିବା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ।

ଭୁବନେଶ୍ୱର, ୨୦।୩(ସୁନିତ୍ ମିଶ୍ର)

- ଖଡ଼ିଆଳ, ବୋଡେନ୍, ସିନାପାଲି ବ୍ଲକ୍ ଅଧ୍ୟକ୍ଷଙ୍କ ସମେତ ୪୦ ସରପଞ୍ଚ, ୩୪ ସମିତି ସଭ୍ୟ ମଧ୍ୟ ଯୋଗଦେଲେ
- ନୂତନ ଓଡ଼ିଶା ଗଠନ ଦିଗରେ ଯାହା ଦାୟିତ୍ୱ ମିଳିବ ତୁଲାଇବି: ଅଧିରାଜ

କଂଗ୍ରେସରୁ ମଙ୍ଗଳବାର ଇସ୍ତଫା ଦେଇଥିବା ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ବୁଧବାର ବିଧିବଦ୍ଧ ଭାବେ ବୁଧବାର ବିଜେଡିରେ ଯୋଗଦେଇଛନ୍ତି। ଅଧିରାଜଙ୍କ ସହ ଖଡ଼ିଆଳ, ବୋଡେନ୍ ଓ ସିନାପାଲି ବ୍ଲକର ଅଧ୍ୟକ୍ଷଙ୍କ ସମେତ ୪୦ ସରପଞ୍ଚ ଓ ୩୪ ସମିତି ସଭ୍ୟ ମଧ୍ୟ ବିଜେଡିରେ ସାମିଲ ହୋଇଛନ୍ତି।

ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଜେଡିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ, ନୂଆପଡ଼ା ଜିଲା ବିଜେଡି ପର୍ଯ୍ୟବେକ୍ଷିକ ସ୍ନେହାଙ୍ଗିନୀ ଛୁରିଆ ଏବଂ ମୁଖପାତ୍ର ପ୍ରିୟବ୍ରତ ମାଝିଙ୍କ ଉପସ୍ଥିତିରେ ଅଧିରାଜ ଦଳରେ ଯୋଗଦେଇଛନ୍ତି। ଏକ ନୂଆ ଓଡ଼ିଶା ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ତଥା ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଏବଂ ତାଙ୍କ ସମର୍ଥକମାନେ ବିଜେଡିରେ ମିଶିଥିବା ଅଧିରାଜ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ କଥା କମ୍, କାମ ବେଶି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ସେ ଯୋଗଦେଲେ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବି। ଦଳରେ ତାଙ୍କ ସହ ତାଙ୍କୁ ସହଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ ଧନ୍ୟବାଦ ଦେଇଛନ୍ତି। ଅଧିରାଜ ପାଣିଗ୍ରାହୀଙ୍କ ସହ ଖରିଆର ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବୋଡେନ୍ ବ୍ଲକ୍ ଅଧ୍ୟକ୍ଷା ପ୍ରେମଶୀଳା ନାଗ ଏବଂ ସିନାପାଲୀ ବ୍ଲକ୍ ଅଧ୍ୟକ୍ଷା ମାଧୁରୀ ମାଝିଙ୍କ ସହ ୪୦ ଜଣ ସରପଞ୍ଚ ଓ ୩୪ ସମିତିସଭ୍ୟ ଏବଂ ଶତାଧିକ କଂଗ୍ରେସ କର୍ମୀ ଶଙ୍ଖଭବନଠାରେ ବିଜେଡିରେ ଯୋଗଦେଇଛନ୍ତି। ଦଳରେ ସାମିଲ ହୋଇଥିବା ସମସ୍ତଙ୍କୁ ଉପଢୌକନ ଦେଇ ଦଳକୁ ସାଙ୍ଗଠନିକ ସମ୍ପାଦକ ସ୍ୱାଗତ କରିଛନ୍ତି।

୨୦୧୯ ନିର୍ବାଚନରେ ଅଧିରାଜ କଂଗ୍ରେସ ଟିକେଟରେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ୫୯,୩୦୮ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡି ନେତା ଲମ୍ବୋଦର ନିଆଲ ୫୬,୪୫୧ ଖଣ୍ଡ ଭୋଟ ପାଇ ହାରିଯାଇଥିଲେ। ୨୦୧୪ରେ ଅଧିରାଜ ଏହି ଆସନରୁ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ। ବିଧାୟକ ବିଜେଡିରେ ଯୋଗଦେବେ ବୋଲି ବହୁଦିନରୁ ଆଲୋଚନା ହେଉଥିଲା। ଏବେ ଅଧିରାଜଙ୍କୁ ଆଣି ବିଜେଡି ସେଠାରେ ନିଜର ସ୍ଥିତି ସୁଦୃଢ଼ କରିବାକୁ ପଦକ୍ଷେପ ନେଇଛି।

## କଟକ ମେୟରଙ୍କ ପଖାଳ ଦିବସ ପାଳନ

# ବଢ଼ିଲା ରାଜନୈତିକ ଚର୍ଚ୍ଚା


ନିଜ ସରକାରୀ ବାସଭବନରେ ବୁଧବାର ପଖାଳ ଦିବସ ପାଳନ ଅବସରରେ କଟକ ମେୟର ସୁବାସ ସିଂ ଓ ଅନ୍ୟମାନେ।

କଟକ,୨୦।୩(ଶିଳ୍ପା ପ୍ରିୟଦର୍ଶିନୀ)

ନିର୍ବାଚନ ସମୟ ପାଖେଇ ଆସୁଥିବାବେଳେ ସମସ୍ତ ଦଳରେ ଅଙ୍କ କଷା ଜାରି ରହିଛି। ଆଶାୟୀଙ୍କ ତାଲିକା ଲମ୍ବା ରହିଛି ସତ ହେଲେ ଦଳ କାହାକୁ ଟିକେଟ ଦେବ ସେ ନେଇ ଏବେ ନାନା କଳ୍ପନା ଜଳ୍ପନା ଚାଲିଛି। ନିର୍ବାଚନକୁ ନେଇ ସମସ୍ତେ ନିଜ ନିଜ ସଙ୍ଗଠନ ମଜଭୁତ କରିବା ସହ ଦଳୀୟ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ତେବେ ବୁଧବାର ପଖାଳ ଦିବସ ପାଳନ କରାଯାଇଥିବାବେଳେ ଏହି ଦିବସକୁ ପ୍ରଥମକରି ବ୍ୟକ୍ତିଗତ ଭାବେ ବାରବାଟୀ କିଲ୍ଲା ପରିସରରେ ଥିବା ନିଜ ସରକାରୀ କ୍ୱାର୍ଟର୍ସରେ ପାଳନ କରିବାକୁ ପଛାଇ ନାହାନ୍ତି କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ। ଏଥିରେ ସାମିଲ ହେବା ଲାଗି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ବାରବାଟୀ-କଟକ, ଚୌଦ୍ୱାର-କଟକ ବିଜେଡିର ନେତୃବୃନ୍ଦଙ୍କ ସମେତ ସିଏମ୍‌ସିର ସମସ୍ତ କର୍ପୋରେଟର, ଶାନ୍ତି କମିଟି କର୍ମକର୍ତ୍ତା, ସମସ୍ତ ପୂଜା କମିଟି କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ଏଥିରେ ଦେବାଶିଷଙ୍କ ସମେତ ବାରବାଟୀ-କଟକ ନିର୍ବାଚନମଣ୍ଡଳୀର ନେତୃବୃନ୍ଦ ଉପସ୍ଥିତ ନ ଥିଲେ। ସେହିପରି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଆସି ନ ଥିବାବେଳେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଉପସ୍ଥିତ ଥିଲେ। ତେବେ ମେୟର ସୁବାସ ପୂର୍ବରୁ କେବେ ଏପରି ଆଡମ୍ବର ସହ ପଖାଳ ଦିବସ ପାଳନ କରି ନ ଥିବାବେଳେ ଏବେ ନିର୍ବାଚନ ସମୟରେ ଏପରି ଭାବେ ପାଳିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏପରି କି ପୂର୍ବରୁ କୌଣସି ରାଜନେତା ଏଭଳି ଢଙ୍ଗରେ ପଖାଳ ଦିବସ ପାଇଁ କାର୍ଯ୍ୟକ୍ରମ ଆୟୋଜନ କରିବା କଟକରେ ପ୍ରଥମ ବୋଲି କେତେଜଣଙ୍କ ମୁହଁରୁ ଶୁଣିବାକୁ ମିଳୁଛି। ତେବେ ନିର୍ବାଚନକୁ ନେଇ ବାରବାଟୀ-କଟକ ଆସନରୁ ଭାଗ୍ୟ ପରୀକ୍ଷା ଲାଗି ମେୟର ସୁବାସଙ୍କ ପାଇଁ ସୁଯୋଗ ରହିଥିବାବେଳେ ପଖାଳ ଦିବସ ମାଧ୍ୟମରେ ସେ ବନ୍ଧୁମିଳନ କରି ଲୋକଙ୍କ ନିକଟତର ହେବାଲାଗି ଏକ ପ୍ରୟାସ ବୋଲି ଲୋକେ ବେଶ୍ ଟୁପୁରୁଟାପର ହେଉଛନ୍ତି। ହେଲେ ମେୟର ଏହି ସମସ୍ତ ପ୍ରସଙ୍ଗକୁ ଏଡାଇ କହିଛନ୍ତି, ପଖାଳ ହେଉଛି ଓଡ଼ିଆଙ୍କ ପରିଚୟ। ଏହା ସ୍ୱାସ୍ଥ୍ୟକର ଖାଦ୍ୟ। ସବୁବର୍ଗର ଲୋକଙ୍କୁ ଏକଜୁଟ୍ କରିବା ସହ ଏହି ଦିବସକୁ ମିଶି ପାଳିବା ପାଇଁ ଲକ୍ଷ୍ୟ ରହିଥିବା ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝି, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, 'ସମାଜ'ର ପ୍ରକାଶକ ଡ. ପ୍ରଭାସ ରଞ୍ଜନ ଆଚାର୍ଯ୍ୟ, ସମ୍ପାଦକ ଡ. ପ୍ରମୋଦ ମହାପାତ୍ର, ଆଇନଜୀବୀ ଶଶିଭୂଷଣ ଦାସ, ସାହିତ୍ୟିକ ତରୁଣ ସାହୁ, ବିଜେଡି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂ, ବିଶ୍ୱଜିତ୍ ମହାନ୍ତିଙ୍କ ସମେତ ସମସ୍ତ କର୍ପୋରେଟର, ବୁଦ୍ଧିଜୀବୀଙ୍କ ସହ ସମସ୍ତ ସମ୍ପ୍ରଦାୟର ଲୋକ ଉପସ୍ଥିତ ଥିଲେ।

## ୨୪ ବର୍ଷ ଶାସନରେ ଓଡ଼ିଶା କ'ଣ ପାଇଛି, ଉତ୍ତର ମାଗିବ ଯୁବ କଂଗ୍ରେସ: ସୁଦୀପ

ଭୁବନେଶ୍ୱର, ୨୦।୩(ସୁନିତ୍ ମିଶ୍ର)

ବିଜେଡି ସରକାରର ୨୪ ବର୍ଷ ଶାସନରେ ଓଡ଼ିଶା କ'ଣ ପାଇଛି। ୨୦୦୦-୦୯ ପର୍ଯ୍ୟନ୍ତ ବିଜେଡି ଓ ଭାଜପା ଓଡ଼ିଶାରେ ଏକ ମିଳିତ ସରକାର ଗଠନକରି ଶାସନରେ ଥିଲେ। ୨୦୦୯ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଲଗାତର ୧୫ ବର୍ଷ ଧରି ବିଜେଡି ଏକାକୀ ରାଜ୍ୟରେ ଶାସନ କରୁଥିଲା ବେଳେ ଏହି ୨୪ ବର୍ଷରେ ଏ ରାଜ୍ୟର ଯେଉଁ ମୌଳିକ ସମସ୍ୟାଗୁଡ଼ିକୁ କାହିଁକି ସମାଧାନ ହୋଇପାରିଲା ନାହିଁ ବୋଲି ବୁଧବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ସୁଦୀପ ସାମଲ ପ୍ରଶ୍ନ କରିଛନ୍ତି।

## ଓଡ଼ିଶାର ନିର୍ବାଚନ ରଣନୀତି ନେଇ ଦିଲ୍ଲୀରେ କଂଗ୍ରେସର ବୈଠକ

ଭୁବନେଶ୍ୱର, ୨୦।୩(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଆସନ୍ତା ସାଧାରଣ ନିର୍ବାଚନ କିଭଳି ଲଢ଼ାଯିବ ଏବଂ ଦଳ ଏଠାରେ କେମିତି ଭଲ ପ୍ରଦର୍ଶନ କରିପାରିବ ସେନେଇ ବୁଧବାର ନୂଆଦିଲ୍ଲୀଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ଜଣାପଡ଼ିଛି। ଏହି ବୈଠକରେ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ରାଜ୍ୟ ପ୍ରଭାରୀ ଅଜୟ କୁମାର ଯୋଗଦେଇଥିବା ବେଳେ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଏଥିରେ ଅଧ୍ୟକ୍ଷତା କରିଥିବା ଜଣାପଡିଛି। ବିଜେଡି-ଭାଜପା ମଧ୍ୟରେ ଆସନ୍ତା ନିର୍ବାଚନରେ ମେଣ୍ଟ ହେବା ନେଇ ଏକ ପ୍ରକାର ଚର୍ଚ୍ଚା ଆଲୋଚନା ଚାଲିଥିବା ବେଳେ ଏହାର ଫାଇଦା କିପରି ଓଡ଼ିଶାରେ କଂଗ୍ରେସ ଉଠାଇବ ତା'ଉପରେ ମୁଖ୍ୟତଃ ଆଲୋଚନା ହେଉଛି ବୋଲି ଦଳର କେତେଜଣ ବରିଷ୍ଠ ନେତା ମତ ଦେଇଛନ୍ତି। ଅନ୍ୟପକ୍ଷରେ ଉଭୟ ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ହେବା କଥା ସ୍ପଷ୍ଟ ହେବାପରେ ହିଁ କଂଗ୍ରେସ ନିଜର ପ୍ରାର୍ଥୀ ତାଲିକା ପ୍ରକାଶ କରିବାକୁ ଅପେକ୍ଷା କରି ରହିଥିବା ମଧ୍ୟ କୁହାଯାଉଛି। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ବୈଠକ ଚାଲିଥିଲା। ଗତ ୧୯ ତାରିଖରେ କଂଗ୍ରେସର ତୃତୀୟ ପର୍ଯ୍ୟାୟ ସ୍କ୍ରିନିଂ କମିଟି ବୈଠକ ବସିବାକୁ ଥିବାବେଳେ ଏହାକୁ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ହୋଲି ପରେ ଯାଇ ସ୍କ୍ରିନିଂ କମିଟି ବସିବ ବୋଲି ପିସିସି ସଭାପତି କହିଥିଲେ ମଧ୍ୟ ତାରିଖ ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇ ନ ଥିବା ସେ କହିଛନ୍ତି। ଅନ୍ୟପଟେ ବିଜେଡି, ଭାଜପାର ଭବିଷ୍ୟତ ରାଜନୈତିକ ନିଷ୍ପତ୍ତି ପରେ ହିଁ କଂଗ୍ରେସର ପରବର୍ତ୍ତୀ ପଦକ୍ଷେପ ଚୂଡ଼ାନ୍ତ କରିପାରେ ବୋଲି କୁହାଯାଉଛି। ଏହି ବୈଠକରେ ୨ ସମ୍ପାଦକଙ୍କ ସହ ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ୩ ପର୍ଯ୍ୟବେକ୍ଷକ ମଧ୍ୟ ଉପସ୍ଥିତ ଥିଲେ।



ନୂଆଦିଲ୍ଲୀଠାରେ ଅନୁଷ୍ଠିତ ବୈଠକରେ କଂଗ୍ରେସର କେନ୍ଦ୍ରୀୟ ନେତାଙ୍କ ସହ ପସିସି ସଭାପତି, ପ୍ରଭାରୀ ଏବଂ ପର୍ଯ୍ୟବେକ୍ଷକ।

# ଇଣ୍ଡିଆ ମେଣ୍ଟ: ପ୍ରାର୍ଥୀ ଦେବାକୁ ଦାବିକଲା ସିପିଆଇ (ଏମ୍‌ଏଲ୍)

ଗୁଣପୁର,୨୦।୩(ପ୍ରଦୀପ କୁମାର ପାଢ଼ୀ)

## ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ

କୋରାପୁଟ ଲୋକ ସଭା ସହ ଗୁଣପୁର ବିଧାନସଭା ନିର୍ବାଚନ ମେ' ୧୩ ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନ ତାରିଖ ଘୋଷଣା ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବିଭିନ୍ନ ଦଳ ପକ୍ଷରୁ ମେଣ୍ଟ ନେଇ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଛି। ଇଣ୍ଡିଆ ମେଣ୍ଟରେ ବାମଦଳ ରହିଥିବା ବେଳେ ଓଡ଼ିଶାରେ ମଧ୍ୟ ଏହି ଦଳ କଂଗ୍ରେସ ସହ ମିଶି ନିର୍ବାଚନ ଲଢ଼ିବା ପାଇଁ ମନସ୍ଥ କରିଛି। ଏହି କ୍ରମରେ ସିପିଆଇ(ଏମ୍‌ଏଲ୍) ଲିବରେଶନ ପକ୍ଷରୁ ରାୟଗଡ଼ା ଜିଲାର ଗୁଣପୁର ଏବଂ ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ପ୍ରାର୍ଥୀ ଦେବାକୁ ଦାବି ରଖାଯାଇଥିବା ସିପିଆଇ(ଏମ୍‌ଏଲ୍) ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ପ୍ରକାଶ କରିଛନ୍ତି। ଯଦି ଓଡ଼ିଶାରେ କଂଗ୍ରେସ ସହ ସିପିଆଇ(ଏମ୍‌ଏଲ୍)ର ମେଣ୍ଟ ହୁଏ ଏବଂ ଗୁଣପୁର ବିଧାନସଭା ନିର୍ବାଚନମଣ୍ଡଳୀ ସିପିଆଇ(ଏମ୍‌ଏଲ୍) ପକ୍ଷକୁ ଯାଏ ତେବେ କଂଗ୍ରେସର ଆଶାୟୀ ପ୍ରାର୍ଥୀ କ'ଣ କରିବେ ତାକୁ ନେଇ ଉଠିଛି ପ୍ରଶ୍ନ।

ଏକଦା ଏହି ଅଞ୍ଚଳ କଂଗ୍ରେସର ଗଡ଼ ଥିଲା। ୧୯୯୦ରେ ଜନତା ଦଳ କଂଗ୍ରେସ ଗଡ଼ ଭାଙ୍ଗିବାରେ ସଫଳ ହୋଇଥିଲା। ଏହାପରେ ୧୯୯୫, ୨୦୦୪ରେ କଂଗ୍ରେସ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଥିଲା। ଅନ୍ୟ ସମସ୍ତ ନିର୍ବାଚନରେ ବିଜେଡି ବିଜୟୀ ହୋଇଛି ଏବଂ କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଛି। ଏପରି ରାଜନୈତିକ ଘଟଣା କ୍ରମ ମଧ୍ୟରେ ୨୦୨୪ର ସାଧାରଣ ନିର୍ବାଚନ ହେବାକୁ ଯାଉଛି। ସିପିଆଇ(ଏମ୍‌ଏଲ୍) ବର୍ଷର ଅନେକ ସମୟରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରି ନିଜ ସ୍ଥିତି ସୁଦୃଢ଼ ରଖିଛି। ତେଣୁ ମେଣ୍ଟ ହେଲେ ଏହି ଆସନ ପାଇଁ ସିପିଆଇ(ଏମ୍‌ଏଲ୍) ପ୍ରାର୍ଥୀ ଦେବାକୁ ଦାବି କରାଯାଉଥିବା ତ୍ରିପତି ଗମାଙ୍ଗ କହିଛନ୍ତି। ଯଦି ସେପରି ନ ହୁଏ ତେବେ ଏଠାରେ କଂଗ୍ରେସକୁ ବିରୋଧ କରି ବିଧାୟକ ଏବଂ ଏମ୍‌ପି ପ୍ରାର୍ଥୀ ଦିଆଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଓଡ଼ିଶାରେ ମେଣ୍ଟ ନେଇ କୌଣସି ଆଲୋଚନା ହୋଇ ନ ଥିବା କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା ଏବଂ ଜିଲା ସଭାପତି ବିଜୟ କୁମାର ଗମାଙ୍ଗ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଉଭୟ ଦଳର ଏପରି ମତ ପରେ ଆଗାମୀ ଦିନରେ ମେଣ୍ଟ ନେଇ କ'ଣ ଘଟୁଛି ତା' ଉପରେ ଏବେ ସମସ୍ତଙ୍କ ନଜର।

# ଆଶଙ୍କାରେ ଭାଜପା,ବିଜେଡି ଆଶାୟୀ

କୁଆଁରମୁଣ୍ଡା,୨୦।୩ (ମହେନ୍ଦ୍ର କୁମାର ସାହୁ)



## ବୀରମିତ୍ରପୁର ନିର୍ବାଚନମଣ୍ଡଳୀ

ନିର୍ବାଚନ ତାରିଖ ଘୋଷଣା ହୋଇସାରିଥିଲେ ମଧ୍ୟ ଓଡ଼ିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ସୁନ୍ଦରଗଡ ଜିଲାର ବୀରମିତ୍ରପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ଦଳ ଭାଜପା,ବିଜେଡିର ଟିକେଟ ଆଶାୟୀ ସଂଶୟରେ ପଡ଼ିଯାଇଛନ୍ତି। ୨୦୧୯ରେ ଏଠାରୁ ଭାଜପା ପ୍ରାର୍ଥୀ ଶଙ୍କର ଓରାମ ବିଜୟ ଲାଭ କରିଥିଲେ। କିନ୍ତୁ ପ୍ରାୟ ୪ ବର୍ଷ ହେବ ସେ ନିର୍ବାଚନ ମଣ୍ଡଳୀରେ ବିଶେଷ କିଛି କାର୍ଯ୍ୟକ୍ରମ କରି ନ ଥିବା ବେଳେ ଗତ ବର୍ଷେ ହେଲା ପୁରା ଦମରେ ଦଳୀୟ କର୍ମୀଙ୍କୁ ଏକଜୁଟ କରି ସଂଗଠନ ବଢାଉଛନ୍ତି। ତେବେ ବିଧାୟକ ଦୀର୍ଘ ୪ ବର୍ଷ ନୀରବ ରହିବା କାରଣରୁ ଦଳ ପଞ୍ଚାୟତ ନିର୍ବାଚନରେ ସଫଳତା ପାଇ ପାରିଲା ନାହିଁ ବୋଲି ଭାଜପାର କେତେକ ସ୍ଥାନୀୟ ନେତା ତାଙ୍କୁ ଦାୟୀ କରୁଛନ୍ତି। ଅନ୍ୟ ପକ୍ଷରେ ଭାଜପା ଓ ବିଜେଡି ମେଣ୍ଟ ହେଲେ ଆସନ ବୁଝାମଣାରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ଭାଜପା ଭାଗରେ ରହିବ ବୋଲି ଶଙ୍କରଙ୍କ ଅନୁଗତମାନେ ଜୋର୍ ଦେଉଛନ୍ତି। ଆସନ ବୁଝାମଣାରେ ଯଦି ଏହି ଆସନଟି ଭାଜପା ଭାଗରେ ରହେ ତେବେ ତାଙ୍କୁ ପୁଣି ଏଠାରୁ ଦଳୀୟ ଟିକେଟ ମିଳିବ ବୋଲି ଶଙ୍କର ଦୃଢ଼ ଆଶାବାଦୀ ଅଛନ୍ତି। ଶଙ୍କର ଯଦି ଟିକେଟ ପାଆନ୍ତି ତେବେ ତାଙ୍କୁ ବିରୋଧ କରୁଥିବା ନେତାଙ୍କ ପାଇଁ କଂଗ୍ରେସ ଦଳ ହିଁ ସାହା ହୋଇପାରେ କିମ୍ବା ସେମାନେ ସ୍ୱାଧୀନଭାବେ ଲଢ଼ିପାରନ୍ତି ବୋଲି ଆଲୋଚନା ଚାଲିଲାଣି। ସେହିପରି ବିଜେଡିରେ ଅଧିକାଂଶ ଆଶାୟୀ ଏବେ ସଂଶୟରେ ଅଛନ୍ତି। ଆସନ ବୁଝାମଣା ହେଲେ ସେମାନଙ୍କର ବର୍ଷ ବର୍ଷର ପ୍ରଚେଷ୍ଟା ବିଫଳ ହୋଇଯିବ ବୋଲି ସେମାନେ ଆଶଙ୍କା କରୁଛନ୍ତି। ନିର୍ବାଚନ ତାରିଖ ଘୋଷଣା ହୋଇ ସାରିଥିଲେ ବି ଭାଜପା ଓ ବିଜେଡି ମଧ୍ୟରେ ମେଣ୍ଟ ନେଇ ଅଦ୍ୟାବଧି କୌଣସି ସ୍ପଷ୍ଟ ଚିତ୍ର ଆସି ନ ଥିବାରୁ ଉଭୟ ଦଳର ନେତାଙ୍କ ମଧ୍ୟରେ ଟିକେଟକୁ ନେଇ ଭାଳେଣି ପଡ଼ିଛି। ଏବେ ଏହି ନିର୍ବାଚନ ମଣ୍ଡଳୀର ବୀରମିତ୍ରପୁର ପୌରପାଳିକା ସମେତ କୁଆଁରମୁଣ୍ଡା,ନୂଆଗାଁ ଓ ବିଶ୍ରା ସମସ୍ତ ୩ ଟି ବ୍ଲକରେ ବିଜେଡି ପଞ୍ଚାୟତ ସମିତି ଗଠନ କରିଛି। ସେହିପରି ଏହି ନିର୍ବାଚନ ମଣ୍ଡଳୀରେ ଥିବା ୬ ଟି ଜିଲା ପରିଷଦ ଜୋନ ମଧ୍ୟରୁ ୫ଟିରେ ବିଜେଡି ଓ ଗୋଟିଏରେ ଭାଜପା ଥିଲା ବେଳେ କଂଗ୍ରେସ ଦଳ ଗୋଟିଏରେ ବି ଖାତା ଖୋଲି ପାରି ନାହିଁ। ମୋଟାମୋଟି ଦେଖିବାକୁ ଗଲେ କଂଗ୍ରେସ ଦଳରେ ଏଠାରୁ କେହି ଆଖିଦୃଶିଆ ଆଶାୟୀ ପ୍ରାର୍ଥୀ ନ ଥିଲା ବେଳେ ଉଭୟ ଭାଜପା ଓ ବିଜେଡିରେ ମାଳମାଳ ଆଶାୟୀ। କିନ୍ତୁ ମେଣ୍ଟ କଥା ସ୍ପଷ୍ଟ ହେଉ ନ ଥିବାରୁ ତାହା ସ୍ଥାନୀୟ ନେତାଙ୍କୁ ଆଶଙ୍କାରେ ପକାଇଥିବା ନେଇ କେତେକେ ନାମ ପ୍ରକାଶ ନ କରିବା ସର୍ତ୍ତରେ କହିଛନ୍ତି।

# ଆହତ ସମସ୍ୟାରେ ମୁମ୍ବାଇର ଏକାଧିକ ଖେଳାଳି

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୭ଶ ସଂସ୍କରଣ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି। ତେଣୁ ଏଥିରେ ଭାଗ ନେଉଥିବା ଦଳ ଗୁଡ଼ିକର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୃହ ପ୍ରତ୍ୟାବର୍ତ୍ତନକୁ ନିଆରା ଢଙ୍ଗରେ ସେଲିବ୍ରେଟ କରିବାକୁ ଲକ୍ଷ୍ୟ ରଖିଛି ଏହି ଫ୍ରାଞ୍ଚାଇଜ୍ ଦଳ। ଏକାଧିକ ଖେଳାଳିଙ୍କ ଆହତ ସମସ୍ୟା ମୁଖ୍ୟ କୋଚ୍ ମାର୍କ ବାଉଚରଙ୍କୁ କିଛି ପରିମାଣରେ ଚିନ୍ତାରେ ରଖିଛି। ସ୍ପିନ୍ ବିଭାଗ ଯଦିଓ ଟିକେ ଦୁର୍ବଳ ଲାଗୁଛି ତେବେ ଯଶପ୍ରୀତ୍ ବୁମ୍ରାଙ୍କ ନେତୃତ୍ୱାଧୀନ ପେସ୍ ବାହିନୀ ଏବଂ ପାୱାର-ପ୍ୟାକେଡ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ଦଳକୁ ଆଗକୁ ନେଇଯିବା ଆଶା ରହିଛି।

ଗତ ସିଜନରେ ମୁମ୍ବାଇ ଦଳ ୧୪ ଗେମ୍‌ରୁ ୮ଟିରେ ବିଜୟଲାଭ କରି ଲିଗ୍ ପର୍ଯ୍ୟାୟରେ ୪ର୍ଥ ସ୍ଥାନରେ ରହିଥିଲା। ଏଲିମିନେଟରରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଦଳ ଯଦିଓ ପରାସ୍ତ କରିଥିଲା ତେବେ କ୍ୱାଲିଫାୟର-୨ରେ ଗୁଜରାଟ ଜାଏଣ୍ଟ୍ସଠାରୁ ହାରି ଯାଇଥିଲା। ଆହତ ସମସ୍ୟା ଯୋଗୁ ଦଳର ତାରକା ଖେଳାଳି ସୂର୍ଯ୍ୟକୁମାର ଯାଦବ ପ୍ରଥମ ମ୍ୟାଚରେ ଖେଳିବା ସମ୍ଭାବନା ନାହିଁ। ପାଦରେ ସମସ୍ୟା ଏବଂ ସ୍ପୋର୍ଟ୍ସ ହର୍ଣ୍ଣିଆ ଯୋଗୁ ସେ ଗତ ୩ ମାସ ମଧ୍ୟରେ ଏକାଧିକ ଅସ୍ତ୍ରୋପଚାର କରାଇଛନ୍ତି। ଏବେ ସେ ବେଙ୍ଗାଲୁରୁସ୍ଥିତ ଜାତୀୟ କ୍ରିକେଟ ଏକାଡେମୀରେ ରିହାବରେ ଅଛନ୍ତି। ନେଟ୍ସରେ ଗୋଡ଼ ଭାଙ୍ଗିବା ଯୋଗୁ ଜାସନ ବେହରେନଡର୍ଫ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି।



ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।


ଫୁଟ୍‌ବଲ ଖେଳି ଅଭ୍ୟାସରତ ଇଶାନ କିଶନ।

ଇଂଲଣ୍ଡର ବାମହାତୀ ସ୍ପିନର ଲ୍ୟୁକ ଉଡ୍ ତାଙ୍କ ସ୍ଥାନରେ ସାମିଲ ହୋଇଛନ୍ତି। ଗେରାଲ୍ଡ କୋଜି ଯଦିଓ ଦଳରେ ଯୋଗ ଦେଇଛନ୍ତି ତେବେ ସେ ବର୍ତ୍ତମାନ ପର୍ଯ୍ୟନ୍ତ ଗୋଇନ୍ ଇଞ୍ଜୁରିରୁ ସମ୍ପୂର୍ଣ୍ଣ ମୁକୁଳି ନାହାନ୍ତି। ତେଣୁ ସେ ଦଳର ପ୍ରଥମ କିଛି ମ୍ୟାଚ ଖେଳିବା ସମ୍ଭାବନା ନାହିଁ। ହାମଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ଦିଲଶାନ ମଦୁଶଙ୍କା ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଅନ୍‌କ୍ୟାପେଡ ମିଡିୟମ ପେସର କ୍ୱେନା ମାଫାକାଙ୍କୁ ଦଳରେ ସାମିଲ କରାଯାଇଛି।

## ଏଥର ନୂଆ କ'ଣ ?

ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ରୋହିତ ଶର୍ମାଙ୍କ ସ୍ଥାନରେ ସେ ଦଳର ନେତୃତ୍ୱ ନେବେ। ପ୍ରଥମ ଥରପାଇଁ ଜଣେ ଭାରତୀୟ ଟି୨୦ ଅଧିନାୟକ ଆଇପିଏଲ୍‌ରେ ଅନ୍ୟ ଜଣେ ଖେଳାଳି ଅଧିନରେ ଖେଳିବେ। ଅତିରିକ୍ତ ଚାପ ନ ଥିବାରୁ ରୋହିତ କିପରି ବିସ୍ଫୋରକ ବ୍ୟାଟିଂ କରୁଛନ୍ତି ତା' ଉପରେ ମଧ୍ୟ ନଜର ରହିବ। ଦଳରେ ୬ ନୂଆ ବିଦେଶୀ ଖେଳାଳିଙ୍କୁ ଦେଖିବାକୁ ମିଳିବ। ସେମାନେ ହେଲେ କୋଜି, କ୍ୱେନା ମାଫାକା, ଲ୍ୟୁକ୍ ଉଡ୍, ନୂଓ୍ୱାନ ଥୁଶରା, ରୋମାରିଓ ଶେଫର୍ଡ ଓ ମହମ୍ମଦ ନବି। ଲସିଥ ମାଲିଙ୍ଗାଙ୍କ ଆକ୍ସନରେ ବୋଲିଂ କରୁଥିବା ଥୁଶରା ନିକଟରେ ବାଂଲାଦେଶ ବିପକ୍ଷ ଏକ ଟି୨୦ ଅନ୍ତର୍ଜାତୀୟ ମ୍ୟାଚରେ ହ୍ୟାଟ୍ରିକ ସହ ୫ ଉଇକେଟ ସଫଳତା ପାଇଥିଲେ। ଅନ୍‌କ୍ୟାପେଡ ଖେଳାଳିଙ୍କ ମଧ୍ୟରେ ଶ୍ରେୟାସ ଗୋପାଳ ଭେଟେରାନ ସ୍ପିନର ପୀୟୂଷ ଚାଓ୍ୱଲାଙ୍କ ବ୍ୟାକ୍‌ଅପ୍‌ଭାବେ ରହିବେ।

## ଦୃଢ଼ ବ୍ୟାଟିଂ ଲାଇନ୍‌ଅପ୍

ଭାରତୀୟ ଖେଳାଳିଙ୍କୁ ନେଇ ମୁମ୍ବାଇ ଇଣ୍ଡିଆନ୍ସର ବ୍ୟାଟିଂ ଲାଇନ୍‌ଅପ୍ ଶକ୍ତିଶାଳୀ। ସୂର୍ଯ୍ୟକୁମାର ଯାଦବ ଫିଟ୍ ହୋଇଗଲେ ଟପ୍ ଅର୍ଡରର ୫ ସ୍ଥାନରେ ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳିବ। ରୋହିତ ଶର୍ମା, ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ, ତିଲକ ବର୍ମା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଉପରେ ଦଳର ବ୍ୟାଟିଂ ବିଭାଗ ମୁଖ୍ୟତଃ ନିର୍ଭର କରିବ। ଟିମ୍ ଡାଭିଡ୍ ୬ ନମ୍ବର ସ୍ଥାନରେ ଆସିବେ। କିଶନ ଓ ତିଲକ ଲେଫ୍ଟ-ରାଇଟ କମ୍ବିନେଶନକୁ ସନ୍ତୁଳିତ କରିବେ। ପ୍ରି-ସିଜନ ଖବରଦାତା ସମ୍ମିଳନୀରେ ହାର୍ଦ୍ଦିକ ପ୍ରକାଶ କରି ସାରିଛନ୍ତି ଯେ ସେ ବୋଲିଂ କରିବା ପାଇଁ ସମ୍ପୂର୍ଣ୍ଣ ଫିଟ୍। ଏହା ଦଳର ସନ୍ତୁଳନକୁ ଅଧିକ ମଜଭୁତ କରିବ। ଶେଫର୍ଡ ଓ ନବିଙ୍କ ଉପସ୍ଥିତିରେ ମୁମ୍ବାଇ ଆଉ ୨ ଜଣ କ୍ୱାଲିଟି ଅଲ୍‌ରାଉଣ୍ଡର ପାଇବ। ମାତ୍ର ନିହାତି ଆବଶ୍ୟକ ନ ହେଲେ ମୁମ୍ବାଇ ୩ ଜଣ ବିଦେଶୀ ଖେଳାଳିଙ୍କୁ ନେଇ

**ଆଇପିଏଲ୍**

ପଡ଼ିଆକୁ ଓହ୍ଲାଇବ ବୋଲି କୋଚ୍ ବାଉଚର ସୂଚନା ଦେଇ ସାରିଛନ୍ତି।

## ବୁମ୍‌ରାଙ୍କ ଉପରେ ନଜର

ବୁମ୍‌ରାଙ୍କ ଉପସ୍ଥିତି ମୁମ୍ବାଇର ବୋଲିଂ ବିଭାଗକୁ ଶକ୍ତିଶାଳୀ କରିଛି। ସେ କୌଣସି ପରିସ୍ଥିତିରେ ବୋଲିଂ ପାଇଁ ଦକ୍ଷତା ରଖିଛନ୍ତି। ୨୦୨୩ ଦିନିକିଆ ବିଶ୍ୱକପ ଏବଂ ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ସେ ଚମତ୍କାର ଫର୍ମରେ ଥିବା ପ୍ରମାଣିତ କରିଛନ୍ତି। ତେବେ ସୂର୍ଯ୍ୟକୁମାର ଅଧିକ ମ୍ୟାଚ ମିସ୍ ନ କରନ୍ତୁ ବୋଲି ଦଳ ନିଶ୍ଚିତ ଚାହିଁବ। କାରଣ କିଶନ ଗତ ନଭେମ୍ବର ପରଠାରୁ ଶୀର୍ଷସ୍ତରର ମ୍ୟାଚ ଖେଳି ନାହାନ୍ତି। ବେହରନଡର୍ଫଙ୍କ ଅନୁପସ୍ଥିତିକୁ ଦଳ ଅନୁଭବ କରିପାରେ। ସେ ଜଣେ ପାୱାରପ୍ଲେ ସ୍ପେଶାଲିଷ୍ଟ। ମଦୁଶଙ୍କା ଓହରିଯିବା ଏବଂ ପ୍ରାରମ୍ଭିକ ପର୍ଯ୍ୟାୟରେ କୋଜିଙ୍କ ଅନୁପସ୍ଥିତି ମଧ୍ୟ ଦଳର ସନ୍ତୁଳନକୁ ବିଗାଡ଼ିପାରେ।

## ଦୁର୍ବଳ ସ୍ପିନ୍ ବିଭାଗ

ମୁମ୍ବାଇ ଦଳର ସ୍ପିନ ବିଭାଗ ଦୁର୍ବଳ ଲାଗୁଛି। ଚାଓ୍ୱଲା ଗତ ସିଜନରେ ଭଲ ପ୍ରଦର୍ଶନ କରି ୧୬ ଗେମ୍‌ରୁ ୨୨ ଉଇକେଟ ନେଇଥିଲେ। ଟୁର୍ନାମେଣ୍ଟରେ ସେ ଥିଲେ ୪ର୍ଥ ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ତେବେ ସେ କିଛିଦିନ ତଳେ ଶେଷ ହୋଇଥିବା ସୟଦ ମୁସ୍ତାକ ଅଲୀ ଟୁର୍ନାମେଣ୍ଟରେ ଭଲ ଖେଳିପାରି ନାହାନ୍ତି। ୭ ମ୍ୟାଚରୁ ସେ ୮.୪୦ ଇକୋନୋମିରେ ମାତ୍ର ୪ଟି ଉଇକେଟ ନେଇଛନ୍ତି। ୩୫ ବର୍ଷର ଚାଓ୍ୱଲା ଏଥର ମଧ୍ୟ ମୁମ୍ବାଇ ସ୍ପିନ୍ ବିଭାଗର ନେତୃତ୍ୱ ନେବେ। କୁମାର କାର୍ତ୍ତିକେୟ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ପ୍ରଭାବୀ ହୋଇପାରି ନାହାନ୍ତି। ଗତ ସିଜନରେ ସେ ୮ ମ୍ୟାଚରୁ ୫ଟି ଉଇକେଟ ନେଇଥିଲେ। ତାଙ୍କ ଇକୋନୋମି ହାର ଥିଲା ୮.୭୩। ଶ୍ରେୟସ ଗୋପାଳ ଗତ ୩ ଆଇପିଏଲ୍ ସିଜନରେ ମାତ୍ର ୪ଟି ମ୍ୟାଚ ଖେଳିବାର ସୁଯୋଗ ପାଇଛନ୍ତି।

ମାର୍ଚ୍ଚ ୨୨ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଆଇପିଏଲ୍ କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଏହି ସମୟ ମଧ୍ୟରେ ମୁମ୍ବାଇ ୪ଟି ମ୍ୟାଚ ଖେଳିବ। ଗୁଜରାଟ ଟାଇଟନ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୩ଟି ବାହାର (ଆଓ୍ୱେ) ଗେମ୍ ଖେଳିବା ପରେ ହୋମ୍ ଗ୍ରାଉଣ୍ଡରେ ରାଜସ୍ଥାନ ରୟାଲ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମୁକାବିଲା କରିବ। ତୃତୀୟ ମ୍ୟାଚପରେ ଦଳ ୫ ଦିନର ବ୍ରେକ୍ ପାଇବ।

## ବଳାତ୍କାର ମାମଲାରେ ଡାନି ଆଲଭସଙ୍କୁ ଜାମିନ



**ବାର୍ସେଲୋନା, ୨୦।୩ (ପି.ଟି.):** ବ୍ରାଜିଲ ଫୁଟ୍‌ବଲ ଷ୍ଟାର ଡାନି ଆଲଭସଙ୍କୁ ଏକ ବଳାତ୍କାର ମାମଲାରେ ଜାମିନ ପ୍ରଦାନ କରିଛନ୍ତି କୋର୍ଟ। ବାର୍ସେଲୋନାର ଏକ ନାଇଟ କ୍ଲବରେ ୨୦୨୨ରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଡାନି ବର୍ତ୍ତମାନ ଜେଲରେ ରହିଛନ୍ତି। ୧.୧ ମିଲିୟନ୍ ଆମେରିକୀୟ ଡଲାରର ବେଲ ବଣ୍ଡ ସହ ପାସପୋର୍ଟ ଜମା କରିବା ପରେ ହିଁ ତାଙ୍କୁ ଜାମିନ ମିଳିବ ବୋଲି କୋର୍ଟ କହିଛନ୍ତି। କୋର୍ଟ ଡାନିଙ୍କୁ ୪ ବର୍ଷ ୬ ମାସର କାରାଦଣ୍ଡ ପ୍ରଦାନ କରିଛନ୍ତି। ୨୦୨୩ରେ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ କୋର୍ଟରେ ଡାନି ଆବେଦନ କରିଥିଲେ। ତେବେ ଡାନି ବିମାନରେ ଯିବା ଅନ୍ୟ ଯାତ୍ରୀଙ୍କ ପାଇଁ ବିପଦ ବୋଲି କହିବା ସହ କୋର୍ଟ ଏହାକୁ ଖାରଜ କରି ଦେଇଥିଲେ। ବର୍ତ୍ତମାନ ଜେଲ୍‌ରୁ ବାହାରିବାକୁ ହେଲେ ଡାନିଙ୍କୁ ନିଜର ବ୍ରାଜିଲିଆନ୍ ପାସପୋର୍ଟ ଓ ସ୍ପାନିସ ପାସପୋର୍ଟ ଜମା କରିବାକୁ ପଡିବ। ଡାନିଙ୍କ ଓକିଲ ତାଙ୍କୁ ମୁକ୍ତ କରିବା ପାଇଁ ଦାବି କରୁଥିବା ବେଳେ ପ୍ରତିପକ୍ଷ ଓକିଲ ଦଣ୍ଡକୁ ୯ ବର୍ଷକୁ ବୃଦ୍ଧି କରିବା ପାଇଁ ଦାବି କରିଛନ୍ତି। ବିଚାର ପାଇଁ ପରବର୍ତ୍ତୀ ତାରିଖ ଘୋଷଣା ହୋଇ ନ ଥିବା ବେଳେ ମାଡ୍ରିଡ ସ୍ଥିତ ସୁପ୍ରିମକୋର୍ଟରେ ଏହାର ବିଚାର କରାଯିବ ବୋଲି ଜଣାପଡିଛି।

**ଜାତୀୟ ସିନିୟର ମହିଳା ହକି**

## ଓଡ଼ିଶା ଅଭିଯାନ ଶେଷ

**ପୁଣେ, ୨୦।୩:** ଏଠାରେ ଚାଲିଥିବା ୧୪ଶ ଜାତୀୟ ସିନିୟର ମହିଳା ହକିରେ ଓଡ଼ିଶା ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ବୁଧବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ଦଳ ହରିୟାଣାଠାରୁ ୧-୪ ଗୋଲରେ ହାରି ଯାଇଛି। ହରିୟାଣା ପକ୍ଷରୁ ଦୀପିକା ୫ ଓ ୧୪ ମିନିଟରେ ୨ଟି ଏବଂ ନେହା ଗୋୟଲ ୩୯ ଓ ନଭନୀତ କୌର ୫୪ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପକ୍ଷରୁ ନେହା ଲାକ୍ରା ୪୨ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ହରିୟାଣା ସମେତ ମଧ୍ୟ ପ୍ରଦେଶ ଓ ଝାଡ଼ଖଣ୍ଡ ସେମି ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ମଧ୍ୟ ପ୍ରଦେଶ ଶୁଟ୍‌ଆଉଟ ୪-୩ (ନିର୍ଦ୍ଧାରିତ ସମୟରେ ୧-୧) ଗୋଲରେ ବେଙ୍ଗଲକୁ ଏବଂ ଝାଡ଼ଖଣ୍ଡ ୨-୧ରେ ମିଜୋରାମକୁ ପରାସ୍ତ କରିଛି।

## ଦ୍ୱିତୀୟ ସ୍ଥାନରେ ଭାରତୀୟ ପୁରୁଷ, ମହିଳା

**ଲାଉସାନେ, ୨୦।୩ (ପି.ଟି.)**

ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପକ୍ଷରୁ ବୁଧବାର ଫାଇଭ୍ ଏ ସାଇଡ୍ ହକି ର୍‍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ଏଥିରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ପୁରୁଷ ଦଳ ୧୪୦୦ ପଏଣ୍ଟ ହାସଲ କରିଥିବା ବେଳେ ଓମାନ ଓ ମାଲେସିଆ ସହ ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛି। ଏସିଆନ୍ ଚାମ୍ପିୟନଶିପ୍ ବିଜେତା ଭାରତ ବିଶ୍ୱକପ୍‌ରେ ପଞ୍ଚମ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ବ୍ରୋଞ୍ଜ ପଦକ ହାସଲ କରିଥିବା ଓ ରନର୍ ଅପ୍ ମାଲେସିଆ ସମାନ ୧୪୦୦ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଥମ ସଂସ୍କରଣର ଫାଇଭ୍ ଏ ସାଇଡ୍ ହକି ବିଶ୍ୱକପ ଚାମ୍ପିୟନ ହୋଇଥିବା ନେଦରଲାଣ୍ଡ୍ସ ୧୭୫୦ ପଏଣ୍ଟ ସହିତ ପ୍ରଥମ ସ୍ଥାନରେ ରହିଛି। ପୋଲାଣ୍ଡ ଓ ଇଜିପ୍ଟ ୧୩୫୦ ସହିତ ଯୁଗ୍ମ ପଞ୍ଚମ ସ୍ଥାନରେ ରହିଛନ୍ତି। ତ୍ରିନିଦାଦ ଆଣ୍ଡ ଟୋବାଗୋ ଓ କେନିଆ ୧୨୦୦ ପଏଣ୍ଟ ସହ ଯୁଗ୍ମ ଭାବରେ ସପ୍ତମ ସ୍ଥାନରେ ରହିଛନ୍ତି। ପାକିସ୍ତାନ ୧୧୫୦ ପଏଣ୍ଟ ସହ ନବମ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ୧୧୦୦ ପଏଣ୍ଟ ସହିତ ଦଶମ ସ୍ଥାନରେ ରହିଛି।

**ଫାଇଭ୍ ଏ ସାଇଡ୍ ହକି ର୍‍ୟାଙ୍କିଙ୍ଗ୍**

ମହିଳା ବିଭାଗରେ ୧୭୫୦ ପଏଣ୍ଟ ସହ ବିଶ୍ୱ ଚାମ୍ପିୟନ ନେଦରଲାଣ୍ଡ୍ସ ପ୍ରଥମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ଏସିଆନ ଚାମ୍ପିୟନଶିପ୍ ବିଜେତା ତଥା ବିଶ୍ୱକପ୍‌ରେ ରୌପ୍ୟ ପଦକ ବିଜେତା ଭାରତୀୟ ଦଳ ୧୫୫୦ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ବିଶ୍ୱକପ୍ ବ୍ରୋଞ୍ଜ ବିଜୟୀ ପୋଲାଣ୍ଡ ୧୪୫୦ ପଏଣ୍ଟ ସହ ତୃତୀୟ, ଉରୁଗୁଏ ଓ ଦକ୍ଷିଣ ଆଫ୍ରିକା ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନ ବଜାୟ ରଖିଛନ୍ତି।




କୋଲକାତା ନାଇଟ ରାଇଡର୍ସର ଟ୍ରେନିଂ ସେସନ ଅବସରରେ କୋଚ୍ ଚନ୍ଦ୍ରକାନ୍ତ ପଣ୍ଡିତଙ୍କ ସହ ସୁନୀଲ ନାରିନ। ଚେନ୍ନାଇରେ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଦଳର ଗ୍ରୀନ୍ ଜର୍ସି ଉନ୍ମୋଚନ ଉତ୍ସବରେ ପରିଚାଳନା ନିର୍ଦ୍ଦେଶକ ଅନିଲ ଗୁପ୍ତା, ଅଧିନାୟକ ଫାଫ୍ ଡୁପ୍ଲେସି ଓ ବିରାଟ କୋହଲି।

## ଶାମିଙ୍କ ସ୍ଥାନରେ ସନ୍ଦିପ ୱାରିୟର

**ଅହମଦାବାଦ, ୨୦।୩ (ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ପୂର୍ବରୁ ଗୁଜରାଟ ଟାଇଟନ୍ସ ଆହତ ମହମ୍ମଦ ଶାମିଙ୍କ ସ୍ଥାନରେ ସନ୍ଦିପ ୱାରିୟରଙ୍କୁ ଦଳରେ ସାମିଲ କରିଛି। ଶାମି ନିକଟରେ ଲଣ୍ଡନରେ ଗୋଇଠିରେ ଅସ୍ତ୍ରୋପଚାର କରାଇ ସ୍ୱଦେଶ ଫେରିଛନ୍ତି। ସୁସ୍ଥ ହେବାକୁ ସମୟ ଲାଗିବ, ତେଣୁ ସେ ପୂରା ଆଇପିଏଲ-୨୦୨୪ରୁ ଓହରି ଯାଇଛନ୍ତି। ଗତବର୍ଷ ଦିନିକିଆ କ୍ରିକେଟ ବିଶ୍ୱକପ ଫାଇନାଲ ପରଠାରୁ ଶାମି ଆଉ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କ୍ରିକେଟ ଖେଳି ନାହାନ୍ତି। ୩୨ ବର୍ଷୀୟ ୱାରିୟର କ୍ୟାରିୟରରେ ମୋଟ ୫ଟି ଆଇପିଏଲ୍ ମ୍ୟାଚ ଖେଳି ୭.୮୮ ଇକୋନୋମିରେ ୨ଟି ଉଇକେଟ ନେଇଛନ୍ତି। ସନ୍ଦିପ ନିଜ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କାରେ ଗୁଜରାଟ ଦଳରେ ଯୋଗ ଦେଇଛନ୍ତି। ଗୁଜରାଟ ହେଉଛି ସନ୍ଦିପଙ୍କ ୪ର୍ଥ ଆଇପିଏଲ୍ ଫ୍ରାଞ୍ଚାଇଜ୍। ଏହା ପୂର୍ବରୁ ସେ କୋଲକାତା ନାଇଟ ରାଇଡର୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଖେଳି ସାରିଛନ୍ତି। ଗୁଜରାଟ ଦଳ ଚଳିତ ମାସ ୨୪ ତାରିଖରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

## ମଗନ୍ତି କୀର୍ତ୍ତିଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୦।୩**
**(ତପନ ସ୍ୱାଇଁ)**

ହିମାଚଳ ପ୍ରଦେଶର ନାଗ୍ରୋଟା ଭଗଓ୍ୱନସ୍ଥିତ ରେନ୍‌ବୋ ଇଣ୍ଟରନ୍ୟାଶନାଲ ସ୍କୁଲରେ ଚାଲିଥିବା ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଭାରୋତ୍ତୋଳନ ଜାତୀୟ ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମଗନ୍ତି କୀର୍ତ୍ତି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ମହିଳା

**ଖେଲୋ ଇଣ୍ଡିଆ ମହିଳା ଜାତୀୟ ର୍‍ୟାଙ୍କିଙ୍ଗ୍ ଭାରୋତ୍ତୋଳନ**

୭୬ କେଜି ବର୍ଗରେ ମୋଟ ୧୭୧ କେଜି (ସ୍ନାଚ୍-୭୬ ଓ କ୍ଲିନ ଆଣ୍ଡ ଜର୍କ-୯୫) ଭାରୋତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ମଗନ୍ତି କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବାରୁ ଓଡ଼ିଶା ପକ୍ଷରୁ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି।



ସ୍ୱର୍ଣ୍ଣ ପଦକ ସହ ମଗନ୍ତି କୀର୍ତ୍ତି।

## ତ୍ରିସା-ଗାୟତ୍ରୀ, ଶ୍ରୀକାନ୍ତ, ଲକ୍ଷ୍ୟ ଦ୍ୱିତୀୟ ରାଉଣ୍ଡରେ

**ବାସେଲ, ୨୦।୩ (ପି.ଟି.):** ସ୍ୱିସ୍ ଓପନ ସୁପର ୩୦୦ ବ୍ୟାଡମିଣ୍ଟନର ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି ଭାରତୀୟ ମହିଳା ଡବଲ୍ସ ଯୋଡି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ। ସେହିପରି ପୁରୁଷ ସିଙ୍ଗଲ୍ସରେ କିଦାମ୍ବୀ ଶ୍ରୀକାନ୍ତ ଓ ଲକ୍ଷ୍ୟ ସେନ୍ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତ୍ରିସା-ଗାୟତ୍ରୀ

**ସ୍ୱିସ୍ ଓପନ ବ୍ୟାଡମିଣ୍ଟନ୍**

୨୧-୧୫, ୨୧-୧୨ ସେଟରେ ଆମେରିକାର ଆନି ଜୁ ଓ କେରୀ ଜୁଙ୍କୁ ହରାଇଥିଲେ। ଶ୍ରୀକାନ୍ତ ୨୧-୧୭, ୨୧-୧୮ ସେଟରେ ଚାଇନିଜ୍ ତାଇପେର ୱାଙ୍ଗ ଜୁ ୱେଇଙ୍କୁ ପରାସ୍ତ କରିଥିଲେ। ସେହିପରି ଲକ୍ଷ୍ୟ ସେନ୍ ୨୧-୧୯, ୧୫-୨୧ ଓ ୨୧-୧୧ ସେଟରେ ମାଲେସିଆର ଲିଅଙ୍ଗ ଜୁନ୍ ହାଓଙ୍କୁ ପରାସ୍ତ କରିଥିଲେ। ତେବେ ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମଙ୍କ ଯୋଡି ପରାଜିତ ହୋଇଥିଲେ। ଓଡ଼ିଆ ଯୋଡି ରତପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡାଙ୍କ ଯୋଡି ୪-୨୧ ଓ ୬-୨୧ ସେଟରେ ଟପ୍ ସିଡ ଆପ୍ରିୟାନି ରହାୟୁ ଓ ସିଁତି ଫାଦିଆ ସିଲ୍‌ଭାଙ୍କ ଠାରୁ ପରାଜିତ ହୋଇଛନ୍ତି।

## ନଟ୍ ୟେଟ୍ ପ୍ରିମିୟର ଲିଗ୍‌ରେ ୧୦ ଦଳ

**ଭୁବନେଶ୍ୱର, ୨୦।୩**
**(ତପନ ସ୍ୱାଇଁ)**

ନଟ୍ ୟେଟ୍ ଫୁଟ୍‌ବଲ କ୍ଲବ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଏକ ପ୍ରିମିୟର ଲିଗ୍ ଚଳିତ ମାସ ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ରସୁଲଗଡ଼ସ୍ଥିତ ଜେଏଲ୍‌ବି ଆରେନାରେ ଏହି ୨ ଦିନିଆ ପ୍ରତିଯୋଗିତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାରେ ମୋଟ ୧୦ ଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକର ନାମ ହେଲା ସୁପର ସୋନିକ୍ସ, ନାଇଟହର୍କ୍ସ, ପ୍ରେଡାଟର, ଓରିଏଣ୍ଟାଲ୍ସ, କସମିକ୍ସ, ଥ୍ରୋନ୍ସ, ଫାଲକନ୍ସ, ୟଙ୍ଗ ଗନ୍ସ, ଡସ୍କର୍ସ ଓ ଏମ୍ବରର୍ସ। ଅକ୍ସନ ଜରିଆରେ ୧୨୦ ଖେଳାଳି ଏହି ୧୦ ଦଳରେ ସାମିଲ ହୋଇଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ୬ ଫୁଟ୍ ଉଚ୍ଚତାର ଆକର୍ଷଣୀୟ ଟ୍ରଫି ସହ ୬୬୬୬ ଓ ରନରଅପ୍ ଦଳକୁ ୪୪୪୪ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତିଦିନର ଖେଳରେ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ଟୁର୍ନାମେଣ୍ଟ ଶେଷରେ ଶ୍ରେଷ୍ଠ ଷ୍ଟ୍ରାଇକର, ମିଡ୍‌ଫିଲ୍ଡର, ଡିଫେଣ୍ଡର, ଗୋଲକିପର, ଇମର୍ଜିଂ ପ୍ଲେୟର ଆଦି ପୁରସ୍କାର ପ୍ରଦାନ କରାଯିବ ବୋଲି ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ରାଜ୍ୟ ଯୁବ ବିଜେଡି ସମ୍ପାଦକ ଷ୍ଟାନିଲ ପରିଜା, ହାଇଡଆଓ୍ୱେ ଆଣ୍ଡ ଆଭୋଫିଟ୍‌ର ପ୍ରତିଷ୍ଠାତା ଅବିନାଶ ଦେଓ, ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆର ପ୍ରତିଷ୍ଠାତା ସାର୍ଥକ ପଟ୍ଟନାୟକ ଓ ରାସବିହାରୀ ଗାର୍ମେଣ୍ଟ୍ସର ପ୍ରତିଷ୍ଠାତା ଯତୀନ କୁମାର ପ୍ରମୁଖ ଏହି ସମ୍ମିଳନୀରେ ଉପସ୍ଥିତ ରହି ଟ୍ରଫି ଉନ୍ମୋଚନ କରିଥିଲେ। ଏହାପରେ ୧୦ ଦଳର ପ୍ରତିନିଧି ଜର୍ସି ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।



ଖବରଦାତା ସମ୍ମିଳନୀରେ ବିଭିନ୍ନ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ନଟ୍ ୟେଟ୍ ପ୍ରିମିୟର ଲିଗ୍‌ର ଜର୍ସି ଉନ୍ମୋଚନ କରାଯାଉଛି।

## ଆଧ୍ୟାତ୍ମିକ ପୁସ୍ତକ ପଢ଼ି ନ ଥିଲେ...

ଶାହୀଦ କପୁରଙ୍କ ଜୀବନରେ ଅନେକ ରୋଚକ ଘଟଣା ଘଟିଛି। ସେ ଏବେ ଆମିଷ ଖାଉନାହାନ୍ତି। ତେବେ ତାଙ୍କର ଏଭଳି ମନୋଭାବ ପରିବର୍ତ୍ତନ ହେବା ପଛରେ ନିଶ୍ଚୟ ତ କିଛି କାରଣ ଥିବ। ଏକ ଘଟଣା ପାଇଁ ସେ ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ଶାକାହାରୀ ପାଲଟି ଯାଇଥିଲେ। ଏକଦା ସେ ଏକ ଆଧ୍ୟାତ୍ମିକ ବହି ପଢୁଥାଆନ୍ତି। ତାହା ଦ୍ୱାରା ଅନୁପ୍ରାଣିତ ହୋଇ ସେ ଆମିଷ ଖାଇବା ଛାଡି ଦେଇଥିଲେ। ଏକ କଳାକାର ପରିବାରରେ ତାଙ୍କର ଜନ୍ମ। ବାପା ପଙ୍କଜ କପୁର ଏବଂ ମା' ନୀଲିମା ଆଜ୍ମିମ ଉଭୟ ଅଭିନୟରେ ବେଶ୍ ପାରଙ୍ଗମ। ଶାହୀଦଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ସେ ଯେତେବେଳେ ଏହି ଫିଲ୍ମରେ ଅଭିନୟ କଲେ ସେତେବେଳେ ତାଙ୍କୁ ହୋଇଥିଲା ମାତ୍ର ୧୮ ବର୍ଷ। କେବଳ ରୋମାଣ୍ଟିକ ଭୂମିକା ନୁହେଁ, ଭିନ୍ନ ଭିନ୍ନ ଚରିତ୍ରରେ ସେ ପରଦା ଉପରକୁ ଆସି ନିଜ ଅଭିନୟ ଦକ୍ଷତା ଦେଖାଇସାରିଛନ୍ତି। 'ହାଇଦର', 'କମିନେ', 'ଉଡ୍‌ତା ପଞ୍ଜାବ'ରେ ତାଙ୍କ ଅଭିନୟକୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। କୌଣସି ସିନେମା ସାଇନ୍ କରିବା ପୂର୍ବରୁ ସେ କେବଳ ନିଜର ରୋଲ୍ ବିଷୟରେ ଭଲ ଭାବରେ ଅବଗତ ହୁଅନ୍ତି, ତା' ନୁହେଁ, ଫିଲ୍ମଟିର ସମ୍ପୂର୍ଣ୍ଣ ସ୍କ୍ରିପ୍ଟକୁ ଟିକିନିଖି ପଢ଼ନ୍ତି। ସବୁଠାରୁ ଖାସ୍ କଥା ହେଲା, ବଡ଼ ପରଦାରେ ଅଭିନୟ କରିବା ପୂର୍ବରୁ ଶାହୀଦ ଅନେକ ଥିଏଟର ନାଟକରେ ଅଭିନୟ କରିସାରିଥିଲେ।


ଶାହୀଦ

## ଗାଉଁଲି ଅବତାର

'ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନାଙ୍କୁ ଖୁବ୍‌ଶୀଘ୍ର ଦର୍ଶକ ଏକ ନୂଆ ଅବତାରରେ ଦେଖିବାକୁ ପାଇବେ। କଥା କ'ଣ କି ଏକ ନୂଆ ସିନେମାରେ ସେ ଜଣେ ଗାଉଁଲି ମହିଳା ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। ଏକ ନିପଟ ମଫସଲର ଜଣେ ମହିଳା କିପରି ଆଧୁନିକ ସମାଜ ସହ ପାଦ ମିଳାଇ ଚାଲିବାକୁ ଚେଷ୍ଟା କରୁଛି ଏବଂ ସାହସର ସହ ବାଧାବିଘ୍ନକୁ ସାମନା କରୁଛି ତାହା ଏଥିରେ ଦେଖିବାକୁ ମିଳିବ। କେବଳ ସେତିକି ନୁହେଁ, ଏଭଳି ଏକ ଭୂମିକାକୁ ସେ କିପରି ତୁଲାଇବେ ସେ ନେଇ ଏବେଠାରୁ ପ୍ରସ୍ତୁତ ହେଉଛନ୍ତି। ସୋନାକ୍ଷୀଙ୍କର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା ସଲମାନଙ୍କ ହୋମ୍ ପ୍ରଡକ୍ସନରେ ନିର୍ମିତ 'ଦବଙ୍ଗ'ରୁ। ଏହି ସମୟରୁ ସେ ସବୁବେଳେ ଗୋଟିଏ ଜିନିଷ ପ୍ରତି ଧ୍ୟାନ ଦେଇଥାଆନ୍ତି। ଅଭିନୟ କରୁଥିବା ଫିଲ୍ମର ପାରିଶ୍ରମିକରୁ କିଛି ଅଂଶ ସେ ଚ୍ୟାରିଟି ପାଇଁ ଦାନ କରିଥାଆନ୍ତି। ସୋନାକ୍ଷୀ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ହେଲା, 'ରାଉଡି ରାଠୋର', 'ଜୋକର', 'ଦବଙ୍ଗ-୨', 'ହିମ୍ମତୱାଲା', 'ବୁଲେଟ ରାଜା', 'ଆର...ରାଜକୁମାର', 'ଆକ୍ସନ ଜ୍ୟାକସନ', 'ଅକିରା', 'ନୂର', 'କଲଙ୍କ', 'ମିଶନ ମଙ୍ଗଲ' ଏବଂ 'ଡବଲ ଏକ୍ସଏଲ'। ଅନ୍ୟପକ୍ଷରେ ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫଙ୍କ ଅଭିନୀତ ତଥା ଚଳିତ ବର୍ଷ ଇଦ୍‌ରେ ରିଲିଜ ହେବାକୁ ଯାଉଥିବା 'ବଡେ ମିଆଁ ଛୋଟେ ମିଆଁ'ରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।


ସୋନାକ୍ଷୀ

## ରହସ୍ୟ ଖୋଲିଲେ ସାନ୍ୟା

'ଦଙ୍ଗଲ'ରୁ ପରିଚୟ ପାଇଥିବା ସାନ୍ୟା ମାଲହୋତ୍ରା ନିକଟରେ ନିଜ ଅଭିନୟ ଜୀବନ ବିଷୟରେ ରୋଚକ କଥା କହିଛନ୍ତି। ଆକ୍ଟିଂ ଦୁନିଆରେ ପାଦ ଦେବାକୁ କେବେ ଚିନ୍ତା କରି ନ ଥିଲେ ସେ। କିନ୍ତୁ ଯେତେବେଳେ ଆମୀର ଖାଁ ତାଙ୍କୁ 'ଦଙ୍ଗଲ' ଫିଲ୍ମରେ ଅଭିନୟ କରିବାକୁ ଅଫର ଦେଲେ ସେତେବେଳେ ସେ ଏ ବିଷୟରେ ଚିନ୍ତା କରିବାକୁ କିଛି ଦିନ ସମୟ ନେଇଥିଲେ। କେବଳ ସେତିକି ନୁହେଁ, ଆମୀରଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ସେ ଏ ନେଇ ସମ୍ମତି ଜଣାଇଥିଲେ। ଏ ବିଷୟରେ ସାନ୍ୟା କହନ୍ତି, 'ମୋତେ ଯେତେବେଳେ ଆମୀର ସାର୍ ଅଭିନୟ କରିବାକୁ ଅଫର ଦେଲେ ସେତେବେଳେ ମୁଁ ବିଶ୍ୱାସ କରିପାରି ନ ଥିଲି। କାରଣ ତାଙ୍କ ପରି ଜଣେ ନାମୀ ଅଭିନେତା ସହ ଆକ୍ଟିଂ କରିବା ସହଜ କଥା ନୁହେଁ। କିନ୍ତୁ ଯେତେବେଳେ ମୁଁ ତାଙ୍କୁ ଭେଟିଲି ସେ ଆଲୋଚନା ମାଧ୍ୟମରେ ମୋ ସବୁ ପ୍ରଶ୍ନର ସମାଧାନ କରିଦେଇଥିଲେ। ଆଜି ମୁଁ ଯଦି ଜଣେ ଅଭିନେତ୍ରୀ ହୋଇପାରିଛି ତା' ପଛରେ ଆମୀର ସାର୍‌ଙ୍କର ଅବଦାନ ରହିଛି। ସାନ୍ୟା ସବୁବେଳେ ନିଜର ମେକ୍‌ଅପ କିଟ୍ ବ୍ୟବହାର କରନ୍ତି। ତେଣୁ ଶୁଟିଂକୁ ଯିବା ସମୟରେ ଏହାକୁ ସାଙ୍ଗରେ ନେଇଯାଆନ୍ତି। ଆଉ ଏକ କଥା ଜାଣନ୍ତି ? ସେ ଯେତେବେଳେ ପାଠ ପଢୁଥିଲେ ଜଣେ ଡାକ୍ତର ହେବାକୁ ତାଙ୍କର ଇଚ୍ଛା ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେ ଆକ୍ଟିଂକୁ ଆଦରି ନେଇଥିଲେ।


ସାନ୍ୟା

## ଟେନ୍‌ସନରେ ନୁସରତ

ନୁସରତ ଭରୁଚାଙ୍କର ଟେନ୍‌ସନ ଟିକେ ବଢ଼ିଯାଇଛି। କାରଣ ଏକ ନୂଆ ବ୍ୟାନରରେ ସେ ଅଭିନୟ କରିବାକୁ ଯାଉଛନ୍ତି। ଏଥିନେଇ ଅବଶ୍ୟ ସେ ଟେନ୍‌ସନରେ ନାହାନ୍ତି। ତାହାର ଅସଲ କାରଣ ହେଲା, ଏହି ବ୍ୟାନରରେ ନିର୍ମିତ ହେବାକୁ ଥିବା ଦ୍ୱିତୀୟ ସିନେମାର କାହାଣୀ ଖୋଜିବା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଛି। ଯେତେବେଳେ ପ୍ରଯୋଜକ ତାଙ୍କୁ ଏ ନେଇ ସୂଚନା ଦେଲେ ସେତେବେଳେ ସେ ଅମଙ୍ଗ ହେଉଥିଲେ। ହେଲେ ପରେ ପ୍ରଯୋଜକ ତାଙ୍କୁ କି ଗଦ ଶୁଙ୍ଘାଇଲେ କେଜାଣି ଦେଖିଲା ବେଳକୁ ସେ କାହାଣୀଟିଏ ଖୋଜିବାକୁ ଅଣ୍ଟା ଭିଡିଛନ୍ତି। "ଏହା ହେଉଛି ଏକ ନୂଆ ବ୍ୟାନର। ଏହାର ପ୍ରଥମ ସିନେମାରେ ମୁଁ ଏକ ରୋମାଣ୍ଟିକ ଭୂମିକାରେ ଅଭିନୟ କରୁଛି। କିନ୍ତୁ ଏହି ବ୍ୟାନରରେ ପ୍ରସ୍ତୁତ ହେବାକୁ ଯାଉଥିବା ଦ୍ୱିତୀୟ ଫିଲ୍ମର କାହାଣୀ ଚୟନ ଭାର ମୋ ଉପରେ ଦିଆଯାଇଛି। ତେଣୁ ଏ ନେଇ ଟେନ୍‌ସନରେ ରହିବା ସ୍ୱାଭାବିକ। ପୁଣି ସେହି ଫିଲ୍ମରେ ମୁଁ ମଧ୍ୟ ନାୟିକା ହେବି। କାହାଣୀରେ ଲଭ୍, ଇମୋଶନ, ଆକ୍ସନ, କମେଡି- ସବୁକିଛି ଦେଖିବାକୁ ମିଳିବ। ତେଣୁ ସେଭଳି ଏକ ଦମ୍‌ଦାର କାହାଣୀଟିଏ ଖୋଜିବାରେ ଲାଗିପଡିଛି। ମୋର ନିଜ ଉପରେ ଦୃଢ଼ ବିଶ୍ୱାସ ରହିଛି। ଆଶା ରଖିଛି ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ମୋ ମନଲାଖି କାହାଣୀଟିଏ ମୋତେ ମିଳିଯିବ ବୋଲି କହନ୍ତି ନୁସରତ।"


ନୁସରତ

## ସତ ହେଲା ଆକଳନ

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଶୁଟିଂ ସମୟରେ ଯୁବ ନିର୍ଦ୍ଦେଶକ ରାଜା ଡି ଯାହା ଆକଳନ କରିଥିଲେ ତାହା ଆଜି କେମିତି ସତରେ ପରିଣତ ହୋଇଛି। କଥା କ'ଣ କି ତାଙ୍କ ନିର୍ଦ୍ଦେଶନାରେ ନିର୍ମିତ ତଥା ନିକଟରେ ରିଲିଜ ହୋଇଥିବା ଓଡ଼ିଆ ସିନେମା 'ଦଶମ' କେମିତି ଦର୍ଶକାଦୃତ ହୋଇଛି। ଇତି ମଧ୍ୟରେ ଚିତ୍ରଟି ପରଦାରେ ୫୦ ଦିନ ପୂରଣ କରିଛି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଦୀପକ କୁମାର ଜେନା। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏହି ଫିଲ୍ମର କାହାଣୀ ଚୟନ କରାଗଲା, ସେତେବେଳେ ମୋର ଦୃଢ଼ ବିଶ୍ୱାସ ଥିଲା ଯେ ସିନେମାଟିକୁ ଦର୍ଶକ ନିଶ୍ଚୟ ଗ୍ରହଣ କରିବେ। ତାହା ଆଜି ସତରେ ପରିଣତ ହୋଇଛି। ତା' ସହ ଆଗକୁ ଆହୁରି ଏଭଳି ଭଲ ସିନେମା ନିର୍ମାଣ କରିବାକୁ ଆମକୁ ପ୍ରେରଣା ଦେଇଛି।' ଏହାର ସହ-ପ୍ରଯୋଜନା କରିଛନ୍ତି ଅଭିନେତ୍ରୀ ଶ୍ରଦ୍ଧା ପାଣିଗ୍ରାହୀ, କୌଶିକ ଦାସ ଏବଂ ରାମ ପଟ୍ଟନାୟକ। ସ୍କୁଲ ବେଳର କିଛି ଖଟା ମିଠା କଥା, ଦଶମ ଶ୍ରେଣୀର କିଛି ଅନୁଭୂତିକୁ ନେଇ ଏହାକୁ ନିର୍ମାଣ କରାଯାଇଛି। ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନି ପ୍ରତୀକ, ଅର୍ମାନ ମହାନ୍ତି, ବର୍ଷ୍ଟି, ଜ୍ୟୋତି, ନୀଳାକ୍ଷୀ ପାତ୍ର, ସିମ୍ରନ, ସୁମନ ପଟ୍ଟନାୟକ ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ କଳାକାର ଏଥିରେ ଅଂଶଗ୍ରହଣ କରିଛନ୍ତି।


ନୀଳାକ୍ଷୀ

## ଯାଯାବର ୨.୦

ସସପେନ୍ସ ଥ୍ରୀଲର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଯାଯାବର ୨.୦'। ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଚିତ୍ରଟି ଚଳିତ ମାସ ୨୨ରେ ପରଦା ଉପରକୁ ଆସୁଛି। ଅନ୍ୟତମ ଲୋକପ୍ରିୟ ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟ ପ୍ରଯୋଜିତ ଏହି ଫିଲ୍ମଟି ଜାଗ୍ରନ ଚଳଚ୍ଚିତ୍ର ମହୋତ୍ସବ ପ୍ରଦର୍ଶିତ ହୋଇ ବେଶ୍ ପ୍ରଶଂସିତ ହୋଇଛି। ଅଭିଷେକ ଦାସଙ୍କ ରଚିତ କାହାଣୀ ଅନୁସାରେ ଦୁଇ ଜଣ ଅପରିଚିତ ବ୍ୟକ୍ତି ଏକ ଅପ୍ରତ୍ୟାଶିତ ପରିସ୍ଥିତି ମଧ୍ୟରେ ଭେଟ ହୁଅନ୍ତି ଏବଂ ସେମାନଙ୍କର ଆପରାଧିକ ଅତୀତ ବିଷୟରେ ପରସ୍ପରକୁ କୁହନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଅପରାଧ ଦୁନିଆରେ ହଜି ଯାଏ ହେଲେ ଅନ୍ୟ ଜଣକ ଏଥିରୁ ମୁକ୍ତି ଖୋଜେ। ତେବେ ପରବର୍ତ୍ତୀ ସମୟରେ କାହାଣୀ କେଉଁ ଦିଗକୁ ଗତି କରୁଛି ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। କୌଶିକ ଦାସ ଏବଂ ରାମ ପଟ୍ଟନାୟକଙ୍କ ପ୍ରଯୋଜିତ ଏହି ଫିଲ୍ମର ବିଭିନ୍ନ ଭୂମିକାରେ ପ୍ରସନ୍ନଜିତ ମହାପାତ୍ର, ଦେବେଶ ରଞ୍ଜନ, ସୋନାଲି ଶର୍ମିଷ୍ଠା, ବି. ଏମ ବୈଶାଳୀ, ଚୌଧୁରୀ ବିକାଶ ଦାସ, ଶତୋ ଆଚାର୍ଯ୍ୟ, ମାନସ ରଞ୍ଜନ ମୁଦୁଲି। ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ।


ପ୍ରସନ୍ନଜିତ

ରିଲିଜ ଅପେକ୍ଷାରେ...

## ଭଗିଆ ଭାରିଯା

ରିଲ୍ ବନେଇ ତାହାକୁ ହାଇଲାଇଟ୍ କରିବା ଆଜିକାଲି ଏକ ଫ୍ୟାଶନ ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ବିଶେଷଭାବରେ ଏବେ ଯୁବପିଢ଼ୀ ଏହାକୁ ବେଶ୍ ଆପଣେଇ ନେଇଥିବାର ଦେଖିବାକୁ ମିଳୁଛି। କିନ୍ତୁ ଏକ ନିପଟ ମଫସଲର ଭଗିଆ ଭାରିଯା ମନ ବଳାଇଛି ରିଲ୍ କରି ପପୁଲାର ହେବାକୁ। ସେହି ଲକ୍ଷ୍ୟ କ'ଣ ଆଉ ତାହା ପୂରଣ ହେଉଛି କି ନାହିଁ ତାହାର ଉତ୍ତର ଏହି ସିନେମାରେ ପାଇବେ। ହଁ, ନିର୍ମାଣାଧୀନ ଏହି ସିନେମାର ଟାଇଟଲ ରହିଛି 'ଭଗିଆ ଭାରଯା'। ହରିବୋଲ ମିଡିଆ ଏଣ୍ଟରଟେନମେଣ୍ଟ ପ୍ରା.ଲି. ବ୍ୟାନରରେ ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି ଅନ୍ୟତମ ଲୋକପ୍ରିୟ ହାସ୍ୟାଭିନେତା ହରିହର ମହାପାତ୍ର ଓରଫ ହରି ଭାଇ। ଏ ନେଇ ସେ କହନ୍ତି, 'କମେଡି ଅଭିନୟର ଏକ ପ୍ରମୁଖ ଅଙ୍ଗ। କିନ୍ତୁ ଏଭଳି କିଛି ପାରିବାରିକ କାହାଣୀ ଅଛି ଯାହାକୁ ନେଇ ସମାଜକୁ ଅନେକ ବାର୍ତ୍ତା ଦିଆଯାଇପାରିବ। 'ଭଗିଆର ଭାରିଯା' ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଛି। ଏଥିରେ ଅନେକ କିଛି ଶିକ୍ଷଣୀୟ କଥା ଭରି ରହିଛି।' ଡ. ଭୀଷ୍ମ ରଥ ଏବଂ ହରିହର ମହାପାତ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ (ବାପି)। ଖାସ୍ କଥା ହେଲା, ହରି ଏହାର ନାୟକ ସାଜିଥିବା ବେଳେ ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଯାନୀ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଉଛନ୍ତି ମୁମ୍ବାଇରେ ରହୁଥିବା ଓଡ଼ିଆ କ୍ୟାମେରାମ୍ୟାନ୍ ମାନସ ମିଶ୍ର। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଏହାର ବିଭିନ୍ନ ଭୂମିକାରେ ବବି ମିଶ୍ର ଏବଂ ପୁପିନ୍ଦର ମଧ୍ୟ ଅଭିନୟ କରିଛନ୍ତି।

'ଭଗିଆ ଭାରିଯା' ଫିଲ୍ମରେ
ହରି-ଦେବଯାନୀ



## ଐଶ୍ୱର୍ଯ୍ୟାଙ୍କ ଡ୍ୟାନ୍ସ ଦେଖିବା ପରେ...

ସୈଫ ତନୟା ସାରା ଅଲ୍ଲୀ ଖାଁ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ୨୦୧୮ରେ। ତାଙ୍କର ପ୍ରଥମ ସିନେମା ଥିଲା 'କେଦାରନାଥ'। କିନ୍ତୁ ଛୋଟ ବେଳୁ ତାଙ୍କ ମନରେ ଜଣେ ଅଭିନେତ୍ରୀ ହେବା ଆଶା ଜାଗ୍ରତ ହୋଇଥିଲା। ଆଉ ଏଥି ପାଇଁ ଏକ ଘଟଣା ମଧ୍ୟ ଦାୟୀ। ସେତେବେଳେ ସାରାଙ୍କୁ ହୋଇଥାଏ ମାତ୍ର ଚାରି ବର୍ଷ। ଥରେ ସେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ସୈଫଙ୍କ ସହ ଚିକାଗୋ ଯାଇଥାଆନ୍ତି। ସେହି ପ୍ରୋଗ୍ରାମରେ ଐଶ୍ୱର୍ଯ୍ୟା ରାୟ ନାଚୁଥାଆନ୍ତି। ତାଙ୍କର ନୃତ୍ୟ ଦେଖି ସାରା ବେଶ୍ ପ୍ରଭାବିତ ହୋଇଥିଲେ। ଆଉ ଭବିଷ୍ୟତରେ ଜଣେ ଅଭିନେତ୍ରୀ ହେବାକୁ ଆଶା ଥିବା କଥା ସୈଫ୍‌ଙ୍କୁ କହିଥିଲେ। କଲମ୍ବିଆ ୟୁନିଭର୍ସିଟିରୁ ଇତିହାସ ଏବଂ ରାଜନୀତି ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି ସେ। ବଡ଼ ପରଦାରେ ଅଭିନୟ କରିବା ପୂର୍ବରୁ ତାଙ୍କର ଓଜନ ଥିଲା ୯୬ କିଗ୍ରା। କିନ୍ତୁ 'କେଦାରନାଥ' ସାଇନ୍ କରିବା ପୂର୍ବରୁ ସେ ଓଜନ କମାଇବାରେ ଲାଗି ପଡିଥିଲେ। ଏପରି କି ଏହାର ଶୁଟିଂ ସମୟରେ ସେ ନିଜ ଓଜନକୁ ୪୦ କିଗ୍ରା କମାଇ ଦେଇଥିଲେ। ଅବସର ସମୟରେ ଟେନିସ୍ ଖେଳିବାକୁ ପସନ୍ଦ କରନ୍ତି ସେ। ତାଙ୍କର ମନ ପସନ୍ଦର ଅଭିନେତ୍ରୀ ହେଉଛନ୍ତି ଶ୍ରୀଦେବୀ ଏବଂ କ୍ୟାଟ୍ରିନା କୈଫ।


ସାରା

# ଆଫଗାନିସ୍ତାନ ବିପକ୍ଷରେ ୩ ପଏଣ୍ଟ ଲକ୍ଷ୍ୟରେ ଭାରତ

### ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨



ଅଭ୍ୟାସ ସେସନରେ ଭାରତୀୟ ଖେଳାଳି।

**ଆଭା,୨୦।୩(ପି.ଟି.)**

ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡରେ ଭାରତ ଗୁରୁବାର ଆଫଗାନିସ୍ତାନକୁ ଭେଟିବ। ଏହି ମ୍ୟାଚ୍‌ରୁ ବିଜୟ ସହିତ ୩ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିବ ଇଗୋର ଷ୍ଟିମାକଙ୍କ ଦଳ। ସାଉଦି ଆରବର ଆଭାସ୍ଥିତ ଡାମାକ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଜିକ୍‌ସନ ସିଂ ଓ ଅନୱର ଅଲୀଙ୍କ ପରି ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନରେ ଭାରତୀୟ ଦଳ ଶକ୍ତିଶାଳୀ ହୋଇଥିବା ବେଳେ ଦୁର୍ବଳ ଆଫଗାନିସ୍ତାନ ବିପକ୍ଷରେ ଜିତିବାକୁ ଚେଷ୍ଟା କରିବ। ମିଡ୍‌ଫିଲ୍ଡରେ ଜିକ୍‌ସନ ଓ ସେଣ୍ଟର ବ୍ୟାକ୍‌ରେ ଅନୱର ଅଲୀଙ୍କ ପ୍ରତ୍ୟାବର୍ତ୍ତନ ଭାରତୀୟ ଦଳକୁ ଅଧିକ ଶକ୍ତିଶାଳୀ କରିଛି। ଫୁଟବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ- ୨ରେ ଭାରତ ଗ୍ରୁପ୍ ଏ'ରେ ବର୍ତ୍ତମାନ ତୃତୀୟ ସ୍ଥାନରେ ରହିଛି। କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଚାମ୍ପିୟନ କାତାର ନିକଟରୁ ହାରିଥିବା ବେଳେ ଦଳ ଆୱେ ଗେମ୍‌ରେ କୁଏଟ୍‌କୁ ପରାସ୍ତ କରିଥିଲା ଭାରତ। ଉଭୟ କୁଏଟ ଓ ଭାରତ ୩ ପଏଣ୍ଟ ଲେଖାଏ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ଆଗୁଆ ରହି ଦ୍ୱିତୀୟ ସ୍ଥାନ ହାସଲ କରିଛି କୁଏଟ।

ପ୍ରଥମ ଥର ପାଇଁ ଭାରତ ଫୁଟ୍‌ବଲ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟର ତୃତୀୟ ରାଉଣ୍ଡରେ ପ୍ରବେଶ ଲକ୍ଷ୍ୟ ରଖିଥିବା ବେଳେ ଏହି ମ୍ୟାଚ୍‌ଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭାରତୀୟ ଦଳ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗର ୧୧୭ ତମ ସ୍ଥାନରେ ରହିଛି। ଆଫଗାନିସ୍ତାନ ୧୫୮ତମ ସ୍ଥାନରେ ରହିଥିବା ବେଳେ ଏହି ମ୍ୟାଚ ଭାରତ ପାଇଁ ସହଜ ହେବ ବୋଲି ଅନୁମାନ କରାଯାଉଛି। ମ୍ୟାଚ୍ ଜିତିବା ସହିତ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କଲେ ଭାରତ ଦ୍ୱିତୀୟ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିପାରିବ। ୧୯୪୯ରେ ଉଭୟ ଦଳ ପ୍ରଥମ ଥର ମୁହାଁମୁହିଁ ହୋଇଥିଲେ। ଇତିମଧ୍ୟରେ ୧୦ ଥର ଭାରତ-ଆଫଗାନିସ୍ତାନ ସାମ୍ନାସାମ୍ନି ହୋଇଛନ୍ତି। ଭାରତ ୫ ଥର ବିଜୟୀ ହୋଇଥିବା ବେଳେ ଆଫଗାନିସ୍ତାନ ଥରେ ବିଜୟୀ ହୋଇଛି। ୪ ଥର ମ୍ୟାଚ୍ ଡ୍ର ରହିଛି। ଭାରତ-ଆଫଗାନିସ୍ତାନ ଟକ୍କରରେ ସର୍ବାଧିକ ୮ ମ୍ୟାଚ ଖେଳିଛନ୍ତି ବର୍ତ୍ତମାନର ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀ। ୮ ମ୍ୟାଚରୁ ସେ ୪ ଗୋଲ ସ୍କୋର କରିଥିବା ବେଳେ ୨୦୨୨ରେ ଏକ ଚମତ୍କାର ଫ୍ରି କିକ୍‌ରେ ଭାରତକୁ ଜିତାଇଥିଲେ। ତେବେ ପୂର୍ବର ଆଫଗାନିସ୍ତାନ ଓ ବର୍ତ୍ତମାନର ଆଫଗାନିସ୍ତାନ ଦଳ ମଧ୍ୟରେ ବହୁତ ଫରକ ରହିଛି ବୋଲି କହିଛନ୍ତି ୩୯ ବର୍ଷୀୟ ଛେତ୍ରୀ। ଆଫଗାନିସ୍ତାନ ନିଜ ପ୍ରଦର୍ଶନରେ ଉନ୍ନତି ଆଣୁଥିବାରୁ ଆମକୁ ସତର୍କତାର ସହ ଖେଳିବାକୁ ପଡିବ ବୋଲି ସେ କହିଛନ୍ତି । ଭାରତୀୟ ମିଡ୍‌ଫିଲ୍ଡର ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଥିବା ଜିକ୍‌ସନ ସିଂ ଦଳକୁ ଫେରିଥିବାରୁ ଇଗୋର ଷ୍ଟିମାକ ଉତ୍ସାହିତ ରହିଛନ୍ତି।

**ମ୍ୟାଚ୍ ସ୍ଥାନ: ଡାମାକ ଷ୍ଟାଡିୟମ**
**ସମୟ: ରାତି ୧୨.୩୦**
**ପ୍ରସାରଣ: ଫ୍ୟାନ୍‌କୋଡ୍**







INDIA'S FIRST 5 YEAR WARRANTY* *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **Terms and Conditions apply | Finance is at the sole discretion of the financier, subject to CIBIL score of the applicant. Loan-to-value up to 90%. Loan tenure to be 72 months. ^Ex Showroom Price - All India.

Authorized Dealers: Bhubaneswar: Rohan Hero - 9289922474, Bharat Hero - 7799766378, DD Hero - 0674-2747448/9439650824, Arundhati Hero - 9289923183, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Angul: Parbati Hero - 9289922902, Balasore: Neelam Hero - 9289922519, Baripada: Aditya Hero - 7799766370, Bhadrak: Sanjib Hero - 9289922608, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Jaleswar: Sai Hero - 9289922844, Jatni: Vishal Hero - 9289922984, Keonjhar: Supreme Hero - 9289922182, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Behrampur: Lakshmi Motors, Dharma Nagar - 9289923187, Lakshmi Automotives, Gajapati Nagar - 9289922184, Jeypore: Supreme Hero - 9289922183, Phulbani: Narayani Hero - 9289922991, Raygada: Ajit Hero - 9289922819, Bargarh: Aakash Hero - 9289922181, Bhawanipatna: Arundhati Hero - 9289922837, Bolangir: Arundhati Hero - 9289923033, Jharsuguda: Vijaylaxmi Hero - 9289922595, Rourkela: Dua Hero - 9289922179, Sambalpur: Sri Shyam Hero - 9289922484, Sonepur: Jai Jawan Hero - 9289922800, Sundergarh: Robotech Hero - 9289923063, Dhenkanal: Som Hero - 9289922614, Talcher: Tarini Hero - 9289922736. Authorized Hero Sure Dealers: Bhubaneswar: Arundhati Motobikes - 7682841658, Rourkela: Dua Motors - 6372753989.

L&K | SAATCHI & SAATCHI

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୧/୨୦୨୪ Bhubaneswar, Thursday, March 21/ 2024

# ଆଫଗାନିସ୍ତାନ ବିପକ୍ଷରେ ୩ ପଏଣ୍ଟ ଲକ୍ଷ୍ୟରେ ଭାରତ

## ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨



ଅଭ୍ୟାସ ସେସନରେ ଭାରତୀୟ ଖେଳାଳି।

**ଆଭା,୨୦ା୩(ପି.ଟି.)**

ଫୁଟ୍‌ବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡରେ ଭାରତ ଗୁରୁବାର ଆଫଗାନିସ୍ତାନକୁ ଭେଟିବ। ଏହି ମ୍ୟାଚ୍‌ରୁ ବିଜୟ ସହିତ ୩ ପଏଣ୍ଟ ହାସଲ କରିବା ଲକ୍ଷ୍ୟରେ ରହିବ ଇଗୋର ଷ୍ଟିମାକଙ୍କ ଦଳ। ସାଉଦି ଆରବର ଆଭାସ୍ଥିତ ଡାମାକ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ଜିକ୍‌ସନ ସିଂ ଓ ଅନୱର ଅଲୀଙ୍କ ପରି ଖେଳାଳିଙ୍କ ପ୍ରତ୍ୟାବର୍ତ୍ତନରେ ଭାରତୀୟ ଦଳ ଶକ୍ତିଶାଳୀ ହୋଇଥିବା ବେଳେ ଦୁର୍ବଳ ଆଫଗାନିସ୍ତାନ ବିପକ୍ଷରେ ଜିତିବାକୁ ଚେଷ୍ଟା କରିବ। ମିଡ୍‌ଫିଲ୍ଡରେ ଜିକ୍‌ସନ ଓ ସେଣ୍ଟର ବ୍ୟାକ୍‌ରେ ଅନୱର ଅଲୀଙ୍କ ପ୍ରତ୍ୟାବର୍ତ୍ତନ ଭାରତୀୟ ଦଳକୁ ଅଧିକ ଶକ୍ତିଶାଳୀ କରିଛି। ଫୁଟବଲ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ- ୨ରେ ଭାରତ ଗ୍ରୁପ୍ ଏ'ରେ ବର୍ତ୍ତମାନ ତୃତୀୟ ସ୍ଥାନରେ ରହିଛି। କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଚାମ୍ପିୟନ କାତାର ନିକଟରୁ ହାରିଥିବା ବେଳେ ଦଳ ଆୱେ ଗେମ୍‌ରେ କୁଏଟ୍‌କୁ ପରାସ୍ତ କରିଥିଲା ଭାରତ। ଉଭୟ କୁଏଟ ଓ ଭାରତ ୩ ପଏଣ୍ଟ ଲେଖାଏ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ଆଗୁଆ ରହି ଦ୍ୱିତୀୟ ସ୍ଥାନ ହାସଲ କରିଛି କୁଏଟ।

ପ୍ରଥମ ଥର ପାଇଁ ଭାରତ ଫୁଟ୍‌ବଲ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟର ତୃତୀୟ ରାଉଣ୍ଡରେ ପ୍ରବେଶ ଲକ୍ଷ୍ୟ ରଖିଥିବା ବେଳେ ଏହି ମ୍ୟାଚ୍‌ଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଭାରତୀୟ ଦଳ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗର ୧୧୭ ତମ ସ୍ଥାନରେ ରହିଛି। ଆଫଗାନିସ୍ତାନ ୧୫୮ତମ ସ୍ଥାନରେ ରହିଥିବା ବେଳେ ଏହି ମ୍ୟାଚ ଭାରତ ପାଇଁ ସହଜ ହେବ ବୋଲି ଅନୁମାନ କରାଯାଉଛି। ମ୍ୟାଚ୍ ଜିତିବା ସହିତ ପରବର୍ତ୍ତୀ ୩ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କଲେ ଭାରତ ଦ୍ୱିତୀୟ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିପାରିବ। ୧୯୪୯ରେ ଉଭୟ ଦଳ ପ୍ରଥମ ଥର ମୁହାଁମୁହିଁ ହୋଇଥିଲେ। ଇତିମଧ୍ୟରେ ୧୦ ଥର ଭାରତ-ଆଫଗାନିସ୍ତାନ ସାମ୍ନାସାମ୍ନି ହୋଇଛନ୍ତି। ଭାରତ ୫ ଥର ବିଜୟୀ ହୋଇଥିବା ବେଳେ ଆଫଗାନିସ୍ତାନ ଥରେ ବିଜୟୀ ହୋଇଛି। ୪ ଥର ମ୍ୟାଚ୍ ଡ୍ର ରହିଛି। ଭାରତ-ଆଫଗାନିସ୍ତାନ ଟକ୍କରରେ ସର୍ବାଧିକ ୮ ମ୍ୟାଚ ଖେଳିଛନ୍ତି ବର୍ତ୍ତମାନର ଭାରତୀୟ ଅଧିନାୟକ ସୁନୀଲ ଛେତ୍ରୀ। ୮ ମ୍ୟାଚରୁ ସେ ୪ ଗୋଲ ସ୍କୋର କରିଥିବା ବେଳେ ୨୦୨୨ରେ ଏକ ଚମତ୍କାର ଫ୍ରି କିକ୍‌ରେ ଭାରତକୁ ଜିତାଇଥିଲେ। ତେବେ ପୂର୍ବର ଆଫଗାନିସ୍ତାନ ଓ ବର୍ତ୍ତମାନର ଆଫଗାନିସ୍ତାନ ଦଳ ମଧ୍ୟରେ ବହୁତ ଫରକ ରହିଛି ବୋଲି କହିଛନ୍ତି ୩୯ ବର୍ଷୀୟ ଛେତ୍ରୀ। ଆଫଗାନିସ୍ତାନ ନିଜ ପ୍ରଦର୍ଶନରେ ଉନ୍ନତି ଆଣୁଥିବାରୁ ଆମକୁ ସତର୍କତାର ସହ ଖେଳିବାକୁ ପଡିବ ବୋଲି ସେ କହିଛନ୍ତି । ଭାରତୀୟ ମିଡ୍‌ଫିଲ୍ଡର ଗୁରୁତ୍ୱପୂର୍ଣ୍ଣ ଅଂଶ ରହିଥିବା ଜିକ୍‌ସନ ସିଂ ଦଳକୁ ଫେରିଥିବାରୁ ଇଗୋର ଷ୍ଟିମାକ ଉତ୍ସାହିତ ରହିଛନ୍ତି।

**ମ୍ୟାଚ୍ ସ୍ଥାନ: ଡାମାକ ଷ୍ଟାଡିୟମ**
**ସମୟ: ରାତି ୧୨.୩୦**
**ପ୍ରସାରଣ: ଫ୍ୟାନ୍‌କୋଡ୍**









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ